सत्यमेव जयते

हिंदी सर्टिफिकेट पाठ्यक्रम

(ओड़िआ माध्यम)

ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମ

(ଓଡ଼ିଆ ମାଧ୍ୟମ)

आ नो भद्राः क्रतवो यन्तु विश्वतः
हिंदी
केंद्रीय निदेशालय

पत्राचार पाठ्यक्रम विभाग

केंद्रीय हिंदी निदेशालय

उच्चतर शिक्षा विभाग

शिक्षा मंत्रालय, भारत सरकार

ପତ୍ରାଚାର ପାଠ୍ୟକ୍ରମ ବିଭାଗ

କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ

ଛତର ଶିକ୍ଷା ବିଭାଗ

ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର

हिंदी सर्टिफिकेट पाठ्यक्रम

(ओड़िआ माध्यम)

ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମ

(ଓଡ଼ିଆ ମାଧ୍ୟମ)

पत्राचार पाठ्यक्रम विभाग

केंद्रीय हिंदी निदेशालय

(शिक्षा मंत्रालय, भारत सरकार)

पश्चिमी खंड-7, रामकृष्ण पुरम, नई दिल्ली-110066

ପତ୍ରାଚାର ପାଠ୍ୟକ୍ରମ ବିଭାଗ

କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ

(ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର)

ପଶ୍ଚିମ ଖଣ୍ଡ - 7, ରାମକୃଷ୍ଣ ପୁରମ୍, ନୂଆ ଦିଲ୍ଲୀ - 110066

© भारत सरकार

© ଭାରତ ସରକାର

प्रथम संस्करण - 2025
हिंदी सर्टिफिकेट पाठ्यक्रम

ପ୍ରଥମ ସଂସ୍କରଣ - 2025
ହିନ୍ଦୀ ସର୍ଟିଫିକେଟ୍ ପାଠ୍ୟକ୍ରମ

प्रकाशक
पत्राचार पाठ्यक्रम विभाग
केंद्रीय हिंदी निदेशालय
पश्चिमी खंड - 7
रामकृष्णपुरम
नई दिल्ली - 110066
दूरभाष : 91-11-26178454,
26105211/13/14
फैक्स : 91-11-26100758, 26103160
वेबसाइट : www.chd.education.gov.in
www.chdpublication.education.gov.in

ପ୍ରକାଶକ
ପତ୍ରାଚାର ପାଠ୍ୟକ୍ରମ ବିଭାଗ
କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ
ପଶ୍ଚିମୀ ଖଣ୍ଡ - 7
ରାମକୃଷ୍ଣପୁରମ
ନୂଆ ଦିଲ୍ଲୀ - 110066
ଫୋନ : 91-11-26178454,
26105211/13/14
ଫ୍ୟାକ୍ସ : 91-11-26100758, 26103160
ୱେବସାଇଟ : www.chd.education.gov.in
www.chdpublication.education.gov.in

संपादन मंडल

प्रधान संपादक

प्रो. सुनील बाबुराव कुळकर्णी
निदेशक

संपादक

अनिल बी. नायर
उप निदेशक

डॉ. एस.एम. नूर अहमद
सहायक निदेशक

अंजू सिंह
सहायक निदेशक

भाषा विशेषज्ञ

डॉ. रंजन कुमार दास
डॉ. लक्ष्मीधर दाश
डॉ. अजित प्रसाद महापात्र

मुद्रण व्यवस्था

बाबूलाल मीना
उपनिदेशक
नत्थू लाल
सहायक निदेशक

ସମ୍ପାଦନ ମଣ୍ଡଳ

ପ୍ରଧାନ ସମ୍ପାଦକ

ପ୍ରଫେସର ସୁନୀଲ ବାବୁରାଓ କୁଲକର୍ଣୀ
ନିର୍ଦ୍ଦେଶକ

ସମ୍ପାଦକ

ଅନିଲ ବୀ. ନାୟର
ଉପ ନିର୍ଦ୍ଦେଶକ

ଡ. ଏସ.ଏମ. ନୂର ଅହମଦ
ସହାୟକ ନିର୍ଦ୍ଦେଶକ

ଅଞ୍ଜୂ ସିଂହ
ସହାୟକ ନିର୍ଦ୍ଦେଶକ

ଭାଷା ବିଶେଷଜ୍ଞ

ଡ. ରଞ୍ଜନ କୁମାର ଦାସ
ଡ. ଲକ୍ଷ୍ମୀଧର ଦାଶ
ଡ. ଅଜିତ ପ୍ରସାଦ ମହାପାତ୍ର

ମୁଦ୍ରଣ ବ୍ୟବସ୍ଥା

ବାବୂଲାଲ ମୀନା
ଉପ ନିର୍ଦ୍ଦେଶକ
ନତ୍ଥୁ ଲାଲ
ସହାୟକ ନିର୍ଦ୍ଦେଶକ

पत्राचार पाठ्यक्रम विभाग

केंद्रीय हिंदी निदेशालय

(शिक्षा मंत्रालय, भारत सरकार)

उच्चतर शिक्षा विभाग

पश्चिमी खंड -7, रामकृष्ण पुरम,
नई दिल्ली-110066 (भारत)

प्रिय छात्र / छात्रा,

पत्राचार पाठ्यक्रम विभाग के हिंदी सर्टिफिकेट पाठ्यक्रम में हम आपका स्वागत करते हैं। इस प्रारंभिक स्तर के पाठ्यक्रम का प्रमुख उद्देश्य आपको हिंदी भाषा की मूलभूत संरचना तथा भारतीय संस्कृति से परिचित करना है। हमें पूर्ण विश्वास है कि इस पाठ्यक्रम द्वारा आप हिंदी का कार्यसाधक ज्ञान प्राप्त करने के साथ हिंदी में लिखी कहानियों एवं विवरण को समझने में सक्षम होंगे और रोजमर्रा के वार्तालाप हिंदी में कर सकेंगे।

हिंदी सर्टिफिकेट पाठ्यक्रम में कुल बीस पाठ एवं उनके संबंधित बीस उत्तर पत्र (ଊଓର-ପତ୍ର) हैं। पाठों का सम्यक अध्ययन करने के पश्चात आप संबंधित उत्तर पत्र को पूरा करके यथाशीघ्र निदेशालय में भेंजे, जिनका मूल्यांकन निदेशालय द्वारा किया जाएगा। आपके उत्तर पत्रों के द्वारा ही हम आपके सम्मुख आने वाली कठिनाइयों को समझ सकेंगे और उनको दूर करने के लिए समय-समय पर आपको आवश्यक सहायक सामग्री तथा उचित मार्गदर्शन भी देते रहेंगे।

हिंदी के मूलभूत ज्ञानार्जन में आपको सफलता प्राप्त हो।

इसी शुभकामना के साथ,

प्रो. सुनील बाबुराव कुळकर्णी
निदेशक

ପତ୍ରାଚାର ପାଠ୍ୟକ୍ରମ ବିଭାଗ
କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ

(ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର)

ଉଚ୍ଚତର ଶିକ୍ଷା ବିଭାଗ

ପଶ୍ଚିମ ଖଣ୍ଡ -7, ରାମକୃଷ୍ଣ ପୁରମ,
ନୂଆ ଦିଲ୍ଲୀ -110066 (ଭାରତ)

ପ୍ରିୟ ଛାତ୍ର/ଛାତ୍ରୀ,

ଆମେ ପତ୍ରାଚାର ପାଠ୍ୟକ୍ରମ ବିଭାଗର ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମକୁ ତୁମମାନଙ୍କୁ ସ୍ୱାଗତ କରୁଛୁ । ଏହି ପ୍ରାଥମିକ ସ୍ତରର ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ହିନ୍ଦୀ ଭାଷାର ମୂଳ ସଂରଚନା ତଥା ଭାରତୀୟ ସଂସ୍କୃତି ସହିତ ପରିଚିତ କରାଇବା । ଆମର ପୂର୍ଣ୍ଣ ବିଶ୍ୱାସ ଯେ ଏହି ପାଠ୍ୟକ୍ରମ ଦ୍ୱାରା ତୁମେମାନେ ହିନ୍ଦୀରେ ବ୍ୟାବହାରିକ ଜ୍ଞାନ ଲାଭ କରିବା ସହିତ ହିନ୍ଦୀରେ ଲେଖାଯାଇଥିବା କାହାଣୀ ଓ ବିବରଣୀଗୁଡ଼ିକ ବୁଝିବାରେ ସମର୍ଥ ହେବ ତଥା ହିନ୍ଦୀରେ ଦୈନନ୍ଦିନ ବାର୍ତ୍ତାଳାପ କରିପାରିବ ।

ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମରେ ମୋଟ କୋଡ଼ିଏଟି ପାଠ ଓ ତତ୍‌ସମ୍ବନ୍ଧିତ କୋଡ଼ିଏଟି ଉତ୍ତର-ପତ୍ରକ ଦିଆଯାଇଛି। ପାଠଗୁଡ଼ିକ ଧ୍ୟାନପୂର୍ବକ ଅଧ୍ୟୟନ କରିବା ପରେ ତୁମେମାନେ ସମ୍ବନ୍ଧିତ ଉତ୍ତର-ପତ୍ରଗୁଡ଼ିକର ଉତ୍ତର ଯଥାଶୀଘ୍ର ନିର୍ଦ୍ଦେଶାଳୟକୁ ପଠାଇବ । ସେଗୁଡ଼ିକର ମୂଲ୍ୟାଙ୍କନ ନିର୍ଦ୍ଦେଶାଳୟ ଦ୍ୱାରା କରାଯିବ । ତୁମମାନଙ୍କୁ ଉତ୍ତର-ପତ୍ର ଦ୍ୱାରା ତୁମେମାନେ ସମ୍ମୁଖୀନ ହେଉଥିବା କାଠିନ୍ୟଗୁଡ଼ିକୁ ଆମେ ବୁଝିପାରିବୁ ଓ ସେଗୁଡ଼ିକୁ ଦୂର କରିବା ପାଇଁ ବିଭିନ୍ନ ସମୟରେ ତୁମମାନଙ୍କୁ ଆବଶ୍ୟକ ସହାୟକ ସାମଗ୍ରୀ ଯୋଗାଇଦେବୁ ଓ ଉଚିତ ପରାମର୍ଶ ଦେବୁ ।

ହିନ୍ଦୀରେ ପ୍ରାରମ୍ଭିକ ଜ୍ଞାନ ହାସଲ କରିବାରେ ତୁମେମାନେ ସଫଳ ହୁଅ ।

ଏହି ଶୁଭକାମନା ସହିତ,

ପ୍ରଫେସର ସୁନୀଲ ବାବୁରାଓ କୁଲକର୍ଣୀ
ନିର୍ଦ୍ଦେଶକ

ଛାତ୍ର-ଛାତ୍ରୀମାନଙ୍କୁ ଦୁଇ ପଦ

ପ୍ରିୟ ଛାତ୍ର/ଛାତ୍ରୀ,

ତୁମମାନଙ୍କୁ ଏକ ଆଧୁନିକ ଉତ୍କୃଷ୍ଟ ଭାଷା ହିନ୍ଦୀର ପ୍ରବେଶ ଦ୍ୱାରରେ ସ୍ୱାଗତ। ଆମେ ଏହି ପାଠ୍ୟକ୍ରମକୁ ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମ ନାମରେ ନାମିତ କରିଛୁ, ଏହା ତୁମମାନଙ୍କୁ ହିନ୍ଦୀ ଭାଷାର ମୌଳିକ ଦିଗଗୁଡ଼ିକ ସହିତ ପରିଚିତ କରାଇବ । ତୁମେମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛ; ଏଠାରେ ଆମେ ଭାଷାକୁ ସର୍ବୋତ୍ତମ ସ୍ୱଷ୍ଟତା ଏବଂ କ୍ରମାନୁସାରେ ସରଳ ରୂପରେ ରଖିବାକୁ ଚେଷ୍ଟା କରିଛୁ। ମୋଟାମୋଟି ଭାବରେ ଆମେ ଚେଷ୍ଟା କରିଛୁ ଯେ ଭାଷାବିଜ୍ଞାନ ଏବଂ ଧ୍ୱନିବିଜ୍ଞାନର ବିସ୍ତୃତ ବ୍ୟବହାର ଦ୍ୱାରା ଲକ୍ଷ୍ୟ ଭାଷା ହିନ୍ଦୀ ଶିଖିବା ।

ଏବେ ଜଣେ ଛାତ୍ର ଭାବରେ ତୁମମାନଙ୍କୁ ଜାଣିବାକୁ ପଡିବ ଯେ ଆମେ କିପରି ଶିକ୍ଷାଦାନ ଯୋଜନା କରିବାକୁ ଚାହୁଁଛୁ ଏବଂ ଆମେ ତୁମମାନଙ୍କୁ ଆମର ଯୋଜନା ସହିତ ଯୋଡ଼ିବା ପାଇଁ ଚାହୁଁଛୁ । ପାଠ୍ୟକ୍ରମ ସାମଗ୍ରୀ କୋଡ଼ିଏଟି ପାଠ ଏବଂ କୋଡ଼ିଏଟି ଉତ୍ତର-ପତ୍ରରେ ଡିଜାଇନ୍ କରାଯାଇଛି । ଆମେ ସମୟସୂଚୀ ଅନୁସାରେ ଅଧ୍ୟୟନ ସାମଗ୍ରୀ (ପାଠ ଏବଂ ଉତ୍ତର-ପତ୍ର) ପଠାଇବୁ । ଆପଣଙ୍କୁ ଆପଣଙ୍କର ଅଧ୍ୟୟନର ସମୟସୂଚୀ ପ୍ରସ୍ତୁତ କରିବାକୁ ପଡିବ, ଉତ୍ତର-ପତ୍ର ପୂରଣ କରିବାକୁ ପଡ଼ିବ ଏବଂ ନିମ୍ନରେ ଦିଆଯାଇଥିବା ବିସ୍ତୃତ ବିବରଣୀ ଅନୁସାରେ ସେଗୁଡ଼ିକୁ ନିର୍ଦ୍ଦେଶାଳୟକୁ ପଠାଇବାକୁ ହେବ :

୧. ଉତ୍ତର-ପତ୍ର ୧ ରୁ ୪ - ୩୧ ଅକ୍ଟୋବର ସୁଦ୍ଧା
୨. ଉତ୍ତର-ପତ୍ର ୫ ରୁ ୮ - ୩୦ ନଭେମ୍ବର ସୁଦ୍ଧା
୩. ଉତ୍ତର-ପତ୍ର ୯ ରୁ ୧୨ - ୩୧ ଡିସେମ୍ବର ସୁଦ୍ଧା
୪. ଉତ୍ତର-ପତ୍ର ୧୩ ରୁ ୧୬ - ୩୧ ଜାନୁଆରୀ ସୁଦ୍ଧା
୫. ଉତ୍ତର-ପତ୍ର ୧୭ ରୁ ୨୦ - ୨୮ ଫେବୃଆରୀ ସୁଦ୍ଧା

ତୁମମାନଙ୍କୁ ପରାମର୍ଶ ଦିଆଯାଉଛି ଯେ ତୁମେମାନେ ପ୍ରସ୍ତୁତ ଉତ୍ତର-ପତ୍ରଗୁଡ଼ିକୁ ମୂଲ୍ୟାୟନ ପାଇଁ ନିର୍ଦ୍ଦେଶାଳୟକୁ ପଠାଇବାକୁ ଚେଷ୍ଟା କର । ଆମେ ତୁମମାନଙ୍କୁ ସକ୍ରିୟ ଅଂଶଗ୍ରହଣ ସହିତ ଜଡିତ ଉତ୍ତର-ପତ୍ରଗୁଡ଼ିକୁ ବହୁତ ଗୁରୁତ୍ୱ ଦେଉଛୁ । କେବଳ ତୁମମାନଙ୍କୁ ଉତ୍ତର-ପତ୍ରରେ କାର୍ଯ୍ୟଦକ୍ଷତା ଆଧାରରେ, ଆମେ ତୁମମାନଙ୍କୁ ଆବଶ୍ୟକୀୟ ସଠିକ ମାର୍ଗଦର୍ଶନ, ଉପଯୋଗୀ ନିର୍ଦ୍ଦେଶାବଳୀ ଏବଂ ପ୍ରତିକାରାତ୍ମକ ସାମଗ୍ରୀ ପ୍ରଦାନ କରିପାରିବୁ । ଯେକୌଣସି ପରିସ୍ଥିତିରେ, ଶେଷ ଉତ୍ତର-ପତ୍ର ସେଟ୍ ମାର୍ଚ୍ଚ 31 ତାରିଖ ପୂର୍ବରୁ ନିର୍ଦ୍ଦେଶାଳୟରେ ପହଞ୍ଚିବା ଆବଶ୍ୟକ ।

ହିନ୍ଦୀ ସାର୍ଟିଫିକେଟ୍ ପାଠ୍ୟକ୍ରମ ପରୀକ୍ଷା ପ୍ରତିବର୍ଷ ମଇ ମାସରେ ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହେବ। ଏଥିରେ ଦୁଇଟି ପ୍ରଶ୍ନପତ୍ର ରହିବ । ପ୍ରତ୍ୟେକଟି 100 ନମ୍ବର ବିଶିଷ୍ଟ ହେବ। ଉତ୍ତର ପତ୍ରରେ ତୁମେ ପାଇଥିବା ନମ୍ବରର ପ୍ରତିଶତକୁ ତୁମମାନଙ୍କୁ ଚୂଡ଼ାନ୍ତ ଫଳାଫଳ ପାଇଁ ଗଣନା କରାଯିବ।

ଅବଶ୍ୟ, ତୁମେମାନେ ଭଲ ଭାବରେ ଜାଣ ଯେ ଏହି ପାଠ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ଏକ ପତ୍ରାଚାର ପାଠ୍ୟକ୍ରମ । ପତ୍ରାଚାର ମାଧ୍ୟମରେ ଭାଷା ଶିଖିବା ଟିକିଏ ଜଟିଳ କାର୍ଯ୍ୟ । ତେଣୁ ତୁମମାନଙ୍କୁ ଶିକ୍ଷା ପ୍ରକ୍ରିୟାର ସମସ୍ତ ପର୍ଯ୍ୟାୟରେ ସତର୍କ ରହିବାକୁ ପଡିବ । ଏହା ବ୍ୟତୀତ, ସନ୍ତୋଷଜନକ ପ୍ରଗତି କରିବା ଓ ସଫଳତା ପାଇବା ମୁଖ୍ୟତଃ ତୁମର ପାଠ ପଢ଼ିବା ଏବଂ ନିୟମିତ ଭାବରେ ଉତ୍ତର-ପତ୍ର ପଠାଇବା ଉପରେ ନିର୍ଭର କରିବ । ପାଠ୍ୟକ୍ରମ ସାମଗ୍ରୀର ଇ-ପୁସ୍ତକ ସଂସ୍କରଣ www.chdpublication.mhrd.gov.in ରେ ଉପଲବ୍ଧ।

ତୁମମାନଙ୍କ ପ୍ରୟାସର ସଫଳତା ପାଇଁ କାମନା କରୁଛି ।

ଅନିଲ ବୀ. ନାୟର
ବ୍ୟୁରୋ ମୁଖ୍ୟ, ପତ୍ରାଚାର ପାଠ୍ୟକ୍ରମ ବିଭାଗ

ଲିପ୍ୟନ୍ତରଣ ସୂତ୍ର

ଅକ୍ଷର	ଧ୍ୱନ୍ୟାତ୍ମକ ଲିପ୍ୟନ୍ତରଣ
अ	ଅ
आ	ଆ
इ	ଇ
ई	ଈ
उ	ଉ
ऊ	ଊ
ऋ	ଋ
ए	ଏ
ऐ	ଐ
ओ	ଓ
औ	ଔ
क	କ
ख	ଖ
ग	ଗ
घ	ଘ
ङ	ଙ
च	ଚ
छ	ଛ

ଅକ୍ଷର	ଧ୍ୱନ୍ୟାତ୍ମକ ଲିପ୍ୟନ୍ତରଣ
ज	ଜ
झ	ଝ
ञ	ଞ
ज़	ଜ଼
ट	ଟ
ठ	ଠ
ड	ଡ
ढ	ଢ
ण	ଣ
ड़	ଡ଼
ढ़	ଢ଼
त	ତ
थ	ଥ
द	ଦ
ध	ଧ
न	ନ
प	ପ
फ	ଫ

ଅକ୍ଷର	ଧ୍ୱନ୍ୟାତ୍ମକ ଲିପ୍ୟନ୍ତରଣ
ब	ବ
भ	ଭ
म	ମ
फ़	ଫ଼
य	ଯ
र	ର
ल	ଲ
ळ	ଳ
व	ୱ
श	ଶ
ष	ଷ
स	ସ
ह	ହ
क्ष	କ୍ଷ
त्र	ତ୍ର
ज्ञ	ଜ୍ଞ
श्र	ଶ୍ର

ଭୂମିକା

ହିନ୍ଦୀ ଏକ ଆଧୁନିକ ଭାରୋପୀୟ ଭାଷା । ଏହା ସଂସ୍କୃତ, ପାଲି, ପ୍ରାକୃତ ଅପଭ୍ରଂଶ ମାଧ୍ୟମରେ ବିକଶିତ ହୋଇଛି । ଭାରତୀୟ ସମ୍ବିଧାନର ଧାରା 343 ଦ୍ୱାରା ପ୍ରଦତ୍ତ ସର୍ତ୍ତାବଳୀ ଅନୁଯାୟୀ ଏହାକୁ ଭାରତୀୟ ସଂଘର ରାଜଭାଷା ଭାବରେ ନାମିତ କରାଯାଇଛି ।

ହିନ୍ଦୀ ଭାଷା ଦେବନାଗରୀ ଲିପିରେ ଲେଖାଯାଏ । ଦେବନାଗରୀ ଲିପି ଆକ୍ଷରିକ (ସିଲାବିକ୍) ଏବଂ ଏହା ବାମରୁ ଡାହାଣକୁ ଲେଖାଯାଏ ଏବଂ ଏଥିରେ ଅକ୍ଷରଗୁଡ଼ିକର କ୍ରମକୁ ବର୍ଣ୍ଣମାଳା (ଅକ୍ଷରର ମାଳା) କୁହାଯାଏ । ପାରମ୍ପରିକ ଭାବରେ ଦେବନାଗରୀ ଲିପିରେ 11ଟି ସ୍ୱରବର୍ଣ୍ଣ ଏବଂ 35ଟି ବ୍ୟଞ୍ଜନବର୍ଣ୍ଣ ରହିଛି ।

ସ୍ୱରବର୍ଣ୍ଣ

अ	आ	इ	ई	उ	ऊ
ऋ	ए	ऐ	ओ	औ	

ବ୍ୟଞ୍ଜନବର୍ଣ୍ଣ

क	ख	ग	घ	ङ		
च	छ	ज	झ	ञ		
ट	ठ	ड	ढ	ण	ड़	ढ़
त	थ	द	ध	न		
प	फ	ब	भ	म		
य	र	ल	व		ळ	
श	ष	स	ह			

ହିନ୍ଦୀରେ ସବୁ ଅକ୍ଷର ଉପରେ ଗୋଟିଏ ରେଖା ଦିଆଯାଏ, ତାକୁ ଶିରୋରେଖା କହନ୍ତି ।

ଦେବନାଗରୀର ପ୍ରତ୍ୟେକ ବ୍ୟଞ୍ଜନରେ **'अ'** ଅନ୍ତର୍ନିହିତ ଧ୍ୱନି ରୂପେ ରହିଥାଏ । ଏହାକୁ ପ୍ରାୟତଃ ବର୍ଣ୍ଣର ଡାହାଣ ପାର୍ଶ୍ୱରେ ଏକ ଠିଆଗାର (ଖଡ଼ିପାଈ) ଦ୍ୱାରା ଦର୍ଶାଯାଇଥାଏ । ଏହି ଖଡ଼ିପାଈକୁ ହଟାଇଦେଲେ ତାହା ବ୍ୟଞ୍ଜନଟିର ଅର୍ଦ୍ଧବ୍ୟଞ୍ଜନ ରୂପ ହୋଇଥାଏ, ଯାହାକୁ ଯୁକ୍ତାକ୍ଷର ଲେଖିବାବେଳେ ବ୍ୟବହାର କରାଯାଏ ।

ଏହି ଅନ୍ତର୍ନିହିତ **'अ'** ଧ୍ୱନି ଶବ୍ଦଶେଷରେ ଏବଂ କେତେକ ସ୍ଥଳେ ଶବ୍ଦ ମଧ୍ୟଭାଗରେ ଉଚ୍ଚରିତ ହୁଏ ନାହିଁ, କିନ୍ତୁ ଏହା ପରେ ସଂଯୁକ୍ତ-ବ୍ୟଞ୍ଜନ (ଯୁକ୍ତାକ୍ଷର) ଥିଲେ ଏହାର ଉଚ୍ଚାରଣ ହେବ ।

ଉଦାହରଣ,	ଶବ୍ଦ ଶେଷରେ ଅନ୍ତର୍ନିହିତ 'ଅ' ଧ୍ୱନିର ଲୋପ	-	ଅବ୍, ସବ୍, ମିଲନ୍, ଲଗନ୍
	ଶବ୍ଦ ମଧ୍ୟରେ ଅନ୍ତର୍ନିହିତ 'ଅ'ର ଲୋପ	-	ଲଗ୍ନା, ସମ୍ଝା, ମତ୍ଲବ
	ସଂଯୁକ୍ତବ୍ୟଞ୍ଜନ ସହିତ ରହିଲେ 'ଅ' ଧ୍ୱନିର ଉଚ୍ଚାରଣ ହେବ	-	ସତ୍ୟ, ଧର୍ମ, କର୍ମ

ସ୍ୱରବର୍ଣ୍ଣ **अ** ବ୍ୟତୀତ ଦେବନାଗରୀ ଲିପିରେ ଅନ୍ୟ ସମସ୍ତ ସ୍ୱରବର୍ଣ୍ଣର ବିଶେଷ ଚିହ୍ନ ରହିଛି, ଯାହାକୁ ମାତ୍ରା କୁହାଯାଏ ।

ସ୍ୱରବର୍ଣ୍ଣର ବିନା ସାହାଯ୍ୟରେ ବ୍ୟଞ୍ଜନବର୍ଣ୍ଣର ଉଚ୍ଚାରଣ ହୋଇପାରିବନାହିଁ । ସ୍ୱର ବିନା ବ୍ୟଞ୍ଜନ ବର୍ଣ୍ଣ ଲେଖିବା ବେଳେ ବ୍ୟଞ୍ଜନ ତଳକୁ ହଳନ୍ତ ଚିହ୍ନ (्) ଦିଆଯାଏ ।

ଉଦାହରଣ, **प् + अ = प**

क् + अ = क

ଦେବନାଗରୀ ଅକ୍ଷରଗୁଡ଼ିକର ସ୍ଥିର ଓ ନିର୍ଦ୍ଦିଷ୍ଟ ଧ୍ୱନାତ୍ମକ ମୂଲ୍ୟ ରହିଛି ଏବଂ ଆମେ ପ୍ରତ୍ୟେକ ବର୍ଣ୍ଣକୁ ତାର ଉଚ୍ଚାରଣ ସହିତ ଚିହ୍ନଟ କରିପାରିବା । ଅକ୍ଷର **क** ସବୁଠି 'କ' ଭାବରେ ଉଚ୍ଚରିତ ହୋଇଥାଏ ।

କିଛି ଆଗତ ଶବ୍ଦରେ ଥିବା ଧ୍ୱନିକୁ ସୂଚିତ କରିବା ପାଇଁ **ड़, ढ़** କୁ ହିନ୍ଦୀ ବ୍ୟଞ୍ଜନ ଭାବେ ପରବର୍ତ୍ତୀ ସମୟରେ ଗ୍ରହଣ କରାଯାଇଛି ।

ସେହିଭଳି ବିଶିଷ୍ଟ ବ୍ୟଞ୍ଜନ ଭାବେ **'ଠ'** ବର୍ଣ୍ଣକୁ ନୂଆ (ଅଦ୍ୟତନ) ମାନକ ହିନ୍ଦୀ ବର୍ଣ୍ଣମାଳା (ପରିବର୍ଦ୍ଧିତ ଦେବନାଗରୀ ଲିପି)ରେ ନିଆଯାଇଛି ।

ପାରମ୍ପରିକ ଭାବରେ ଦେବନାଗରୀ ବର୍ଣ୍ଣମାଳାରେ 4ଟି ସଂଯୁକ୍ତ-ବ୍ୟଞ୍ଜନ/ଯୁକ୍ତାକ୍ଷର ଗ୍ରହଣ କରାଯାଇଛି । ସେଗୁଡ଼ିକ ହେଲା **क्ष, त्र, ज्ञ, श्र**

श्र ସାଧାରଣତଃ ସଂସ୍କୃତ ଶବ୍ଦ ପାଇଁ ବ୍ୟବହୃତ ହୁଏ ଯାହା ହିନ୍ଦୀ ବର୍ଣ୍ଣମାଳାର ଯୁକ୍ତାକ୍ଷର ଚାର୍ଟରେ ଅନ୍ତର୍ଭୁକ୍ତ ନଥିଲା । କିନ୍ତୁ ପରେ ପରିବର୍ତ୍ତିତ ଲିପିରେ ଏହାକୁ ବର୍ଣ୍ଣମାଳାରେ ଯୋଡା ଯାଇଛି ।

ପ୍ରାରମ୍ଭରେ ପାଞ୍ଚଟି କାକଲ୍ୟ (କଣ୍ଠ୍ୟର ପଛ) ଧ୍ୱନି (**क़, ख़, ग़, ज़, फ़**) ପାରସୀ ଭାଷାରୁ ନିଆଯାଇଥିଲା, କିନ୍ତୁ ବର୍ତ୍ତମାନ ଏଥିମଧ୍ୟରୁ କେବଳ ଦୁଇଟି ଧ୍ୱନି **ज़** ଏବଂ **फ़** ହିନ୍ଦୀରେ ପ୍ରାୟତଃ ବ୍ୟବହୃତ ହେଉଛି ।

ଏକ ସ୍ୱରବର୍ଣ୍ଣ କିମ୍ବା ଅକ୍ଷର (ବ୍ୟଞ୍ଜନ + ସ୍ୱରବର୍ଣ୍ଣ) ଉପରେ ବ୍ୟବହୃତ ବିନ୍ଦୁ (ं) କୁ 'ଅନୁସ୍ୱାର' କୁହାଯାଏ । ଏହି ଅନୁସ୍ୱାର ସମ୍ପୃକ୍ତ ବ୍ୟଞ୍ଜନ ବର୍ଗର ନାସିକ୍ୟ ବ୍ୟଞ୍ଜନ ଧ୍ୱନି (ପଞ୍ଚମ ବର୍ଣ୍ଣ)କୁ ପ୍ରତିନିଧିତ୍ୱ କରେ ।

ଉଦାହରଣ, ଗଙ୍ଗା - **गंगा** - **गङ्गा** ଗଙ୍ଗା ନଦୀ

ବନ୍ଦର - **बंदर** - **बन्दर** ମାଙ୍କଡ଼ (ବିସ୍ତୃତ ବିବରଣୀ ପାଠ-3 ରେ ଦିଆଯାଇଛି)

ସମସ୍ତ ସ୍ୱରଧ୍ୱନିକୁ ଅନୁନାସିକ କରାଯାଇପାରିବ । ଏହାଦ୍ୱାରା ଶବ୍ଦର ଅର୍ଥରେ ପରିବର୍ତ୍ତନ ହୋଇଥାଏ । ଏହି ପାର୍ଥକ୍ୟକୁ ନିମ୍ନମତେ ଦର୍ଶାଯାଇପାରେ ।

ଉଦାରହଣ, ହଂସ **हंस** - ହଂସ (ପକ୍ଷୀ)

ହଁସ **हँस** - ହସିବା (ବିସ୍ତୃତ ବିବରଣୀ ପାଠ-4 ରେ ଦିଆଯାଇଛି)

ହିନ୍ଦୀରେ ଅକ୍ଷର **ऋ** (ରି) ଗୋଟିଏ ଏକକ ସ୍ୱରଧ୍ୱନି ନୁହେଁ । କିନ୍ତୁ ଏହାର ପୃଥକ ସିଲାବିକ୍ ଏବଂ ଆନ୍ତଃସିଲାବିକ୍ ରୂପ ରହିଥିବା ଦୃଷ୍ଟିରୁ ଏହା ସ୍ୱର ବର୍ଣ୍ଣମାଳାରେ ରହିଛି । ଏହାର ଉଚ୍ଚାରଣ 'ରି' ଭଳି କରାଯାଇଥାଏ ଏବଂ ଏହା ସଂସ୍କୃତରୁ ଆଗତ (ତତ୍ସମ) ଶବ୍ଦରେ ବ୍ୟବହାର କରାଯାଏ ।

ଉଦାରହଣ, **ऋषि ऋण**

ଏହି ଅଧ୍ୟାୟର ଆରମ୍ଭରେ ଦେବନାଗରୀ ଲିପିର ଅକ୍ଷରଗୁଡ଼ିକ (ବର୍ଣ୍ଣମାଳା) ପାରମ୍ପରିକ କ୍ରମରେ ଦିଆଯାଇଛି । କିନ୍ତୁ ଶିକ୍ଷାର୍ଥୀମାନଙ୍କ ସୁବିଧା ପାଇଁ, ଆମେ ସେଗୁଡ଼ିକୁ ଆକୃତି ଏବଂ ଷ୍ଟ୍ରୋକ୍ ଅନୁସାରେ ଭାଗ ଭାଗ କରିଛୁଁ ।

अनुक्रम

पाठ	विषय	पृष्ठ सं.
1.	वर्ण परिचय -1 / ବର୍ଣ୍ଣ ପରିଚୟ - 1	1
2.	वर्ण परिचय -2 / ବର୍ଣ୍ଣ ପରିଚୟ - 2	24
3.	अनुस्वार, अनुनासिक, विसर्ग / ଅନୁସ୍ୱାର, ଅନୁନାସିକ, ବିସର୍ଗ	41
4.	संयुक्ताक्षर / ଯୁକ୍ତାକ୍ଷର	44
5.	अभिवादन और परिचय / ଅଭିବାଦନ ଓ ପରିଚୟ	50
6.	मेरा परिवार / ମୋ ପରିବାର	71
7.	जादूगर और सचिन / ଯାଦୁକର ଓ ସଚିନ	84
8.	प्रकाश के मेहमान / ପ୍ରକାଶଙ୍କ ଅତିଥି	99
9.	एक सुबह / ଗୋଟିଏ ସକାଳ	114
10.	सास और बहू की बातचीत / ଶାଶୁ ଓ ବୋହୂଙ୍କ ମଧ୍ୟରେ କଥାବାର୍ତ୍ତା	126
11.	दार्जीलिंग / ଦାର୍ଜିଲିଂ	141
12.	मेरा बचपन / ମୋ ପିଲାଦିନ	157
13.	कन्याकुमारी / କନ୍ୟାକୁମାରୀ	171
14.	बीरबल की सूझबूझ / ବୀରବଲଙ୍କ ବୁଦ୍ଧି	181
15.	दूधवाली का सपना / ଗଉଡୁଣୀର ସ୍ୱପ୍ନ	193
16.	श्रीधर और उसका गाँव / ଶ୍ରୀଧର ଓ ତା' ଗାଁ	205
17.	विश्व पुस्तक मेला / ବିଶ୍ୱ ପୁସ୍ତକ ମେଳା	216
18.	भूलना नहीं / ଭୁଲିବ ନାହିଁ	227
19.	दिल्ली दर्शन / ଦିଲ୍ଲୀ ଦର୍ଶନ	238
20.	संयुक्त क्रिया / ସଂଯୁକ୍ତ କ୍ରିୟା	247

ପାଠ - 1

वर्ण परिचय / ବର୍ଣ୍ଣ ପରିଚୟ - 1

ଏକକ - I

ଏହି ଏକକରେ ତୁମେ 4ଟି ବ୍ୟଞ୍ଜନ ଓ 2ଟି ସ୍ୱରବର୍ଣ୍ଣ ଓ ସେମାନଙ୍କ ମାତ୍ରା ବିଷୟରେ ଶିଖିବ । ଦେବନାଗରୀ ଲିପିରେ ପ୍ରତ୍ୟେକ ବ୍ୟଞ୍ଜନ ସହିତ 'ଅ' ମିଶିକରି ଥାଏ । ଯେତେବେଳେ ବ୍ୟଞ୍ଜନ ସହ ଅନ୍ୟ ଗୋଟିଏ ସ୍ୱର ଧ୍ୱନି ମିଶେ, ସେତେବେଳେ ଅନ୍ତର୍ନିହିତ 'ଅ' ସ୍ୱାଭାବିକ ଭାବରେ ଲୋପ ହୁଏ ଏବଂ ତା' ସ୍ଥାନରେ ଅନ୍ୟ ସ୍ୱରବର୍ଣ୍ଣର ମାତ୍ରା ବ୍ୟବହାର ହୁଏ ।

ଏହି ଭଳି **अ** ବ୍ୟତୀତ ପ୍ରତ୍ୟେକ ସ୍ୱରବର୍ଣ୍ଣର ସ୍ୱତନ୍ତ୍ର ରୂପ, 'ମାତ୍ରା' ରୂପ ରହିଛି । ଉଚ୍ଚାରଣ ଅନୁସାରେ ସମ୍ପୃକ୍ତ ବ୍ୟଞ୍ଜନବର୍ଣ୍ଣରେ ମାତ୍ରା ଯୋଗ କରାଯାଏ ।

ବ୍ୟଞ୍ଜନବର୍ଣ୍ଣ			
र	स	ख	श
ସ୍ୱରବର୍ଣ୍ଣ			
ए		ऐ	

1. र

र	ଧ୍ୱନି ରୂପ	ଉଚ୍ଚାରଣ
	ର	**ର**ଥ

ଲେଖନ ପ୍ରଣାଳୀ	

← ମାତ୍ରା ପାଇଁ ସ୍ଥାନ

← ମୁଖ୍ୟ ଅକ୍ଷର ପାଇଁ ସ୍ଥାନ

← ମାତ୍ରା ପାଇଁ ସ୍ଥାନ

ଆସ ଚେଷ୍ଟା କରିବା (ଲେଖନ ପ୍ରଣାଳୀରେ ଅଙ୍କିତ ତୀର ଚିହ୍ନଗୁଡ଼ିକୁ ଅନୁସରଣ କରି ଲେଖ)

....

....

....

....

....

2. स

स	ଧ୍ୱନି ରୂପ	ଉଚ୍ଚାରଣ
	ସ	**ସ**ହର

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା (ଲେଖନ ପ୍ରଣାଳୀରେ ଅଙ୍କିତ ତୀର ଚିହ୍ନଗୁଡ଼ିକୁ ଅନୁସରଣ କରି ଲେଖ)

ଶବ୍ଦ ଗଠନ			
र + स	रस	ରସ	ରସ
स + र	सर	ସର	ସାର୍, ମୁଣ୍ଡ
स + र + स	सरस	ସରସ	ସରସ

3. ख

ख	ଧ୍ୱନି ରୂପ	ଉଚ୍ଚାରଣ
	ଖ	**ଖଟ**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
र + ख	रख	ରଖ	ରଖିବା
ख + स	खस	ଖସ	ବେଶାଚେର

4. श

श	ଧ୍ୱନି ରୂପ	ଉଚ୍ଚାରଣ
	ଶ	**ଶଶା**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
श + र	शर	ଶର	ତୀର

ସ୍ୱରବର୍ଣ୍ଣ ଓ ସେଗୁଡ଼ିକର ମାତ୍ରା

5. ए

	ଧ୍ୱନି ରୂପ	ଉଚ୍ଚାରଣ
ए	ଏ	ଏକ

ଲେଖନ ପ୍ରଣାଳୀ	
ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
ए	े	र् + ए	रे

ସ୍ୱର ମାତ୍ରା ए ବ୍ୟଞ୍ଜନବର୍ଣ୍ଣର ଉପରେ ଦିଆଯାଏ । ବ୍ୟଞ୍ଜନଟି ଶିରୋରେଖାକୁ ଛୁଉଁଥିବା ସ୍ଥାନରେ ମାତ୍ରା ଦିଆଯାଏ ।

र् + ए = रे   स् + ए = से

ख् + ए = खे   श् + ए = शे

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
स् + ए + र	सेर	ସେର	ସେର (ଓଜନର ମାପକ) (9.56 ଗ୍ରାମ)
श् + ए + र	शेर	ଶେର	ସିଂହ
श् + ए + ख	शेख	ଶେଖ	ଗୋଟିଏ ଉପାଧି / ସାଙ୍ଗିଆ

6. ऐ

ऐ	ଧ୍ୱନି ରୂପ	ଉଚ୍ଚାରଣ
	ଐ	**ଐ**ରାବତ

ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
ऐ	ै	स् + ऐ	सै

र् + ऐ = रै   स् + ऐ = सै

ख् + ऐ = खै   श् + ऐ = शै

ଆସ ଚେଷ୍ଟା କରିବା

....

....

....

....

....

ଶବ୍ଦ ଗଠନ			
ऐ + स् + ए	**ऐसे**	ଐସେ	ଏପରି
स् + ऐ + र	**सैर**	ସୈର	ଭ୍ରମଣ
ख् + ऐ + र	**खैर**	ଖୈର	ଯାହା ହେଉ

ମାନକ ହିନ୍ଦୀରେ **'ऐ'** ଗୋଟିଏ ସ୍ୱତନ୍ତ୍ର ସ୍ୱର ଧ୍ୱନି । ମାତ୍ର କୌଣସି ଶବ୍ଦରେ ଯଦି ଏହା ଅର୍ଦ୍ଧସ୍ୱର 'ୟ' ପରେ ଆସେ, ସେଠାରେ ଏହା ଦୁଇଟି ସ୍ୱରର ସଂଯୁକ୍ତଧ୍ୱନି ('ଅ + ଇ' = 'ଐ') 'ଅଇ' ରୂପେ ଉଚ୍ଚରିତ ହୁଏ । ଯେମିତି,

भैया ଭୈୟା [ଭଇୟା] - ଭାଇ

तैयार ତୈୟାର [ତଇୟାର] - ପ୍ରସ୍ତୁତ

ଏ କ୍ଷେତ୍ରରେ ଏହା ସଂଯୁକ୍ତ ସ୍ୱର (ଦ୍ୱିସ୍ୱର) ଭାବରେ ଉଚ୍ଚରିତ ହୁଏ ଏବଂ ଗୋଟିଏ ଅକ୍ଷର ହୁଏ ।

*** ଏଠାରେ ଉଲ୍ଲେଖନୀୟ ଯେ ହିନ୍ଦୀ **'ऐ'** ର ଉଚ୍ଚାରଣ ଓଡ଼ିଆ 'ଐ' ଠାରୁ ଭିନ୍ନ । ଓଡ଼ିଆରେ 'ଐ' କୁ ଦ୍ୱିସ୍ୱର ବା ସଂଯୁକ୍ତ ସ୍ୱର 'ଅଇ' ଭାବରେ ଉଚ୍ଚାରଣ କରାଯାଏ । ହିନ୍ଦୀ **'ऐ'** ର ଉଚ୍ଚାରଣରେ, **ए** 'ଏ' (ଅର୍ଦ୍ଧ-ସଂବୃତ୍ତ) ଅପେକ୍ଷା ମୁହଁ ଟିକିଏ ଅଧିକ ଖୋଲା (ଅର୍ଦ୍ଧ-ବିବୃତ୍ତ) ରହିବ। ଧ୍ୟାନ ଦେବାକୁ ହେବ ଯେ **मैं** ('ମୁଁ') ର ଉଚ୍ଚାରଣ 'ମୈଂ' କିମ୍ବା 'ମୈଁ' [ମ୍+ଅଇଁ] ହେବ ନାହିଁ, ଏହା ଅଧିକ ବିବୃତ୍ତ/ଖୋଲା 'ମେଁ' ଭଳି ହେବ ।

ଅନୁଶୀଳନୀ

ଉଚ୍ଚାରଣ ଅଭ୍ୟାସ

ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଜୋରରେ ଏବଂ ସ୍ପଷ୍ଟ ଭାବରେ ପଢ଼ ।

र	स	ख	श	ए	ऐ
रस	सर	सरस	रख	खस	शर
सैर	शेर	शेख	ऐसे	सेर	खैर

ଅକ୍ଷରଗୁଡ଼ିକୁ ସ୍ପଷ୍ଟ ଭାବରେ ଲେଖ ।

र						
रे						
रै						
स						
से						
सै						
ख						
खे						
खै						
श						
शे						
शै						
ए						
ऐ						

ଏକକ - II

ଏହି ଏକକରେ ତୁମେ ଛଅଟି ସ୍ୱର ବର୍ଣ୍ଣ ଓ ସେଗୁଡ଼ିକର ମାତ୍ରା ବିଷୟରେ ଶିଖିବ ।

ସ୍ୱରବର୍ଣ୍ଣ					
उ	ऊ	अ	आ	ओ	औ

1. उ

	ଧ୍ୱନି ରୂପ	ଉଚ୍ଚାରଣ
उ	ଉ	**ଉ**ପର

ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
उ	ु	स् + उ	सु

स् + उ = सु   श् + उ = शु

ख् + उ = खु

ଆସ ଚେଷ୍ଟା କରିବା

....

....

....

....

....

ଶବ୍ଦ ଗଠନ			
उ + स	उस	ଉସ	ତାହା
स् + उ + र	सुर	ସୁର	ସ୍ୱର
स् + उ + ख	सुख	ସୁଖ	ସୁଖ
ख् + उ + श	खुश	ଖୁଶ	ଖୁସି, ଆନନ୍ଦ

2. ऊ

ऊ	ଧ୍ୱନି ରୂପ	ଉଚ୍ଚାରଣ
	ଊ	**ଊ**ନ

ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
ऊ	ू	स् + ऊ	सू

स् + ऊ = सू   श् + ऊ = शू

ख् + ऊ = खू

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
स् + ऊ + ख	सूख	ସୂଖ	ଶୁଖିଲା
श् + ऊ + र	शूर	ଶୂର	ବୀର

ଜଣେ ଶିକ୍ଷାର୍ଥୀ ଭାବେ ତୁମେ ଲକ୍ଷ୍ୟ କରିଥିବ ଯେ उ ଓ ऊ ର ମାତ୍ରା ଚିହ୍ନ ବ୍ୟଞ୍ଜନବର୍ଣ୍ଣ ତଳେ ଯୋଡ଼ାଯାଇଥାଏ । ଯଥା -

खु	खू
शु	शू
सु	सू

सुख	सूख
सुर	सूर
रुख	रूख

उ ଓ ऊ ମାତ୍ରା ବ୍ୟଞ୍ଜନବର୍ଣ୍ଣ 'ର' ସହିତ ବିଶେଷ ପ୍ରକାରରେ ସଂଯୋଗ ହୋଇଥାଏ । ଏହି କ୍ଷେତ୍ରରେ 'ର' ମଝିରେ ମାତ୍ରା ଲେଖାଯାଏ, ଯଥା -

र् + उ = रु   र् + ऊ = रू

ଶବ୍ଦ ଗଠନ			
र् + उ + ख	रुख	ରୁଖ	ମନୋବୃତ୍ତି
र् + ऊ + स	रूस	ରୂସ	ରୁଷିଆ
श् + उ + र् + ऊ	शुरू	ଶୁରୂ	ଆରମ୍ଭ

3. अ

अ	ଧ୍ୱନି ରୂପ	ଉଚ୍ଚାରଣ
	ଅ	**ଅ**ମଳ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

'**अ**' ର କୌଣସି ମାତ୍ରା ନାହିଁ । ଏହା ପ୍ରତ୍ୟେକ ବ୍ୟଞ୍ଜନରେ ଅନ୍ତର୍ନିହିତ ହୋଇ ରହିଥାଏ । ଶବ୍ଦ ଶେଷରେ ଏହା ଉଚ୍ଚରିତ ହୁଏ ନାହିଁ । ଯଥା -

କାମ (କାମ)   କମଲ (ପଦ୍ମ)

ଏହି 2ଟି ଶବ୍ଦ 'କାମ୍' ଓ 'କମଲ୍' ଭାବେ ଉଚ୍ଚାରଣ ହେବ । ଏଥିରେ ଅନ୍ତର୍ନିହିତ **अ** ଶବ୍ଦର ମଧ୍ୟଭାଗରେ ଉଚ୍ଚରିତ ହେବ ନାହିଁ । ଯଥା -

କମରା (କୋଠରି)   ବୋଲନା (କହିବା)

ଏହି ଶବ୍ଦ 2ଟିର ଉଚ୍ଚାରଣ ହେବ, ଯଥାକ୍ରମେ 'କମ୍ରା', 'ବୋଲ୍ନା' । କିନ୍ତୁ ଶବ୍ଦର ସଂଯୁକ୍ତ ବ୍ୟଞ୍ଜନ ଆସିଥିବା ସ୍ଥାନରେ ଏହି '**अ**' ଉଚ୍ଚରିତ ହେବ । ଯଥା -

ସତ୍ୟ (ସତ)   ଧନ୍ୟ (କୃତକୃତ୍ୟ)

ଅଲ୍ପ (କମ୍)   କଷ୍ଟ (ଯନ୍ତ୍ରଣା)

ଶବ୍ଦ ଗଠନ		
अ + स + र	असर	ପ୍ରଭାବ
अ + ख + र	अखर	ଖଟକା
अ + सु + र	असुर	ଅସୁର
सु + अ + र	सुअर	ଘୁଷୁରି

4. आ

आ	ଧ୍ୱନି ରୂପ	ଉଚ୍ଚାରଣ
	ଆ	**ଆ**ମର

ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
आ	ा	ख् + आ	खा

ଆସ ଚେଷ୍ଟା କରିବା

ଶବ୍ଦ ଗଠନ		
आ + र	आर	ଚକର ଅର
आ + स	आस	ଆଶା
स् + आ + र	सार	ସାରାଂଶ
ख् + आ + स	खास	ବିଶେଷ
र + आ + ख	राख	ପାଉଁଶ
स् + आ + ख	साख	ଜମା, ପ୍ରଭୁତ୍ୱ
आ + श् + आ	आशा	ଆଶା
स् + आ + र् + आ	सारा	ସମୁଦାୟ, ସାରା
श् + आ + ख् + आ	शाखा	ଶାଖା

ଶବ୍ଦ ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କର

रस	ରସ
रख	ରଖିବ
खस	ବେଣାଚେର
सर	ପୋଖରୀ, ମୁଣ୍ଡ
खरा	ଖାଣ୍ଟି

रास	ରାସ ନୃତ୍ୟ
राख	ପାଉଁଶ
खास	ବିଶେଷ
सार	ସାର, ସାରାଂଶ
खारा	ଲୁଣିଆ

5. ओ

ओ	ଧ୍ୱନି ରୂପ	ଉଚ୍ଚାରଣ
	ଓ	**ଓ**ଜନ

ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
ओ	ो	ख् + ओ	खो

श् + ओ = शो   स् + ओ = सो

र् + ओ = रो

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ		
ओ + र	ओर	ଆଗକୁ
ओ + स	ओस	କାକର
स् + ओ	सो	ଶୋଇବା
ख् + ओ	खो	ହଜାଇବା
र् + ओ	रो	କାନ୍ଦିବା
श् + ओ + र	शोर	କୋଳାହଳ

6. औ

औ	ଧ୍ୱନି ରୂପ	ଉଚ୍ଚାରଣ
	ଔ	**ଔ**ଷଧ

ଲେଖନ ପ୍ରଣାଳୀ	

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
औ	ौ	स् + औ	सौ

ଆସ ଚେଷ୍ଟା କରିବା

ଶବ୍ଦ ଗଠନ		
औ + र	और	ଏବଂ
औ + र + स	औरस	ଔରସ
स् + औ	सौ	ଏକ ଶହ
स् + ओ + र	सौर	ସୌର

ଶବ୍ଦ ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କର

सो	ଶୋଇବା	सौ	ଶହ
ओर	ଆଡ଼କୁ	और	ଏବଂ

ମାନକ ହିନ୍ଦୀରେ '**औ**' ଗୋଟିଏ ସ୍ୱତନ୍ତ୍ର ସ୍ୱର ଧ୍ୱନି । ହିନ୍ଦୀ '**औ**' ର ଉଚ୍ଚାରଣରେ, '**ओ**' ଅପେକ୍ଷା ମୁହଁ ଟିକିଏ ଅଧିକ ଖୋଲା ରହିବ। ଏଠାରେ ଉଲ୍ଲେଖନୀୟ ଯେ ହିନ୍ଦୀ '**औ**' ର ଉଚ୍ଚାରଣ ଓଡ଼ିଆ 'ଔ' ଠାରୁ ଭିନ୍ନ । ଓଡ଼ିଆରେ 'ଔ' କୁ ଦ୍ୱିସ୍ୱର ବା ସଂଯୁକ୍ତସ୍ୱର 'ଅଇ' ଭାବରେ ଉଚ୍ଚାରଣ କରାଯାଏ ।

ମାତ୍ର କୌଣସି ଶବ୍ଦରେ ଯେତେବେଳେ '**औ**' ପରେ ଅର୍ଦ୍ଧସ୍ୱର '**व**' ଆସେ ସେତେବେଳେ ଏହା ସଂଯୁକ୍ତାକ୍ଷର '**अउ**' (ଅଉ) 'ଔ' ଭଳି ଉଚ୍ଚରିତ ହୁଏ । ଯଥା -

कौवा କୌୱା [କଉୱା] - (କୁଆ)

चौवन ଚୌୱନ [ଚଉୱନ] - (ଚଉବନ)

ହିନ୍ଦୀ ଭାଷାଭାଷୀ '**औ**'ର ଏହିଭଳି ଉଚ୍ଚାରଣ କରନ୍ତି । ଅନ୍ୟଥା, ସବୁ ସ୍ଥାନରେ ଲିଖିତ ରୂପ ଏବଂ ଉଚ୍ଚରିତ ରୂପ ସମାନ ହୋଇଥାଏ ।

ଅନୁଶୀଳନୀ

ନିମ୍ନ ସାରଣୀରେ ଥିବା ଅକ୍ଷରଗୁଡ଼ିକୁ ସଠିକ ଆକାର ଓ କ୍ରମରେ ଲେଖ :

उ						
ऊ						
अ						
आ						
ओ						
औ						

ବ୍ୟଞ୍ଜନବର୍ଣ୍ଣ ସହିତ ସ୍ୱରବର୍ଣ୍ଣ ମାତ୍ରାର ସଂଯୋଗଗୁଡ଼ିକୁ ଲେଖ :

स् + आ						
ख् + अ						
ख् + उ						
ख् + ओ						
श् + औ						
र् + ऊ						
स् + ऊ						

ଏକକ - III

ଏହି ଏକକରେ ତୁମେ ସାତଟି ବ୍ୟଞ୍ଜନ ବର୍ଣ୍ଣ ବିଷୟରେ ଶିଖିବ ।

ବ୍ୟଞ୍ଜନ ବର୍ଣ୍ଣ			
व	ब	क	
ग	म	भ	न

1. व

व	ଧ୍ୱନି ରୂପ	ଉଚ୍ଚାରଣ
	ୱ	**ୱା**ରେଣ୍ଟ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ	
वर	ବର
वार	ଆକ୍ରମଣ
वेश	ବେଶ

2. ब

ब	ଧ୍ୱନି ରୂପ	ଉଚ୍ଚାରଣ
	ବ	**ବ**ଗିଚା

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ	
बस	ବସ, ଯଥେଷ୍ଟ
सब	ସମସ୍ତ
खबर	ଖବର
खूब	ଖୁବ୍
अखबार	ସମ୍ବାଦ-ପତ୍ର

3. क

क	ଧ୍ୱନି ରୂପ	ଉଚ୍ଚାରଣ
	କ	**କ**ଲମ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
कर	କର	कब	କେବେ
कार	କାର	शक	ସନ୍ଦେହ
केश	କେଶ	काश	ଓହୋ
कौआ	କୁଆ	शोक	ଶୋକ
शौक	ସୌକ, ସଉକ	केसर	କେଶର

ଅନୁଶୀଳନୀ

ନିମ୍ନ ଅକ୍ଷରଗୁଡ଼ିକୁ 3 ଥର ଲେଖାଏଁ ଲେଖ :

ब				क			
बा				का			
बु				कु			
बू				कू			
बे				के			
बै				कै			
बो				को			
बौ				कौ			

ନିମ୍ନ ଶବ୍ଦଗୁଡ଼ିକୁ ଦେବନାଗରୀ ଲିପିରେ ଲିପ୍ୟନ୍ତରଣ କର :

କବ	
ଆସ	
ବେକାର	
ସାକାର	

ଶୌକ	
ଶୋକ	
କୋରା	
ସାରା	

4. ग

ग	ଧ୍ୱନି ରୂପ	ଉଚ୍ଚାରଣ
	ଗ	**ଗଡୁ**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
सागर	ସାଗର	रोग	ରୋଗ
गागर	ମାଠିଆ	गुरु	ଗୁରୁ
आग	ନିଆଁ	बाग	ବଗିଚା

5. म

	ଧ୍ୱନି ରୂପ	ଉଚ୍ଚାରଣ
म	ମ	**ମ**ନ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
कम	କମ	काम	କାମ
अमर	ଅମର	मामा	ମାମୁଁ
मगर	କିନ୍ତୁ	शाम	ସଂଧ୍ୟା
गरम	ଗରମ	मुख	ମୁହଁ

6. भ

	ଧ୍ୱନି ରୂପ	ଉଚ୍ଚାରଣ
भ	ଭ	**ଭ**ରତ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
भार	ଭାର	शुभ	ଶୁଭ
भाव	ଭାବ	शोभा	ଶୋଭା, ସୌନ୍ଦର୍ଯ୍ୟ
भूसा	କୁଣ୍ଡା	सभा	ସଭା
भारत	ଭାରତ	भाग	ଭାଗ, ଅଂଶ

7. न

न	ଧ୍ୱନି ରୂପ	ଉଚ୍ଚାରଣ
	ନ	**ନଇ**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
नर	ନର, ପୁରୁଷ	काना	କଣା
नाक	ନାକ	नमक	ଲୁଣ
कान	କାନ	नगर	ନଗର
नाम	ନାମ	सुनना	ଶୁଣିବା
कौन	କିଏ	नाना	ଅଜା

ଅନୁଶୀଳନୀ

ନିମ୍ନଲିଖିତ ଶବ୍ଦଗୁଡ଼ିକ ଉଚ୍ଚ ସ୍ୱରରେ ପଢ଼ ।

भाग	गमन	आना	ओर	ऐन	मैना
सभा	आगमन	गाना	भोर	ऐब	रैना
नभ	सुगम	माना	मोर	ऐनक	नैना
भवन	आग	नाना	शोर	ऐसे	बैरा

ଉଚ୍ଚାରଣଗତ ପାର୍ଥକ୍ୟ ଲକ୍ଷ୍ୟ କର :

अ	आ
कम	काम
मन	मान
वर	वार
सर	सार

ओ	औ
सो	सौ
ओर	और
शोक	शौक
मोर	मौर

उ	ऊ
सुर	सूर
सुख	सूख
रुख	रूख

ए	ऐ
सेर	सैर
सेन	सैन
बेर	बैर

व	ब
वन	बन
वार	बार
वर	बर

ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଦେବନାଗରୀ ଲିପିରେ ଲେଖ :

ଅବ			ବନ		
କବ			ଗନ		
ସବ			ନଗ		
ରବ			ରଗ		

ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଓଡ଼ିଆରେ ଲେଖ :

शोर			कौर		
मोर			शौक		
ओर			और		

ଏକକ - IV

ଏହି ଏକକରେ ତୁମେମାନେ 5ଟି ବ୍ୟଞ୍ଜନ ଏବଂ 2ଟି ସ୍ୱରବର୍ଣ୍ଣ ଓ ସେଗୁଡ଼ିକର ମାତ୍ରା ବିଷୟରେ ଶିଖିବ ।

ବ୍ୟଞ୍ଜନବର୍ଣ୍ଣ				
ड	**ड़**	**ङ**	**ह**	**झ**
ସ୍ୱରବର୍ଣ୍ଣ				
इ		**ई**		

1. ड

ड	ଧ୍ୱନି ରୂପ	ଉଚ୍ଚାରଣ
	ଡ	**ଡ**ର

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
डोर	ଡୋର	रोड	ରାସ୍ତା
डर	ଡର	डाक	ଡାକ
डेरा	ଡେରା	डमरू	ଡମ୍ବରୁ

2. ड़

ड़	ଧ୍ୱନି ରୂପ	ଉଚ୍ଚାରଣ
	ଡ଼	ବ**ଡ଼**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....

....

....

....

....

ଶବ୍ଦ ଗଠନ			
सड़ना	ସଢ଼ିବା	सड़ा	ସଢ଼ିଥିବା, ସଢ଼ା
उड़ना	ଉଡ଼ିବା	आड़	ଆଢୁଆଳ
भेड़	ମେଣ୍ଢା	खड़ा	ଠିଆ

3. ङ

ङ	ଧ୍ୱନି ରୂପ	ଉଚ୍ଚାରଣ
	ଙ	ଗଙ୍‌ଗା, ଗଙ୍ଗା

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....

....

....

....

....

ଙ ସ୍ୱତନ୍ତ୍ର ରୂପେ ବ୍ୟବହାର କରାଯାଏ ନାହିଁ । ଏହା ଶବ୍ଦର ମଧ୍ୟଭାଗରେ ଯୁକ୍ତାକ୍ଷରରେ ବ୍ୟବହାର କରାଯାଏ ।

ଯଥା - ଗଙ୍ଗା (ଗଙ୍‌ଗା गङ्गा) - गंगा, ସଙ୍ଗ (ସଙ୍‌ଗ सङ्ग) - संग, ରଙ୍ଗ (ରଙ୍‌ଗ रङ्ग) - रंग

4. इ

इ	ଧ୍ୱନି ରୂପ	ଉଚ୍ଚାରଣ
	ଇ	ଇଟା

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
इ	ि	क् + इ	कि

क् + इ = कि   म् + इ = मि   र् + इ = रि

स् + इ = सि   श् + इ = शि   ब् + इ = बि

ଶବ୍ଦ ଗଠନ			
इनाम	ପୁରସ୍କାର	इशारा	ସଂକେତ
शिखर	ଶିଖର	सिर	ମୁଣ୍ଡ
शिविर	ଶିବିର	कवि	କବି

5. ई

ई	ଧ୍ୱନି ରୂପ	ଉଚ୍ଚାରଣ
	ଈ	**ଈ**ଷ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ସ୍ୱରବର୍ଣ୍ଣର ମାତ୍ରା ରୂପ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
ई	ी	म् + ई	मी

क् + ई = की   भ् + ई = भी   र् + ई = री

स् + ई = सी   श् + ई = शी   ब् + ई = बी

ଶବ୍ଦ ଗଠନ			
ईसा	ଖ୍ରୀଷ୍ଟ	ईसाई	ଖ୍ରୀଷ୍ଟିୟାନ
भाई	ଭାଇ	ईश	ଈଶ୍ୱର
शीरा	ସିରା	बीस	କୋଡ଼ିଏ
सीखना	ଶିଖ୍ବା	शीशा	ଦର୍ପଣ

6. झ

झ	ଧ୍ୱନି ରୂପ	ଉଚ୍ଚାରଣ
	ଝ	**ଝ**ରଣା

ଲେଖନ ପ୍ରଣାଳୀ

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
झाग	ଫେଣ	झूमना	ହଲିବା
समझना	ବୁଝିବା	झाड़ू	ଝାଡୁ
सुझाव	ପରାମର୍ଶ	बोझ	ବୋଝ

7. ह

ह	ଧ୍ୱନି ରୂପ	ଉଚ୍ଚାରଣ
	ହ	**ହ**ଳ

ଲେଖନ ପ୍ରଣାଳୀ



ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
हरा	ଶାଗୁଆ	हार	ହାର
सहना	ସହିବା	रहना	ରହିବା
नहाना	ଗାଧୋଇବା	गहना	ଗହଣା
शहर	ସହର	राह	ପଥ

ଅନୁଶୀଳନୀ

1. ନିମ୍ନଲିଖିତ ଅକ୍ଷରଗୁଡ଼ିକୁ 3 ଥର ଲେଖାଏଁ ଲେଖ :

व				भ			
ब				न			
क				ई			
ग				झ			
म				ह			

2. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଉଚ୍ଚ ସ୍ୱରରେ ଓ ଶୁଦ୍ଧ ଉଚ୍ଚାରଣ କରି ପଢ଼ ।

कब **मन** **सकना** **गिरना** **ईसाई**

हीरा **बकना** **भवन** **नमन** **गमन**

3. ନିମ୍ନଲିଖିତ ବ୍ୟଞ୍ଜନଗୁଡ଼ିକ ସହିତ ସ୍ୱର ମାତ୍ରାକୁ ସଂଯୋଗ କରି ଲେଖ ।

ବ୍ୟଞ୍ଜନ ବର୍ଣ୍ଣ	ମାତ୍ରା								
	ा	ि	ी	ु	ू	े	ै	ो	ौ
	◌ा	◌ि	◌ी	◌ु	◌ू	◌े	◌ै	◌ो	◌ौ
क	का	कि	की	कु	कू	के	कै	को	कौ
ख									
व									
ब									
न									
भ									
म									
झ									

ପାଠ - 2

वर्ण परिचय-2 / ବର୍ଣ୍ଣ ପରିଚୟ-2

ଏକକ - I

ଏହି ଏକକରେ ତୁମେମାନେ 5ଟି ବ୍ୟଞ୍ଜନ ଓ ଗୋଟିଏ ଯୁକ୍ତାକ୍ଷର ବିଷୟରେ ଜାଣିବ ।

ବ୍ୟଞ୍ଜନବର୍ଣ୍ଣ				
प	ष	फ	ण	च
ଯୁକ୍ତାକ୍ଷର				
श्र				

1. प

प	ଧ୍ୱନି ରୂପ	ଉଚ୍ଚାରଣ
	ପ	**ପ**ଠନ, **ପ**ର

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....

....

....

....

....

ଶବ୍ଦ ଗଠନ			
पर	ଡେଣା, ଉପରେ	पास	ପାଖରେ
आप	ଆପଣ	शाप	ଅଭିଶାପ
बाप	ବାପା	माप	ମାପ
नाप	ମାପ	पेड़	ଗଛ
पैसा	ପଇସା	पानी	ପାଣି

2. ष

ष	ଧ୍ୱନି ରୂପ	ଉଚ୍ଚାରଣ
	ଷ	ଶେ**ଷ**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
शेष	ଶେଷ	विशेष	ବିଶେଷ
षडानन	ଷଡ଼ାନନ	अशेष	ଅଶେଷ

3. फ

फ	**ଧ୍ୱନି ରୂପ**	**ଉଚ୍ଚାରଣ**
	ଫ	**ଫ**ଳ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
फन	ଫଣା	फूस	କୁଟା-କାଠି
फिर	ପୁଣି	फेरना	ଓଲଟାଇବା
गुफा	ଗୁମ୍ଫା	फरमाना	ଆଦେଶ ଦେବା

3 (a). फ़

ଏହି ଧ୍ୱନି ଆରବୀ ଓ ପାରସୀ ଭାଷାରୁ ଆଗତ ଶବ୍ଦଗୁଡ଼ିକରେ ବ୍ୟବହାର କରାଯାଏ । ଏହି ଧ୍ୱନି ତଳ ଓଠ ଏବଂ ଉପର ଦାନ୍ତ ସ୍ପର୍ଶରେ (ଦନ୍ତ୍ୟୋଷ୍ଠ୍ୟ) ଓ ବାୟୁ ପ୍ରବାହରେ ସଂଘର୍ଷ ଉତ୍ପନ୍ନ କରି ଉଚ୍ଚରିତ ହୁଏ । ଏହି **फ़** ବାସ୍ତବରେ ଅଘୋଷ, ସଂଘର୍ଷୀ, ଦନ୍ତ୍ୟୋଷ୍ଠ୍ୟ ବ୍ୟଞ୍ଜନ ।

फ़	**ଧ୍ୱନି ରୂପ**	**ଉଚ୍ଚାରଣ**
	ଫ଼	**ଫ଼**ନ୍ (ଆରବୀ ଶବ୍ଦ 'କୌଶଳ')

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
फ़कीर	ଫକୀର	सफ़र	ଯାତ୍ରା
माफ़ी	କ୍ଷମା	काफ़ी	ଯଥେଷ୍ଟ
साफ़	ସଫା	सफ़ाई	ପରିଷ୍କାର

5. ण

ण	ଧ୍ୱନି ରୂପ	ଉଚ୍ଚାରଣ
	ଣ	ଗଣେଶ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଏହି ମୁର୍ଦ୍ଧନ୍ୟ ନାସିକ୍ୟ ବ୍ୟଞ୍ଜନ **ण**, ଶବ୍ଦ ଆରମ୍ଭରେ ବ୍ୟବହୃତ ହୁଏ ନାହିଁ ।

ଶବ୍ଦ ଗଠନ			
कण	କଣ, ଅଣୁ, ଅଂଶ	कारण	କାରଣ
मणि	ମଣି	निपुण	ନିପୁଣ

5. च

च	ଧ୍ୱନି ରୂପ	ଉଚ୍ଚାରଣ
	ଚ	ଚକ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
चाचा	ଦାଦା, କକା	**चार**	ଚାରି
चमक	ଚମକ	**सच**	ସତ
बचना	ରକ୍ଷା ପାଇବା	**नाचना**	ନାଚିବା
चाची	ଖୁଡ଼ି	**सचमुच**	ପ୍ରକୃତରେ
चुभना	ଫୋଡ଼ିହେବା	**चुपचाप**	ଚୁପଚାପ

6. श्र

श्र	**ଧ୍ୱନି ରୂପ**	**ଉଚ୍ଚାରଣ**
	ଶ୍ର	ଆଶ୍ରମ

ଏହି **श्र** ଧ୍ୱନି **श** ଓ **र** ସଂଯୋଗରେ ନିର୍ମିତ ହୁଏ ।

श् + र = श्र

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
परिश्रमी	ପରିଶ୍ରମୀ	**श्रमिक**	ଶ୍ରମିକ
श्रम	ଶ୍ରମ	**श्रीमान**	ଶ୍ରୀମାନ

ଏକକ - II

ଏହି ଏକକରେ ତୁମେ 4ଟି ବ୍ୟଞ୍ଜନ ଓ 2ଟି ଯୁକ୍ତାକ୍ଷର ବିଷୟରେ ଶିଖିବ ।

ବ୍ୟଞ୍ଜନ ବର୍ଣ୍ଣ			
ज	ञ	त	ल

ଯୁକ୍ତାକ୍ଷର	
ज्ञ	त्र

1. ज

ज	ଧ୍ୱନି ରୂପ	ଉଚ୍ଚାରଣ
	ଜ	ଜଳ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
जग	ଜଗତ	जब	ଯେବେ
जी	ଆଜ୍ଞା	जाना	ଯିବା
जगना	ଉଠିବା	सजाना	ସଜାଇବା
जोश	ଉତ୍ସାହ	भोज	ଭୋଜି
राजा	ରାଜା	बाजा	ବାଜା
खोजना	ଖୋଜିବା	बीज	ମଞ୍ଜି
जीभ	ଜିଭ	जरा	ବାର୍ଦ୍ଧକ୍ୟ

1(a). ज़

ଆରବୀ ଓ ପାରସୀ ଭାଷାରୁ ଆଗତ ଶବ୍ଦରେ କେବଳ ଏହି ज़ ଧ୍ୱନି ବ୍ୟବହୃତ ହୁଏ । ଏହା ଏକ ସଂଘର୍ଷୀ, ସଘୋଷ ବର୍ତ୍ସ୍ୟ ଧ୍ୱନି । ଏହା ସଂଘର୍ଷୀ ଧ୍ୱନି स ର ସଘୋଷ ରୂପ ।

ज़	ଧ୍ୱନି ରୂପ	ଉଚ୍ଚାରଣ
	ଜ଼	ଜ଼ରା

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
ज़रा	ଟିକିଏ	ज़मीन	ଭୂମି
नज़र	ନଜର, ଦୃଷ୍ଟି	बाज़ार	ବଜାର
मज़ा	ମଜା	रोज़	ପ୍ରତିଦିନ
राज़	ରହସ୍ୟ	बाज़	ବାଜ ପକ୍ଷୀ
आवाज़	ସ୍ୱର	बाज़ी	ବାଜି

ଶବ୍ଦ ଦ୍ୱୟ ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କର ।

जरा	ज़रा	जीना	ज़ीना
राज	राज़	जमाना	ज़माना

2. ञ

ञ	ଧ୍ୱନି ରୂପ	ଉଚ୍ଚାରଣ
	ଞ	କାଞ୍‌ଚନ , କାଞ୍ଚନ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଏହି ବ୍ୟଞ୍ଜନଟି ସ୍ୱତନ୍ତ୍ର ରୂପେ ବ୍ୟବହୃତ ହୁଏ ନାହିଁ । ଏହା କେବଳ ଯୁକ୍ତାକ୍ଷରରେ ବ୍ୟବହୃତ ହୁଏ । ଯଥା- ଚଞ୍ଚଳ (ଚଞ୍‌ଚଳ **चञ्‍चल**) - **चंचल**, ଅଞ୍ଜଳୀ (ଅଞ୍‌ଜଳୀ **अञ्‍जली**) - **अंजली**। **चञ्‍चल, अञ्‍जली** - ମାନକେତର ରୂପ ଏବଂ **चंचल, अंजली** - ମାନକ ରୂପ ।

3. ज्ञ

ज्ञ	ଧ୍ୱନି ରୂପ	ଉଚ୍ଚାରଣ
	ଜ୍ଞ	ଯଜ୍ଞ

ज्ञ ଅକ୍ଷରଟି ସଂସ୍କୃତରୁ ଆଗତ । ଏହା ज ଓ ञ ର ସଂଯୁକ୍ତ ରୂପ (ज् + ञ)। ଏହାର ଉଚ୍ଚାରଣ ग् + य।

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
ज्ञान	ଜ୍ଞାନ	ज्ञानी	ଜ୍ଞାନୀ
ज्ञात	ଜ୍ଞାତ	अज्ञात	ଅଜ୍ଞାତ
विज्ञान	ବିଜ୍ଞାନ	आज्ञा	ଆଜ୍ଞା
यज्ञ	ଯଜ୍ଞ	ज्ञाता	ଜ୍ଞାତା

4. त

त	ଧ୍ୱନି ରୂପ	ଉଚ୍ଚାରଣ
	ତ	ତାପ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
तब	ତେବେ, ସେତେବେଳେ	तक	ପର୍ଯ୍ୟନ୍ତ
तरफ़	ଆଡ଼କୁ	बात	କଥା
सात	ସାତ	तीस	ତିରିଶ
चतुर	ଚତୁର	जाति	ଜାତି

5. त्र

त्र	ଧ୍ୱନି ରୂପ	ଉଚ୍ଚାରଣ
	ତ୍ର	ପତ୍ର

ଏହି ବ୍ୟଞ୍ଜନ त् ଓ र ର ସଂଯୁକ୍ତ ରୂପ (त् + र = त्र)

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
पत्र	ପତ୍ର	मित्र	ମିତ୍ର
सत्र	ସତ୍ର	पत्रिका	ପତ୍ରିକା
त्रिभुज	ତ୍ରିଭୁଜ	त्रिपुरा	ତ୍ରିପୁରା

6. ल

ल	ଧ୍ୱନି ରୂପ	ଉଚ୍ଚାରଣ
	ଲ	ଲୟ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
लाल	ଲାଲ	**फूल**	ଫୁଲ
बाल	କେଶ	**फल**	ଫଳ
लाभ	ଲାଭ	**सलाम**	ସଲାମ
चालाक	ଚାଲାକ	**गमला**	ଫୁଲକୁଣ୍ଡ
फैसला	ନିଷ୍ପତ୍ତି	**माली**	ମାଳି
कलम	କଲମ	**अली**	ଭଅଁର
बालक	ବାଳକ	**ताली**	ତାଳି

ଅନୁଶୀଳନୀ

1. ନିମ୍ନ ଶବ୍ଦଗୁଡ଼ିକୁ ଉଚ୍ଚ ସ୍ୱରରେ ପଢ଼ ।

ताल	बैल	जुगनू	मिलाप
जुड़ना	जिगर	गली	खेल
रेल	शैली	तितली	मित्र
पत्र	जलज	नभ	जगत
लहजा	करीब	बहुत	वज़न

2. ଶବ୍ଦ ଦ୍ୱୟରେ ପାର୍ଥକ୍ୟ ଲକ୍ଷ୍ୟ କର :

बेल	बैल
मेल	मैल
सेर	सैर

कल	हल
कम	हम
कर	हर

बाज	बाज़
ताज	ताज़
राज	राज़

कल	गल
काल	गाल
कमला	गमला
आकार	आगार

पल	फल
पूस	फूस
पलक	फलक
पण	फण

साल	शाल
सेर	शेर
बाल	भाल
बेर	भेर

ଏକକ - III

ଏହି ଏକକରେ ତୁମେମାନେ 5ଟି ବ୍ୟଞ୍ଜନ ଓ ଗୋଟିଏ ଯୁକ୍ତାକ୍ଷର ଶିଖିବ ।

ବ୍ୟଞ୍ଜନ					ଯୁକ୍ତାକ୍ଷର
ट	**ठ**	**ढ**	**ढ़**	**द**	**क्ष**

1. ट

ट	ଧ୍ୱନି ରୂପ	ଉଚ୍ଚାରଣ
	ଟ	**ଟ**ଗର

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....

....

....

....

....

ଶବ୍ଦ ଗଠନ			
टमाटर	ଟମାଟୋ	टीला	କୁଦ
टापू	ଟାପୁ	टूटना	ଭାଙ୍ଗିବା
काटना	କାଟିବା	मटर	ମଟର
पेट	ପେଟ	चोट	ଆଘାତ

2. ठ

ठ	**ଧ୍ୱନି ରୂପ**	**ଉଚ୍ଚାରଣ**
	ଠ	ଠକ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....

....

....

....

....

ଶବ୍ଦ ଗଠନ			
ठाठ	ଠାଣି, ଆଡ଼ମ୍ବର	पीठ	ପିଠି
बैठना	ବସିବା	आठ	ଆଠ
साठ	ଷାଠିଏ	ठोकर	ଆଘାତ

3. ढ

ढ	ଧ୍ୱନି ରୂପ	ଉଚ୍ଚାରଣ
	ଢ	**ଢ**ମଣା

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
ढाल	ଢାଲ	ढोलक	ଢୋଲ
ढाई	ଅଢ଼େଇ	निढाल	ଅବସନ୍ନ
ढीला	ଢିଲା	ढलना	ଢଳିବା

4. ढ़

ढ़	ଧ୍ୱନି ରୂପ	ଉଚ୍ଚାରଣ
	ଢ଼	କ**ଢ଼**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ढ़ ଧ୍ୱନିଟି ड़ ର ମହାପ୍ରାଣ ରୂପ । ଏହା ଶବ୍ଦ ଆରମ୍ଭରେ ବ୍ୟବହୃତ ହୁଏ ନାହିଁ । ଏହା **ढ** ଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଗୋଟିଏ ଅଲଗା ଧ୍ୱନି ।

ଶବ୍ଦ ଗଠନ			
पढ़ना	ପଢ଼ିବା	चढ़ना	ଚଢ଼ିବା
साढ़े	ସାଢ଼େ	कढ़ाई	ବୁଣିବା
बाढ़	ବନ୍ୟା	बढ़ई	ବଢ଼େଇ

ପାର୍ଥକ୍ୟ ଲକ୍ଷ୍ୟ କର :

पड़ना	पढ़ना
बाड़	बाढ़
कड़ाई	कढ़ाई

5. द

द	**ଧ୍ୱନି ରୂପ**	**ଉଚ୍ଚାରଣ**
	ଦ	**ଦକ୍ଷ**

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
देश	ଦେଶ	दीवार	କାନ୍ଥ
याद	ମନ ପକେଇବା	दो	ଦୁଇ
दोपहर	ଖରାବେଳ	सौदा	ସଉଦା
दादा	ଜେଜେବାପା	देखना	ଦେଖିବା
दादी	ଜେଜେମା	भेद	ଭେଦ
दोहा	ଦୋହା	दाल	ଡାଲି
दौड़ना	ଦୌଡ଼ିବା	दस	ଦଶ

6. क्ष

क्ष	ଧ୍ୱନି ରୂପ	ଉଚ୍ଚାରଣ
	କ୍ଷ	କ୍ଷମା

ବ୍ୟଞ୍ଜନ **क्** + **ष** ର ଏହା ସଂଯୁକ୍ତ ରୂପ ।

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା ।

ଶବ୍ଦ ଗଠନ			
क्षत्रिय	କ୍ଷତ୍ରିୟ	क्षेत्र	କ୍ଷେତ୍ର
कक्षा	ଶ୍ରେଣୀ	दक्ष	ଦକ୍ଷ
शिक्षा	ଶିକ୍ଷା	शिक्षक	ଶିକ୍ଷକ

ଅନୁଶୀଳନୀ

1. ନିମ୍ନ ଶବ୍ଦଗୁଡ଼ିକୁ ଉଚ୍ଚ ସ୍ୱରରେ ପଢ଼ ।

टमाटर	टमटम	ठोकर	ठाठ
साठ	काठ	ढाल	ढक्कन
देश	देख	दादा	दादी
बाढ़	चढ़ना	पढ़ना	साढ़े

2. ଶବ୍ଦ ଦ୍ୱୟ ମଧ୍ୟରେ ପାର୍ଥକ୍ୟ ଲକ୍ଷ୍ୟ କର ।

ओ	औ
ओर	और
कटोरी	कटौती
कोड़ा	कौड़ी
घोड़ा	दौड़ा

ଏକକ - IV

ଏହି ଏକକରେ ତୁମେମାନେ 5ଟି ବ୍ୟଞ୍ଜନବର୍ଣ୍ଣ ଓ ଗୋଟିଏ ସ୍ୱରବର୍ଣ୍ଣ ଶିଖିବ ।

ବ୍ୟଞ୍ଜନ					ସ୍ୱର
घ	ध	छ	य	थ	ऋ

1. घ

घ	ଧ୍ୱନି ରୂପ	ଉଚ୍ଚାରଣ
	ଘ	ଘଣ୍ଟା

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
घर	ଘର	घास	ଘାସ
घड़ा	ମାଠିଆ	घेरना	ଘେରିବା
सघन	ସଘନ	घड़ी	ଘଣ୍ଟା
घोष	ଘୋଷ	बाघ	ବାଘ
मेघ	ମେଘ	घी	ଘିଅ

2. ध

ध	ଧ୍ୱନି ରୂପ	ଉଚ୍ଚାରଣ
	ଧ	ଗଧ

ଏହା द ର ମହାପ୍ରାଣ ରୂପ ।

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
धड़कन	ସ୍ପନ୍ଦନ	धीरे	ଧୀରେ
धरती	ପୃଥିବୀ	सीधा	ସିଧା
वधू	ବୋହୂ	साधु	ସାଧୁ
धूल	ଧୂଳି	दूध	କ୍ଷୀର

3. छ

छ	ଧ୍ୱନି ରୂପ	ଉଚ୍ଚାରଣ
	ଛ	**ଛ**କ

ଏହା **च** ର ମହାପ୍ରାଣ ରୂପ ।

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
छाता	ଛତା	छतरी	ଛତ୍ରୀ, ଛୋଟ ଛତା
छाछ	ଘୋଳ ଦହି	छत	ଛାତ
छह	ଛଅ	कुछ	କିଛି
छीनना	ଛଡ଼େଇବା	पीछे	ପଛରେ
पूछना	ପଚାରିବା	छल	ଛଳ

4. य

य	ଧ୍ୱନି ରୂପ	ଉଚ୍ଚାରଣ
	ୟ	ଗ**ୟ**ଳ

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

ଶବ୍ଦ ଗଠନ			
गाय	ଗାଈ	नया	ନୂଆ
यमुना	ଯମୁନା	याद	ମନେ ପକେଇବା
यदि	ଯଦି	छाया	ଛାୟା
दया	ଦୟା	भय	ଭୟ
सहायता	ସାହାଯ୍ୟ	राय	ରାୟ

5. थ

थ	ଧ୍ୱନି ରୂପ	ଉଚ୍ଚାରଣ
	ଥ	**ଥଣ୍ଟ**

ଏହା त ର ମହାପ୍ରାଣ ରୂପ ।

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ଶବ୍ଦ ଗଠନ			
थाली	ଥାଳି	हाथ	ହାତ
थाना	ଥାନା	माथा	କପାଳ
कथा	କଥା	साथी	ସାଥୀ
उथला	ଅଗଭୀର	तिथि	ତିଥି

6. ऋ

ऋ	ଧ୍ୱନି ରୂପ	ଉଚ୍ଚାରଣ
	ର	**ରତୁ**

ଯଦିଓ ऋ ବର୍ଣ୍ଣମାଳାରେ ସ୍ୱରବର୍ଣ୍ଣ ମଧ୍ୟରେ ଲେଖାଯାଏ, କିନ୍ତୁ ପ୍ରକୃତରେ ଏହା र् + इ = रि (ऋ) (ରି) ର ସଂଯୋଗ ରୂପେ ଉଚ୍ଚାରିତ ହୁଏ ।

ଲେଖନ ପ୍ରଣାଳୀ	

ଆସ ଚେଷ୍ଟା କରିବା

....
....
....
....
....

ସ୍ୱର ବର୍ଣ୍ଣର ବିସ୍ତୃତ ପ୍ରୟୋଗ

ସ୍ୱରବର୍ଣ୍ଣ	ମାତ୍ରା	ବ୍ୟଞ୍ଜନବର୍ଣ୍ଣ ସହିତ ସଂଯୋଗ	
ऋ	ृ	क् + ऋ	कृ

ଯେହେତୁ **ऋ** କୁ ସ୍ୱରବର୍ଣ୍ଣ ରୂପେ ରଖାଯାଇଛି, ତେଣୁ ଏହାର ମାତ୍ରାରୂପ (ृ) ଅଛି ।

क् + ऋ = कृ   स् + ऋ = सृ

त् + ऋ = तृ   म् + ऋ = मृ

ଶବ୍ଦ ଗଠନ			
ऋषि	ଋଷି	कृपया	କୃପା କରି
ऋतु	ଋତୁ	वृक्ष	ବୃକ୍ଷ
कृति	କୃତି	सृजन	ସୃଜନ
कृपा	କୃପା	गृह	ଗୃହ
मृत	ମୃତ	घृणा	ଘୃଣା

ଅନୁଶୀଳନୀ

1. ନିମ୍ନ ଅକ୍ଷରଗୁଡ଼ିକୁ ସ୍ୱଷ୍ଟ ଭାବେ ଲେଖ ।

घ						
छ						
य						
थ						

2. ଶବ୍ଦ ଦ୍ୱୟ ମଧ୍ୟରେ ଥିବା ପାର୍ଥକ୍ୟ ଲକ୍ଷ୍ୟ କର ।

गिरना	घिरना
गोल	घोल
बाग	बाघ
गर	घर
गम	घम

चाल	छाल
चोर	छोर
चूना	छूना
चाप	छाप
मचली	मछली

थन	धन
थाम	धाम
साथ	साध
थक	धक
थाना	धाना

ପାଠ - 3

अनुस्वार, अनुनासिक, विसर्ग / ଅନୁସ୍ୱାର, ଅନୁନାସିକ, ବିସର୍ଗ

ଅନୁସ୍ୱାର

ଯେତେବେଳେ ଗୋଟିଏ ନାସିକ୍ୟ ବ୍ୟଞ୍ଜନ ସମବର୍ଗୀୟ ବ୍ୟଞ୍ଜନ କିମ୍ବା **य, र, ल, व, श, ष, स, ह** ସହିତ ସଂଯୋଗ ହୋଇଥାଏ, ସେତେବେଳେ ଏହି ନାସିକ୍ୟ ବ୍ୟଞ୍ଜନଟି ପୂର୍ବବର୍ତ୍ତୀ ଅକ୍ଷର (ସିଲାବଲ୍) - ସ୍ୱର କିମ୍ବା ବ୍ୟଞ୍ଜନ - ଉପରେ ବିନ୍ଦୁ (ଂ) ହୋଇ ଯୋଡ଼ିଯାଏ । ଏହାକୁ ଅନୁସ୍ୱାର କୁହାଯାଏ ।

ଅନୁସ୍ୱାର (ଂ) ର ଉଚ୍ଚାରଣ ପରବର୍ତ୍ତୀ ବ୍ୟଞ୍ଜନର ଉଚ୍ଚାରଣ ସ୍ଥାନ ଅନୁସାରେ ନିର୍ଦ୍ଧାରିତ ହୁଏ ଏବଂ ସେହି ବର୍ଗର ନାସିକ୍ୟ ବ୍ୟଞ୍ଜନ ଧ୍ୱନି ରୂପେ ଉଚ୍ଚରିତ ହୁଏ ।

अंगूर मंजन पंखा संतरा ठंडा

अंबर संबंध गंभीर बंदर लंबा

ନିମ୍ନ ଉଦାହରଣଗୁଡ଼ିକ ତୁମମାନଙ୍କୁ ଶିଖିବାରେ ସାହାଯ୍ୟ କରିବ ।

1. **क** ବର୍ଗୀୟ ବ୍ୟଞ୍ଜନ **(क, ख, ग, घ)** ପୂର୍ବରୁ ଅନୁସ୍ୱାର ଆସୁଥିଲେ, ଏହା କଣ୍ଠ୍ୟ ନାସିକ୍ୟ **ङ** ରୂପେ ଉଚ୍ଚରିତ ହୁଏ।

   अंक पंख गंगा कंघा [अङ्क पङ्ख गङ्गा कङ्घा]

2. **च** ବର୍ଗୀୟ ବ୍ୟଞ୍ଜନ **(च, छ, ज, झ)** ପୂର୍ବରୁ ଅନୁସ୍ୱାର ଆସୁଥିଲେ, ଏହା ତାଲବ୍ୟ ନାସିକ୍ୟ **ञ** ରୂପେ ଉଚ୍ଚରିତ ହୁଏ।

   चंचल पंछी मंजन झंझट [चञ्चल पञ्छी मञ्जन झञ्झट]

3. **ट** ବର୍ଗୀୟ ବ୍ୟଞ୍ଜନ **(ट, ठ, ड, ढ)** ପୂର୍ବରୁ ଅନୁସ୍ୱାର ଆସୁଥିଲେ, ଏହା ମୂର୍ଦ୍ଧନ୍ୟ ନାସିକ୍ୟ **ण** ରୂପେ ଉଚ୍ଚରିତ ହୁଏ।

   घंटा कंठ डंडा [घण्टा कण्ठ डण्डा]

4. **त** ବର୍ଗୀୟ ବ୍ୟଞ୍ଜନ **(त, थ, द, ध)** ପୂର୍ବରୁ ଅନୁସ୍ୱାର ଆସିଲେ, ଏହା ଦନ୍ତ୍ୟ/ବର୍ତ୍ସ୍ୟ ନାସିକ୍ୟ **न** ରୂପେ ଉଚ୍ଚରିତ ହୁଏ ।

   संत पंथ गंदा कंधा [सन्त पन्थ गन्दा कन्धा]

5. **प** ବର୍ଗୀୟ ବ୍ୟଞ୍ଜନ **(प, फ, ब, भ)** ପୂର୍ବରୁ ଅନୁସ୍ୱାର ଆସୁଥିଲେ, ଏହା ଦ୍ୱୋଷ୍ଠ୍ୟ ନାସିକ୍ୟ **म** ରୂପେ ଉଚ୍ଚରିତ ହୁଏ।

   कंपन गुंफन अंबा खंभा [कम्पन गुम्फन अम्बा खम्भा]

ଏବେ ଆମେ ଦେଖିବା, ବାକି ବ୍ୟଞ୍ଜନ **(य, र, ल, व, श, ष, स, ह)** ସହିତ ଆସୁଥିଲେ ଅନୁସ୍ୱାର କିପରି ଭାବେ ଉଚ୍ଚରିତ ହୁଏ । ଏହା ବ୍ୟଞ୍ଜନଟିର ଉଚ୍ଚାରଣ ସ୍ଥାନ ଅନୁସାରେ ହୋଇଥାଏ । ଯେପରି,

य ଓ **श** ସହିତ ତାଲବ୍ୟ ନାସିକ୍ୟ ହୋଇଥାଏ ।

संयोग संयम संशय

र, ल ଓ **स** ସହିତ ବର୍ତ୍ସ୍ୟ/ଦନ୍ତ ନାସିକ୍ୟ ହୋଇଥାଏ ।

संरचना संलग्न संसद

व ସହିତ ଦ୍ୟୋଷ୍ଠ୍ୟ ନାସିକ୍ୟ ହୋଇଥାଏ ।

संवाद संवत संवाहक

ह ସହିତ କଣ୍ଠ୍ୟ ନାସିକ୍ୟ ହୋଇଥାଏ ।

सिंह संहार

ଗୋଟିଏ ନାସିକ୍ୟ ବ୍ୟଞ୍ଜନ ସହ ଅନ୍ୟ ଏକ ନାସିକ୍ୟ ବ୍ୟଞ୍ଜନର ସଂଯୋଗ ହେଲେ ସେଠାରେ ଅନୁସ୍ୱାରର ପ୍ରୟୋଗ ନ ହୋଇ ନାସିକ୍ୟ ବ୍ୟଞ୍ଜନର ମୂଳ ରୂପ ପ୍ରୟୋଗ ହୋଇଥାଏ । ଯଥା-

जन्म, सम्मान, वाङ्मय, भिन्न, अन्न, अण्णामलै, अम्मा, सन्नाटा

ଅନୁନାସିକ

ଅନୁନାସିକତା ସ୍ୱରର ଗୋଟିଏ ବିଶେଷ ଗୁଣ । ଅନୁନାସିକ ସ୍ୱର ଉଚ୍ଚାରଣ ହେବାବେଳେ ବାୟୁ ପ୍ରବାହ ଉଭୟ ମୁଖବିବର ଓ ନାସା ବିବର ମଧ୍ୟ ଦେଇ ହୋଇଥାଏ ।

ହିନ୍ଦୀରେ ପ୍ରତ୍ୟେକ ସ୍ୱର ଅନୁନାସିକ ହୋଇପାରେ । ଏହାକୁ ଚନ୍ଦ୍ରବିନ୍ଦୁ (ँ) ଦ୍ୱାରା ଚିହ୍ନିତ କରାଯାଏ । ଏହି ଚନ୍ଦ୍ରବିନ୍ଦୁ (ँ) ବର୍ଣ୍ଣର ଶିରୋରେଖା ଉପରେ ରହେ ।

ऊँट हँस आँसू उँगली

ବର୍ଣ୍ଣର ଶିରୋରେଖା ଉପରେ କୌଣସି ମାତ୍ରା (े/ै/ि/ी/ो/ौ) ରହିଥିଲେ (ँ) ଚିହ୍ନ ପରିବର୍ତ୍ତେ ବିନ୍ଦୁ (ं) ବ୍ୟବହାର ହୁଏ ।

में मैं हैं

होंठ भौंह नींद सिंचाई औंधा

ଅନୁନାସିକ ଓ ଅନୁସ୍ୱାର ଦୁଇଟି ଭାଷିକ ବିଭେଦକ । ତେଣୁ, ଛାତ୍ରମାନେ ଏହି ଦୁଇଟି (ँ / ं) ମଧ୍ୟରେ ସନ୍ଦେହ କରିବା ଉଚିତ ନୁହେଁ । ଏହି ଦୁଇଟି ଯୁଗ୍ମ ଶବ୍ଦ ଦେଖ ।

हंस - ହଂସ **हँस** - ହସିବା

ଅନୁନାସିକତାରେ ଏକ ନିଜସ୍ୱ ବୈଶିଷ୍ଟ୍ୟ ଅଛି । ଏହା ଦ୍ୱାରା ଶବ୍ଦର ଅର୍ଥରେ ପରିବର୍ତ୍ତନ ହୋଇଯାଏ । ନିମ୍ନ ଯୁଗ୍ମ ଶବ୍ଦଗୁଡ଼ିକୁ ଲକ୍ଷ୍ୟ କର ।

सास	ଶାଶୂ	**साँस**	ଶ୍ୱାସ
पूछ	ପଚାରିବା	**पूँछ**	ଲାଞ୍ଜ
काटा	କାଟିଲା	**काँटा**	କଣ୍ଟା
गोद	କୋଳ	**गोंद**	ଅଠା
है	ଅଟେ	**हैं**	ଅଟନ୍ତି
कहा	କହିଲା	**कहाँ**	କେଉଁଠି

ବିସର୍ଗ

ଦେବନାଗରୀ ଲିପିରେ ଏହି ବିଶେଷ ଚିହ୍ନ ":" ବ୍ୟବହୃତ ହୁଏ ଯାହା ଅଘୋଷ 'ह' ଭଳି ଉଚ୍ଚରିତ ହୁଏ । ଏହାକୁ ବିସର୍ଗ ':' 'ଃ' କୁହାଯାଏ । କୌଣସି ଅକ୍ଷର ପରେ ଯେତେବେଳେ ବିସର୍ଗ ଲାଗେ, ସେତେବେଳେ 'ह' ଉଚ୍ଚାରଣ ହୁଏ ।

अतः	-	ଅତଃ	ଏବେ
पुनः	-	ପୁନଃ	ଆଉ ଥରେ
प्रायः	-	ପ୍ରାୟଃ	ଅନେକ ସମୟରେ

ବିସର୍ଗ (:) କୁ କୋଲନ (:) ଚିହ୍ନ ରୁପେ ଭାବିବା ଅନୁଚିତ । ଏହି ବିସର୍ଗ ଚିହ୍ନ କେବଳ ତତ୍ସମ ଶବ୍ଦରେ ବ୍ୟବହୃତ ହୋଇଥାଏ ।

प्रातः   स्वतः   सामान्यतः   फलतः

ଅନୁଶୀଳନୀ

1. ନିମ୍ନ ଶବ୍ଦଗୁଡ଼ିକୁ ଦେବନାଗରୀ ଲିପିରେ ଲେଖ ।

ପଙ୍ଖା .... ବ୍ୟଞ୍ଜନ ....

କାନ୍ଧ .... ବନ୍ଦର ....

ଲମ୍ବା .... ପୁନଃ ....

2. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ସ୍ପଷ୍ଟ ଭାବରେ ଲେଖ ।

बंदी ....

मंदिर ....

कंधा ....

डंडा ....

ପାଠ – 4

संयुक्ताक्षर / ଯୁକ୍ତାକ୍ଷର

ଯୁକ୍ତାକ୍ଷର

ମଝିରେ କୌଣସି ସ୍ୱର ନ ଥାଇ ଦୁଇ ବା ତା'ଠାରୁ ଅଧିକ ବ୍ୟଞ୍ଜନ ଲଗାଲଗି ହୋଇ ଆସିଲେ, ସେଗୁଡ଼ିକ ଯୁକ୍ତାକ୍ଷର ହୋଇଯାଏ ।

ଯୁକ୍ତାକ୍ଷରର ଶେଷ ବ୍ୟଞ୍ଜନଟି ଗୋଟିଏ ଅକ୍ଷର (ସିଲାବଲ୍) । ଅର୍ଥାତ୍, ଏହା ସହିତ ଗୋଟିଏ ସ୍ୱର ମିଶିକରି ଥାଏ ।

ନିମ୍ନ ପ୍ରଣାଳୀରେ ଯୁକ୍ତାକ୍ଷର ତିଆରି ହୁଏ । ଯୁକ୍ତାକ୍ଷର ଗଠନ କରିବା ପାଇଁ ଦେବନାଗରୀ ବ୍ୟଞ୍ଜନକୁ ଚାରି ଭାଗରେ ବିଭକ୍ତ କରାଯାଇଛି ।

1. ଠିଆଗାର (ଖଡ଼ିପାଇ) ଥିବା ବ୍ୟଞ୍ଜନ

   न, म, प, ग, ल ଆଦି

2. ଅଳ୍ପ ବକ୍ର ହୋଇଥିବା (ହୁକ ଥିବା) ବ୍ୟଞ୍ଜନ

   क, फ़

3. ଗୋଲାକାର ହୋଇଥିବା ବ୍ୟଞ୍ଜନ

   ट, ठ, ड, ढ, ह, द

4. ବ୍ୟଞ୍ଜନ र

ପ୍ରଥମ ପ୍ରକାରର ବ୍ୟଞ୍ଜନରେ ଠିଆହୋଇଥିବା ଗାର (ଖଡ଼ିପାଇ) ଥାଏ, ତା'ର ସେହି ଗାରଟିକୁ ବାଦ୍ ଦିଆଯାଏ । ଯଥା-

ख्याति	ग्यारह	बच्चा	पत्ता
शय्या	स्तर	प्यार	व्यस्त
चश्मा	उन्नति	पृथ्वी	सब्जी

ଦ୍ୱିତୀୟ ପ୍ରକାରର ବ୍ୟଞ୍ଜନର ଅଳ୍ପ ବକ୍ର ଅଂଶ (ହୁକ) କୁ ବାଦ୍ ଦିଆଯାଏ । ଯଥା-

पक्का	धक्का	चक्का	हफ़्ता	दफ़्तर

ତୃତୀୟ ପ୍ରକାରର ବ୍ୟଞ୍ଜନ ତଳେ (्) ଚିହ୍ନ ଦିଆଯାଏ । ଏଥିରୁ ସୁଚନା ମିଳେ ଯେ ଏହାର ଅନ୍ତର୍ନିହିତ अ କୁ ବାଦ୍ ଦିଆଯାଇଛି।

चिट्ठी	खट्टा	युद्ध	गड्ढा	अड्डा	चिह्न

ବ୍ୟଞ୍ଜନଗୁଡ଼ିକର ଭିନ୍ନ-ଭିନ୍ନ ଡିଜାଇନର ଯୁକ୍ତାକ୍ଷର ଗଠନ ପ୍ରକ୍ରିୟା ଏବଂ ବର୍ଣ୍ଣର ଆବଶ୍ୟକୀୟ ପରିବର୍ତ୍ତନ ବିଧି ଅନୁସାରେ ଯୁକ୍ତାକ୍ଷର/ସଂଯୁକ୍ତବର୍ଣ୍ଣଗୁଡ଼ିକୁ ନିମ୍ନ ପ୍ରକାରେ ଶ୍ରେଣୀଭୁକ୍ତ କରାଯାଇଛି ।

ପରିବର୍ତ୍ତନର ବିଧି	ବ୍ୟଞ୍ଜନ ବର୍ଣ୍ଣ		ଶବ୍ଦ ଗଠନ	
	ମୂଳ ରୂପ	ଯୁକ୍ତାକ୍ଷର ପାଇଁ ପରିବର୍ତ୍ତନ		
ବର୍ଣ୍ଣର ଠିଆଗାରର ଲୋପ	ख	ख्	मुख्य	ମୁଖ୍ୟ
			ख्वाब	ସ୍ୱପ୍ନ
	ग	ग्	ग्यारह	ଏଗାର
			संलग्न	ସଂଲଗ୍ନ
	घ	घ्	विघ्न	ବିଘ୍ନ
	च	च्	अच्छा	ଭଲ
			बच्चा	ପିଲା
	ज	ज्	राज्य	ରାଜ୍ୟ
			ज्वर	ଜ୍ୱର
	ण	ण्	गण्य	ଗଣ୍ୟ
			पुण्य	ପୁଣ୍ୟ
	त	त्	कुत्ता	କୁକୁର
			त्याग	ତ୍ୟାଗ
	थ	थ्	तथ्य	ତଥ୍ୟ
			पृथ्वी	ପୃଥିବୀ
	ध	ध्	ध्यान	ଧ୍ୟାନ
			ध्वनि	ଧ୍ୱନି
	न	न्	उन्नीस	ଉଣେଇଶ
			जन्म	ଜନ୍ମ
	प	प्	प्यास	ଶୋଷ
			चप्पल	ଚପଲ
	ब	ब्	डिब्बा	ଡବା
			तिब्बत	ତିବ୍ବତ
	भ	भ्	सभ्य	ସଭ୍ୟ
			अभ्यास	ଅଭ୍ୟାସ
	म	म्	तुम्हारा	ତୁମର
			म्यान	ଖଣ୍ଡା ଖୋଳ
	य	य्	अय्यर	ଅୟାର (ସାଙ୍ଗିଆ)
			शय्या	ଶେଯ

ବର୍ଣ୍ଣର ଠିଆଗାରର ଲୋପ	ल	ल्	जल्दी	ଶୀଘ୍ର
			कल्पना	କଳ୍ପନା
	श	श्	नाश्ता	ଜଳଖିଆ
			ईश्वर	ଈଶ୍ୱର
	ष	ष्	शिष्य	ଶିଷ୍ୟ
			मनुष्य	ମନୁଷ୍ୟ
	स	स्	सस्ता	ଶସ୍ତା
			स्कूल	ସ୍କୁଲ
ବର୍ଣ୍ଣର ହୁକ ର କିଛି ଅଂଶ କାଟିବା ଦ୍ୱାରା	क	क्	क्या	କ'ଣ
			पक्का	ପକ୍କା
	फ़	फ़्	दफ़्तर	କାର୍ଯ୍ୟାଳୟ
			हफ़्ता	ସପ୍ତାହ
ଗୋଲାକାର ବ୍ୟଞ୍ଜନ ତଳେ ହଳନ୍ତ (୍) ମାତ୍ରା ଦେଇ	ट	ट्	चिट्ठी	ଚିଠି
			छुट्टी	ଛୁଟି
	ठ	ठ्	पाठ्य पुस्तक	ପାଠ୍ୟ ପସ୍ତକ
	ड	ड्	बुड्ढा	ବୁଢ଼ା
			गुड्डी	ଖେଳନା
	द	द्	विद्यार्थी	ବିଦ୍ୟାର୍ଥୀ
			विद्वान	ବିଦ୍ୱାନ
	ह	ह्	चिह्न	ଚିହ୍ନ
	ढ	ढ्	असह्य	ଅସହ୍ୟ
			धनाढ्य	ଧନାଢ୍ୟ

ଚତୁର୍ଥ ବର୍ଗ **'र'** ଗୋଟିଏ ବ୍ୟତିକ୍ରମ । ଅନ୍ୟ ବ୍ୟଞ୍ଜନ ସହିତ ଏହାର ସଂଯୋଗ କିପରି ହେବ ତାହା ତଳେ ଦର୍ଶାଯାଇଛି।

ଯେତେବେଳେ **'र'** ଯୁକ୍ତାକ୍ଷରର ପ୍ରଥମ ଖଣ୍ଡ ହୁଏ, ସେତେବେଳେ ଏହାକୁ ରେଫ୍ (र्ि) ଦ୍ୱାରା ପରବର୍ତ୍ତୀ ଅକ୍ଷର ଉପରେ ଦର୍ଶାଯାଇଥାଏ । ଯଥା -

र् + म	र्म	धर्म	ଧର୍ମ	ଧର୍ମ
		कर्म	କର୍ମ	କର୍ମ
		शर्म	ଶର୍ମ	ଲାଜ
र् + थ	र्थ	अर्थ	ଅର୍ଥ	ଅର୍ଥ
र् + द	र्द	दर्द	ଦର୍ଦ୍ଦ	କଷ୍ଟ
र् + स	र्स	नर्स	ନର୍ସ	ନର୍ସ, ସେବିକା
र् + व	र्व	गर्व	ଗର୍ବ	ଗର୍ବ

ଯଦି ପରବର୍ତ୍ତୀ ବ୍ୟଞ୍ଜନରେ କୌଣସି ମାତ୍ରା (उ, ऊ ବ୍ୟତୀତ) ଥାଏ, ସେତେବେଳେ ମାତ୍ରା ପରେ र ପାଇଁ ରେଫ୍ ଦିଆଯାଏ। ଯଥା -

मुर्गी, मुर्गा, सर्दी, भर्ती

ଯେତେବେଳେ 'र' ଯୁକ୍ତାକ୍ଷରର ଦ୍ୱିତୀୟ ଭାଗରେ ଆସିଥାଏ, ସେତେବେଳେ ପୂର୍ବବର୍ତ୍ତୀ ବ୍ୟଞ୍ଜନରେ ଗୋଟିଏ ତେରଛା ଗାର ବାମ ଆଡ଼େ ଦିଆଯାଏ । ଯଥା -

ग् + र	ग्र	ग्राम	ଗ୍ରାମ	ଗାଁ
प् + र	प्र	प्रजा	ପ୍ରଜା	ପ୍ରଜା
व् + र	व्र	व्रत	ବ୍ରତ	ବ୍ରତ
क् + र	क्र	क्रम	କ୍ରମ	କ୍ରମ

ଯେତେବେଳେ ट ଓ ठ ସହିତ र ସଂଯୋଗ ହୁଏ, ସେତେବେଳେ ଅକ୍ଷର ତଳେ ଏହି ଚିହ୍ନ (^), ଓଲଟା v, ଦିଆଯାଏ ।

ट् + र	ट्र	ट्राम	ଟ୍ରାମ
ड् + र	ड्र	ड्रामा	ଡ୍ରାମା

ଅନୁଶୀଳନୀ

1. ନିମ୍ନ ଶବ୍ଦଗୁଡ଼ିକୁ ଉଚ୍ଚ ସ୍ୱରରେ ପଢ଼ ।

ଶବ୍ଦ	ଲିପ୍ୟନ୍ତରଣ	ଅର୍ଥ	ଶବ୍ଦ	ଲିପ୍ୟନ୍ତରଣ	ଅର୍ଥ
ग्यारह	ଗ୍ୟାରହ	ଏଗାର	तुम्हारा	ତୁମ୍ହାରା	ତୁମର
राज्य	ରାଜ୍ୟ	ରାଜ୍ୟ	सभ्यता	ସଭ୍ୟତା	ସଭ୍ୟତା
कुत्ता	କୁତ୍ତା	କୁକୁର	मुख्य	ମୁଖ୍ୟ	ମୁଖ୍ୟ
प्यास	ପ୍ୟାସ	ଶୋଷ	अच्छा	ଅଚ୍ଛା	ଠିକ୍, ଆଚ୍ଛା
डिब्बा	ଡିବ୍ବା	ଡବା	वक्त	ୱକ୍ତ	ସମୟ
क्या	କ୍ୟା	କ'ଣ	मुफ़्त	ମୁଫ୍ତ	ମାଗଣା
चिट्ठी	ଚିଟ୍‌ଠୀ	ଚିଠି	बुड्ढा	ବୁଡ୍‌ଢା	ବୁଢ଼ା
विद्या	ବିଦ୍ୟା	ବିଦ୍ୟା	चिह्न	ଚିହ୍ନ	ଚିହ୍ନ
शिष्य	ଶିଷ୍ୟ	ଶିଷ୍ୟ	शय्या	ଶଯ୍ୟା	ଶଯ୍ୟା
अस्पताल	ଅସ୍ପତାଲ	ଡାକ୍ତରଖାନା	नन्हा	ନନ୍ହା	ଛୋଟ

2. ନିମ୍ନଲିଖିତ ଶବ୍ଦ ଗୁଡ଼ିକୁ 2ଥର ଲେଖାଏଁ ଲେଖ ।

विख्यात (ପ୍ରସିଦ୍ଧ) ....

विश्व (ବିଶ୍ୱ) ....

विद्‌यालय (ବିଦ୍ୟାଳୟ) ....

प्यासा (ଶୋଷିଲା) ....

बुद्‌धि (ବୁଦ୍ଧି) ....

पाठ्य पुस्तक (ପାଠ୍ୟ ପୁସ୍ତକ) ....

धनाढ्य (ଧନାଢ୍ୟ) ....

3. ନିମ୍ନ ଶବ୍ଦଗୁଡ଼ିକୁ ଦେବନାଗରୀ ଲିପିରେ ଲେଖ ।

ବିଦ୍ୱାନ .... ସତ୍କାର ....

ସିଦ୍ଧି .... ବିଶ୍ୱାସ ....

ଅପସରା .... ସ୍ନେହ ....

ବଚ୍ଛା .... ବିଘ୍ନ ....

ପ୍ୟାସ .... ବିଶ୍ଳେଷଣ ....

4. ଉଚ୍ଚାରଣ ଅଭ୍ୟାସ

ଅକ୍ଷର	ଆଦ୍ୟ ସ୍ଥିତି		ମଧ୍ୟ ସ୍ଥିତି		ଅନ୍ତଃ ସ୍ଥିତି	
अ	अब	अमर	सुअर	कमल	सत्य	अन्न
आ	आम	आस	अनार	कमाल	लता	सखा
इ	इधर	इनाम	आइए	जाइए	कवि	पति
ई	ईश्वर	ईख	बाईस	लकीर	भाई	सही
उ	उधर	उम्र	साबुन	ठाकुर	साधु	मधु
ऊ	ऊन	ऊपर	सबूत	अधूरा	झाड़ू	काबू
ऋ	ऋतु	ऋषि	अमृत	जागृत	मातृ	पितृ
ए	एक	मेल	समेत	गणेश	नए	सामने
ऐ	ऐनक	मैल	सदैव	हितैषी	चेन्नै	कै
ओ	ओर	ओस	विलोम	निचोड	पढ़ो	जाओ
औ	औरत	यौवन	कसौटी	कटौती	गौ	सौ
क	कान	कमर	मकान	नौकर	शोक	ओक
ख	खबर	खाना	देखना	शिखर	रख	नख
ग	गरम	गाना	मगर	सागर	भाग	राग
घ	घर	घास	सघन	आघात	बाघ	माघ
च	चार	चोर	रचना	अचल	सच	आँच

छ	छत	छतरी	कछुआ	मछली	छाछ	पूँछ
ज	जनता	जाड़ा	बजना	सजाना	आज	अनाज
ज़	ज़ोर	ज़मीन	नज़र	बाज़ार	चीज़	बाज़
झ	झाड़ी	झील	सुझाव	रीझना	बोझ	सूझ
ट	टालना	टिकिया	नाटक	हटना	नोट	पेट
ठ	ठीक	ठाठ	कठिन	उठना	आठ	हठ
ड	डमरू	डाक	निडर	सुडौल	खंड	डंड
ड़			सड़क	लड़ाई	गाड़ी	पेड़
ढ	ढेर	ढाई	निढाल	बेढब		
ढ़			गढ़ना	पढ़ना	डेढ़	बाढ़
ण			गणना	प्रणाम	भाषण	कारण
त	तीन	तबला	सितारा	बताना	रात	बात
थ	थकान	थैला	कथन	पथिक	रथ	साथ
द	दाना	दक्षिण	आदत	बदला	हद	बाद
ध	धनुष	धन	साधना	बधाई	क्रोध	बोध
न	नाम	नमक	मानस	ऐनक	शान	सामान
प	पहाड़	पथ	अपना	सपना	नाप	साँप
फ	फूल	फल	सफल	विफल	फूफा	रेफ
फ़	फ़न	फ़ीस	सफ़र	काफ़ी	माफ़	साफ़
ब	बस	बाग	खबर	सबक	सब	कब
भ	भाग	भोर	सँभाल	साभार	नभ	शुभ
म	मन	मकान	नमक	समान	शाम	नाम
य	यम	यश	नियम	गायब	लय	आय
र	रस	रात	भरना	करना	नगर	सागर
ल	लता	लड़का	पालना	ढोलक	जाल	गाल
व	वर	वार	सावन	चावल	नाव	द्रव
श	शीशा	शरीर	रेशम	रोशनी	आकाश	वश
ष	षड़ानन	षटकोण	भीषण	विषय	विष	कोष
स	सरल	सफल	हँसना	किसान	सास	साहस
ह	हार	हक	महल	महान	जगह	चाह

ପାଠ – 5

ଉପକ୍ରମ

- ଏହି ପାଠରେ ତୁମେମାନେ ହିନ୍ଦୀର ମୂଳ ସଂରଚନା ଶିଖିବ । ଯଦ୍ୱାରା ବାର୍ତ୍ତାଳାପ ଆରମ୍ଭ କରିବାରେ ସହଜ ହେବ ।
- ହିନ୍ଦୀ ଓ ଓଡ଼ିଆର ବାକ୍ୟ ରଚନା ପଦ୍ଧତି ସମାନ ଧରଣର ।
- ହିନ୍ଦୀ ଓ ଓଡ଼ିଆ, ଦୁଇଟି ଯାକ ଭାଷାର (ବାକ୍ୟରେ) ଶବ୍ଦକ୍ରମ ହେଲା - କର୍ତ୍ତା→କର୍ମ→କ୍ରିୟା ।
- ହିନ୍ଦୀ ଓ ଓଡ଼ିଆର ବିଭକ୍ତି ଚିହ୍ନ ଗୁଡ଼ିକର ସ୍ଥାନ ଓ କାର୍ଯ୍ୟ ପ୍ରାୟଃ ସମାନ । ଯେପରି,
  କିତାବ ମେଜ ପର ହୈ । (ହିନ୍ଦୀ)
  ବହିଟି ଟେବୁଲ ଉପରେ ଅଛି । (ଓଡ଼ିଆ)
- ହିନ୍ଦୀ ଦେବନାଗରୀ ଲିପିରେ ଲେଖାଯାଏ । ଓଡ଼ିଆ ଭାଷା ଓଡ଼ିଆ ଲିପିରେ ଲେଖାଯାଏ ।
- ହିନ୍ଦୀରେ ଦୁଇଟି ଲିଙ୍ଗ ଅଛି : ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ । ହିନ୍ଦୀ ବାକ୍ୟ ଗଠନରେ କର୍ତ୍ତା ଓ କର୍ମର ଲିଙ୍ଗର ପ୍ରଭାବ ପଡ଼ିଥାଏ । ବିଶେଷଣ ଓ କ୍ରିୟା କର୍ତ୍ତା ଓ କର୍ମର ଲିଙ୍ଗ ଅନୁସାରେ ପରିବର୍ତ୍ତିତ ହୁଏ ।

ଏକକ - I

ଦିଆଯାଇଥିବା ବାକ୍ୟ-ସଂରଚନା

1.

आप	कौन	हैं ?
ଆପ	କୌନ	ହୈଁ ?
ଆପଣ	କିଏ	(ଅଟନ୍ତି) ?

मैं	मोहन / छात्र / भारतीय	हूँ।
ମୈଁ	ମୋହନ / ଛାତ୍ର / ଭାରତୀୟ	ହୂଁ ।
ମୁଁ	ମୋହନ / ଛାତ୍ର / ଭାରତୀୟ	(ଅଟେ) ।

2.

आपका	नाम	क्या	है ?
ଆପକା	ନାମ	କ୍ୟା	ହୈ ?
ଆପଣଙ୍କ	ନାଁ	କ'ଣ	(ଅଟେ) ?

मेरा	नाम	मोहन	है।
ମେରା	ନାମ	ମୋହନ	ହୈ ।
ମୋ	ନାଁ	ମୋହନ	(ଅଟେ) ।

3.

क्या आप भारतीय हैं ?
କ୍ୟା ଆପ ଭାରତୀୟ ହୈଁ ?
କ'ଣ ଆପଣ ଭାରତୀୟ (ଅଟନ୍ତି) ?

जी हाँ, मैं भारतीय हूँ।	जी नहीं, मैं भारतीय नहीं हूँ।
ଜୀ ହାଁ, ମୈଁ ଭାରତୀୟ ହୂଁ ।	ଜୀ ନହୀଁ, ମୈଁ ଭାରତୀୟ ନହୀଁ ହୂଁ ।
ଆଜ୍ଞା ହଁ, ମୁଁ ଭାରତୀୟ (ଅଟେ) ।	ନାହିଁ ଆଜ୍ଞା, ମୁଁ ଭାରତୀୟ ନୁହେଁ ।

1.0 ପାଠ

अभिवादन और परिचय

ଅଭିୱାଦନ ଔର ପରିଚୟ

ଅଭିବାଦନ ଓ ପରିଚୟ

अध्यापक : **नमस्ते।**
ଅଧ୍ୟାପକ : ନମସ୍ତେ
ଶିକ୍ଷକ : ସୁପ୍ରଭାତ

छात्र : **नमस्ते।**
ଛାତ୍ର : ନମସ୍ତେ
ଛାତ୍ର : ସୁପ୍ରଭାତ

अध्यापक : **मैं अध्यापक हूँ। मेरा नाम रवि है। आपका नाम क्या है?**
ମୈଁ ଅଧ୍ୟାପକ ହୂଁ । ମେରା ନାମ ରବି ହୈ । ଆପକା ନାମ କ୍ୟା ହୈ ?
ମୁଁ ଜଣେ ଅଧ୍ୟାପକ (ଅଟେ) । ମୋ ନାଁ ରବି । ଆପଣଙ୍କର ନାଁ କ'ଣ ?

रोहन : **मेरा नाम रोहन है।**
ରୋହନ : ମେରା ନାମ ରୋହନ ହୈ ।
ରୋହନ : ମୋର ନାଁ ରୋହନ (ଅଟେ) ।

अध्यापक : **और आपका नाम क्या है?**
ଔର ଆପକା ନାମ କ୍ୟା ହୈ ?
ଆଉ ଆପଣଙ୍କର ନାଁ କ'ଣ ?

मारिया : **मेरा नाम मारिया है।**
ମାରିୟା : ମେରା ନାମ ମାରିୟା ହୈ ।
ମାରିୟା : ମୋର ନାଁ ମାରିୟା (ଅଟେ) ।

अध्यापक	:	**और आपका** ?
		ଔର ଆପକା ?
		ଆଉ ଆପଣଙ୍କର ?
डेविड	:	**मेरा नाम डेविड है।**
ଡେବିଡ	:	ମେରା ନାମ ଡେୱିଡ ହୈ ।
ଡେଭିଡ	:	ମୋର ନାଁ ଡେଭିଡ (ଅଟେ) ।
अध्यापक	:	**मैं भारतीय हूँ। क्या आप भी भारतीय हैं** ?
		ମୈଁ ଭାରତୀୟ ହୂଁ । କ୍ୟା ଆପ ଭୀ ଭାରତୀୟ ହୈଁ ?
		ମୁଁ ଜଣେ ଭାରତୀୟ (ଅଟେ) । କ'ଣ ଆପଣ ବି ଭାରତୀୟ (ଅଟନ୍ତି) ?
रोहन	:	**जी हाँ, मैं भी भारतीय हूँ। मैं तमिलनाडु का हूँ।**
		ଜୀ ହାଁ, ମୈଁ ଭି ଭାରତୀୟ ହୂଁ। ମୈଁ ତମିଲନାଡୁ କା ହୂଁ।
		ଆଜ୍ଞା ହାଁ, ମୁଁ ବି ଭାରତୀୟ । ମୁଁ ତାମିଲନାଡୁର ।
अध्यापक	:	**मारिया, क्या आप भी भारतीय हैं** ?
		ମାରିୟା, କ୍ୟା ଆପ ଭୀ ଭାରତୀୟ ହୈଁ ?
		ମାରିୟା, କ'ଣ ଆପଣ ମଧ୍ୟ ଭାରତୀୟ ?
मारिया	:	**जी नहीं, मैं भारतीय नहीं हूँ। मैं रूसी हूँ।**
		ଜୀ ନହୀଁ, ମୈଁ ଭାରତୀୟ ନହୀଁ ହୂଁ। ମୈଁ ରୂସୀ ହୂଁ।
		ନା ମହାଶୟ, ମୁଁ ଭାରତୀୟ ନୁହେଁ। ମୁଁ ରୁଷୀୟ/ରୁଷବାସୀ ।
अध्यापक	:	**डेविड, क्या आप भी रूसी हैं** ?
		ଡେୱିଡ, କ୍ୟା ଆପ ଭୀ ରୂସୀ ହୈଁ ?
		ଡେଭିଡ, କ'ଣ ଆପଣ ବି ରୁଷବାସୀ?
डेविड	:	**जी नहीं, मैं रूसी नहीं हूँ। मैं जर्मन हूँ।**
		ଜୀ ନହୀଁ, ମୈଁ ରୂସୀ ନହୀଁ ହୂଁ । ମୈଁ ଜର୍ମନ ହୂଁ ।
		ଆଜ୍ଞା ନାଁ, ମୁଁ ରୁଷବାସୀ ନୁହେଁ । ମୁଁ ଜର୍ମାନବାସୀ ।
अध्यापक	:	**मैं अध्यापक हूँ। रोहन, आप कौन हैं** ?
		ମୈଁ ଅଧ୍ୟାପକ ହୂଁ । ରୋହନ, ଆପ କୌନ ହୈଁ ?
		ମୁଁ ଜଣେ ଅଧ୍ୟାପକ । ରୋହନ, ଆପଣ କିଏ ?

रामन	:	**जी, मैं छात्र हूँ ।** ଜୀ, ମୈଁ ଛାତ୍ର ହୂଁ । ଆଜ୍ଞା, ମୁଁ ଜଣେ ଛାତ୍ର ।
अध्यापक	:	**डेविड, क्या आप भी छात्र हैं** ? ଡେୱିଡ, କ୍ୟା ଆପ ଭୀ ଛାତ୍ର ହେଁ ? ଡେଭିଡ, କ'ଣ ଆପଣ ବି ଜଣେ ଛାତ୍ର ?
डेविड	:	**जी हाँ, मैं भी छात्र हूँ** । ଜୀ ହାଁ, ମୈଁ ଭୀ ଛାତ୍ର ହୂଁ । ଆଜ୍ଞା ହାଁ, ମୁଁ ବି ଜଣେ ଛାତ୍ର ।
अध्यापक	:	**मारिया, आप कौन हैं** ? ମାରିୟା, ଆପ କୌନ ହେଁ ? ମାରିୟା, ଆପଣ କିଏ ?
मारिया	:	**जी, मैं पत्रकार हूँ।** ଜୀ, ମୈଁ ପତ୍ରକାର ହୂଁ । ଆଜ୍ଞା, ମୁଁ ଜଣେ ସାମ୍ବାଦିକ ।
अध्यापक	:	**अच्छा, धन्यवाद** । ଅଚ୍ଛା, ଧନ୍ୟୱାଦ । ଆଜ୍ଞା, ଧନ୍ୟବାଦ ।
छात्र / छात्रा	:	**धन्यवाद।**
ଛାତ୍ର / ଛାତ୍ରା	:	ଧନ୍ୟବାଦ ।
ଛାତ୍ର / ଛାତ୍ରୀ	:	ଧନ୍ୟବାଦ ।
अध्यापक	:	**नमस्ते, फिर मिलेंगे।** ନମସ୍ତେ, ଫିର ମିଲେଁଗେ । ନମସ୍କାର, ପୁଣି ଦେଖାହେବ ।
छात्र / छात्रा	:	**नमस्ते, फिर मिलेंगे।** ନମସ୍ତେ, ଫିର ମିଲେଁଗେ । ନମସ୍କାର, ପୁଣି ଦେଖାହେବ ।

1.1 ଶବ୍ଦାବଳୀ

नमस्ते	ନମସ୍ତେ	ନମସ୍କାର
अध्यापक (ପୁଂ.)	ଅଧ୍ୟାପକ	ଅଧ୍ୟାପକ
छात्र (ପୁଂ.)	ଛାତ୍ର	ଛାତ୍ର
छात्रा (ସ୍ତ୍ରୀ.)	ଛାତ୍ରା	ଛାତ୍ରୀ
मैं	ମୈଁ	ମୁଁ
मेरा	ମେରା	ମୋର
नाम (ପୁଂ.)	ନାମ	ନାମ, ନାଁ
आपका	ଆପକା	ଆପଣଙ୍କର
क्या	କ୍ୟା	କ'ଣ
और	ଔର	ଏବଂ, ଆଉ
भी	ଭୀ	ମଧ୍ୟ, ବି
भारतीय	ଭାରତୀୟ	ଭାରତୀୟ
जी हाँ	ଜୀ ହାଁ	ଆଜ୍ଞା, ହଁ
जी नहीं	ଜୀ ନହୀଁ	ଆଜ୍ଞା, ନାଁ
अच्छा	ଅଚ୍ଛା	ଆଚ୍ଛା, ଠିକ୍ ଅଛି
धन्यवाद	ଧନ୍ୟୱାଦ	ଧନ୍ୟବାଦ
पत्रकार (ପୁଂ.)	ପତ୍ରକାର	ସାମ୍ବାଦିକ

1.2 ବୁଝିବାକୁ ଚେଷ୍ଟା କର

1.	ଆପକା ନାମ କ୍ୟା ହୈ ?
2.	କ୍ୟା ଆପ ଭାରତୀୟ ହୈଁ ?
3.	କ୍ୟା ଡେଭିଡ ରୂସୀ ହୈ ?
4.	ମାରିୟା କୌନ ହୈ ?
5.	ଆଧ୍ୟାପକ କା ନାମ କ୍ୟା ହୈ ?

1.3 ସାଂସ୍କୃତିକ ଟୀକା

(କ) ନମସ୍ତେ : ଏହା ସାକ୍ଷାତ କିମ୍ବା ପ୍ରସ୍ଥାନ ସମୟରେ ଅଭିବାଦନର ଏକ ଅଭିବ୍ୟକ୍ତି, ଯେକୌଣସି ସମୟରେ ଏବଂ ଯେକୌଣସି ବ୍ୟକ୍ତିଙ୍କୁ ସମ୍ବୋଧନ କରି କୁହାଯାଇପାରିବ । ଏହା ଅଭିନନ୍ଦନ/ସ୍ୱାଗତ ସମୟରେ କୁହାଯିବାର ଚଳଣି । ଯେତେବେଳେ ଚିହ୍ନା ପରିଚିତ ଲୋକଙ୍କ ସହିତ ଦେଖାହୁଏ ସେତେବେଳେ ଏହି ଶବ୍ଦ ପ୍ରୟୋଗ ହୁଏ ।

(ଖ) ଜୀ : ଏହା ଗୋଟିଏ ସମ୍ମାନସୂଚକ ଶବ୍ଦ (ପ୍ରତ୍ୟୟ), ବଡ଼ମାନଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରକାଶ କରିବା ପାଇଁ ପ୍ରୟୋଗ ହୁଏ, ଯେମିତି, ପିତାଜୀ, ମାଷ୍ଟର୍ ଜୀ । ଏହାକୁ '**जी हाँ**' ଜୀ ହାଁ (ଆଜ୍ଞା ହଁ) ଏବଂ '**जी नहीं**' ଜୀ ନହୀଁ (ନାହିଁ ଆଜ୍ଞା) ଭଳି ସକାରାତ୍ମକ ଏବଂ ନକାରାତ୍ମକ ପ୍ରତିକ୍ରିୟା ପାଇଁ ମଧ୍ୟ (ପୂର୍ବ-ପ୍ରତ୍ୟୟ ଭଳି) ବ୍ୟବହାର କରାଯାଇପାରିବ।

1.4 ସେହିଭଳି ଅଭିବ୍ୟକ୍ତି

ଧନ୍ୟୱାଦ - ଶୁକ୍ରିୟା

1.5 ବ୍ୟାକରଣ ଏବଂ ସଂରଚନା

1.5.1 ବାକ୍ୟରେ ଶବ୍ଦକ୍ରମ

ହିନ୍ଦୀ ବାକ୍ୟର ଶବ୍ଦ କ୍ରମ ହେଉଛି

କର୍ତ୍ତା + କର୍ମ + କ୍ରିୟା

ରାମ ଖାନା ଖାତା ହୈ ।

ରାମ ଖାଦ୍ୟ (ଭାତ) ଖାଏ ।

1.5.2 ସର୍ବନାମ

ସର୍ବନାମ	ସମ୍ବନ୍ଧବାଚକ ସର୍ବନାମ
ମୈଁ (ପ୍ରଥମ ପୁରୁଷ) ମୁଁ	ମେରା (ମୋର)
ଆପ (ଦ୍ୱିତୀୟ ପୁରୁଷ, ସମ୍ମାନଜନକ) ଆପଣ	ଆପକା (ଆପଣଙ୍କର)

ନିମ୍ନ ବାକ୍ୟଗୁଡ଼ିକୁ ଭଲଭାବରେ ଲକ୍ଷ୍ୟ କର ।

(i) ମୈଁ ୱକୀଲ ହୂଁ ।   ମେରା ନାମ ଜୟନ୍ତ ହୈ ।
ମୁଁ ଜଣେ ୱକିଲ ।   ମୋ'ର ନାଁ ଜୟନ୍ତ ।

(ii) ଆପ ଇଂଜୀନିୟର ହୈଁ ।   ଆପକା ନାମ ମନୋହର ହୈ ।
ଆପଣ ଜଣେ ଇଞ୍ଜିନିୟର ।   ଆପଣଙ୍କ ନାମ ମନୋହର ।

1.5.3 ସମ୍ବନ୍ଧବାଚକ ସର୍ବନାମ

ହିନ୍ଦୀରେ ସମ୍ବନ୍ଧବାଚକ ସର୍ବନାମର ତତ୍ ସମ୍ପର୍କିତ (ତା' ପରେ ଆସୁଥିବା) ବିଶେଷ୍ୟର ବଚନ ଏବଂ ଲିଙ୍ଗ ସହିତ ମେଳ, ଅନ୍ୱୟ ବା ସମାନତା ରହିଥାଏ । ଏହା ବିଶେଷ୍ୟର ବିଶେଷଣ (ସାର୍ବନାମିକ ବିଶେଷଣ) ଭାବରେ କାର୍ଯ୍ୟ କରେ।

ସମ୍ବନ୍ଧବାଚକ ସର୍ବନାମ	ପୁଂଲିଙ୍ଗ ଏକବଚନ ବିଶେଷ୍ୟ	ସମ୍ବନ୍ଧବାଚକ ସର୍ବନାମ	ସ୍ତ୍ରୀଲିଙ୍ଗ ଏକବଚନ ବିଶେଷ୍ୟ
ମେରା	ବେଟା (ପୁଅ)	ମେରୀ	ବେଟୀ (ଝିଅ)
ମେରା	ଘର (ଘର)	ମେରୀ	କିତାବ (ବହି)
ଆପକା	ଭାଈ (ଭାଇ)	ଆପକୀ	ବହନ (ଭଉଣୀ)
ଆପକା	ଛାତା (ଛତା)	ଆପକୀ	ଘଡ଼ୀ (ଘଣ୍ଟା)

1.5.4 ପରିଚୟ

ଜଣେ ବ୍ୟକ୍ତିର ପରିଚୟ ପାଇଁ କିଛି ପ୍ରତ୍ୟୟ ଯୋଡ଼ି କିମ୍ବା ମୂଳ ବାସସ୍ଥାନର ନାମ ସହିତ କା/କେ/କୀ ପ୍ରୟୋଗ କରାଯାଇପାରିବ । ଯେମିତି,

ରୂସ → ରୂସୀ

ଗୁଜରାତ → ଗୁଜରାତୀ

ପଞ୍ଜାବ → ପଞ୍ଜାବୀ

ବଙ୍ଗାଲ → ବଙ୍ଗାଲୀ

ଲଖନଉ	→	ଲଖନଉ କା/କେ/କୀ
କେରଲ	→	କେରଲ କା/କେ/କୀ

ଉଦାହରଣଗୁଡ଼ିକ ଦେଖ :

ପରେଶ ଗୁଜରାତ କା ହୈ	→	ପରେଶ ଗୁଜରାତୀ ହୈ
ପରମିନ୍ଦର ପଞ୍ଜାବ କା ହୈ	→	ପରମିନ୍ଦର ପଞ୍ଜାବୀ ହୈ
ତରୁଣ ରାଜସ୍ଥାନ କା ହୈ	→	ତରୁଣ ରାଜସ୍ଥାନୀ ହୈ
ସୁଜାତା ବଙ୍ଗାଲ କୀ ହୈ	→	ସୁଜାତା ବଙ୍ଗାଲୀ ହୈ
ଏନ୍ଟନ ଔର ପୀଟର ରୂସ କେ ହୈଁ	→	ଏନ୍ଟନ ଔର ପୀଟର ରୂସୀ ହୈଁ
ଦୟା ଔର ରିମା ଗୁଜରାତ କୀ ହୈ	→	ଦୟା ଔର ରିମା ଗୁଜରାତୀ ହୈଁ

1.5.5 ସମ୍ମାନସୂଚକ ସର୍ବନାମ

'ଆପ' ଏକ ସମ୍ମାନସୂଚକ ସର୍ବନାମ ଯାହା ଉଭୟ ଏକବଚନ ଓ ବହୁବଚନ ପାଇଁ ବ୍ୟବହୃତ ହୁଏ କିନ୍ତୁ ବ୍ୟାକରଣ ଅନୁସାରେ ଏହା ବହୁବଚନ । ତେଣୁ ଏହା ସବୁବେଳେ କ୍ରିୟାର ବହୁବଚନ ରୂପ ନିଏ; ଉଦାହରଣ ସ୍ୱରୂପ, 'ଆପ କୌନ ହୈଁ'। ଏହି ବାକ୍ୟରେ କ୍ରିୟା **ହୈଁ** ବହୁବଚନରେ ପ୍ରୟୋଗ ହୋଇଛି କାରଣ ଏହା ସମ୍ମାନସୂଚକ ସର୍ବନାମ 'ଆପ'ର ଗୁଣ ।

ଏବେ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ଏବଂ ପାର୍ଥକ୍ୟ ଲକ୍ଷ୍ୟ କର :

ସର୍ବନାମ	**ନାମବାଚକ ବିଶେଷ୍ୟ**	**ସହାୟକ କ୍ରିୟା**
ମୈଁ ଆପ	ଦିଲ୍ଲୀପ ମୋହନ ରମେଶ ସୀତା ରମା	ହୂଁ ହୈଁ
	ବୃତ୍ତି	
ମୈଁ ଆପ	ୱକୀଲ (ଓକିଲ) କଲାକାର (କଳାକାର) ବ୍ୟାପାରୀ (ବେପାରୀ) ଲେଖକ (ଲେଖକ) କବି (କବି) କିସାନ (କୃଷକ)	ହୂଁ ହୈଁ
	ରାଷ୍ଟ୍ରୀୟତା	
ମୈଁ ଆପ	ଇଣ୍ଡିଆନ ବୁଲଗାରିୟନ ପାକିସ୍ତାନୀ ହଙ୍ଗେରିୟନ ନେପାଲୀ ଆସ୍ଟ୍ରେଲିୟନ	ହୂଁ ହୈଁ

1.6 ଅନୁଶୀଳନୀ

1. ବନ୍ଧନୀ ଭିତରେ ଦିଆଯାଇଥିବା ଶବ୍ଦଗୁଡ଼ିକ ସାହାଯ୍ୟରେ ଶୂନ୍ୟସ୍ଥାନ ପୂରଣ କର ।

(ମୋହନ, ଭାରତୀୟ, ୱକୀଲ, କୌନ, ଅଧ୍ୟାପକ)

କ) ସୀତା .... ହୈଁ ।

ଖ) ମେରା ନାମ .... ହୈଁ ।

ଗ) ଆପ .... ହୈଁ ?

ଘ) ରାହୁଲ .... ହୈଁ ।

ଙ) ପିତାଜୀ .... ହୈଁ ।

2. ନିମ୍ନ ବାକ୍ୟଗୁଡ଼ିକୁ ହିନ୍ଦୀରେ ଅନୁବାଦ କର ।

କ) ମୁଁ ଜଣେ ଆମେରିକନ ।

ଖ) ତୁମର ନାମ କବିତା କି? / ତୁମର ନାମ କ'ଣ କବିତା ?

ଘ) ତୁମେ ଜଣେ ଛାତ୍ର କି ?

ଘ) ସିମରନ ଜଣେ ପଞ୍ଜାବୀ । / ସିମରନ ପଞ୍ଜାବୀ ଅଟେ ।

ଙ) ମୋର ନାମ ଜଗଦୀଶ ।

ଏକକ - II

ଦିଆଯାଇଥିବା ବାକ୍ୟ-ସଂରଚନା

1.

तुम कैसे (पुं.) हो ?	तुम कैसी (स्त्री.) हो ?
ତୁମ କୈସେ ହୋ ?	ତୁମ କୈସୀ ହୋ ?
ତୁମେ କେମିତି ଅଛ ?	ତୁମେ କେମିତି ଅଛ?

2.

आप / पिताजी (पुं.) कैसे हैं ?	आप / माताजी (स्त्री.) कैसी हैं ?
ଆପ/ ପିତାଜୀ / କୈସେ ହୈଁ ?	ଆପ / ମାତାଜୀ କୈସୀ ହୈଁ ?
ଆପଣ / ବାପା / କେମିତି ଅଛନ୍ତି ?	ଆପଣ / ମାଁ କେମିତି ଅଛନ୍ତି?

2.0 ପାଠ

आप कैसे हैं ?

ଆପ କୈସେ ହୈଁ?

ଆପଣ କେମିତି ଅଛନ୍ତି ?

ଏହି ଏକକରେ ତୁମେ ଅନ୍ୟମାନଙ୍କୁ କିପରି ଅଭିବାଦନ କରାଯାଏ, ତାହା ଶିଖିବ ।

मीता : नमस्ते चाचाजी।
ମୀତା : ନମସ୍ତେ ଚାଚାଜୀ ।
ମିତା : ନମସ୍କାର / ପ୍ରଣାମ, କକା ।

चाचाजी : नमस्ते मीता, तुम कैसी हो ?
ଚାଚାଜୀ : ନମସ୍ତେ ମୀତା, ତୁମ କୈସୀ ହୋ ?
କକା : ନମସ୍କାର ମିତା, ତୁମେ କେମିତି ଅଛ ?

मीता : मैं अच्छी हूँ। आप कैसे हैं, चाचाजी ?
ମୈଁ ଅଚ୍ଛୀ ହୂଁ । ଆପ କୈସେ ହୈଁ, ଚାଚାଜୀ ?
ମୁଁ ଭଲ ଅଛି, ଆପଣ କେମିତି ଅଛନ୍ତି, କକା ?

चाचाजी : मैं बिलकुल ठीक हूँ ।
ମୈଁ ବିଲକୁଲ ଠୀକ ହୂଁ ।
ମୁଁ ପୂରା ଭଲ ଅଛି ।

मीता : और चाची जी, आप कैसी हैं ?
ଔର ଚାଚୀଜୀ, ଆପ କୈସୀ ହୈଁ ?
ଆଉ ଖୁଡ଼ି, ଆପଣ କେମିତି ଅଛନ୍ତି ?

चाचीजी : मैं भी ठीक हूँ ।
ଚାଚୀଜୀ : ମୈଁ ଭୀ ଠୀକ ହୂଁ ।
ଖୁଡ଼ି : ମୁଁ ମଧ୍ୟ ଭଲ ଅଛି ।

चाचाजी : तुम्हारे पिताजी का क्या हालचाल है ?
ତୁମ୍ହାରେ ପିତାଜୀ କା କ୍ୟା ହାଲଚାଲ ହୈ ?
ଆଉ ତୁମର ବାପା କେମିତି ଅଛନ୍ତି ?

मीता : पिताजी भी अच्छे हैं।
ପିତାଜୀ ଭୀ ଅଚ୍ଛେ ହୈଁ ।
ବାପା ମଧ୍ୟ ଭଲ ଅଛନ୍ତି ।

चाचाजी : और तुम्हारी माताजी ? वे कैसी हैं ?
ଔର ତୁମ୍ହାରୀ ମାତାଜୀ ? ୱେ କୈସୀ ହୈଁ ?
ଆଉ ତୁମର ମା ? ସେ କେମିତି ଅଛନ୍ତି ?

मीता : माताजी ठीक नहीं हैं। थोड़ी बीमार हैं।
ମାତାଜୀ ଠୀକ ନହୀଁ ହୈଁ । ଥୋଡ଼ୀ ବୀମାର ହୈଁ ।
ମା' ସୁସ୍ଥ ନାହାଁନ୍ତି। ସେ ଟିକେ ଅସୁସ୍ଥ ଅଛନ୍ତି । (ତାଙ୍କ ଦେହ ଟିକିଏ ଖରାପ ଅଛି ।)

चाचीजी : मोनू बेटा, तुम कैसे हो ?
ମୋନୂ ବେଟା ତୁମ କୈସେ ହୋ ?
ପୁଅ ମୋନୁ, ତୁମେ କେମିତି ଅଛ ?

मोनू : ठीक हूँ, चाची जी।
ମୋନୂ : ଠୀକ ହୂଁ, ଚାଚୀଜୀ ।
ମୋନୁ : ମୁଁ ଭଲ ଅଛି, ଖୁଡ଼ି ।

चाचाजी : और सब लोग ठीक हैं ?
ଚାଚାଜୀ : ଔର ସବ ଲୋଗ ଠୀକ ହୈଁ ?
ଆଉ ଅନ୍ୟ(ମାନେ) ସମସ୍ତେ ଭଲ ଅଛନ୍ତି ?

मोनू : जी चाचाजी, सब लोग ठीक हैं। अच्छा, प्रणाम चाचाजी, प्रणाम चाचीजी।
ଜୀ ଚାଚାଜୀ, ସବ ଲୋଗ ଠୀକ ହୈଁ । ଅଚ୍ଛା, ପ୍ରଣାମ ଚାଚାଜୀ, ପ୍ରଣାମ ଚାଚୀଜୀ ।
ଆଜ୍ଞା କକା, ସମସ୍ତେ ଭଲ ଅଛନ୍ତି । ପ୍ରଣାମ କକା, ପ୍ରଣାମ ଖୁଡ଼ି ।

चाचाजी : प्रणाम, खुश रहो।
ପ୍ରଣାମ, ଖୁଶ ରହୋ ।
ଆଶୀର୍ବାଦ, ଖୁସିରେ ରୁହ ।

2.1 ଶବ୍ଦାବଳୀ

चाचाजी	ଚାଚାଜୀ	କକା
बिल्कुल	ବିଲକୁଲ	ପୂରା, ସମ୍ପୂର୍ଣ୍ଣ ଭାବରେ
बीमार	ବୀମାର	ଅସୁସ୍ଥ
कैसा	କୈସା	କେମିତି
चाचीजी	ଚାଚୀଜୀ	ଖୁଡ଼ି
ठीक	ଠୀକ	ଭଲ
हालचाल (ପୁଂ.)	ହାଲଚାଲ	ହାଲଚାଲ, ଖବର
थोड़ा	ଥୋଡ଼ା	ଟିକିଏ / ଅଳ୍ପ
प्रणाम	ପ୍ରଣାମ	ପ୍ରଣାମ

2.2 ବୁଝିବାକୁ ଚେଷ୍ଟା କର ।

1. ମୀତା କୈସୀ ହୈ ?
2. ମୀତା କୀ ମାତାଜୀ କୈସୀ ହୈଁ ?
3. ମୋନୁ କୈସା ହୈ ?
4. ସବ ଲୋଗ କୈସେ ହୈଁ ?

2.3 ପଦବନ୍ଧ

ସବ କୈସେ ହୈଁ ?	ସମସ୍ତେ କେମିତି/କିପରି ଅଛନ୍ତି ?
ସବ ଠୀକ ହୈ	ସମସ୍ତେ ଭଲ ଅଛନ୍ତି ।
କ୍ୟା ହାଲଚାଲ ହୈ ?	କଣ ହାଲଚାଲ/ଖବର ?
ଖୁସ ରହୋ	ଖୁସିରେ ରୁହ । (ପରିବାରରେ ସାନମାନଙ୍କ ପାଇଁ ଆଶୀର୍ବାଦ ସୂଚକ ଶବ୍ଦ)

2.4 ସମାନ ଅଭିବ୍ୟକ୍ତି

ନମସ୍ତେ	ନମସ୍କାର
ଖୁସ ରହୋ	ଜୀତେ ରହୋ
ଅଚ୍ଛା	ଠୀକ/ଠୀକ-ଠାକ

2.5 ସାଂସ୍କୃତିକ ଟୀକା

(i) ପ୍ରଣାମ – ଏହା ବଡ଼ମାନଙ୍କୁ ଅଭିବାଦନ କରିବା ପାଇଁ ଏକ ସମ୍ମାନସୂଚକ ଶବ୍ଦ ।

(ii) ହିନ୍ଦୀରେ (ଓଡ଼ିଆ ଭଳି) ବିଭିନ୍ନ ପାରିବାରିକ ସମ୍ପର୍କକୁ ପ୍ରକାଶ କରିବା ପାଇଁ ଅନେକ ଶବ୍ଦ ମଧ୍ୟ ରହିଛି । ଯେପରିକି,

ଚାଚା - ଚାଚୀ - କକା, ଖୁଡ଼ି (ବାପାଙ୍କ ସାନ ଭାଇ ଏବଂ ତାଙ୍କ ସ୍ତ୍ରୀ)

ତାଉ - ତାଈ - ବଡ଼ବାପା , ବଡ଼ମା (ବାପାଙ୍କ ବଡ଼ ଭାଇ ଏବଂ ତାଙ୍କ ସ୍ତ୍ରୀ)

ମାମା - ମାମୀ - ମାମୁଁ, ମାଇଁ (ମା'ର ଭାଇ ଏବଂ ତାଙ୍କ ସ୍ତ୍ରୀ)

2.6 ବ୍ୟାକରଣଗତ ଟୀକା

2.6.1 'କୈସା' ର ପ୍ରୟୋଗ

कैसा 'କୈସା' ଏକ ପ୍ରଶ୍ନବାଚକ ଶବ୍ଦ । ଏହା ତା ସହିତ (ପରେ) ଆସୁଥିବା ବିଶେଷ୍ୟର ଲିଙ୍ଗ ଏବଂ ବଚନ ଅନୁସାରେ ତା'ର ରୂପ ନେଇଥାଏ ।

ପୁଂଲିଙ୍ଗ-ଏକବଚନ	→	କୈସା
ପୁଂଲିଙ୍ଗ-ବହୁବଚନ	→	କୈସେ
ସ୍ତ୍ରୀଲିଙ୍ଗ-ଏକବଚନ/ବହୁବଚନ	→	କୈସୀ

ନିମ୍ନ ଉଦାହରଣଗୁଡ଼ିକୁ ଦେଖ :

ରାମ କୈସା ହୈ ?	ରାମ କେମିତି ଅଛି ?
ପିତାଜୀ କୈସେ ହୈଁ ?	ବାପା କେମିତି ଅଛନ୍ତି ?
ଗୀତା କୈସୀ ହୈ ?	ଗୀତା କେମିତି ଅଛି ?
ମାତାଜୀ କୈସୀ ହୈଁ ?	ମା' କେମିତି ଅଛନ୍ତି ?

- ବିଶେଷ୍ୟର ଲିଙ୍ଗ ଓ ବଚନ ଅନୁସାରେ ଆ-କାରାନ୍ତ ('ଆ' ରେ ଶେଷ ହୋଇଥିବା) ବିଶେଷଣ ଏ / ଈ ରେ ପରିବର୍ତ୍ତିତ ହୁଏ । ଅନ୍ୟ ସବୁ ବିଶେଷଣ କ୍ଷେତ୍ରରେ ପରିବର୍ତ୍ତନ ହେବ ନାହିଁ ।

ଆ-କାରାନ୍ତ ('ଆ' ରେ ଶେଷ) ବିଶେଷଣ

ପୁଂଲିଙ୍ଗ-ଏକବଚନ	ପୁଂଲିଙ୍ଗ-ବହୁବଚନ	ସ୍ତ୍ରୀଲିଙ୍ଗ-ଏକବଚନ	ସ୍ତ୍ରୀଲିଙ୍ଗ-ବହୁବଚନ
କାଲା (କଳା)	କାଲେ	କାଲୀ	କାଲୀ
ଛୋଟା (ଛୋଟ)	ଛୋଟେ	ଛୋଟୀ	ଛୋଟୀ
ବଡ଼ା (ବଡ଼)	ବଡ଼େ	ବଡ଼ୀ	ବଡ଼ୀ

ଅନ୍ୟ ବିଶେଷଣ, ଆ-କାରାନ୍ତ ଭିନ୍ନ ('ଆ' ରେ ଶେଷ ହେଉନଥିବା ଅର୍ଥାତ୍ ଅନ୍ୟ ଧ୍ୱନିରେ ଶେଷ ହେଉଥିବା ଶବ୍ଦ)

ପୁଂଲିଙ୍ଗ-ଏକବଚନ	ପୁଂଲିଙ୍ଗ-ବହୁବଚନ	ସ୍ତ୍ରୀଲିଙ୍ଗ-ଏକବଚନ	ସ୍ତ୍ରୀଲିଙ୍ଗ-ବହୁବଚନ
ସୁନ୍ଦର	ସୁନ୍ଦର	ସୁନ୍ଦର	ସୁନ୍ଦର
ସାଫ	ସାଫ	ସାଫ	ସାଫ
ଲାଲ	ଲାଲ	ଲାଲ	ଲାଲ

2.6.2. 'ଜୀ' ଗୋଟିଏ ସମ୍ମାନସୂଚକ ଶବ୍ଦ ଯାହା ଉପନାମ ଓ କେତେକ ସାଧାରଣ (ବ୍ୟକ୍ତି ଓ ଜାତିବାଚକ) ବିଶେଷ୍ୟ ସହିତ ପ୍ରୟୋଗ ହୁଏ । ଯଥା-

ଉପନାମ	ସାଧାରଣ ବିଶେଷ୍ୟ
ମିଶ୍ରାଜୀ	ନେତାଜୀ
ସକ୍ସେନାଜୀ	ପଣ୍ଡିତଜୀ
ଶର୍ମାଜୀ	ଗୁରୁଜୀ
ଗୁପ୍ତାଜୀ	ଅଧ୍ୟାପକଜୀ

2.7. ଅନୁଶୀଳନୀ

1) ନିମ୍ନ ଶବ୍ଦଗୁଡ଼ିକ ପ୍ରୟୋଗକରି ବାକ୍ୟ ଗଠନ କର ।

i)	ପିତାଜୀ କୈସେ ହୈଁ ?	ପିତାଜୀ ଅଚ୍ଛେ ହୈଁ ।	ଚାଚାଜୀ / ମାମାଜୀ / ମୋହନଜୀ
ii)	ମାତାଜୀ କୈସୀ ହୈଁ ?	ମାତାଜୀ ଅଚ୍ଛୀ ହୈଁ ।	ଚାଚାଜୀ / ନାନୀଜୀ / ମୌସୀଜୀ
iii)	ମୋହନ କୈସା ହୈ ?	ମୋହନ ଅଚ୍ଛା ହୈ ।	ଧର୍ମେନ୍ଦ୍ର / କିଶୋର / ରାଜେଶ / ଅମିତ
iv)	ରୀତା କୈସୀ ହୈ ?	ରୀତା ଅଚ୍ଛୀ ହୈ ।	ଗୀତା / ସୀତା / ସୁମନ / ନମୀତା

2) 'ଖ' ସ୍ତମ୍ଭରୁ ଉପଯୁକ୍ତ କ୍ରିୟା ବ୍ୟବହାର କରି ବାକ୍ୟ ଗଠନ କର ।

କ	ଖ
ଆପ	କୈସା ହୈ ?
ଅଧ୍ୟାପକଜୀ	କୈସେ ହୈଁ ?
ବିନୀତା	କୈସୀ ହୋ ?
ମାମାଜୀ	କୈସେ ହୋ ?
ରାହୁଲ	କୈସୀ ହୈ?
ତୁମ	କୈସୀ ହୈଁ ?

3) ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦ ସାହାଯ୍ୟରେ ଖାଲିସ୍ଥାନ ପୂରଣ କର।
(ବୀମାର, ଅଚ୍ଛୀ, ଠୀକ, ଅଚ୍ଛା, କୈସେ)

(i) ମୈଁ .... ହୂଁ ।

(ii) ୱହ .... ହୈ ।

(iii) ମୋହନ ବିଲକୁଲ .... ହୈ ।

(iv) ଆପ .... ହୈଁ ?

(v) ରୀତା ଜୀ .... ହୈଁ ।

4) ନିମ୍ନ ବାକ୍ୟଗୁଡ଼ିକୁ ହିନ୍ଦୀରେ ଲେଖ ।

i) ତୁମେ କେମିତି ଅଛ ?

ii) ତୁମେ ଭଲ ଅଛ ତ ?

iii) ସେ (ସ୍ତ୍ରୀ.) ଠିକ୍ ଅଛି ତ ?

iv) ମୁଁ ଖୁସି ଅଛି ।

v) ଆମେ ପୁଣି ଭେଟ ହେବା ।

vi) ଲାବଣ୍ୟ ରୁଷିଆର ।

ଏକକ - III

ଦିଆଯାଇଥିବା ବାକ୍ୟ-ସଂରଚନା

1	**यह कौन है** ?	2	**ये कौन हैं** ?
	ୟହ କୌନ ହୈ ?		ୟେ କୌନ ହୈଁ ?
	ଇଏ (ୟେ) କିଏ ?		ସେମାନେ କିଏ ?

3	**वह कौन है** ?	4	**वे कौन हैं** ?
	ୱହ କୌନ ହୈ ?		ୱେ କୌନ ହୈଁ ?
	ସେ କିଏ ?		ସେମାନେ କିଏ ?

5	**तुम कौन हो** ?		
	ତୁମ କୌନ ହୋ ?		
	ତୁମେ କିଏ ?		

3.0 ପାଠ

यह क्या है ?

ୟହ କ୍ୟା ହୈ ?

ଏଇଟା / ଏହା କ'ଣ ?

अध्यापक : **यह क्या है** ?
ଅଧ୍ୟାପକ : ୟହ କ୍ୟା ହୈ ?
ଶିକ୍ଷକ : ଏହା /ଏଇଟା କ'ଣ ?

रोहन : **यह किताब है।**
ରୋହନ : ୟହ କିତାବ ହୈ ।
ରୋହନ : ଏହା ଗୋଟିଏ ବହି । / ଏଇଟା ବହି ।

अध्यापक : **वह क्या है** ?
ୱହ କ୍ୟା ହୈ ?
ତାହା /ସେଇଟା କ'ଣ ?

रोहन : **वह पेड़ है।**
ୱହ ପେଡ଼ ହୈ ।
ସେଇଟା ଗଛ ।

अध्यापक : **यह कौन है** ?
ୟହ କୌନ ହୈ ?
ଇଏ କିଏ?

रोहन : **यह राकेश है, यह मेरा भाई है।**
ୟହ ରାକେଶ ହେ, ୟହ ମେରା ଭାଈ ହୈ ।
ଇଏ ରାକେଶ । ଇଏ ମୋ ଭାଇ।

अध्यापक : **वह कौन है** ?
ୱହ କୌନ ହୈ ?
ସେ କିଏ ?

रोहन : **वह गीता है। वह मेरी बहन है।**
ୱହ ଗୀତା ହୈ। ୱହ ମେରୀ ବହନ ହୈ ।
ସେ ଗୀତା । ସେ ମୋ ଭଉଣୀ ।

अध्यापक : **और ये कौन हैं** ?
ଔର ୟେ କୌନ ହେଁ ?
ଆଉ ଏମାନେ କିଏ ?

रोहन : **ये हमारे प्रधानाचार्य जी हैं।**
ୟେ ହମାରେ ପ୍ରଧାନାଚାର୍ୟ ଜୀ ହେଁ ।
ଇଏ ଆମର ପ୍ରଧାନଶିକ୍ଷକ ।

अध्यापक : **और वे कौन हैं** ?
ଔର ୱେ କୌନ ହେଁ ?
ଆଉ ସେମାନେ କିଏ ?

रोहन : **वे राम और श्याम हैं। वे हमारे दोस्त हैं।**
ୱେ ରାମ ଔର ଶ୍ୟାମ ହେଁ । ୱେ ହମାରେ ଦୋସ୍ତ ହେଁ ।
ସେମାନେ (ହେଉଛନ୍ତି) ରାମ ଏବଂ ଶ୍ୟାମ । ସେମାନେ ଆମ ସାଙ୍ଗ ।

अध्यापक : **तुम कौन हो** ?
ତୁମ କୌନ ହୋ ?
ତୁମେ କିଏ ?

विकास : **मैं विकास हूँ। मैं पत्रकार हूँ।**
ବିକାସ : ମୈଁ ବିକାସ ହୂଁ । ମୈଁ ପତ୍ରକାର ହୂଁ ।
ବିକାଶ : ମୁଁ ବିକାଶ । ମୁଁ ଜଣେ ସାମ୍ବାଦିକ ।

3.1 ଶବ୍ଦାବଳୀ

किताब (ସ୍ତ୍ରୀ.)	କିତାବ	ବହି
पेड़ (ପୁଂ.)	ପେଡ଼	ଗଛ
कौन	କୌନ	କିଏ
बहन (ସ୍ତ୍ରୀ.)	ବହନ	ଭଉଣୀ
प्रधानाचार्य (ପୁଂ.)	ପ୍ରଧାନାଚାର୍ୟ	ପ୍ରଧାନଶିକ୍ଷକ
दोस्त / मित्र (ପୁଂ.)	ଦୋସ୍ତ / ମିତ୍ର	ସାଙ୍ଗ / ମିତ୍ର
पत्रकार (ପୁଂ.)	ପତ୍ରକାର	ସାମ୍ବାଦିକ / ପତ୍ରକାର

3.2 ସାଂସ୍କୃତିକ ଟୀକା

ହିନ୍ଦୀରେ ତୃତୀୟ ପୁରୁଷ ଏକବଚନ ସମ୍ମାନ ଅର୍ଥରେ ସର୍ବନାମର ବହୁବଚନ ରୂପ ପ୍ରୟୋଗ ହୋଇଥାଏ।

ୱେ କୌନ ହେଁ ?	ୱେ	ସୁରେଶଜୀ ମୋହନଜୀ ଗୀତାଜୀ	ହେଁ

ଚାଚା/ମାମା/ଦାଦା/ଦାଦୀ ପରି ଆତ୍ମୀୟ-ସମ୍ପର୍କୀୟ ସମ୍ବନ୍ଧ ସୂଚିତ କରୁଥିବା ବିଶେଷ୍ୟଗୁଡ଼ିକୁ ସେମାନଙ୍କର ସମ୍ମାନାସ୍ପଦ ସ୍ଥାନ ହେତୁ ବ୍ୟାକରଣଗତ ବହୁବଚନ ଭାବରେ ବିବେଚନା କରାଯାଏ।

3.3 ବ୍ୟାକରଣ ଓ ସଂରଚନା

3.3.1 ବ୍ୟକ୍ତିବାଚକ ବିଶେଷ୍ୟ

ରୋହନ	**रोहन**
ରାମ	**राम**
ଶ୍ୟାମ	**श्याम**
ବିକାସ	**विकास**
ଗଗନ	**गगन**
ସୁରେଶ	**सुरेश**
ଶାନ୍ତି	**शांति**
ସୁମନ	**सुमन**
କୁସୁମ	**कुसुम**
ଲୀଲା	**लीला**
ଶ୍ରୀଦେବୀ	**श्रीदेवी**
ଲତା	**लता**

3.3.2 ତୃତୀୟ ପୁରୁଷ ସର୍ବନାମ

यह / **ये** (ୟହ / ୟେ) ଓ **वह** / **वे** (ୱହ / ୱେ) ନିର୍ଦ୍ଦେଶାତ୍ମକ ସର୍ବନାମ ରୂପେ ମଧ୍ୟ ବ୍ୟବହାର କରାଯାଏ ।

यह / **ये** (ୟହ / ୟେ) ବସ୍ତୁର ନିକଟତାକୁ ସୂଚାଇ ଥାଏ । **वह** / **वे** (ୱହ/ୱେ) ଦୂରତାକୁ ବୁଝାଏ ।

यह / **वह** (ୟହ / ୱହ - ଏହା / ତାହା) **ये** / **वो** (ୟେ/ୱୋ) ଭଳି ମଧ୍ୟ ଉଚ୍ଚରିତ ହୁଏ ।

ଉଦାହରଣ ଦେଖ

ୟହ କ୍ୟା ହୈ ?		
ୟହ	ମେଜ କପୀ ପେନ୍‌ସିଲ ଚଶମା କୁର୍ସୀ	ହୈ
ୱହ କ୍ୟା ହୈ ?		
ୱହ	ପାନୀ ଅସ୍ପତାଲ ନଦୀ ସ୍କୂଲ ମନ୍ଦିର ଦୁକାନ	ହୈ

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଏହିପରି ବିସ୍ତାର କରାଯାଇପାରିବ -

1	ୱହ କ୍ୟା ହୈ ?	→	ୟହ କିତାବ ହୈ ।	→	ୟହ ମେରୀ କିତାବ ହୈ ?
2	କ୍ୟା ୟହ ଘର ହୈ ?	→	ଜୀ ହାଁ, ୟହ ଘର ହୈ ।	→	ଜୀ ନହୀଁ, ୟହ ଘର ନହିଁ ହୈ
3	କ୍ୟା ୟହ ଆପକା ଘର ହୈ?	→	ଜୀ ହାଁ, ୟହ ମେରା ଘର ହୈ ।	→	ଜୀ ନହୀଁ, ୟହ ମେରା ଘର ନହୀଁ ହୈ । ୟହ ଆପକା ଘର ହୈ ।

3.3.3 ପ୍ରଶ୍ନବାଚକ ସର୍ବନାମ

- କୌନ (କିଏ) - ଏହା ମନୁଷ୍ୟମାନଙ୍କ ପାଇଁ ପ୍ରୟୋଗ ହୁଏ ।
- କ୍ୟା (କ'ଣ) - ଏହା ଅନ୍ୟମାନଙ୍କ ପାଇଁ ପ୍ରୟୋଗ ହୁଏ ।

'କ୍ୟା' ପ୍ରଶ୍ନବାଚକ ସର୍ବନାମ ରୂପେ ଦୁଇ ପ୍ରକାରେ ପ୍ରୟୋଗ କରାଯାଏ ।

(i) ଏହା ଯେତେବେଳେ କ୍ରିୟା ପୂର୍ବରୁ ଲାଗେ, ସେତେବେଳେ ଏହା ସୂଚନା ଖୋଜେ । ଉତ୍ତରରେ କିଛି ସୂଚନା ମିଳିଥାଏ ।

ୟହ କ୍ୟା ହୈ ? ୟହ କିତାବ ହୈ ।
ୟହ ତାଲା ହୈ ।
ୟେ ଚାବୀ ହୈ ।
ୟହ ଆମ ହୈ ।

(ii) ଯେତେବେଳେ ଏହାକୁ ବାକ୍ୟ ଆରମ୍ଭରେ ବ୍ୟବହାର କରାଯାଏ, ସେତେବେଳେ 'ହଁ' ବା 'ନାଁ' ରେ ଉତ୍ତର ମିଳିଥାଏ ।

କ୍ୟା ୟହ କିତାବ ହୈ ? ଜୀ ହାଁ, ୟହ କିତାବ ହୈ ।
ଜୀ ନହାଁ, ୟହ କିତାବ ନହାଁ ହୈ ।

ବାକ୍ୟ ଆରମ୍ଭରେ 'କ୍ୟା' ବ୍ୟବହୃତ ହେଲେ, ବାକ୍ୟଟିର ସ୍ୱର (ଅନୁତାନ) ଉଚ୍ଚ ହୁଏ।

3.3.4 ଦ୍ୱିତୀୟ ପୁରୁଷବାଚକ ସର୍ବନାମ

- ଯଦିଓ 'ତୁମ୍' (ଦ୍ୱିତୀୟ ପୁରୁଷବାଚକ ସର୍ବନାମ) ଏକବଚନ ପାଇଁ ପ୍ରୟୋଗ କରାଯାଏ, ଏହା ବ୍ୟାକରଣଗତ ରୂପେ ବହୁବଚନ ଏବଂ ଏହା ଏକ ବିଶେଷ 'ସହାୟକ କ୍ରିୟା' '**होना**' (ହେବା) ନେଇଥାଏ । 'ତୁମ୍' ଅନୌପଚାରିକ ଭାବରେ ଏବଂ ସାଧାରଣତଃ ସାନମାନଙ୍କ କ୍ଷେତ୍ରରେ ପ୍ରୟୋଗ ହୁଏ ।

3.3.5 'ହୋନା' କ୍ରିୟାର ରୂପାବଳୀ

ସଂଯୋଜକ ବାକ୍ୟ (Copula / Equative sentence)ରେ **होना** 'ହୋନା' କ୍ରିୟାର ରୂପ କର୍ତ୍ତାର ପୁରୁଷ ଏବଂ ବଚନ ଅନୁସାରେ ହୋଇଥାଏ । ନିମ୍ନ ଟେବୁଲ ଦେଖ :-

	ଏକବଚନ	**ବହୁବଚନ**
ପ୍ରଥମ ପୁରୁଷ	ମୈଁ - ହୂଁ ମୁଁ - ଅଛି / ଅଟେ	ହମ – ହେଁ ଆମେ - ଅଟୁ
ଦ୍ୱିତୀୟ ପୁରୁଷ	ତୂ – ହୈ ତୁମେ - ଅଛ / ଅଟ	ତୁମ - ହୋ ଆପ - ହେଁ } ତୁମେମାନେ ଅଟ
ତୃତୀୟ ପୁରୁଷ	ୟହ / ୱହ / ରାମ / ସୀତା ହୈ ସେ/ସେ/ଏହା --- ଅଟେ	ୟେ / ୱେ / ରାମ ଔର ସୀତା ହେଁ ସେମାନେ --- ଅଟନ୍ତି

ଉଦାହରଣ ଦେଖ

<u>**ମୈଁ**</u> ରାମ <u>**ହୂଁ**</u>	<u>**ହମ**</u> ରାମ ଔର ସୀତା <u>**ହେଁ**</u>
<u>**ତୁମ**</u> ମୋହନ <u>**ହୋ**</u>	<u>**ଆପ**</u> ମୋହନ <u>**ହେଁ**</u>
<u>**ୟହ**</u> ରାମ <u>**ହୈ**</u> <u>**ୱହ**</u> ସୀତା <u>**ହୈ**</u>	<u>**ୱେ**</u> ରାମ ଔର ସୀତା <u>**ହେଁ**</u>

ହିନ୍ଦୀରେ, ସର୍ବନାମ ଶବ୍ଦରେ ଲିଙ୍ଗ ଚିହ୍ନିତ ନଥାଏ । ପୁଂଲିଙ୍ଗ ଏବଂ ସ୍ତ୍ରୀଲିଙ୍ଗ ଉଭୟରେ ଗୋଟିଏ ଶବ୍ଦ ରହିଥାଏ ।

ଯଥା- ୟହ – ଲଡ଼କା (ପୁଂ.) ହୈ । ୱହ – କିତାବ (ସ୍ତ୍ରୀ.) ହୈ ।

ୟହ – ଲଡ଼କୀ (ସ୍ତ୍ରୀ.) ହୈ । ୱହ – ସ୍କୂଲ (ପୁଂ.) ହୈ ।

3.4 ଅନୁଶୀଳନୀ

(1) ନିମ୍ନ ବାକ୍ୟଗୁଡ଼ିକୁ ଉଚ୍ଚ ସ୍ୱରରେ ପଢ଼ ।

ୟହ କ୍ୟା ହୈ ?	ୟହ କିତାବ ହୈ । ୟହ ମେଜ ହୈ । ୟହ ସ୍କୂଲ ହୈ । ୟହ ରାମ ହୈ । ୟହ ସୀତା ହୈ । ୟହ ମୋହନ ହୈ ।

(2) ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ହିନ୍ଦୀ ସମାନାର୍ଥୀ ଶବ୍ଦ ଲେଖ ।

ଏହା	----------------------------	କଣ	----------------------------
ତାହା	----------------------------	କିଏ	----------------------------
ନୂଆ	----------------------------	ଅଟେ/ଅଛି	----------------------------
ତୁମେ	----------------------------	ଅଟନ୍ତି/ଅଛନ୍ତି	----------------------------

(3) ପ୍ରତ୍ୟେକ ସ୍ତମ୍ଭରୁ ଶବ୍ଦ ବାଛି ବାକ୍ୟ ତିଆରି କର ।

ୟହ ୱହ ୟେ ୱେ	କିତାବ ଆମ ମେଜ କଲମ ପିତାଜୀ	ହୈ ହୈଁ

3.5 ଅତିରିକ୍ତ ଶବ୍ଦାବଳୀ

ରଙ୍ଗ		ଓଡ଼ିଆ ଅର୍ଥ
लाल	ଲାଲ	ଲାଲ
नीला	ନୀଲା	ନୀଲ
पीला	ପୀଲା	ହଳଦିଆ
सफेद	ସଫେଦ	ଧଳା
काला	କାଲା	କଳା
हरा	ହରା	ଶାଗୁଆ
गुलाबी	ଗୁଲାବୀ	ଗୋଲାପୀ
भूरा	ଭୂରା	ମାଟିଆ

छोटा	ଛୋଟା	ଛୋଟ
गंदा	ଗନ୍ଦା	ମଇଳା
सुंदर	ସୁନ୍ଦର	ସୁନ୍ଦର
मोटा	ମୋଟା	ମୋଟା
घोड़ा (ପୁଂ.)	ଘୋଡ଼ା (ପୁଂ.)	ଘୋଡ଼ା
मेज़ (ସ୍ତ୍ରୀ.)	ମେଜ (ସ୍ତ୍ରୀ.)	ମେଜ
किताब (ସ୍ତ୍ରୀ.)	କିତାବ (ସ୍ତ୍ରୀ.)	ବହି
पिताजी	ପିତାଜୀ	ବାପା
माताजी	ମାତାଜୀ	ମାଆ, ମା'
प्रधानाचार्य (ପୁଂ.)	ପ୍ରଧାନାଚାର୍ଯ୍ୟ (ପୁଂ.)	ପ୍ରଧାନ ଶିକ୍ଷକ
चश्मा (ପୁଂ.)	ଚଶ୍ମା (ପୁଂ.)	ଚଷମା
कुर्सी (ସ୍ତ୍ରୀ.)	କୁର୍ସୀ (ସ୍ତ୍ରୀ.)	ଚୌକି, ଚଉକି
पानी (ପୁଂ.)	ପାନୀ (ପୁଂ.)	ପାଣି
स्कूल (ପୁଂ.)	ସ୍କୂଲ (ପୁଂ.)	ସ୍କୁଲ
नदी (ସ୍ତ୍ରୀ.)	ନଦୀ (ସ୍ତ୍ରୀ.)	ନଦୀ
मंदिर (ପୁଂ.)	ମନ୍ଦିର (ପୁଂ.)	ମନ୍ଦିର
घर (ପୁଂ.)	ଘର (ପୁ)	ଘର
ताला (ପୁଂ.)	ତାଲା (ପୁ)	ତାଲା
चाबी (ସ୍ତ୍ରୀ.)	ଚାବୀ (ସ୍ତ୍ରୀ.)	ଚାବି
आम (ପୁଂ.)	ଆମ (ପୁଂ.)	ଆମ୍ବ
अस्पताल (ପୁଂ.)	ଅସ୍ପତାଲ (ପୁଂ.)	ଡାକ୍ତରଖାନା
दुकान (ସ୍ତ୍ରୀ.)	ଦୁକାନ (ସ୍ତ୍ରୀ.)	ଦୋକାନ

ଆସ ଗଣିବା

1	एक	ଏକ
2	दो	ଦୋ
3	तीन	ତୀନ
4	चार	ଚାର
5	पाँच	ପାଞ୍ଚ
6	छह	ଛଅ
7	सात	ସାତ
8	आठ	ଆଠ
9	नौ	ନୌ
10	दस	ଦସ

ପୁନରାବୃତ୍ତି

ଏହି ପାଠରେ ତୁମେମାନେ ନିମ୍ନ ସଂରଚନାମାନ ଶିଖିଲ ।

1.	ମୈଁ	ମୋହନ ପତ୍ରକାର ଭାରତୀୟ	ହୂଁ
2.	ମେରା ନାମ	ମୋହନ ଗୀତା	ହୈ
3.	କ୍ୟା ଆପ ଭାରତୀୟ ହୈଁ ?	ଜୀ ହାଁ, ମୈଁ ଭାରତୀୟ ହୂଁ । ଜୀ ନହାଁ, ମୈଁ ଭାରତୀୟ ନହାଁ ହୂଁ ।	
4.	ଆପ କୈସେ ହୈଁ ?	ମୈଁ ଅଚ୍ଛା ହୂଁ ।	
5.	ୟହ/ୱହ କ୍ୟା ହୈ ?	ୟହ / ୱହ ଫୂଲ ହୈ ।	
6.	ୟେ /ୱେ କୌନ ହୈଁ ?	ୟେ / ୱେ ରାମ ଔର ସୀତା ହୈଁ ।	
7.	ତୁମ କୌନ ହୋ ?	ମୈଁ ମୋହନ ହୂଁ ।	

ପାଠ - 6

ଏକକ - I

ଦିଆଯାଇଥିବା ବାକ୍ୟ-ସଂରଚନା

ବିଶେଷ୍ୟର ସମ୍ବନ୍ଧସୂଚକ ରୂପ

ସର୍ବନାମ	ପୁଂଲିଙ୍ଗ ଏକବଚନ	ପୁଂଲିଙ୍ଗ ବହୁବଚନ	ସ୍ତ୍ରୀଲିଙ୍ଗ ଏକବଚନ/ବହୁବଚନ
मैं	**मेरा**	**मेरे**	**मेरी**
ମୈଁ	ମେରା	ମେରେ	ମେରୀ
तुम	**तुम्हारा**	**तुम्हारे**	**तुम्हारी**
ତୁମ	ତୁମ୍ହାରା	ତୁମ୍ହାରେ	ତୁମ୍ହାରୀ
वह	**उसका**	**उसके**	**उसकी**
ୱହ	ଉସକା	ଉସକେ	ଉସକୀ
कौन	**किसका**	**किसके**	**किसकी**
କୌନ	କିସକା	କିସକେ	କିସକୀ

1.0 ପାଠ

मेरा परिवार

ମେରା ପରିବାର

ମୋ ପରିବାର

मैं शेखर हूँ। यह मेरा परिवार है। मेरा परिवार छोटा है।
ମୈଁ ଶେଖର ହୂଁ । ୟହ ମେରା ପରିବାର ହୈ । ମେରା ପରିବାର ଛୋଟା ହୈ ।
ମୁଁ ଶେଖର । ଏହିଟି ମୋ ପରିବାର । ମୋ ପରିବାର ଛୋଟ ।

हम चार लोग हैं – मैं, मेरी पत्नी, मेरी बेटी और मेरा बेटा।
ହମ ଚାର ଲୋଗ ହୈଁ – ମୈଁ, ମେରୀ ପତ୍ନୀ, ମେରୀ ବେଟୀ ଔର ମେରା ବେଟା ।
ଆମେ ଚାରି ଜଣ - ମୁଁ, ମୋ ସ୍ତ୍ରୀ, ମୋ ଝିଅ ଏବଂ ମୋ ପୁଅ।

मैं बैंक में मैनेजर हूँ। मेरी पत्नी का नाम प्रिया है।
ମୈଁ ବୈଂକ ମେଁ ମୈନେଜର ହୂଁ । ମେରୀ ପତ୍ନୀ କା ନାମ ପ୍ରିୟା ହୈ ।
ମୁଁ ଏକ ବ୍ୟାଙ୍କରେ ମ୍ୟାନେଜର ଅଛି । ମୋ ସ୍ତ୍ରୀଙ୍କ ନାମ ପ୍ରିୟା ।

वह अध्यापिका है। मेरा बेटा छोटा है और बेटी बड़ी है।

ୱହ ଅଧ୍ୟାପିକା ହୈ । ମେରା ବେଟା ଛୋଟା ହୈ ଔର ବେଟୀ ବଡ଼ୀ ହୈ ।

ସେ ଜଣେ ଶିକ୍ଷୟିତ୍ରୀ । ମୋ ପୁଅ ସାନ ଏବଂ ମୋ ଝିଅ ବଡ଼ ।

बेटी का नाम श्रुति है। उसकी उम्र आठ साल है।

ବେଟୀ କା ନାମ ଶ୍ରୁତି ହୈ । ଉସକୀ ଉମ୍ର ଆଠ ସାଲ ହୈ ।

ମୋ ଝିଅର ନାଁ ଶ୍ରୁତି । ତା ବୟସ ଆଠ ବର୍ଷ ।

बेटा चार साल का है। उसका नाम राघव है। हमारा एक नौकर भी है।

ବେଟା ଚାର ସାଲ କା ହୈ । ଉସକା ନାମ ରାଘବ ହୈ । ହମାରା ଏକ ନୌକର ଭୀ ହୈ ।

ପୁଅ ଚାରି ବର୍ଷର । ତା ନାଁ ରାଘବ । ଆମର ଗୋଟିଏ ଚାକର ବି ଅଛି ।

1.1 ଶବ୍ଦାବଳୀ

परिवार (ପୁଂ.)	ପରିବାର	ପରିବାର
छोटा	ଛୋଟା	ଛୋଟ
लोग	ଲୋଗ	ଲୋକ
पत्नी (ସ୍ତ୍ରୀ.)	ପତ୍ନୀ	ସ୍ତ୍ରୀ
बेटी (ସ୍ତ୍ରୀ.)	ବେଟୀ	ଝିଅ
बेटा (ପୁଂ.)	ବେଟା	ପୁଅ
अध्यापिका (ସ୍ତ୍ରୀ.)	ଅଧ୍ୟାପିକା	ଶିକ୍ଷକ
बड़ा	ବଡ଼ା	ବଡ଼
उम्र / आयु (ସ୍ତ୍ରୀ.)	ଉମ୍ର / ଆୟୁ	ବୟସ
नौकर (ପୁଂ.)	ନୌକର	ଚାକର

1.2 ବୁଝିବାକୁ ଚେଷ୍ଟା କର ।

(i) ଶେଖର କା ପରିୱାର କୈସା ହୈ ?

(ii) ଶେଖର କୌନ ହୈ ?

(iii) ଶେଖର କୀ ପତ୍ନୀ କା ନାମ କ୍ୟା ହୈ ?

(iv) ଶେଖର କୀ ବେଟୀ କୀ ଉମ୍ର କ୍ୟା ହୈ ?

(v) ଶେଖର କୀ ପତ୍ନୀ କ୍ୟା ହୈ ?

(vi) ଶେଖର କା ବେଟା କିତନା ବଡ଼ା ହୈ ?

1.3 ବ୍ୟାକରଣ ଓ ସଂରଚନା

1.3.1 ସର୍ବନାମର ସମ୍ବନ୍ଧସୂଚକ ରୂପ

- ହିନ୍ଦୀରେ ସର୍ବନାମର ସମ୍ବନ୍ଧସୂଚକ ରୂପରେ ବିଭକ୍ତି **का** 'କା' ଆସେ । ସାରଣୀ ଦେଖ ।

ମୈଁ + କା	ମେରା	ମୋର
ହମ + କା	ହମାରା	ଆମର
ତୁମ + କା	ତୁମ୍ହାରା	ତୁମର
ଆପ + କା	ଆପକା	ଆପଣଙ୍କ
ୱହ + କା	ଉସକା	ତାର
ୱେ + କା	ଉନକା	ସେମାନଙ୍କର
ୟହ + କା	ଇସକା (ଏକବଚନ)	ଏହାର
ୟେ + କା	ଇନକା (ବହୁବଚନ)	ଏମାନଙ୍କର
କୌନ + କା	କିସକା (ଏକବଚନ)	କାହାର
କୌନ + କା	କିନକା (ବହୁବଚନ)	କେଉଁମାନଙ୍କର

- **'କା'** ଗୋଟିଏ ସମ୍ବନ୍ଧବାଚକ ବିଭକ୍ତି । 'ଆ'-କାରାନ୍ତ ବିଶେଷଣ ଭଳି ଏହା ବ୍ୟବହୃତ ହୁଏ । ଏହା ବିଶେଷ୍ୟର ଲିଙ୍ଗ ଓ ବଚନ ସ୍ପଷ୍ଟ କରିଥାଏ ।

ରାମ			
ସୀତା	}	କା	ବେଟା
ସୀତା ଔର ରାମ			
ମୋହନ			
ସୀତା	}	କେ	ବେଟେ
ମୋହନ ଔର ସୀତା			
ମୋହନ			
ରାଧା	}	କୀ	ବେଟୀ
ମୋହନ ଔର ରାଧା			

- **କିସକା** 'କିସକା' ହେଉଛି **କୌନ** 'କୌନ' (କିଏ) ର ସମ୍ବନ୍ଧ ସୂଚକ ରୂପ ।

  ୟହ କିସକା ଘର ହୈ ? (ଏଇଟି କାହାର ଘର ?)

  ୟେ କିସକେ ଘର ହୈଁ ? (ଏଗୁଡ଼ିକ କେଉଁମାନଙ୍କର ଘର ?)

- **କିସକା** 'କିସକା' ପରବର୍ତ୍ତୀ ବିଶେଷ୍ୟର ଲିଙ୍ଗ ଓ ବଚନ ଅନୁସାରେ ହୁଏ ।

  କିସକା ଘର (ପୁଂ.) (କାହା ଘର)

  କିସକୀ କିତାବ (ସ୍ତ୍ରୀ.) (କାହାର ବହି)

  କିସକେ କପଡ଼େ (ପୁଂ. ବହୁବଚନ) (କାହାର ପୋଷାକ ପତ୍ର)

  କିସକୀ କିତାବେଁ (ସ୍ତ୍ରୀ. ବହୁବଚନ) (କେଉଁମାନଙ୍କର ବହି)

- ବ୍ୟକ୍ତିବାଚକ ବିଶେଷ୍ୟ ଏବଂ ସର୍ବନାମ ଯେତେବେଳେ ସମ୍ବନ୍ଧ କାରକ ବିଭକ୍ତି **का** ଯୋଗରେ ବିଶେଷଣ ରୂପେ ବ୍ୟବହୃତ ହେବ, का ବିଭକ୍ତିଟି ବିଶେଷ୍ୟ ଅନୁଯାୟୀ ପରିବର୍ତ୍ତିତ ହେବ ।

ଗାୟ କା ଦୂଧ	(ପୁଂ. ଏକବଚନ)	(ଗାଈର କ୍ଷୀର)
ସ୍କୁଲ କେ ଲଡ଼କେ	(ପୁଂ. ବହୁବଚନ)	(ସ୍କୁଲର ପିଲାଏ)
ମଧୁ କୀ ବେଟୀ	(ସ୍ତ୍ରୀ. ଏକବଚନ)	(ମଧୁର ଝିଅ)

- ଯେତେବେଳେ **मैं, हम, तुम** ସହିତ 'का' ର ସଂଯୋଗ ହୁଏ, ସେତେବେଳେ ଏହାର ରୂପ 'रा' କୁ ପରିବର୍ତ୍ତିତ ହୋଇ ରୂପ ମେରା / ହମାରା / ତୁମ୍ହାରା ହୁଏ ।

  ସେହିଭଳି ୟହ/ୱହ/କୌନ (ଏକବଚନ) ପରିବର୍ତ୍ତିତ ହେବା ପରେ ରୂପ ହୁଏ - ଇସ / ଉସ / କିସ ; ଏବଂ ୟେ / ୱେ / କୌନ (ବହୁବଚନ) ପରିବର୍ତ୍ତିତ ହେବା ପରେ ରୂପ ହୁଏ - ଇନ / ଉନ / କିନ ।

1.4 ଅନୁଶୀଳନୀ

1. ରେଖାଙ୍କିତ ଶବ୍ଦକୁ ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦ ଦ୍ୱାରା ପରିବର୍ତ୍ତିତ କରି ଲେଖ :

   i) କ୍ୟା ୟହ ଆପକା <u>ସାମାନ</u> ହୈ ?
   (ରୁମାଲ, ଘର, ଦୋସ୍ତ, ଭାଇ)

   ii) କ୍ୟା ୟହ ଆପକୀ <u>କମୀଜ</u> ହୈ ?
   (ଘଡ଼ୀ, ଗାଡ଼ୀ, ସାଇକିଲ, ବେଟୀ, ବହନ)

2. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦର ଉପଯୁକ୍ତ ହିନ୍ଦୀ ରୂପ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର :

   i) ୟହ .... ପରିୱାର (ପୁଂ.) ହୈ (ମୋର)

   ii) ୟହ .... ବେଟା (ପୁଂ.) ହୈ (ତୁମର)

   iii) ୟହ .... କମରା (ପୁଂ.) ହୈ (ତାର)

   iv) ୟହ .... କିତାବ (ସ୍ତ୍ରୀ.) ହୈ (ରାମର)

   v) ୟହ .... ନୌକର (ପୁଂ.) ହୈ (ମୋହନର)

3. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦଗୁଡ଼ିକ ଦ୍ୱାରା ଶବ୍ଦର ରେଖାଙ୍କିତ ଶବ୍ଦକୁ ପରିବର୍ତ୍ତିତ କରି ଲେଖ :

   i) ୟହ <u>ମେରା</u> ଘର ହୈ । (ଉସକା, ଆପକା, ହମାରା)

   ii) ୟହ ରାମ କା <u>ବେଟା</u> ହୈ । (ଭାଇ, ଦୋସ୍ତ, କମରା)

   iii) ୟହ <u>ଆମ କା</u> ପେଡ଼ ହୈ । (ଅମରୁଦ, ଅନାର, ସେୱ)

   iv) ୟହ <u>ଉସକୀ</u> କିତାବ ହୈ । (ମେରୀ, ତୁମ୍ହାରୀ, ଉନକୀ)

   v) ମେରା ପରିୱାର <u>ବଡ଼ା</u> ହୈ । (ଅଚ୍ଛା, ଛୋଟା, ବହୁତ ବଡ଼ା)

4. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦ ଦ୍ୱାରା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

i) ୟହ କିସକା ଘର ହୈ ? (ରାମ କା, ମେରା , ଉସକା)

ii) ୟହ କିସକୀ ଘଡ଼ୀ ହୈ ? (ମୋହନ କୀ , ହମାରୀ, ଉନକୀ)

iii) ୟହ କିସକେ କପଡ଼େ ହୈଁ ? (ଗୀତା କେ, ତୁମ୍ହାରେ, ଉସକେ)

iv) ୟେ କିନକେ ଜୂତେ ହୈଁ ? (ପିତାଜୀ କେ, ଆପକେ, ଉନକେ)

ଏକକ - II

ଦିଆଯାଇଥିବା ବାକ୍ୟ-ସଂରଚନା

ବିଶେଷ୍ୟର ବହୁବଚନ ରୂପ

ପୁଂଲିଙ୍ଗ ବିଶେଷ୍ୟ		**ସ୍ତ୍ରୀଲିଙ୍ଗ ବିଶେଷ୍ୟ**	
କମରା (ପୁଂ.ଏକବଚନ)	କମରେ (ପୁଂ.ବହୁବଚନ)	ଘଡ଼ୀ (ସ୍ତ୍ରୀ.ଏକବଚନ)	ଘଡ଼ିୟାଁ (ସ୍ତ୍ରୀ.ବହୁବଚନ)
ଘର (ପୁଂ.ଏକବଚନ)	ଘର (ପୁଂ.ବହୁବଚନ)	ମାଲା (ସ୍ତ୍ରୀ.ଏକବଚନ)	ମାଲାଏଁ (ସ୍ତ୍ରୀ.ବହୁବଚନ)
ଜୂତା (ପୁଂ.ଏକବଚନ)	ଜୂତେ (ପୁଂ.ବହୁବଚନ)	ଗୁଡ଼ିୟା (ସ୍ତ୍ରୀ.ଏକବଚନ)	ଗୁଡ଼ିୟାଁ (ସ୍ତ୍ରୀ.ବହୁବଚନ)

2.0 ପାଠ

मेरा देश

ମେରା ଦେଶ

ମୋ ଦେଶ

भारत मेरा देश है।
ଭାରତ ମେରା ଦେଶ ହୈ ।
ଭାରତ ମୋର ଦେଶ ।

यहाँ गंगा, यमुना, कावेरी, नर्मदा आदि कई बड़ी नदियाँ हैं।
ୟହାଁ ଗଙ୍ଗା, ୟମୁନା, କାୱେରୀ, ନର୍ମଦା ଆଦି କଈ ବଡ଼ୀ ନଦିୟାଁ ହୈଁ ।
ଏଠାରେ, ଗଙ୍ଗା, ଯମୁନା, କାବେରୀ, ନର୍ମଦା ଆଦି କେତେକ ବଡ଼ ନଦୀ ଅଛି ।

हिमालय और नीलगिरि आदि कई ऊँचे पर्वत हैं।
ହିମାଲୟ ଔର ନୀଲଗିରି ଆଦି କଈ ଊଁଚେ ପର୍ବତ ହୈଁ ।
ଏଠାରେ ହିମାଳୟ ଓ ନୀଳଗିରି ଆଦି କେତେକ ଉଚ୍ଚ ପର୍ବତ ଅଛି ।

दिल्ली भारत की राजधानी है। यह एक ऐतिहासिक शहर है।
ଦିଲ୍ଲୀ ଭାରତ କୀ ରାଜଧାନୀ ହୈ । ୟହ ଏକ ଐତିହାସିକ ଶହର ହୈ ।
ଦିଲ୍ଲୀ ଭାରତର ରାଜଧାନୀ । ଏହା ଗୋଟିଏ ଐତିହାସିକ ସହର ।

पहले यह शहर मुगलों की राजधानी भी था।
ପହଲେ ୟହ ଶହର ମୁଗଲୋଁ କୀ ରାଜଧାନୀ ଭୀ ଥା ।
ଆଗରୁ ଏହି ସହର ମୋଗଲଙ୍କର ରାଜଧାନୀ ମଧ୍ୟ ଥିଲା ।

दिल्ली का एक प्राचीन नाम इंद्रप्रस्थ भी है।
ଦିଲ୍ଲୀ କା ଏକ ପ୍ରାଚୀନ ନାମ ଇନ୍ଦ୍ରପ୍ରସ୍ଥ ଭୀ ହୈ ।
ଦିଲ୍ଲୀର ଏକ ପ୍ରାଚୀନ ନାଁ ଇନ୍ଦ୍ରପ୍ରସ୍ଥ ମଧ୍ୟ ଥାଏ ।

यहाँ कई प्रसिद्ध मंदिर और ऐतिहासिक इमारतें हैं।
ୟହାଁ କଈ ପ୍ରସିଦ୍ଧ ମନ୍ଦିର ଔର ଐତିହାସିକ ଇମାରତେଁ ହୈଁ ।
ଏଠାରେ ଅନେକ ପ୍ରସିଦ୍ଧ ଓ ଐତିହାସିକ ଭବନ ଅଛି ।

बिरला मंदिर यहाँ का प्रसिद्ध मंदिर है।
ବିରଲା ମନ୍ଦିର ୟହାଁ କା ପ୍ରସିଦ୍ଧ ମନ୍ଦିର ହୈ ।
ବିରଲା ମନ୍ଦିର ଏଠାର ପ୍ରସିଦ୍ଧ ମନ୍ଦିର ।

कुतुब मीनार, लाल किला, जामा मस्जिद, शीशगंज गुरुद्वारा आदि दिल्ली की पुरानी इमारतें हैं।
କୁତୁବ ମୀନାର, ଲାଲ କିଲା, ଜାମା ମସ୍‌ଜିଦ, ଶୀଶଗଂଜ ଗୁରୁଦ୍ୱାରା ଆଦି ଦିଲ୍ଲୀ କୀ ପୁରାନୀ ଇମାରତେଁ ହୈଁ ।
କୁତୁବ ମୀନାର, ଲାଲ କିଲା, ଜାମା ମସ୍‌ଜିଦ, ଶୀଶଗଞ୍ଜ ଗୁରୁଦ୍ୱାର ଆଦି ଦିଲ୍ଲୀର ପୁରୁଣା ମହଲ ।

चाँदनी चौक यहाँ का मशहूर बाजार है।
ଚାଁଦନୀ ଚୌକ ୟହାଁ କା ମଶହୁର ବାଜାର ହୈ ।
ଚାନ୍ଦନୀ ଚୌକ ଏଠାକାର ପ୍ରସିଦ୍ଧ ବଜାର ।

यहाँ कई अच्छे स्कूल और विश्वविद्यालय हैं।
ୟହାଁ କଈ ଅଚ୍ଛେ ସ୍କୂଲ ଔର ବିଶ୍ୱବିଦ୍ୟାଳୟ ହୈଁ ।
ଏଠାରେ କେତେକ ଭଲ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ଅଛି ।

दिल्ली के आई.आई.टी. और अखिल भारतीय आयुर्विज्ञान संस्थान विश्व प्रसिद्ध हैं।
ଦିଲ୍ଲୀ କେ ଆଈ.ଆଈ.ଟୀ ଔର ଅଖିଲ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ବିଶ୍ୱ ପ୍ରସିଦ୍ଧ ହୈଁ ।
ଦିଲ୍ଲୀର ଆଇ.ଆଇ.ଟି. ଏବଂ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ବିଶ୍ୱ ପ୍ରସିଦ୍ଧ ।

महात्मा गाँधी की समाधि राजघाट भी यहीं है।
ମହାତ୍ମା ଗାଁଧୀ କୀ ସମାଧି ରାଜଘାଟ ଭୀ ୟହୀଁ ହୈ ।
ମହାତ୍ମା ଗାନ୍ଧୀଙ୍କ ସମାଧି ରାଜଘାଟ ମଧ୍ୟ ଏଠାରେ ରହିଛି ।

दिल्ली एक बहुत साफ-सुथरा और सुंदर शहर है।
ଦିଲ୍ଲୀ ଏକ ବହୁତ ସାଫ-ସୁଥରା ଔର ସୁନ୍ଦର ଶହର ହୈ ।
ଦିଲ୍ଲୀ ଗୋଟିଏ ବହୁତ ସଫା-ସୁତୁରା ଓ ସୁନ୍ଦର ସହର ।

2.1 ଶବ୍ଦାବଳୀ

भारत (ପୁଂ.)	ଭାରତ (ପୁ.)	ଭାରତ
देश (ପୁଂ.)	ଦେଶ (ପୁ.)	ଦେଶ
नदी (ସ୍ତ୍ରୀ.)	ନଦୀ (ସ୍ତ୍ରୀ.)	ନଦୀ
ऊँचा	ଊଁଚା	ଉଚ୍ଚ
पर्वत (ପୁଂ.)	ପର୍ବତ (ପୁଂ.)	ପର୍ବତ
राजधानी (ସ୍ତ୍ରୀ.)	ରାଜଧାନୀ (ସ୍ତ୍ରୀ.)	ରାଜଧାନୀ
ऐतिहासिक	ଐତିହାସିକ	ଐତିହାସିକ
शहर (ପୁଂ.)	ଶହର (ପୁଂ.)	ସହର
प्राचीन	ପ୍ରାଚୀନ	ପ୍ରାଚୀନ
विश्व प्रसिद्ध	ବିଶ୍ୱ ପ୍ରସିଦ୍ଧ	ବିଶ୍ୱ ପ୍ରସିଦ୍ଧ
कई	କଈ	କେତେକ
मंदिर (ପୁଂ.)	ମନ୍ଦିର (ପୁଂ.)	ମନ୍ଦିର
इमारत (ସ୍ତ୍ରୀ.)	ଇମାରତ (ସ୍ତ୍ରୀ.)	ମହଲ
पुराना	ପୁରାନା	ପୁରୁଣା
विश्वविद्यालय (ପୁଂ.)	ବିଶ୍ୱବିଦ୍ୟାଳୟ (ପୁଂ.)	ବିଶ୍ୱବିଦ୍ୟାଳୟ
अखिल भारतीय आयुर्विज्ञान संस्थान (ପୁଂ.)	ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ପୁଂ.)	ଅଖିଳ ଭାରତୀୟ ଆୟୁର୍ବେଦିକ ପ୍ରତିଷ୍ଠାନ
समाधि (ସ୍ତ୍ରୀ.)	ସମାଧି (ସ୍ତ୍ରୀ.)	ସମାଧି
साफ-सुथरा	ସାଫ-ସୁଥରା	ସଫା-ସୁତୁରା

2.2 ବୁଝିବାକୁ ଚେଷ୍ଟା କର ।

1. ଭାରତ କୀ ରାଜଧାନୀ କ୍ୟା ହୈ ?
2. ଭାରତ କୀ ପ୍ରମୁଖ ନଦିୟାଁ କୌନ-କୌନ ସୀ ହୈଁ ?
3. ଦିଲ୍ଲୀ କୀ ଦୋ ଇମାରତୋଁ କେ ନାମ କ୍ୟା ହୈଁ ?
4. ଦିଲ୍ଲୀ କେ ମଶହୂର ବାଜାର କା ନାମ କ୍ୟା ହୈ ?
5. ମହାତ୍ମା ଗାନ୍ଧୀ କୀ ସମାଧି କା ନାମ କ୍ୟା ହୈ ?

2.3 ବ୍ୟାକରଣ ଓ ସଂରଚନା

2.3.1 ଲିଙ୍ଗ

ହିନ୍ଦୀରେ ସମସ୍ତ ବିଶେଷ୍ୟ ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗରେ ଆସିଥାନ୍ତି । ହିନ୍ଦୀରେ ଲିଙ୍ଗର ପ୍ରୟୋଗ ନିଶ୍ଚିତ ଓ ବ୍ୟାକରଣ ସମ୍ମତ। ଅପ୍ରାଣୀବାଚକ ବିଶେଷ୍ୟ କ୍ଷେତ୍ରରେ 'ଅ' ଓ 'ଆ' ରେ ଶେଷ ହେଉଥିବା ବିଶେଷ୍ୟଗୁଡ଼ିକ ପ୍ରାୟତଃ ପୁଂଲିଙ୍ଗରେ ଓ 'ଇ' ତଥା 'ଈ' ରେ ଶେଷ ହେଉଥିବା ବିଶେଷ୍ୟଗୁଡ଼ିକ ଅଧିକାଂଶତଃ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୋଇଥାଏ ।

ଶେଷରେ 'ଅ' ଆସୁଥିବା (ଅ-କାରାନ୍ତ) ବିଶେଷ୍ୟ	ଶେଷରେ 'ଆ' ଆସୁଥିବା (ଆ-କାରାନ୍ତ) ବିଶେଷ୍ୟ
ପେଡ଼ (ଗଛ)	କେଲା (କଦଳୀ)
ସେଓ୍ୱ (ସେଓ)	ସନ୍ତରା (କମଳା)
ପତ୍ଥର (ପଥର)	ପୈସା (ପଇସା)
ଘର (ଘର)	କମରା (କୋଠରି)
ମନ୍ଦିର (ମନ୍ଦିର)	ଦରୱାଜା (ଦୁଆର)

'ଇ' ଓ 'ଈ' ରେ ଶେଷ ହେଉଥିବା ବିଶେଷ୍ୟ ସାଧାରତଃ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହୁଏ ।

'ଇ' ରେ ଶେଷ ହେଉଥିବା (ଇ-କାରାନ୍ତ) ବିଶେଷ୍ୟ	'ଈ' ରେ ଶେଷ ହେଉଥିବା (ଈ -କାରାନ୍ତ) ବିଶେଷ୍ୟ
ନୀତି (ନୀତି)	କୁର୍ସୀ (ଚଉକି)
ରୀତି (ରୀତି)	ମିଠାଈ (ମିଠେଇ)
ମୂର୍ତ୍ତି (ମୂର୍ତ୍ତି)	ଗାଡ଼ି (ଗାଡ଼ି)
ସମାଧି (ସମାଧି)	ଘଡ଼ୀ (ଘଣ୍ଟା)
ୱିଧି (ବିଧି, ପ୍ରଣାଳୀ)	ରୋଟୀ (ରୁଟି)

2.3.2 ବିଶେଷ୍ୟର ବହୁବଚନରେ ରୂପାବଳୀ

ହିନ୍ଦୀରେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ବିଶେଷ୍ୟର ଏକବଚନ ଓ ବହୁବଚନ ରୂପ ହେଇଥାଏ । ବହୁବଚନ କରିବା ପାଇଁ ପୁଂଲିଙ୍ଗ ଶବ୍ଦଗୁଡ଼ିକୁ ଦୁଇଟି ଶ୍ରେଣୀରେ ବିଭାଜିତ କରାଯାଏ ।

ପ୍ରଥମ ଶ୍ରେଣୀ- 'ଆ' ରେ ଶେଷ ହେଉଥିବା ବିଶେଷ୍ୟ ।

ଦ୍ୱିତୀୟ ଶ୍ରେଣୀ- 'ଆ'-କାର ବ୍ୟତୀତ ଅନ୍ୟ ମାତ୍ରାରେ ଶେଷ ହେଉଥିବା ବିଶେଷ୍ୟ ।

ପୁଂଲିଙ୍ଗ ଶବ୍ଦର ବଚନ ପରିବର୍ତ୍ତନ ଅତି ସହଜ । ଯଦି ଆ-କାରାନ୍ତ ପୁଲିଙ୍ଗ ଶବ୍ଦ ଥିବ ତେବେ ତାହା ବହୁବଚନରେ ଏ-କାରାନ୍ତ ହେବ । ଆ-କାରାନ୍ତ ବ୍ୟତୀତ ଅନ୍ୟ ମାତ୍ରାରେ ଶେଷ ହେଉଥିବା ବିଶେଷ୍ୟ ଶବ୍ଦର ଏକବଚନ ଓ ବହୁବଚନ ରୂପ ଏକା ପ୍ରକାରର । ଅର୍ଥାତ୍ ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ ।

ପୁଂଲିଙ୍ଗ ବିଶେଷ୍ୟ

ପ୍ରଥମ ଶ୍ରେଣୀ			ଦ୍ୱିତୀୟ ଶ୍ରେଣୀ		
ଆ-କାରାନ୍ତ ବିଶେଷ୍ୟ			ଅନ୍ୟ ବିଶେଷ୍ୟ (ଆ-କାରାନ୍ତ ଭିନ୍ନ)		
ଲଡ଼କା	→	ଲଡ଼କେ	ସେଓ	→	ସେଓ
କମରା	→	କମରେ	ଫୂଲ	→	ଫୂଲ
ବେଟା	→	ବେଟେ	ଆଦମୀ	→	ଆଦମୀ
ଘୋଡ଼ା	→	ଘୋଡ଼େ	ଘର	→	ଘର
କୁତ୍ତା	→	କୁତ୍ତେ	ପର୍ବତ	→	ପର୍ବତ
ବଚ୍ଚା	→	ବଚ୍ଚେ	ଦେଶ	→	ଦେଶ

- ଉପରର ଉଦାହରଣରୁ ଏହା ସ୍ପଷ୍ଟ ହୁଏ ଯେ 'ଆ' କାରାନ୍ତ ପୁଂଲିଙ୍ଗ ବିଶେଷ୍ୟର 'ଆ' କାର ସ୍ଥାନରେ 'ଏ' କାର ହେବ । ଅନ୍ୟ ଗୁଡ଼ିକ ଅପରିବର୍ତ୍ତିତ ରହିବ ।

  ରେଖାଙ୍କିତ ଶବ୍ଦଗୁଡ଼ିକୁ ଧ୍ୟାନ ଦେଇ ନିମ୍ନ ବାକ୍ୟଗୁଡ଼ିକୁ ପଢ଼ ।

  ୟହ ଏକ କେଲା ହୈ — ୟେ ଚାର କେଲେ ହୈଁ
  ୟହ ଏକ ରୁପୟା ହୈ — ୟେ ଦସ ରୁପୟେ ହୈଁ
  ୟହ ଏକ ଘୋଡ଼ା ହୈ — ୟେ ନୌ ଘୋଡ଼େ ହୈଁ
  ୟହ ବଡ଼ା ଦରୱାଜା ହୈ — ୟେ ବଡ଼େ ଦରୱାଜେ ହୈଁ
  ୟହ ଏକ ଲିଫାଫା ହୈ — ୟେ ଆଠ ଲିଫାଫେ ହୈଁ
  ମେରେ ଏକ ବେଟା ହୈ — ମେରେ ଦୋ ବେଟେ ହୈଁ
  ଉସକେ ଏକ ଭାଈ ହୈ — ଉସକେ ତୀନ ଭାଈ ହୈଁ
  ରାମ କେ ଏକ ଘର ହୈ — ରାମ କେ ତୀନ ଘର ହୈଁ

- ଏଠାରେ ଧ୍ୟାନ ଦିଆଯାଇପାରେ ଯେ କେତେକ ମୂଳ ସଂସ୍କୃତ (ତତ୍ସମ) ଶବ୍ଦ ଓ କେତେକ ସମ୍ବନ୍ଧସୂଚକ ଶବ୍ଦ 'ଆ' କାରାନ୍ତ ହେଲେ ମଧ୍ୟ ବହୁବଚନରେ ସେମାନଙ୍କର ପରିବର୍ତ୍ତନ ନ ହୋଇ ଦୁଇଟି ବଚନରେ ସମାନ ରୂପ ରହେ । ଉଦାହରଣଗୁଡ଼ିକ ଲକ୍ଷ୍ୟ କର ।

	ଏକବଚନ	ବହୁବଚନ	
ମୂଳ ସଂସ୍କୃତ ଶବ୍ଦ	ରାଜା (ରାଜା) ନେତା (ନେତା)	ରାଜା ନେତା	ପରିବର୍ତ୍ତନ ହେବ ନାହିଁ
ସମ୍ବନ୍ଧସୂଚକ ଶବ୍ଦ	ଦାଦା (ଜେଜେ ବାପା) ନାନା (ଅଜା) ମାମା (ମାମୁ) ଚାଚା (କକା)	ଦାଦା ନାନା ମାମା ଚାଚା	ପରିବର୍ତ୍ତନ ହେବ ନାହିଁ

- ଯେତେବେଳେ ଏକାଧିକ ବ୍ୟକ୍ତିଙ୍କୁ ସୂଚାଇବାକୁ ଆବଶ୍ୟକ ଥିବ, ସେତେବେଳେ ଶବ୍ଦ ସହିତ 'ଲୋଗ' ଶବ୍ଦ ଯୋଡ଼ି ଦିଆଯାଏ । ଯଥା-

  ନୌକର ଲୋଗ (ଚାକରଗଣ) — ନେତା ଲୋଗ (ନେତାଗଣ)

ସ୍ତ୍ରୀଲିଙ୍ଗ ଶବ୍ଦ

ମାତ୍ରା ଅନୁସାରେ ସ୍ତ୍ରୀଲିଙ୍ଗ ବିଶେଷ୍ୟକୁ ବହୁବଚନ କଲାବେଳେ ତାକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଏ ।

ପ୍ରଥମ ଶ୍ରେଣୀ			ଦ୍ୱିତୀୟ ଶ୍ରେଣୀ		
ଇ / ଈ କାରାନ୍ତ ଶବ୍ଦ			ଇ / ଈ କାର ଭିନ୍ନ ଅନ୍ୟ ମାତ୍ରାନ୍ତ ଶବ୍ଦ		
ରୀତି (ରୀତି)	→	ରୀତିୟାଁ	ବହନ (ଭଉଣୀ)	→	ବହନେଁ
ଗତି (ଗତି)	→	ଗତିୟାଁ	ଦୁକାନ (ଦୋକାନ)	→	ଦୁକାନେଁ
ୱିଧି (ବିଧି, ନିୟମ)	→	ୱିଧିୟାଁ	ମେଜ (ଟେବୁଲ)	→	ମେଜେଁ
ଜାତି (ଜାତି)	→	ଜାତିୟାଁ	କିତାବ (ବହି)	→	କିତାବେଁ
ସାଡ଼ୀ (ଶାଢ଼ୀ)	→	ସାଡ଼ିୟାଁ	ଲତା (ଲତା)	→	ଲତାଏଁ
ଗାଡ଼ୀ (ଗାଡ଼ି)	→	ଗାଡ଼ିୟାଁ	ୱଧୂ (ବଧୂ)	→	ୱଧୂଏଁ
ବେଟୀ (ଝିଅ)	→	ବେଟିୟାଁ	ୱସ୍ତୁ (ବସ୍ତୁ)	→	ୱସ୍ତୁଏଁ
ପତ୍ନୀ (ସ୍ତ୍ରୀ.)	→	ପତ୍ନିୟାଁ	ଗୁଡ଼ିୟା (କଣ୍ଢେଇ)	→	ଗୁଡ଼ିୟାଁ
ନଦୀ (ନଦୀ)	→	ନଦିୟାଁ	ବୁଢ଼ିୟା (ବୁଢ଼ୀ)	→	ବୁଢ଼ିୟାଁ
କୁର୍ସୀ (ଚୌକି)	→	କୁର୍ସିୟାଁ	କବିତା (କବିତା)	→	କବିତାଏଁ
ନୀତି (ନୀତି)	→	ନୀତିୟାଁ	ମାଲା (ଫୁଲମାଳ)	→	ମାଲାଏଁ
ମୂର୍ତ୍ତି (ମୂର୍ତ୍ତି)	→	ମୂର୍ତ୍ତିୟାଁ	ଦୱା (ଔଷଧ)	→	ଦୱାଏଁ

ତୁମେ 'ଈ'/'ଊ' କାରାନ୍ତ ବିଶେଷ୍ୟର ବହୁବଚଚନ ରୂପ କରିବା ସମୟରେ ଏହା 'ଇ' ଓ 'ଉ' କାରାନ୍ତ ହୋଇଯାଏ । ଯଥା-

ନଦୀ (ନଦୀ)	→	ନଦିୟାଁ
ଚିଟ୍‌ଠୀ (ଚିଠି)	→	ଚିଟ୍‌ଠିୟାଁ
ବହୂ (ବୋହୂ)	→	ବହୁଏଁ

ରେଖାଙ୍କିତ ଶବ୍ଦଉପରେ ଧ୍ୟାନ ଦେଇ ତଳେ ଲେଖାଯାଇଥିବା ବାକ୍ୟଗୁଡ଼ିକୁ ପଢ଼ ।

ୟହ ଲଡ଼କୀ ସୁନ୍ଦର ହୈ	→	ୟେ ଲଡ଼କିୟାଁ ସୁନ୍ଦର ହୈଁ
ୟହ ମେରୀ କିତାବ ହୈ	→	ୟେ ମେରୀ କିତାବେଁ ହୈଁ
ହିନ୍ଦୀ ଅଚ୍ଛୀ ଭାଷା ହୈ	→	ତାମିଲ ଓ ହିନ୍ଦୀ ଅଚ୍ଛୀ ଭାଷାଏଁ ହୈଁ
ୟହାଁ ଏକ ଚିଡ଼ିୟା ହୈ	→	ୱହାଁ କୁଛ ଚିଡ଼ିୟାଁ ହୈଁ

2.4 ଅନୁଶୀଳନୀ

1. ବହୁବଚନ ରୂପ ଲେଖ ।

କିତାବ (ସ୍ତ୍ରୀ.)	________	ଦୀୱାର (ସ୍ତ୍ରୀ.)	________
କୁର୍ସୀ (ସ୍ତ୍ରୀ.)	________	ପଙ୍ଖା (ପୁଂ.)	________
ଦରୱାଜା (ପୁଂ.)	________	ବେଟା (ପୁଂ.)	________
ମେଜ (ସ୍ତ୍ରୀ.)	________	ଘଡ଼ୀ (ସ୍ତ୍ରୀ.)	________
ମାତା (ସ୍ତ୍ରୀ.)	________	ୱଧୂ (ସ୍ତ୍ରୀ.)	________
ଘର (ପୁଂ.)	________	ପେଡ଼ (ପୁଂ.)	________

2. ଶୂନ୍ୟସ୍ଥାନ ପୂରଣ କର ।

ଏକ ଲଡ଼କୀ	________	ଲଡ଼କିୟାଁ	(10)
ଏକ ଘର	________	ଘର	(4)
ଛହ ମେଜେଁ	________	ମେଜ	(1)
ଏକ କୁତ୍ତା	________	କୁତ୍ତେ	(3)

3. ଉପଯୁକ୍ତ ବହୁବଚନ ରୂପ ଲେଖି ଶୂନ୍ୟସ୍ଥାନ ପୂରଣ କର ।

i) ୟହ ମେରୀ କିତାବ ହୈ । ୟେ ମୋହନ କୀ ________ ହୈଁ ।

ii) ୟହ ଗୁଡ଼ିୟା ହୈ । ୱେ ପାଞ୍ଚ ________ ହୈଁ ।

iii) ୱହ ଆମ କା ପେଡ଼ ହୈ । ୱେ ଆମ କେ ________ ହୈଁ ।

2.5 ଅତିରିକ୍ତ ଶବ୍ଦାବଳୀ

कपड़ा (ପୁଂ.)	କପଡ଼ା	ବସ୍ତ୍ର, ଲୁଗା
पेड़ (ପୁଂ.)	ପେଡ଼	ଗଛ
कमरा (ପୁଂ.)	କମରା	କୋଠରି
बहुत	ବହୁତ	ବହୁତ
जूता (ପୁଂ.)	ଜୂତା	ଜୋତା
प्रमुख	ପ୍ରମୁଖ	ମୁଖ୍ୟ
कुत्ता (ପୁଂ.)	କୁତ୍ତା	କୁକୁର
बच्चा (ପୁଂ.)	ବଚ୍ଚା	ପିଲା

सेब (ପୁଂ.)	ସେବ	ସେଓ
फूल (ପୁଂ.)	ଫୂଲ	ଫୁଲ
आदमी (ପୁଂ.)	ଆଦମୀ	ଲୋକ
घर (ପୁଂ.)	ଘର	ଘର
केला (ପୁଂ.)	କେଲା	କଦଳୀ
दरवाजा (ପୁଂ.)	ଦରୱାଜା	ଫାଟକ
लिफाफा (ପୁଂ.)	ଲିଫାଫା	ଲଫାଫା
चिड़िया (ସ୍ତ୍ରୀ.)	ଚିଡ଼ିୟା	ପକ୍ଷୀ

2.5.1 ଆସ ଗଣିବା

<table>
<tr><td>11</td><td>ग्यारह</td><td>ଗ୍ୟାରହ</td><td rowspan="10">ଶେଷ 'ହ'ଟି ହିନ୍ଦୀରେ ଉଚ୍ଚରିତ ହୁଏ ନାହିଁ। ତେଣୁ 'ଛହ' ସହିତ ଅନ୍ୟ ସଂଖ୍ୟା 'ହ' ରେ ଶେଷ ହେଉଥିଲେ 'ହ' ର ଉଚ୍ଚାରଣ ହେବ ନାହିଁ ।

6 - ଛେ

11 - ଗ୍ୟାରା

12 - ବାରା

13 - ତେରା

14 - ଚୌଦା

15 - ପନ୍ଦ୍ରା

16 - ସୋଲା

17- ସତ୍ରା

18 - ଅଠାରା</td></tr>
<tr><td>12</td><td>बारह</td><td>ବାରହ</td></tr>
<tr><td>13</td><td>तेरह</td><td>ତେରହ</td></tr>
<tr><td>14</td><td>चौदह</td><td>ଚୌଦହ</td></tr>
<tr><td>15</td><td>पंद्रह</td><td>ପନ୍ଦ୍ରହ</td></tr>
<tr><td>16</td><td>सोलह</td><td>ସୋଲହ</td></tr>
<tr><td>17</td><td>सत्रह</td><td>ସତ୍ରହ</td></tr>
<tr><td>18</td><td>अठारह</td><td>ଅଠାରହ</td></tr>
<tr><td>19</td><td>उन्नीस</td><td>ଉନ୍ନୀସ</td></tr>
<tr><td>20</td><td>बीस</td><td>ବୀସ</td></tr>
</table>

2.5.2 ସପ୍ତାହର ଦିବସ

सोमवार	ସୋମୱାର	ସୋମବାର
मंगलवार	ମଂଗଲୱାର	ମଙ୍ଗଳବାର
बुधवार	ବୁଧୱାର	ବୁଧବାର
गुरुवार / बृहस्पतिवार	ଗୁରୁୱାର / ବୃହସ୍ପତିୱାର	ଗୁରୁବାର
शुक्रवार	ଶୁକ୍ରୱାର	ଶୁକ୍ରବାର
शनिवार	ଶନିୱାର	ଶନିବାର
रविवार / इतवार	ରବିୱାର / ଇତୱାର	ରବିବାର

ପୁନରାବୃତ୍ତି

1. ସମ୍ବନ୍ଧସୂଚକ ବିଶେଷ୍ୟ ଓ ସର୍ବନାମର ରୂପ

1.1

ରାମ କା ସୀତା କା	ବେଟା
ରାମ କୀ ସୀତା କୀ	ବେଟୀ

ରାମ କେ ସୀତା କେ	ବେଟେ
ରାମ କୀ ସୀତା କୀ	ବେଟିୟାଁ

1.2

ମେରା	ମେରେ	ମେରୀ
ତୁମ୍ହାରା	ତୁମ୍ହାରେ	ତୁମ୍ହାରୀ
ଉସକା	ଉସକେ	ଉସକୀ

2. ବିଶେଷ୍ୟର ବହୁବଚନ ରୂପ

ପୁଲିଙ୍ଗ ବିଶେଷ୍ୟ		ସ୍ତ୍ରୀଲିଙ୍ଗ ବିଶେଷ୍ୟ	
କମରା	କମରେ	ବେଟୀ	ବେଟିୟାଁ
ଦରୱାଜା	ଦରୱାଜେ	ମିଠାଈ	ମିଠାଈୟାଁ
ଘର	ଘର	ରୀତି	ରୀତିୟାଁ
ଭାଈ	ଭାଈ	ଚିଡ଼ିୟା	ଚିଡ଼ିୟାଁ
ଆଦମୀ	ଆଦମୀ	କିତାବ	କିତାବେଁ

ପାଠ – 7

ଏକକ - I

ଏହି ଏକକରେ ନିମ୍ନଲିଖିତ ବାକ୍ୟ ସଂରଚନା (ବାକ୍ୟ ଗଠନ ପଦ୍ଧତି) ଦିଆଯାଇଛି ।

1. ଅଧିକରଣ କାରକ (ବିଭକ୍ତି **में** 'ମେଁ' ଏବଂ **पर** 'ପର')

କ	**किताब कहाँ है** ?	**किताब <u>मेज़ पर</u> है।**
	କିତାବ କହାଁ ହୈ ?	କିତାବ ମେଜ ପର ହୈ ।
	ବହିଟି କେଉଁଠି ଅଛି ?	ବହିଟି ଟେବୁଲ ଉପରେ ଅଛି ।

ଖ	**गीता कहाँ है** ?	**गीता <u>दिल्ली में</u> है।**
	ଗୀତା କହାଁ ହୈ ?	ଗୀତା ଦିଲ୍ଲୀ ମେଁ ହୈ ।
	ଗୀତା କେଉଁଠି ଅଛି ?	ଗୀତା ଦିଲ୍ଲୀରେ ଅଛି ।

2. ଯୌଗିକ ବିଭକ୍ତି

के सामने	**के नीचे**
କେ ସାମନେ	କେ ନୀଚେ
ଆଗରେ, ସମ୍ମୁଖରେ	ତଳେ

1.0 ପାଠ

जादूगर और सचिन
ଜାଦୂଗର ଔର ସଚିନ
ଜାଦୁଗର ଓ ସଚିନ

जादूगर : **यह क्या है** ?
ଜାଦୂଗର : ୟହ କ୍ୟା ହୈ ?
ଜାଦୁକର : ଏଇଟା କଣ ?

सचिन : **यह टोकरी है।**
ସଚିନ : ୟହ ଟୋକରୀ ହୈ ।
ସଚିନ : ଏଇଟା ଗୋଟିଏ ଟୋକେଇ ।

जादूगर : **टोकरी कहाँ है** ?
ଟୋକରୀ କହାଁ ହୈ ?
ଟୋକେଇ କେଉଁଠି ଅଛି ?

सचिन : **टोकरी मेज़ पर है।**
ଟୋକରୀ ମେଜ ପର ହୈ ।
ଟୋକେଇ ମେଜ ଉପରେ ଅଛି ।

जादूगर : **टोकरी में कितने आम हैं** ?
ଟୋକରୀ ମେଁ କିତନେ ଆମ ହେଁ ?
ଟୋକେଇରେ କେତେଟି ଆମ୍ବ ଅଛି ?

सचिन : **टोकरी में तीन आम हैं।**
ଟୋକରୀ ମେଁ ତୀନ ଆମ ହେଁ ।
ଟୋକେଇରେ ତିନିଟି ଆମ୍ବ ଅଛି ।

जादूगर : **अब टोकरी कहाँ है** ?
ଅବ ଟୋକରୀ କହାଁ ହୈ ?
ଏବେ ଟୋକେଇ କେଉଁଠି ଅଛି ?

सचिन : **अरे** ! **टोकरी तो अब पेड़ पर है।**
ଅରେ! ଟୋକରୀ ତୋ ଅବ ପେଡ଼ ପର ହୈ !
ଅରେ! ଟୋକେଇଟି ତ ଏବେ ଗଛ ଉପରେ ଅଛି !

जादूगर : **और टोकरी में क्या है** ?
ଔର ଟୋକରୀ ମେଁ କ୍ୟା ହୈ ?
ଆଉ ଟୋକେଇରେ କ'ଣ ଅଛି ?

सचिन : **टोकरी में चार चिड़ियाँ हैं।**
ଟୋକରୀ ମେଁ ଚାର ଚିଡ଼ିୟାଁ ହେଁ ।
ଟୋକେଇରେ ଚାରିଟି ଚଢ଼େଇ ଅଛନ୍ତି ।

जादूगर : **अब टोकरी में क्या है** ?
ଅବ ଟୋକରୀ ମେଁ କ୍ୟା ହୈ ?
ଏବେ ଟୋକେଇରେ କଣ ଅଛି ?

सचिन : **अरे वाह** ! **अब टोकरी में मिठाइयाँ और फल हैं।**
ଅରେ ୱାହ! ଅବ ଟୋକରୀ ମେଁ ମିଠାଇୟାଁ ଔର ଫଲ ହେଁ ।
ଅରେ ବାଃ ! ଏବେ ଟୋକେଇରେ ମିଠେଇ ଓ ଫଳ ଅଛି ।

जादूगर : **इस थैले में क्या है** ?
ଇସ ଥୈଲେ ମେଁ କ୍ୟା ହୈ ?
ଏହି ଥଳିରେ କ'ଣ ଅଛି ?

सचिन : **मेरी किताबें हैं।**
ମେରୀ କିତାବେଁ ହୈଁ ।
ମୋ ବହିଗୁଡ଼ିକ ଅଛି ।

जादूगर : **अब थैले में क्या है** ?
ଅବ ଥୈଲେ ମେଁ କ୍ୟା ହୈ ?
ଏବେ ଥଳିରେ କଣ ଅଛି ?

सचिन : **एक रूमाल है।**
ଏକ ରୂମାଲ ହୈ ।
ଗୋଟିଏ ରୁମାଲ ଅଛି ।

जादूगर : **रूमाल का रंग क्या है** ?
ରୂମାଲ କା ରଂଗ କ୍ୟା ହୈ ?
ରୁମାଲର ରଙ୍ଗ କଣ ?

सचिन : **रूमाल का रंग नीला है।**
ରୂମାଲ କା ରଂଗ ନୀଲା ହୈ ।
ରୁମାଲର ରଙ୍ଗ ନୀଳ ।

सचिन : **लेकिन मेरी किताबें कहाँ हैं** ?
ଲେକିନ ମେରୀ କିତାବେଁ କହାଁ ହୈଁ ?
କିନ୍ତୁ ମୋର ବହିଗୁଡ଼ିକ କେଉଁଠି ଅଛି ?

जादूगर : **तुम्हारी किताबें सामने हैं।**
ତୁମ୍ହାରୀ କିତାବେଁ ସାମନେ ହୈଁ ।
ତୁମର ବହିଗୁଡ଼ିକ ଆଗରେ ଅଛି ।

सचिन : **यह तो सचमुच जादू है** !
ୟହ ତୋ ସଚମୁଚ ଜାଦୂ ହୈ !
ଏହା ତ ସତରେ ଜାଦୁ !

1.1 ଶବ୍ଦାବଳୀ

जादूगर (ପୁଂ.)	ଜାଦୂଗର	ଜାଦୁକର
टोकरी (ସ୍ତ୍ରୀ.)	ଟୋକରୀ	ଟୋକେଇ, ଝୁଡ଼ି
कहाँ	କହାଁ	କେଉଁଠି
पर	ପର	ଉପରେ, ରେ
कितना	କିତନା	କେତେ
पेड़ (ପୁଂ.)	ପେଡ଼	ଗଛ
चिड़िया (ସ୍ତ୍ରୀ.)	ଚିଡ଼ିୟା	ଚଢ଼େଇ , ପକ୍ଷୀ
मिठाइयाँ (ସ୍ତ୍ରୀ.)	ମିଠାଇୟାଁ	ମିଠେଇ
फल (ପୁଂ.)	ଫଲ	ଫଳ
थैला (ପୁଂ.)	ଥୈଲା	ଥଳି
रूमाल (ପୁଂ.)	ରୂମାଲ	ରୁମାଲ
रंग	ରଂଗ	ରଙ୍ଗ
नीला	ନୀଲା	ନୀଳ
सामने	ସାମନେ	ଆଗରେ
सचमुच	ସଚମୁଚ	ସତରେ
जादू (ପୁଂ.)	ଜାଦୂ	ଜାଦୁ

1.2 ନିମ୍ନ ବାକ୍ୟଗୁଡ଼ିକୁ ବୁଝିବାକୁ ଚେଷ୍ଟା କର ।

1. ଟୋକରୀ କହାଁ ହୈ ?
2. ଟୋକରୀ ମେଁ କିତନେ ଆମ ହୈଁ ?
3. ଟୋକରୀ ମେଁ କିତନୀ ଚିଡ଼ିୟାଁ ହୈଁ ?
4. ଥୈଲେ ମେଁ କ୍ୟା ହୈ ?
5. ରୂମାଲ କା ରଂଗ କ୍ୟା ହୈ ?

1.3 ବ୍ୟାକରଣ ଏବଂ ସଂରଚନା

1.3.1 ବିଭକ୍ତି '**में**' ଏବଂ '**पर**'

- କୌଣସି ବ୍ୟକ୍ତି ବା ବସ୍ତୁର ସ୍ଥାନ ଅବା ସ୍ଥିତି ଅନ୍ୟ ଜିନିଷର 'ଭିତରେ' ଥିବା ଦର୍ଶାଇବାକୁ ହେଲେ ହିନ୍ଦୀରେ ବିଭକ୍ତି **में** (ରେ) ବ୍ୟବହାର କରାଯାଏ । ଯଥା-

  मेरा घर मुंबई में है।
  ମେରା ଘର ମୁମ୍ବଈ ମେଁ ହୈ ।
  ମୋ ଘର ମୁମ୍ବଇରେ ।

मेरी बेटी स्कूल में है।
ମେରୀ ବେଟୀ ସ୍କୂଲ ମେଁ ହୈ ।
ମୋ ଝିଅ ସ୍କୁଲରେ ଅଛି ।

- ବିଭକ୍ତି **पर** (ରେ/ଉପରେ) କୌଣସି ଜିନିଷ (ବ୍ୟକ୍ତି ବା ବସ୍ତୁ)ର ସ୍ଥାନ କିମ୍ବା ସ୍ଥିତିକୁ ଅନ୍ୟ ଜିନିଷର 'ଉପରେ' ଥିବା ସୂଚାଇବା ପାଇଁ ବ୍ୟବହୃତ ହୁଏ । ଯଥା-

कागज मेज़ पर है।
କାଗଜ ମେଜ ପର ହୈ ।
କାଗଜ ମେଜ ଉପରେ ଅଛି ।

बंदर पेड़ पर है।
ବନ୍ଦର ପେଡ଼ ପର ହୈ ।
ମାଙ୍କଡ଼ ଗଛ ଉପରେ ଅଛି ।

- ଓଡ଼ିଆ ଭଳି ହିନ୍ଦୀରେ '**में**' ଓ '**पर**' ଆଦି ବିଭକ୍ତି ବିଶେଷ୍ୟ ପରେ ଆସିଥାଏ । ଯେମିତି, ଘର ମେଁ (ଘରେ), ଦୀୱାର ପର (କାନ୍ଥ ଉପରେ)

1.3.2 ଯୌଗିକ ବିଭକ୍ତି

ନିମ୍ନଲିଖିତ ଯୌଗିକ ବିଭକ୍ତିଗୁଡ଼ିକ ସ୍ଥାନ/ଦିଗ ନିର୍ଦ୍ଦେଶ କରିବା ପାଇଁ ମଧ୍ୟ ବ୍ୟବହୃତ ହୁଏ।

के सामने	କେ ସାମନେ	ଆଗରେ
के पीछे	କେ ପୀଛେ	ପଛରେ
के दाएँ	କେ ଦାଏଁ	ଦାହାଣକୁ / ଦାହାଣରେ
के बाएँ	କେ ବାଏଁ	ବାମକୁ / ବାମରେ
के पास	କେ ପାସ	ପାଖରେ
के यहाँ	କେ ୟହାଁ	ଏଠାରେ
के वहाँ	କେ ୱହାଁ	ସେଠାରେ
के ऊपर	କେ ଊପର	ଉପରେ
के नीचे	କେ ନୀଚେ	ତଳେ

ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର

बिल्ली पलंग के नीचे है।
ବିଲ୍ଲୀ ପଲଂଗ କେ ନୀଚେ ହୈ ।
ବିଲେଇଟି ପଲଙ୍କ ତଳେ ଅଛି।

छत के ऊपर एक कमरा है।
ଛତ କେ ଊପର ଏକ କମରା ହୈ ।
ଛାତ ଉପରେ ଗୋଟିଏ କୋଠରି ଅଛି ।

घर के सामने पार्क है।
ଘର କେ ସାମନେ ପାର୍କ ହୈ ।
ଘର ସାମନାରେ ପାର୍କ ଅଛି ।

स्कूल के पीछे दुकान है।
ସ୍କୂଲ କେ ପୀଛେ ଦୁକାନ ହୈ ।
ସ୍କୁଲ ପଛପଟେ ଦୋକାନ ଅଛି ।

ବାକ୍ୟଗୁଡ଼ିକୁ ଭଲଭାବରେ ଲକ୍ଷ୍ୟ କର-

ଫଲ କହାଁ ହୈଁ ?	ଫଲ ଟୋକରୀ ମେଁ ହୈଁ ।
ଫଳ କେଉଁଠି ଅଛି ?	ଫଳ ଟୋକେଇରେ ଅଛି ।
ନାୱ କହାଁ ହୈ ?	ନାୱ ନଦୀ ମେଁ ହୈ ।
ନାଆ କେଉଁଠି ଅଛି ?	ନାଆ ନଦୀରେ ଅଛି ।
କପଡ଼େ କହାଁ ହୈଁ ?	କପଡ଼େ ଆଲମାରୀ ମେଁ ହୈଁ ।
ଲୁଗାପଟା କେଉଁଠି ଅଛି?	ଲୁଗାପଟା ଆଲମାରିରେ ଅଛି ।
ରାଧା କହାଁ ହୈ ?	ରାଧା ଘର ପର ହୈ ।
ରାଧା କେଉଁଠି ଅଛି ?	ରାଧା ଘରେ ଅଛି ।
କିତାବ କହାଁ ହୈ ?	କିତାବ ମେଜ ପର ହୈ ।
ବହି କେଉଁଠି ଅଛି ?	ବହି ଟେବୁଲ ଉପରେ ଅଛି ।
ତୋତା କହାଁ ହୈ ?	ତୋତା ପେଡ଼ କେ ଊପର ହୈ ।
ଶୁଆ କେଉଁଠି ଅଛି ?	ଶୁଆ ଗଛ ଉପରେ ଅଛି ।

1.4 ଅନୁଶୀଳନୀ

1. ଉଦାହରଣ ଅନୁସାରେ ଉତ୍ତର ଦିଅ ।

ଆପକା ଘର କହାଁ ହୈଁ ? (ଦିଲ୍ଲୀ ମେଁ)

ମେରା ଘର ଦିଲ୍ଲୀ ମେଁ ହୈ ।

ରାମ ମୋହନ ସୀତା ମୋହିତ	କା ଘର କହାଁ ହୈ ?	ଇଧର ୟହାଁ ନଦୀ କେ ପାର ଗାଁୱ ମେଁ

2. ଆସ ବିଶେଷ୍ୟର ବହୁବଚନ ଗଠନ ଅଭ୍ୟାସ କରିବା ।

ଏକବଚନ	ବହୁବଚନ
ହମାରା ଘର	ହମାରେ ଘର
ତୁମ୍‌ହାରା ଘର	ତୁମ୍‌ହାରେ ଶହର
ଏକ ଫୂଲ	ସାତ ଫୂଲ
ଉସକା କମରା	ଉସକେ କମରେ
ମେରା ବେଟା	ମେରେ ବେଟେ
ଏକ କିତାବ	ଚାର କିତାବେଁ
ଏକ କୁର୍ସୀ	ଦୋ କୁର୍ସିୟାଁ
ଏକ ଅତିଥି	ଛହ ଅତିଥି

3. ନିମ୍ନଲିଖିତ ସାରଣୀ ଦେଖି 10ଟି ବାକ୍ୟ ଗଠନ କର

ହମାରେ ମେରେ ରାମ କେ ଶୀଲା କେ	ଘର	କେ	ପୀଛେ ସାମନେ ଆଗେ	ପାର୍କ ମନ୍ଦିର ମୈଦାନ	ହୈ

ଏକକ - II

ଏହି ପାଠରେ ନିମ୍ନଲିଖିତ ସଂରଚନା ଦିଆଯାଇଛି

ବିଶେଷ୍ୟ ପଦବନ୍ଧର ବିସ୍ତାର

कमरा	बड़ा कमरा	मेरा बड़ा कमरा
କମରା	ବଡ଼ା କମରା	ମେରା ବଡ଼ା କମରା
କୋଠରି	ବଡ଼ କୋଠରି	ମୋର ବଡ଼ କୋଠରି

कमरा	बड़ा कमरा	बड़े कमरे में	मेरे / मोहन के बड़े कमरे में
କମରା	ବଡ଼ା କମରା	ବଡ଼େ କମରେ ମେଁ	ମେରେ / ମୋହନ କେ ବଡ଼େ କମରେ ମେଁ
କୋଠରି	ବଡ଼ କୋଠରି	ବଡ଼ କୋଠରିରେ	ମୋର / ମୋହନର ବଡ଼ କୋଠରିରେ

2.0 ପାଠ

हमारा घर

ହମାରା ଘର

ଆମ ଘର

हमारा घर दिल्ली शहर में है। दिल्ली भारत की राजधानी है।
ହମାରା ଘର ଦିଲ୍ଲୀ ଶହର ମେଁ ହୈ । ଦିଲ୍ଲୀ ଭାରତ କୀ ରାଜଧାନୀ ହୈ ।
ଆମ ଘର ଦିଲ୍ଲୀ ସହରରେ। ଦିଲ୍ଲୀ ହେଉଛି ଭାରତର ରାଜଧାନୀ ।

हमारा घर शहर के बीच में है। घर के सामने दुकानें हैं।
ହମାରା ଘର ଶହର କେ ବୀଚ ମେଁ ହୈ । ଘର କେ ସାମନେ ଦୁକାନେଁ ହୈଁ ।
ଆମ ଘର ସହରର ମଝିରେ ଅଛି । ଘର ସାମନାରେ ଗୁଡ଼ିଏ ଦୋକାନ ଅଛି ।

घर के दाईं ओर बालमुकुंद का घर है और बाईं ओर गोपाल का घर।
ଘର କେ ଦାଈଁ ଓର ବାଲମୁକୁନ୍ଦ କା ଘର ହୈ ଔର ବାଈଁ ଓର ଗୋପାଲ କା ଘର ।
ଘରର ଡାହାଣ ପଟେ ବାଲମୁକୁନ୍ଦର ଘର ଏବଂ ବାମ ପଟେ ଗୋପାଳର ଘର (ଅଛି)।

हमारे घर के पास एक बड़ा पार्क है। उस पार्क के पास ही बस स्टैंड है।
ହମାରେ ଘର କେ ପାସ ଏକ ବଡ଼ା ପାର୍କ ହୈ । ଉସ ପାର୍କ କେ ପାସ ହୀ ବସ ସ୍ଟୈଣ୍ଡ ହୈ ।
ଆମ ଘର ପାଖରେ ଗୋଟିଏ ବଡ଼ ପାର୍କ ଅଛି । ସେହି ପାର୍କ ପାଖରେ ହିଁ ବସ୍ ଷ୍ଟାଣ୍ଡ ଅଛି।

हमारे घर में दो मंज़िलें हैं। इसमें चार कमरे हैं, दो नीचे हैं और दो ऊपर।
ହମାରେ ଘର ମେଁ ଦୋ ମଂଜିଲେଁ ହୈଁ । ଇସମେଁ ଚାର କମରେ ହୈଁ, ଦୋ ନୀଚେ ହୈଁ , ଔର ଦୋ ଉପର ।
ଆମ ଘର ଦୋ ମହଲା । ଏଥିରେ ଚାରୋଟି କୋଠରି ଅଛି, ଦୁଇଟି ତଳେ ଏବଂ ଦୁଇଟି ଉପର ।

मेरा कमरा बड़ा है। मेरे कमरे में एक पलंग है, एक मेज़ है और दो कुर्सियाँ हैं।
ମେରା କମରା ବଡ଼ା ହୈ । ମେରେ କମରେ ମେଁ ଏକ ପଲଂଗ ହୈ, ଏକ ମେଜ ହୈ ଔର ଦୋ କୁର୍ସିୟାଁ ହୈଁ ।
ମୋ କୋଠରିଟି ବଡ଼ । ମୋ କୋଠରିରେ ଗୋଟିଏ ପଲଙ୍କ ଅଛି, ଗୋଟିଏ ଟେବୁଲ ଏବଂ ଦୁଇଟି ଚଉକି ଅଛି ।

मेरे बेटे का कमरा छोटा है। वह दूसरी मंजिल पर है।
ମେରେ ବେଟେ କା କମରା ଛୋଟା ହୈ । ୱହ ଦୂସରୀ ମଂଜିଲ ପର ହୈ ।
ମୋ ପୁଅର କୋଠରିଟି ଛୋଟ । ସେଇଟି ଦ୍ୱିତୀୟ ମହଲାରେ ଅଛି ।

पहली मंजिल पर एक बैठक है। वह पढ़ने का कमरा भी है।
ପହଲୀ ମଂଜିଲ ପର ଏକ ବୈଠକ । ୱହ ପଢ଼ନେ କା କମରା ଭୀ ହୈ ।
ପ୍ରଥମ ମହଲାରେ ଗୋଟିଏ ବୈଠକ ଘର ଅଛି । ତାହା ମଧ୍ୟ ପଢ଼ିବା ଘର ।

मेरी सारी किताबें वहाँ अलमारी में हैं। चौथा कमरा अतिथि कक्ष है।
ମେରୀ ସାରୀ କିତାବେଁ ୱହାଁ ଅଲମାରୀ ମେଁ ହୈଁ । ଚୌଥା କମରା ଅତିଥି କକ୍ଷ ହୈ ।
ମୋର ସମସ୍ତ ବହି ଆଲମାରିରେ ଅଛି । ଚତୁର୍ଥ କୋଠରିଟି ଅତିଥି କକ୍ଷ ।

उसमें दो पलंग, दो मेज़ें और दो कुर्सियाँ हैं।
ଉସମେଁ ଦୋ ପଲଂଗ, ଦୋ ମେଜେଁ ଔର ଦୋ କୁର୍ସିୟାଁ ହୈଁ ।
ସେହି କୋଠରିରେ ଦୁଇଟି ପଲଙ୍କ, ଦୁଇଟି ଟେବୁଲ ଏବଂ ଦୁଇଟି ଚଉକି ଅଛି ।

हमारे घर के पीछे एक छोटा बाग है।
ହମାରେ ଘର କେ ପୀଛେ ଏକ ଛୋଟା ବାଗ ହୈ ।
ଆମ ଘର ପଛରେ ଗୋଟିଏ ଛୋଟ ବଗିଚା ଅଛି ।

घर के चारों ओर थोड़ी जगह है। वहाँ गुलाब के फूल हैं।
ଘର କେ ଚାରୋଁ ଓର ଥୋଡ଼ୀ ଜଗହ ହୈ । ୱହାଁ ଗୁଲାବ କେ ଫୁଲ ହୈଁ ।
ଘରର ଚାରିପଟେ ଅଳ୍ପ ଜାଗା ଅଛି । ସେଠାରେ ଗୋଲାପ ଫୁଲ ଗଛ ଅଛି ।

2.1 ଶବ୍ଦାବଳୀ

शहर (पुं.)	ଶହର	ସହର
राजधानी (स्त्री.)	ରାଜଧାନୀ	ରାଜଧାନୀ
बीच में	ବୀଚ ମେଁ	ମଝିରେ
दाईं ओर	ଦାଈଁ ଓର	ଡାହାଣ ପଟେ
बाईं ओर	ବାଈଁ ଓର	ବାମ ପଟେ
पास	ପାସ	ପାଖରେ
मंजिल (स्त्री.)	ମଞ୍ଜିଲ	ମହଲା
पलंग (पुं.)	ପଲଂଗ	ପଲଙ୍କ, ଖଟ
मेज़ (स्त्री.)	ମେଜ	ଟେବୁଲ
कमरा (पुं.)	କମରା	କୋଠରି
कुर्सी (स्त्री.)	କୁର୍ସୀ	ଚଉକି
सारी	ସାରୀ	ସମସ୍ତ
अतिथि (पुं.)	ଅତିଥି	ଅତିଥି
बाग (पुं.)	ବାଗ	ବଗିଚା
थोड़ी	ଥୋଡ଼ୀ	ଅଳ୍ପ
गुलाब (पुं.)	ଗୁଲାବ	ଗୋଲାପ
फूल (पुं.)	ଫୂଲ	ଫୁଲ
छोटा	ଛୋଟା	ଛୋଟ

2.1.1 ତଳେ କ୍ରମବାଚକ ସଂଖ୍ୟାଗୁଡ଼ିକ (ଗଣନାବାଚକ ବିଶେଷଣ) ଦିଆଯାଇଛି । ପରବର୍ତ୍ତୀ ସମୟରେ ଏହାର ଆଲୋଚନା କରାଯିବ ।

पहला	ପହଲା	ପ୍ରଥମ
दूसरा	ଦୂସରା	ଦ୍ୱିତୀୟ
तीसरा	ତୀସରା	ତୃତୀୟ
चौथा	ଚୌଥା	ଚତୁର୍ଥ

2.2 ବୁଝିବାକୁ ଚେଷ୍ଟା କର ।

1. ଘର କହାଁ ହୈ ?
2. ଘର ମେଁ କିତନେ କମରେ ହୈଁ ?
3. ଊପର କିସକା କମରା ହୈ ?
4. ଘର କେ ପୀଛେ କ୍ୟା ହୈ ?
5. ଗୁଲାବ କେ ଫୂଲ କହାଁ ହୈଁ ?

2.3 ବ୍ୟାକରଣ ଓ ସଂରଚନା

2.3.1 ବିଶେଷ୍ୟର ତିର୍ଯ୍ୟକ ରୂପ

ବାକ୍ୟଗୁଡ଼ିକୁ ମନ ଦେଇ ପଢ଼ ।

ୟହ କମରା ହୈ ।	କମରେ ମେଁ ପଲଂଗ ହୈ ।
ଏହା ଗୋଟିଏ କୋଠରି ।	କୋଠରିରେ ପଲଙ୍କ ଅଛି ।
ୟହ ମେରା ବେଟା ହୈ ।	ମେରେ ବେଟେ କା ନାମ ସୂରଜ ହୈ ।
ୟେ ମୋ ପୁଅ ।	ମୋ ପୁଅର ନାଁ ସୂରଜ ।
ୟହ ଅସ୍ପତାଲ ହୈ ।	ଅସ୍ପତାଲ ମେଁ ନର୍ସ ହୈ ।
ଏହିଟି ଡାକ୍ତରଖାନା ।	ଡାକ୍ତରଖାନାରେ ନର୍ସ ଅଛି / ଅଛନ୍ତି ।
ୟହ ଘର ହୈ ।	ଘର ମେଁ ସାମାନ ହୈ ।
ଏହା ଗୋଟିଏ ଘର ।	ଘରେ ଜିନିଷ ପତ୍ର ଅଛି ।

ଏଠାରେ ଲକ୍ଷ୍ୟ କରିଥିବ ଯେ, ଯେତେବେଳେ ଆକାରାନ୍ତ ବିଶେଷ୍ୟ ପରେ ବିଭକ୍ତି ଚିହ୍ନ ଲାଗେ, ସେତେବେଳେ ଆକାରାନ୍ତ ପୁଂଲିଙ୍ଗ ଏକବଚନର ବିଶେଷ୍ୟରେ 'ଆ' ସ୍ଥାନରେ 'ଏ' ହୋଇଯାଏ । ଆକାରନ୍ତ ଭିନ୍ନ ଅନ୍ୟ ପୁଂଲିଙ୍ଗ ଶବ୍ଦ ବିଭକ୍ତି ଯୁକ୍ତ ହେବା ବେଳେ ସେଥିରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ସ୍ତ୍ରୀଲିଙ୍ଗ ବିଶେଷ୍ୟ ଶବ୍ଦ ପରେ ବିଭକ୍ତି ଲାଗି ଥିଲେ ମଧ୍ୟ ତାହାର ରୂପରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ଯଥା-

ଦୁକାନ (ସ୍ତ୍ରୀ.) ମେଁ (ଦୋକାନରେ)
ମେଜ (ସ୍ତ୍ରୀ.) ପର (ଟେବୁଲ ଉପରେ)
କୁର୍ସୀ (ସ୍ତ୍ରୀ.) ପର (ଚଉକି ଉପରେ)
ଆଲମାରୀ (ସ୍ତ୍ରୀ.) ମେଁ (ଆଲମାରିରେ)

ଯେଉଁ ବିଶେଷ୍ୟଗୁଡ଼ିକ ବିଭକ୍ତି ବିନା ବ୍ୟବହୃତ ହୋଇଥାଏ ସେଗୁଡ଼ିକ ମୂଳ ରୂପରେ ଥାଏ । ସେହି ମୂଳ ରୂପକୁ 'ସରଳ ରୂପ' କୁହାଯାଏ । ବିଭକ୍ତି ସହିତ ଆସୁଥିବା ବିଶେଷ୍ୟର ରୂପରେ ସାମାନ୍ୟ ପରିବର୍ତ୍ତନ ହେଲେ, ତାହା "ତିର୍ଯ୍ୟକ ରୂପ" ହୁଏ ।

ଯଥା- ୟହ ମେରା ବେଟା ହୈ । ମୂଳ / ସରଳ ରୂପରେ ଅଛି
ୟେ ମୋ ପୁଅ ।

मेरे बेटे का नाम सूरज है । — ତିର୍ଯ୍ୟକ ରୂପରେ ଅଛି

ମୋ ପୁଅର ନାଁ ସୁରଜ ।

ବିଭକ୍ତି ସହ ଆସିଲେ ପୁଂଲିଙ୍ଗ ଏକବଚନ 'ଆ'କାରାନ୍ତ ବିଶେଷ୍ୟ ତିର୍ଯ୍ୟକ ରୂପ ହୋଇ 'ଏ'କାରାନ୍ତ ହୋଇଯାଏ । ଅନ୍ୟ ବିଶେଷ୍ୟ କ୍ଷେତ୍ରରେ ଏହି ପରିବର୍ତ୍ତନ ହୁଏ ନାହିଁ । ସାରଣୀ ଦେଖ :

ବିଭକ୍ତି ଚିହ୍ନ ବିନା 'ଆ' କାରାନ୍ତ ପୁଂଲିଙ୍ଗ ଶବ୍ଦ	**ବିଭକ୍ତିଯୁକ୍ତ ବିଶେଷ୍ୟର ତିର୍ଯ୍ୟକୀକରଣ**	**ପରିବର୍ତ୍ତନ आ → ए**
रुपया	रुपया + में	रुपये में
बेटा	बेटा + का	बेटे का
घोड़ा	घोड़ा + पर	घोड़े पर
दरवाजा	दरवाजा + पर	दरवाजे पर

ବିଭକ୍ତିଯୁକ୍ତ ପୁଂଲିଙ୍ଗ ବିଶେଷ୍ୟର ମୂଳ ରୂପ	**ବିଶେଷ୍ୟର ତିର୍ଯ୍ୟକ ରୂପ ବା କୌଣସି ପରିବର୍ତ୍ତନ ହେବ ନାହିଁ**		**ବିଭକ୍ତିଯୁକ୍ତ ସ୍ତ୍ରୀଲିଙ୍ଗ ବିଶେଷ୍ୟର ମୂଳ ରୂପ**	**ବିଶେଷ୍ୟର ତିର୍ଯ୍ୟକ ରୂପ ବା କୌଣସି ପରିବର୍ତ୍ତନ ହେବ ନାହିଁ**
घर + में	घर में		किताब + का	किताब का
नौकर + का	नौकर का		बहन + का	बहन का
आदमी + की	आदमी की		बेटी + की	बेटी की
साधु + का	साधु का		मेज + पर	मेज पर
पलंग + पर	पलंग पर		आलमारी + में	आलमारी में

ଏଥିରୁ ଜଣାଗଲା ଯେ 'ଆ' କାରାନ୍ତ ପୁଂଲିଙ୍ଗ ବିଶେଷ୍ୟ ଛଡ଼ା ଅନ୍ୟ କୌଣସି ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗ ବିଶେଷ୍ୟର ମୂଳ ରୂପରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ବହୁବଚନାନ୍ତ ପ୍ରତ୍ୟୟ 'ଏ' ଓ 'ଆ' କାରାନ୍ତ ଶବ୍ଦର ତିର୍ଯ୍ୟକ ରୂପ 'ଏ' ମଧ୍ୟରେ ରୂପଗତ ସମାନତା ଥିଲେ ମଧ୍ୟ ଏ ଦୁଇଟି ଅଲଗା, ଏଥିରେ ଶଙ୍କା କରିବା ଉଚିତ ନୁହେଁ ।

ଏକବଚନ (ମୂଳ)	**ବହୁବଚନ (ମୂଳ)**	**ଏକବଚନର ତିର୍ଯ୍ୟକ ରୂପ**
एक लड़का	दो लड़के	लड़के का
एक बेटा	दो बेटे	बेटे का
दरवाजा	दरवाजे	दरवाजे पर
कमरा	कमरे	कमरे में

2.3.2 ବିଶେଷଣର ତିର୍ଯ୍ୟକ ରୂପ

ବିଶେଷ୍ୟ ପଦବନ୍ଧର ବିସ୍ତାର

'**आ**'-କାରାନ୍ତ ପୁଂଲିଙ୍ଗ ବିଶେଷ୍ୟ ଭଳି '**आ**'-କାରାନ୍ତ ବିଶେଷଣ ମଧ୍ୟ ବିଭକ୍ତି ପୂର୍ବରୁ ଆସୁଥିଲେ '**ए**'-କାରାନ୍ତ ହୋଇଯାଏ । ଯଥା-

ବଡ଼ା ଲଡ଼କା → ବଡ଼େ ଲଡ଼କେ କା
ଅଚ୍ଛା ଘର → ଅଚ୍ଛେ ଘର କା
ମେରା ବଡ଼ା ଲଡ଼କା → ମେରେ ବଡ଼େ ଲଡ଼କେ କୀ
ରାମ କା ପୁରାନା ଘର → ରାମ କେ ପୁରାନେ ଘର ମେଁ

କିନ୍ତ '**ଆ**'-କାରାନ୍ତ ଭିନ୍ନ ଅନ୍ୟ ମାତ୍ରାନ୍ତ ବିଶେଷଣର କୌଣସି ପରିବର୍ତ୍ତନ ହେବନାହିଁ । ଯଥା-

ୟହ ଛୋଟୀ ଟୋକରୀ ହୈ । → ଛୋଟୀ ଟୋକରୀ ମେଁ ଆମ ହୈଁ ।
ଏହା ଗୋଟିଏ ଛୋଟ ଟୋକେଇ । ଛୋଟ ଟୋକେଇରେ ଆମ୍ବ ଅଛି ।

ୟହ ସୁନ୍ଦର ଲଡ଼କୀ ହୈ । → ସୁନ୍ଦର ଲଡ଼କୀ କୀ ସାଡ଼ୀ ନଈ ହୈ ।
ୟେ ଗୋଟିଏ ସୁନ୍ଦର ଝିଅ । ସୁନ୍ଦର ଝିଅଟିର ଶାଢ଼ୀଟି ନୂଆ ।

ବିଶେଷଣର ତିର୍ଯ୍ୟକ ରୂପ

'ଆ' କାରାନ୍ତ	→	**'ଏ' କାରାନ୍ତ**
ଅ**ଚ୍ଛା** ଲଡ଼କା	→	ଅ**ଚ୍ଛେ** ଲଡ଼କେ କା
କାଲା କପଡ଼ା	→	କାଲେ କପଡ଼େ ମେଁ
ବିନା 'ଆ' କାରାନ୍ତ	→	**କୌଣସି ପରିବର୍ତ୍ତନ ନାହିଁ**
ସୁନ୍ଦର ଲଡ଼କୀ	→	ସୁନ୍ଦର ଲଡ଼କୀ କା କମରା
ଖରାବ ଘଡ଼ୀ	→	ଖରାବ ଘଡ଼ୀ କୀ ସୁଈ

ଉଦାହରଣଗୁଡ଼ିକୁ ଦେଖ

1.	ୟହ ଅସ୍ପତାଲ ହୈ । ଏଇଟି ଗୋଟିଏ ଡାକ୍ତରଖାନା ।	ଅସ୍ପତାଲ ମେଁ ନର୍ସେଁ ହୈଁ । ଡାକ୍ତରଖାନାରେ ନର୍ସମାନେ ଅଛନ୍ତି ।
2.	ୟହ ସନ୍ଦୂକ ହୈ । ଏହା ଗୋଟିଏ ସିନ୍ଦୁକ ।	ସନ୍ଦୂକ ମେଁ ସାମାନ ହୈଂ । ସିନ୍ଦୁକ ଭିତରେ ଜିନିଷପତ୍ର ଅଛି ।
3.	ୟେ ମେରେ ଗୁରୁ ହୈଁ । ୟେ ମୋର ଗୁରୁ ।	ୟହ ମେରେ ଗୁରୁ କା ଘର ହୈ । ଏହା ମୋ ଗୁରୁଙ୍କ ଘର ।
4.	ୟହ ମେରା ମାଲୀ ହୈ । ୟେ ମୋର ମାଳୀ	ମାଲୀ କା ଘର ଛୋଟା ହୈ । ମାଳିର ଘରଟି ଛୋଟ ।
5.	ୟହ ମେରୀ ଗୁଡ଼ିୟା ହୈ । ଏଇଟି ମୋର କଣ୍ଢେଇ ।	ଗୁଡ଼ିୟା କା ଦାମ ପଚାସ ରୁପୟେ ହୈ । କଣ୍ଢେଇର ମୂଲ୍ୟ ପଚାଶ ଟଙ୍କା।

'ଆ'-କାରାନ୍ତ ପୁଂଲିଙ୍ଗ ଏକବଚନ ବିଶେଷ୍ୟର ବହୁବଚନରେ ପରିବର୍ତ୍ତନ ହୁଏ । କିନ୍ତୁ ସମ୍ବନ୍ଧବାଚକ ଶବ୍ଦ ମାମା, ଚାଚା, ଦାଦା ଆଦିର ବହୁବଚନରେ ପରିବର୍ତ୍ତନ କିମ୍ବା ତିର୍ଯ୍ୟକ ରୂପ ହୁଏ ନାହିଁ ।

ସମ୍ବନ୍ଧବାଚକ ଶବ୍ଦ	ବହୁବଚନ ରୂପ	ତିର୍ଯ୍ୟକ ରୂପ	ତିର୍ଯ୍ୟକ ରୂପ
ରାଜା	ଦୋ ରାଜା	ରାଜା କା ମହଲ	ରାଜା କେ ମହଲ ମେଁ
ଚାଚା	ଦୋ ଚାଚା	ଚାଚା କୀ ବେଟୀ	ଚାଚା କୀ ବେଟୀ ନେ

ଏହି ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର :

ରାଜା (ପୁଂ.) ରାଜା କେ ମହଲ ମେଁ କଈ କମରେ ହୈଁ ।
ରାଜାଙ୍କ ରାଜଭବନରେ ଅନେକ କୋଠରି ଅଛି |

ନେତା (ପୁଂ.) ନେତା କେ ବେଟେ କା ନାମ ଗୋପାଲ ହୈ ।
ନେତାଙ୍କ ପୁଅର ନାଁ ଗୋପାଳ ।

ନାନା (ପୁଂ.) ନାନା କୀ ମେଜ ପର ଦୋ କିତାବେଁ ହୈଁ ।
ଅଜାଙ୍କ ଟେବୁଲ ଉପରେ ଦୁଇଟି ବହି ଅଛି ।

ଚାଚା (ପୁଂ.) ଚାଚା କେ ଘର ମେଁ ବହୁତ ଲୋଗ ହୈଁ ।
କାକାଙ୍କ ଘରେ ବହୁତ ଲୋକ ଅଛନ୍ତି ।

2.4 ଅନୁଶୀଳନୀ

1. ଦିଆଯାଇଥିବା ଶବ୍ଦଗୁଡ଼ିକର ଉପଯୁକ୍ତ ହିନ୍ଦୀ ସମାନାର୍ଥୀ ଶବ୍ଦ ପ୍ରୟୋଗ କରି ଶୂନ୍ୟସ୍ଥାନ ପୂରଣ କର :

i) ମେରା ସାମାନ .... କମରେ ମେଁ ହୈ । (ବଡ଼)

ii) ଭାଈ ସାହବ .... ଘର ମେଁ ହୈଁ । (ପୁରୁଣା)

iii) .... ଟୋପୀ କା ଦାମ କ୍ୟା ହୈ ? (ଲାଲ)

iv) .... କିତାବ ମେଁ ବୀସ ପାଠ ହୈଁ । (ନୂଆ)

v) .... ମେଁ ରୁପୟେ ନହୀଁ ହୈଁ । (ଲଫାଫା)

2. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ବିଶେଷ୍ୟର ଉପଯୁକ୍ତ ରୂପ ପରେ ବିଭକ୍ତି ରଖି ଶୂନ୍ୟସ୍ଥାନ ପୂରଣ କର :

i) .... ଦୋ କେଲେ ମିଲତେ ହୈଁ । (ଦଶ ଟଙ୍କାରେ)

ii) .... ବହୁତ ସାରୀ ସାଡ଼ିୟାଁ ହୈଁ । (ଆଲମିରାରେ)

iii) .... ଅଚ୍ଛୀ କବିତାଏଁ ହୈଁ । (ବହିରେ)

iv) ୟହ ମେରା କମରା ହୈ । .... ଚାର କୁର୍ସିୟାଁ ହୈଁ । (କୋଠରିରେ)

v) ମେଜ ପର ଲିଫାଫା ହୈ । .... ତୀସ ରୁପୟେ ହୈଁ । (ଲଫାଫାରେ)

2.5 ଅତିରିକ୍ତ ଶବ୍ଦାବଳୀ

2.5.1 ମୂଳ ରଙ୍ଗ

सफेद	ସଫେଦ	ଧଳା
काला	କାଲା	କଳା
नीला	ନୀଲା	ନୀଳ
हरा	ହରା	ସବୁଜ
लाल	ଲାଲ	ଲାଲ
पीला	ପୀଲା	ହଳଦିଆ
भूरा	ଭୂରା	ମାଟିଆ

2.5.2 ଆସ ଗଣିବା

21	**इक्कीस**	ଇକ୍କୀସ
22	**बाईस**	ବାଇସ
23	**तेईस**	ତେଇସ
24	**चौबीस**	ଚୌବୀସ
25	**पच्चीस**	ପଚ୍ଚୀସ
26	**छब्बीस**	ଛବ୍ବୀସ
27	**सत्ताईस**	ସତ୍ତାଇସ
28	**अट्ठाईस**	ଅଟ୍ଠାଇସ
29	**उनतीस**	ଉନତୀସ
30	**तीस**	ତୀସ

2.5.3 ଦିଗଗୁଡ଼ିକ

पूरब	ପୂରବ	ପୂର୍ବ
पश्चिम	ପଶ୍ଚିମ	ପଶ୍ଚିମ
उत्तर	ଉତ୍ତର	ଉତ୍ତର
दक्षिण	ଦକ୍ଷିଣ	ଦକ୍ଷିଣ

2.5.4 ବିପରୀତାର୍ଥକ ଶବ୍ଦ

बड़ा	ବଡ଼ା (ବଡ଼)	**छोटा**	ଛୋଟା (ଛୋଟ)
सामने	ସାମନେ (ଆଗରେ)	**पीछे**	ପୀଛେ (ପଛରେ)
पास	ପାସ (ପାଖରେ)	**दूर**	ଦୂର (ଦୂର)
ऊपर	ଉପର (ଉପରେ)	**नीचे**	ନୀଚେ (ତଳେ)
थोड़ा	ଥୋଡ଼ା (ଟିକିଏ)	**ज्यादा**	ଜ୍ୟାଦା (ବହୁତ)

2.5.5 ସମାନାର୍ଥୀ ଶବ୍ଦ

किताब	କିତାବ	पुस्तक	ପୁସ୍ତକ

ପୁନରାବୃତ୍ତି

ଏହି ପାଠରେ ତୁମେ ନିମ୍ନଲିଖିତ ବାକ୍ୟ ସଂରଚନା ଶିଖିଛ ।

1. ପିତାଜୀ କହାଁ ହେଁ ? → ପିତାଜୀ ଆଫିସ ମେଁ ହେଁ ।

2. କିତାବ କହାଁ ହୈ ? → କିତାବ ମେଜ ପର ହୈ ।

3. ଘୋଡ଼ା → କାଲା ଘୋଡ଼ା → ମେରା କାଲା ଘୋଡ଼ା → ମେରେ କାଲେ ଘୋଡ଼େ ପର

ପାଠ – ୫

ଏକକ - I

ଏହି ଏକକରେ ନିମ୍ନ ବାକ୍ୟ ସଂରଚନା ଦିଆଯାଇଛି ।

1. **କ୍ରିୟାର ଅନୁଜ୍ଞାର୍ଥକ ରୂପ**

तू आ।	तुम आओ।	आप आइए।
ତୂ ଆ	ତୁମ ଆଓ	ଆପ ଆଇଏ
ତୁ ଆ ।	ତୁମେ ଆସ ।	ଆପଣ ଆସନ୍ତୁ ।

2. **ନିଷେଧାର୍ଥକ (ଅନୁଜ୍ଞାର୍ଥକ ବାକ୍ୟରେ ନାସ୍ତିବାଚକତା)**

तू मत जा।	तुम मत जाओ।	आप न जाइए।
ତୂ ମତ ଜା	ତୁମ ମତ ଜାଓ	ଆପ ନ ଜାଇଏ
ତୁ ଯାଆନା ।	ତୁମେ ଯାଅନାହିଁ ।	ଆପଣ ଯାଆନ୍ତୁ ନାହିଁ ।

1.0 ପାଠ

प्रकाश के मेहमान

ପ୍ରକାଶ କେ ମେହମାନ

ପ୍ରକାଶର ଅତିଥି

प्रकाश : **आइए रमन जी, आइए मोहिनी जी, कहिए आप लोग कैसे हैं?**
ପ୍ରକାଶ : ଆଇଏ ରମନ ଜୀ, ଆଇଏ ମୋହିନୀ ଜୀ, କହିଏ ଆପ ଲୋଗ କୈସେ ହୈଁ ?
ପ୍ରକାଶ : ଆସନ୍ତୁ ରମଣ ଜୀ, ଆସନ୍ତୁ ମୋହିନୀ ଜୀ, ଆପଣମାନେ କେମିତି ଅଛନ୍ତି ?

रमन : **हम सब ठीक हैं। आप बताइए, आपका क्या हाल चाल है?**
ରମନ : ହମ ସବ ଠୀକ ହୈଁ । ଆପ ବତାଇଏ, ଆପକା କ୍ୟା ହାଲଚାଲ ହୈ ?
ରମନ : ଆମେ ସମସ୍ତେ ଭଲ ଅଛୁ। ଆପଣ କୁହନ୍ତୁ, ଆପଣ କେମିତି ଅଛନ୍ତି ?

: **हम सब भी ठीक हैं।**
ପ୍ରକାଶ : ହମ ସବ ଭୀ ଠୀକ ହୈଁ ।
: ଆମେ ସମସ୍ତେ ବି ଭଲ ଅଛୁଁ ।

: **सुनीता जी कैसी हैं?**
ରମନ : ସୁନୀତା ଜୀ କୈସୀ ହୈଁ ?
: ସୁନୀତ ଜୀ କେମିତି ଅଛନ୍ତି ?

	:	**वे भी ठीक हैं। वे आजकल नागपुर में हैं।**
ପ୍ରକାଶ	:	ୱେ ଭୀ ଠିକ ହେଁ । ୱେ ଆଜକଲ ନାଗପୁର ମେଁ ହେଁ ।
	:	ସେମାନେ ବି ଭଲ ଅଛନ୍ତି । ସେମାନେ ଆଜିକାଲି ନାଗପୁରରେ ଅଛନ୍ତି ।
	:	**रामलाल ! ओ रामलाल !**
ପ୍ରକାଶ	:	ରାମଲାଲ ! ଓ ରାମଲାଲ !
	:	ରାମଲାଲ ! ହେ ରାମଲାଲ !
रामलाल	:	**जी, बाबूजी ।**
ରାମଲାଲ	:	ଜୀ ବାବୂଜୀ ।
ରାମଲାଲ	:	ଆଜ୍ଞା ବାବୁଜୀ ।
	:	**तीन गिलास पानी ला। सुन, टोकरी में फल हैं। सेब और केले ला।**
ପ୍ରକାଶ	:	ତୀନ ଗିଲାସ ପାନୀ ଲା । ସୁନ, ଟୋକରୀ ମେଁ ଫଲ ହେଁ । ସେବ ଔର କେଲେ ଲା ।
	:	ତିନି ଗିଲାସ ପାଣି ଆଣ, ଶୁଣ, ଟୋକେଇରେ ଫଳ ଅଛି । ସେଓ ଓ କଦଳୀ ଆଣ ।
	:	**अच्छा साहब**
ରାମଲାଲ	:	ଅଚ୍ଛା ସାହବ
	:	ଆଜ୍ଞା ସାହେବ / ହଉ ଆଜ୍ଞା
	:	**शबनम, जाओ चाय बनाओ।**
ପ୍ରକାଶ	:	ଶବନମ, ଜାଓ ଚାୟ ବନାଓ ।
	:	ଶବନମ, ଯାଅ ଚା' ତିଆରି କର ।
रोहिणी	:	**नहीं बेटी, चाय मत बनाओ। यहाँ बैठो और बात करो।**
ରୋହିଣୀ	:	ନହିଁ ବେଟୀ, ଚାୟ ମତ ବନାଓ । ୟହାଁ ବୈଠୋ ଔର ବାତ କରୋ ।
ରୋହିଣି	:	ନା ରେ ଝିଅ, ଚା' କରିବା ଦରକାର ନାହିଁ । ଏଇଠି ବସ ଓ କଥାବାର୍ତ୍ତା କର ।
	:	**अच्छा रमनजी, शरबत तो लीजिए।**
ପ୍ରକାଶ	:	ଅଚ୍ଛା ରମନଜୀ, ଶରବତ ତୋ ଲୀଜିଏ ।
	:	ଠିକ ଅଛି ରମନ ଜୀ, ସରବତ ତ ନିଅନ୍ତୁ / ପିଅନ୍ତୁ ।
रमन	:	**हाँ, शरबत ठीक है।**
ରମନ	:	ହାଁ, ଶରବତ ଠୀକ ହେ ।
ରମନ	:	ହଁ, ସରବତ ଠିକ ଅଛି ।

	:	बेटा अनिल, तुम अभी बाज़ार जाओ और गरमागरम समोसे खरीद लाओ।
ପ୍ରକାଶ	:	ବେଟା ଅନିଲ, ତୁମ ଅଭୀ ବାଜାର ଜାଓ ଔର ଗରମାଗରମ ସମୋସେ ଖରୀଦ ଲାଓ ।
	:	ପୁଅ ଅନିଲ, ତୁମେ ଏବେ ବଜାର ଯାଅ ଓ ଗରମଗରମ ସିଙ୍ଗଡ଼ା କିଣିଆଣ ।
अनिल	:	जी अच्छा, पिताजी ।
ଅନିଲ	:	ଜୀ ଅଚ୍ଛା, ପିତାଜୀ ।
ଅନିଲ	:	ଠିକ ଅଛି ବାପା ।

दुकान पर

ଦୁକାନ ପର

ଦୋକାନରେ

अनिल	:	भाई, छह समोसे देना।
ଅନିଲ	:	ଭାଈ, ଛହ ସମୋସେ ଦେନା ।
ଅନିଲ	:	ଭାଇ, ଛଅଟା ସିଙ୍ଗଡ଼ା ଦିଅ ।
दुकानदार	:	ये लीजिए, देखिए बिल्कुल गर्म हैं।
ଦୁକାନଦାର	:	ୟେ ଲୀଜିଏ, ଦେଖ୍‌ଏ ବିଲ୍‌କୁଲ ଗର୍ମ ହୈଁ ।
ଦୋକାନୀ	:	ଏଇ ନିଅନ୍ତୁ, ଦେଖନ୍ତୁ ପୂରା ଗରମ ଅଛି ।
	:	कितने रुपये के हैं ?
ଅନିଲ	:	କିତନେ ରୁପୟେ କେ ହୈଁ ?
	:	କେତେ ଟଙ୍କାର ?
	:	छत्तीस रुपये दीजिए।
ଦୁକାନଦାର	:	ଛତ୍ତୀସ ରୁପୟେ ଦୀଜିଏ ।
	:	ଛତିଶ ଟଙ୍କା ଦିଅନ୍ତୁ ।
	:	ये लीजिए चालीस रुपये, बाकी चार रुपए दीजिए।
ଅନିଲ	:	ୟେ ଲୀଜିଏ ଚାଲୀସ ରୁପୟେ, ବାକୀ ଚାର ରୁପୟେ ଦୀଜିଏ ।
	:	ନିଅନ୍ତୁ ଚାଳିସ ଟଙ୍କା । ବାକି ଚାରି ଟଙ୍କା ଦିଅନ୍ତୁ ।
	:	ये लीजिए चार रुपये, जी शुक्रिया।
ଦୁକାନଦାର	:	ୟେ ଲୀଜିଏ ଚାର ରୁପୟେ, ଜୀ ଶୁକ୍ରିୟା ।
	:	ଏଇ ନିଅନ୍ତୁ ଚାରି ଟଙ୍କା । ଆଜ୍ଞା ଧନ୍ୟବାଦ ।

1.1 ଶବ୍ଦାବଳୀ

आजकल	ଆଜକଲ	ଆଜିକାଲି
बिल्कुल	ବିଲ୍‌କୁଲ	ପୂରାପୂରି
दुकान (ସ୍ତ୍ରୀ.)	ଦୁକାନ	ଦୋକାନ
गर्म	ଗର୍ମ	ଗରମ
बाकी	ବାକୀ	ବାକି
साहब	ସାହବ	ସାହେବ
सेब (ପୁଂ.)	ସେବ (ପୁ.)	ସେଓ
केला (ପୁଂ.)	କେଲା (ପୁ.)	କଦଳୀ
चाय (ସ୍ତ୍ରୀ.)	ଚାୟ (ସ୍ତ୍ରୀ.)	ଚା'
शरबत (ପୁଂ.)	ଶରବତ (ପୁ.)	ସରବତ
बाज़ार (ପୁଂ.)	ବାଜାର (ପୁ.)	ବଜାର
समोसा (ପୁଂ.)	ସମୋସା	ସିଙ୍ଗଡ଼ା
शुक्रिया / धन्यवाद	ଶୁକ୍ରିୟା / ଧନ୍ୟବାଦ	ଧନ୍ୟବାଦ

1.2 ଆସ, ଆଉ କେତେକ କ୍ରିୟା ଜାଣିବା

आना	ଆନା	ଆସିବା
जाना	ଜାନା	ଯିବା
लेना	ଲେନା	ନେବା
देना	ଦେନା	ଦେବା
बैठना	ବୈଠନା	ବସିବା
खाना	ଖାନା	ଖାଇବା
पीना	ପୀନା	ପିଇବା
पढ़ना	ପଢ଼ନା	ପଢ଼ିବା
लिखना	ଲିଖନା	ଲେଖିବା
सोना	ସୋନା	ଶୋଇବା
देखना	ଦେଖନା	ଦେଖିବା

1.3 ବୁଝିବାକୁ ଚେଷ୍ଟା କର

1. ପ୍ରକାଶ କେ ମେହମାନ କୌନ ହୈଁ ?
2. ରମନ ଜୀ ଔର ମୋହିନୀ ଜୀ କୈସେ ହୈଁ ?
3. ସୁନୀତା ଜୀ ଆଜକାଲ କହାଁ ହୈଁ ?
4. ଟୋକରୀ ମେଁ କ୍ୟା ହୈଁ ?
5. ସମୋସେ କିତନେ ରୁପୟେ କେ ହୈଁ ?

1.4 ବ୍ୟାକରଣ ଓ ସଂରଚନା

*** ଆମେ ଜାଣିଛୁ ଯେ ଗୋଟିଏ ଭାଷାର ଶବ୍ଦଗୁଡ଼ିକୁ ବିଭିନ୍ନ ବର୍ଗରେ ବଣ୍ଟାଯାଇଥାଏ ଏବଂ ଏକ ଶବ୍ଦ ବାକ୍ୟରେ ବ୍ୟବହାର ହେଲେ ତାକୁ ପଦ କୁହାଯାଏ । ପାରମ୍ପରିକ ଭାବରେ ପଦ ପାଞ୍ଚ ପ୍ରକାରର – ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, ଏବଂ କ୍ରିୟା । କ୍ରିୟା ବାକ୍ୟର ଏକ ମୁଖ୍ୟ ଅଂଶ । କ୍ରିୟାର ମୂଳ ରୂପକୁ ପାରମ୍ପରିକ ଭାବରେ **ଧାତୁ** (verb root) କୁହାଯାଏ; ଉଦାହରଣ ସ୍ୱରୂପ – ଖା, ଯା, ପଢ଼୍, ରଖ୍, ଦେ, ନେ, ହେ, ଆଦି । ବାକ୍ୟରେ ବ୍ୟବହାର ସମୟରେ କାଳ, ପକ୍ଷ, ଭାବ/ବୃତ୍ତି ଏବଂ ପୁରୁଷ, ବଚନ, ଲିଙ୍ଗ ଆଦି ବ୍ୟାକରଣିକ ଗୁଣ ଅନୁସାରେ କ୍ରିୟାର ରୂପ ବଦଳିଥାଏ । ଆମ ଶବ୍ଦକୋଶରେ କ୍ରିୟାର ଧାତୁ ବଦଳରେ ଅନ୍ୟ ଏକ ରୂପ [ଧାତୁ+ '-ଇବା' / '-ना'] ଯୋଡ଼ିକରି ଆସିଥାଏ, ଯଥା- आना, जाना, खाना, ପଢ଼ିବା, ଖାଇବା, ନେବା ଆଦି । ଏହାକୁ କ୍ରିୟାର 'ସାଧାରଣ ରୂପ' ବା 'ମୂଳ କ୍ରିୟା ରୂପ' (infinitive form) କୁହାଯାଇପାରେ। ଇଂରାଜୀ ଶବ୍ଦକୋଶରେ କିନ୍ତୁ କ୍ରିୟାର ମୂଳ ରୂପ (root form) ରହିଥାଏ । ତେଣୁ ଦୁଇଟିର ରୂପ ସମାନ, ଅର୍ଥାତ୍ ଧାତୁ ହିଁ ମୂଳ କ୍ରିୟା ରୂପ । ଏହି ବହିରେ ଆମେ କ୍ରିୟାର ମୂଳ ଶବ୍ଦ ପାଇଁ '**ଧାତୁ**' ଶବ୍ଦ ବ୍ୟବହାର କରିଛୁ ତଥା 'ଧାତୁ+ଇବା' ପାଇଁ '**ମୂଳ କ୍ରିୟା ରୂପ**' ବା '**ମୂଳ କ୍ରିୟା**' ଶବ୍ଦ ବ୍ୟବହାର କରିଛୁ ।

1.4.1 କ୍ରିୟାର ଅନୁଜ୍ଞାର୍ଥକ ରୂପ

- କ୍ରିୟାର ଅନୁଜ୍ଞାର୍ଥକ (imperative) ରୂପ ଆଦେଶ ବା ଅନୁରୋଧ ବ୍ୟକ୍ତ କଳାବେଳେ ପ୍ରୟୋଗ ହୁଏ । (ଏହାକୁ କ୍ରିୟାର ଆଜ୍ଞାର୍ଥକ ବା ଆଦେଶାତ୍ମକ ରୂପ ବି କୁହାଯାଇଥାଏ ।) ଏହା କେବଳ ଦ୍ୱିତୀୟ ପୁରୁଷରେ ବ୍ୟବହୃତ ହୁଏ । ହିନ୍ଦୀରେ, ଓଡ଼ିଆ ଭଳି, ଦ୍ୱିତୀୟ ପୁରୁଷରେ ତିନୋଟି ସର୍ବନାମ ବ୍ୟବହାର ହୁଏ- 'तू' ତୁ, 'तुम' ତୁମ ଓ 'आप' ଆପ।

- ତୂ, ତୁମ ଓ ଆପ ବ୍ୟବହାର କରି ଅନୁଜ୍ଞାର୍ଥକ ରୂପ ଦେଖ :

1.	ରାମଲାଲ ! ତୂ କୁର୍ସୀ ଲା	(ରାମଲାଲ, ଚଉକି ଆଣ)
2.	ଭୋଲା ! ଇଧର ଆ	(ଭୋଲା, ଏଠାକୁ ଆ)
3.	ମୋହନ ତୁମ ୟହାଁ ଆଓ	(ମୋହନ, ତୁମେ ଏଠାକୁ ଆସ)
4.	କୁର୍ସୀ ପର ବୈଠୋ	(ଚଉକି ଉପରେ ବସ)
5.	ଚାଚାଜୀ, ଅନ୍ଦର ଆଇଏ	(କକା, ଦୟାକରି ଭିତରକୁ ଆସ)
6.	ୟହାଁ ବୈଠିଏ	(ଦୟାକରି ଏଠାରେ ବସନ୍ତୁ)

ବର୍ତ୍ତମାନ ଲକ୍ଷ୍ୟ କରିପାରିବ ଯେ -

କ) ବାକ୍ୟର କର୍ତ୍ତା 'तू' 'ତୂ' ହେଲେ ତା ସହିତ ମୂଳ କ୍ରିୟା (ଧାତୁ) ରୂପରେ ରହିବ । ଏହା ବିଶେଷ ଘନିଷ୍ଠ (ଅନ୍ତରଙ୍ଗ) ବନ୍ଧୁ, ପରିବାରର ସଦସ୍ୟ (ପୁଅ, ଝିଅ, ମାଆ), ସାମାଜିକ ନିମ୍ନ ବର୍ଗ (ଚାକର) ପାଇଁ ଓ ଅନୌପଚାରିକ ପରିସ୍ଥିତିରେ ବ୍ୟବହୃତ ହୁଏ । ଏହି ପ୍ରକାର ରୂପକୁ ଅନୌପଚାରିକ ଓ ଅନ୍ତରଙ୍ଗ ଅନୁଜ୍ଞାର୍ଥକ ରୂପ କୁହାଯାଏ । ଭଗବାନଙ୍କ ପାଇଁ ଏହି ରୂପ ମଧ୍ୟ ବ୍ୟବହୃତ ହୋଇପାରେ ।
କ୍ରିୟାର ଏହି ରୂପରେ ଶିଷ୍ଟତା ଓ ବିନମ୍ରତା ଭାବ ନ ଥାଏ, ତେଣୁ ଏହି ବ୍ୟବହାର ସାଧାରତଃ ଆମେ ଏଡ଼ାଇଯାଇଥାଉ ଏବଂ କ୍ୱଚିତ୍ ବ୍ୟବହାର କରୁଁ ।

ଏହା ବହୁବଚନରେ ବ୍ୟବହୃତ ହୁଏ ନାହିଁ । ଏଥିରେ ମୂଳ କ୍ରିୟା (ଧାତୁ) ବ୍ୟବହୃତ ହୁଏ, ଯଥା –

ଖା (ଖା), ପଢ଼ (ପଢ଼), ଜା (ଯାଆ), ଲେ (ନେ), ଦେ (ଦେ) - ଯେପରି ନିମ୍ନରେ ଦର୍ଶାଯାଇଛି |

ଆଲୋକ, ତୂ ଜା ଔର ଖାନା ଖା (ଆଲୋକ, ତୁ ଯା ଓ ଖାଦ୍ୟ ଖା)
କମଲା ଆ, ଦୂଧ ପୀ (କମଲା ଆ ଓ କ୍ଷୀର ପି)
ମୋହନ ! କିତାବ ଲେ, ପାଠ ପଢ଼ (ମୋହନ, ବହି ନେ, ପାଠ ପଢ଼)
ଶୀଲା, ଖାନା ଖା (ଶୀଲା, ଖାଦ୍ୟ ଖା)

ଖ) 'ତୁମ୍' 'ତୁମ' ସାଧାରଣତଃ ବହୁବଚନରେ ପ୍ରୟୋଗ ହୁଏ । କିନ୍ତୁ ଜଣକୁ ସମ୍ବୋଧନ କଲାବେଳେ ଏହାର ପ୍ରୟୋଗ ମଧ୍ୟ କରାଯାଇପାରିବ । ବାକ୍ୟର କର୍ତ୍ତା 'ତୁମ' ହୋଇଥିଲେ ମୂଳ କ୍ରିୟା (ଧାତୁ) ସହିତ 'ओ' ଯୋଡ଼ାଯିବ । ('तुम आओ', ତୁମ ଆଓ)

ଏହି ପ୍ରକାର ରୂପକୁ ସାଧାରଣ ଅନୁଜ୍ଞାର୍ଥକ ବା ପରିଚିତ ଅନୁଜ୍ଞାର୍ଥକ ରୂପ କୁହାଯାଏ । ନିମ୍ନ ବାକ୍ୟଗୁଡ଼ିକୁ ପଢ଼ ।

ମୋହନ, ତୁମ ୟହ କିତାବ ପଢ଼ୋ । (ମୋହନ, ତୁମେ ଏହି ବହି ପଢ଼)
ଶେଖର, ୟହାଁ ବୈଠୋ । (ଶେଖର, ଏଠାରେ ବସ)
ମୀତା, ତୁମ ବାଜାର ଜାଓ, ଔର ଘର କା ସାମାନ ଲାଓ । (ମୀତା ତୁମେ ବଜାରକୁ ଯାଅ ଓ ଘରର ଜିନିଷ-ପତ୍ର ଆଣ)

ବର୍ତ୍ତମାନ ତୁମେ ପରିଚିତ ଅନୁଜ୍ଞାର୍ଥକ କ୍ରିୟା ରୂପଗୁଡ଼ିକର ବିନ୍ୟାସ ଲକ୍ଷ୍ୟ କର :

(i)

ସ୍ୱରାନ୍ତ ଧାତୁ (କ୍ରିୟା ମୂଳ) (ଏଠାରେ ଧାତୁ ସହିତ '**ओ**' ଯୋଡ଼ାଯାଏ)	ଖା + ଓ – ଖାଓ	खाओ
	ଯା + ଓ – ଯାଓ	जाओ
	ସୋ + ଓ – ସୋଓ	सोओ
	ଲା + ଓ – ଲାଓ	लाओ

(ii)

ବ୍ୟଞ୍ଜନାନ୍ତ ଧାତୁ (କ୍ରିୟା ମୂଳ) (ଏଠାରେ ଧାତୁ ସହ '**ओ**' ର ମାତ୍ରା ଯୋଡ଼ାଯାଏ)	ପଢ଼ + ଓ – ପଢ଼ୋ	पढ़ो
	ଦେଖ + ଓ – ଦେଖୋ	देखो
	ଲିଖ + ଓ – ଲିଖୋ	लिखो

- **ले** 'ଲେ' (ନେବା) ଓ **दे** 'ଦେ' (ଦେବା) ଏହି ନିୟମର ବ୍ୟତିକ୍ରମ । ସେଗୁଡ଼ିକର ରୂପ ହେବ - **लो** 'ଲୋ' ଓ **दो** 'ଦୋ' । 'ଲେଓ' ଓ 'ଦେଓ' ରୂପ ହୁଏ ନାହିଁ ।

ଏକ ବିକଳ୍ପ ରୂପ ଭାବରେ, ଧାତୁ ସହ '**ना**' 'ନା' ଯୋଡ଼ି ଅନୁଜ୍ଞାର୍ଥକ କ୍ରିୟା ରୂପ ବ୍ୟବହାର କରାଯାଏ । ଏହା ଆଦେଶ, ଉପଦେଶ ବା ପରାମର୍ଶ ଦେବାବେଳେ ଏଥିରେ ବିନମ୍ରତା, ଅନ୍ତରଙ୍ଗତା ଓ ଅନୌପଚାରିକତା ପ୍ରକାଶ କରିବାକୁ ବ୍ୟବହୃତ ହୁଏ ଏବଂ କେବଳ **तू** ଓ **तुम** ସହିତ ପ୍ରୟୋଗ କରାଯାଏ । କେତେକ ସମୟରେ ଅଭିବ୍ୟକ୍ତିକୁ ଅଧିକ ଶିଷ୍ଟାଚାର-ଯୁକ୍ତ କରିବା ପାଇଁ ଏହା ସହ **ज़रा** 'ଜରା' ମଧ୍ୟ ବ୍ୟବହାର କରାଯାଏ ।

ଏବେ ଏହି ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର -

 କମଲା, ଜରା ୟହ ପତ୍ର ପଢ଼ନା
ମୋହନ, ଜରା ଶାମ କୋ ଜଲ୍‌ଦୀ ଘର ଆନା
ଅଶୋକ, ଜରା ଆଜ କା ଅଖବାର ଲାନା
ମୀନା, ଜରା କିତାବ ଦେନା

(ଗ) ଅନୁଜ୍ଞାର୍ଥକର ତୃତୀୟ ରୂପ ହେଉଛି ଶିଷ୍ଟ ଅନୁଜ୍ଞାର୍ଥକ । ଏଥିରେ 'ଆପ' ବ୍ୟବହୃତ ହୁଏ । ଉଚ୍ଚତର ସାମାଜିକ ସ୍ତର ଓ ବୟସ୍କଙ୍କ ପାଇଁ ଏହା ବ୍ୟବହୃତ ହୁଏ । ଏଥିରେ କ୍ରିୟା ମୂଳ / ଧାତୁ ସହିତ 'ଇଏ' ଯୋଡ଼ାଯାଏ ।

(i)

ବ୍ୟଞ୍ଜନାନ୍ତ ଧାତୁ (କ୍ରିୟା ମୂଳ)		
ବୈଠ + ଇଏ	ବୈଠିଏ	बैठिए
ଲିଖ + ଇଏ	ଲିଖିଏ	लिखिए
ପଢ଼ + ଇଏ	ପଢ଼ିଏ	पढ़िए
ଉଠ + ଇଏ	ଉଠିଏ	उठिए
ଏଠାରେ ଧାତୁରେ ସ୍ୱର ମାତ୍ରା 'ଇଏ' ଯୋଡ଼ାଯାଇଛି		

(ii)

ସ୍ୱରାନ୍ତ ଧାତୁ (କ୍ରିୟା ମୂଳ)		
ଖା + ଇଏ	ଖାଇଏ	खाइए
ସୋ + ଇଏ	ସୋଇଏ	सोइए
ଲା + ଇଏ	ଲାଇଏ	लाइए
ଏଠାରେ ଧାତୁରେ 'ଇଏ' ଯୋଡ଼ାଯାଇଛି		

ଏହି ସାରଣୀକୁ ଲକ୍ଷ୍ୟ କର

ସର୍ବନାମ	**ସ୍ୱରାନ୍ତ**	**ବ୍ୟଞ୍ଜନାନ୍ତ**
ତୂ	ଆ	ବୈଠ
ତୁମ	ଆଓ	ବୈଠୋ (ସ୍ୱର ମାତ୍ରା ରୂପେ)
ଆପ	ଆଇଏ	ବୈଠିଏ (ସ୍ୱର ମାତ୍ରା ରୂପେ)

- 'ଲେ', 'ଦେ', 'ପୀ', 'କର' ଏହି ନିୟମର ବ୍ୟତିକ୍ରମ । ଏଠାରେ କ୍ରିୟା ରୂପ ଟିକିଏ ଅଲଗା ପ୍ରକାରର [କ୍ରିୟା+ଜ+ଇଏ]।

  ଲେ - ଲୀଜିଏ　　ଦେ - ଦୀଜିଏ

  ପୀ - ପୀଜିଏ　　କର - କୀଜିଏ

- ବେଳେବେଳେ 'ଇଏଗା' ରୂପ ମଧ୍ୟ ପ୍ରୟୋଗ କରାଯାଏ । ଏଥିରେ ଅଧିକ ବିନମ୍ରତା ବ୍ୟକ୍ତ ହୁଏ । ସର୍ବନାମ 'ଆପ' ରେ ପ୍ରୟୋଗ କରାଯାଏ ।

  ଆଲୋକ ଜୀ, ଆପ ମେରେ ଘର ଆଇଏଗା ।

  ମୋହନ ଜୀ, ମେରା ୟହ କାମ କର ଦୀଜିଏଗା ।

ଅଭ୍ୟାସ କରିବାପାଇଁ ଏହି ବାକ୍ୟଗୁଡ଼ିକୁ ପଢ଼ :

ଆଲୋକ ଜୀ, ଆଇଏ, ବୈଠିଏ	(ଆଲୋକ ଜୀ, ଆସନ୍ତୁ ଓ ବସନ୍ତୁ)
ଶୀଲା ଜୀ, ଚାୟ ପୀଜିଏ	(ଶୀଲା ଜୀ, ଟିକିଏ ଚା ପିଅନ୍ତୁ)
କୃପୟା ଆପ ଲୋଗ ମେରୀ ବାତ ସୁନିଏ	(ଦୟାକରି ଆପଣମାନେ ମୋ କଥା ଶୁଣନ୍ତୁ)
ଆପ କଲ ଦପ୍ତର ଜଲ୍‌ଦି ଆଇଏ	(ଆପଣ କାଲି କାର୍ଯ୍ୟାଳୟକୁ ଶୀଘ୍ର ଆସନ୍ତୁ)
ଆଜ ଆପ ହମାରେ ଘର ଖାନା ଖାଇଏ	(ଆଜି ଆପଣ ଆମ ଘରେ ଭୋଜନ କରନ୍ତୁ)
ଇସେ ଦେଖ ଲୀଜିଏ	(ଏହାକୁ ଦେଖନ୍ତୁ)
ରେଡିୟୋ ସୁନିଏ	(ରେଡିଓ ଶୁଣନ୍ତୁ)

1.4.2 ଅନୁଜ୍ଞାର୍ଥକରେ ନାସ୍ତିବାଚକତା (ନିଷେଧାର୍ଥକ)

ବାକ୍ୟଗୁଡ଼ିକ ପଢ଼

ଅଶୋକ, ୱହାଁ **ମତ** ବୈଠୋ	ଅଶୋକ, ସେଠାରେ ବସ ନାହିଁ
କମଲ, ବାହର **ମତ** ଜାଓ	କମଳ, ବାହାରକୁ ଯାଅନାହିଁ
ତୁମ କିତାବ **ନ** ଖରୀଦନା	ତୁମେ ବହି କିଣ ନାହିଁ
ତୁମ ଅବ ବାଜାର **ନ** ଜାନା	ବର୍ତ୍ତମାନ ତୁମେ ବଜାରକୁ ଯାଅନାହିଁ
ରମେଶ, ମେଜ ପର **ମତ** ବୈଠ	ରମେଶ, ଟେବୁଲ ଉପରେ ବସ ନାହିଁ
ଭୋଲା, ବାଜାର ସେ ସାମାନ **ମତ** ଲା	ଭୋଳା, ବଜାରରୁ ଜିନିଷ ଆଣ ନାହିଁ
ଆପ ୱହାଁ **ନ** ଜାଇଏଗା	ଆପଣ ସେଠାରେ ଯାଆନ୍ତୁ ନାହିଁ
ଉନସେ ବାତ **ନ** କୀଜିଏଗା	ତାଙ୍କ ସହିତ କଥା ହୁଅନ୍ତୁ ନାହିଁ
କୱିତା ଜୀ, ଚାୟ **ନ** ପୀଜିଏ, ଦୂଧ ପୀଜିଏ	କବିତା ଜୀ, ଚା ପିଅନ୍ତୁ ନାହିଁ, କ୍ଷୀର ପିଅନ୍ତୁ
ଶୀଲା ଜୀ, ଅଖବାର **ନ** ପଢ଼ିଏ, କହାନୀ ପଢ଼ିଏ	ଶୀଲା ଜୀ, ଆପଣ ଖବରକାଗଜ ପଢ଼ନ୍ତୁ ନାହିଁ, ଗପ ପଢ଼ନ୍ତୁ
କଶ୍ମୀର ମେଁ ଠଣ୍ଡ ହୈ, ୱହାଁ **ନ** ଜାଇଏ	କାଶ୍ମୀରରେ ଥଣ୍ଡା ପଡ଼ିଛି, ସେଠାକୁ ଯାଆନ୍ତୁ ନାହିଁ

- ତୁମେ ବୁଝିପାରିବ ଯେ

(1) ଆଜ୍ଞାର୍ଥକ ଶବ୍ଦ '**ନ**' ଓ '**ମତ**' କ୍ରିୟା ପୂର୍ବରୁ ବ୍ୟବହୃତ ହୁଏ ।

(2) ଅନୌପଚାରିକ ଓ ଅନ୍ତରଙ୍ଗ ଅନୁଜ୍ଞାବାଚକ ବାକ୍ୟରେ ନାସ୍ତି ଅର୍ଥରେ '**ମତ**' ବ୍ୟବହୃତ ହୁଏ । ଏଥିରେ ଆଦେଶରେ ଅଧିକ ବଳ ଦିଆଯାଇଥାଏ ।

(3) '**ନ**' ଦ୍ୱାରା ହାଲୁକା ନିଷେଧ କରାଯାଏ । ଏହା ଶିଷ୍ଟ ଅନୁଜ୍ଞାର୍ଥକ କ୍ରିୟା ରୂପ ସହିତ ବ୍ୟବହୃତ ହୁଏ ।

1.5 ଅନୁଶୀଳନୀ

1. ସଂରଚନାର ଉଦାହରଣ ଅନୁସାରେ ପରିବର୍ତ୍ତନ କର :

(କ) ଏକ କୁର୍ସୀ ଲା – ଏକ କୁର୍ସୀ ଲାଇଏ

i) ରୋଡିୟୋ ସୁନ

ii) କୁର୍ସୀ ପର ବୈଠ

iii) ୟହାଁ ଆ

iv) ଘର ଜା

v) ଖାନା ଖା

(ଖ) ଚାୟ ମତ ବନାଓ – ଚାୟ ମତ ବନାଇଏ

i) ଗାନା ମତ ସୁନାଓ

ii) କୁର୍ସୀ ପର ମତ ବୈଠୋ

iii) ଟେଲୀଭିଜନ ମତ ଦେଖୋ

iv) ୟହାଁ ମତ ଆଓ

v) ଘର ମତ ଜାଓ

2. ନିମ୍ନଲିଖିତ ବାକ୍ୟଗୁଡ଼ିକର ଅନୁବାଦ କର

i) ଚା ଆଣ ନାହିଁ, କ୍ଷୀର ଆଣ

ii) ଏଠାରେ ବସ ନାହିଁ

iii) ଭୋଲା, କୋଠରି ସଫା କର

iv) କାମିନୀ, ଗୀତଟିଏ ଗାଅ

v) ନେହାଜୀ, ଦୟାକରି ଏଠାକୁ ଆସ

3. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ମୂଳ କ୍ରିୟାର ଉପଯୁକ୍ତ ଅନୁଜ୍ଞାର୍ଥକ ରୂପର ବ୍ୟବହାର କରି ଖାଲିସ୍ଥାନ ପୂରଣ କର ।

i) ପିତାଜୀ ଟେଲୀଭିଜନ .... (ଦେଖ)

ii) ବେଟା ୟହାଁ .... (ଆ)

iii) କୱିତା ଗାନା .... (ସୁନ)

iv) ରାମୂ, ବାଜାର ସେ ସାମାନ .... (ଲା)

4. ଉଦାହରଣ ଅନୁସାରେ ଅନୁଜ୍ଞାର୍ଥକ ରୂପ ଗଠନ କର ।

ଉଦାହରଣ : **बोल + इए**	**ଆପ (ବୋଲ + ଇଏ)**	→	**ଆପ ବୋଲିଏ**
	ଆପ (ଦେଖ + ଇଏ)		....
	ଆପ (ପହନ + ଇଏ)		....
	ଆପ (ବତା + ଇଏ)		....
	ଆପ (ଦିଖା + ଇଏ)		....

ଏକକ - II

ଦିଆଯାଇଥିବା ସଂରଚନା

ବହୁବଚନାନ୍ତ ବିଶେଷ୍ୟର ତିର୍ଯ୍ୟକ ରୂପ

ପୁଂଲିଙ୍ଗ ବହୁବଚନ	ଘର	ଘରୋଁ କୋ
	ଲଡ଼କେ	ଲଡ଼କୋଁ କୋ
	ଆଦମୀ	ଆଦମିୟୋଁ କୋ
ସ୍ତ୍ରୀଲିଙ୍ଗ ବହୁବଚନ	ମେଜେଁ	ମେଜୋଁ ପର
	ବେଟିୟାଁ	ବେଟିୟୋଁ କୋ

2.0 ବ୍ୟାକରଣ ଓ ସଂରଚନା

2.1 ବହୁବଚନାନ୍ତ ବିଶେଷ୍ୟର ତିର୍ଯ୍ୟକ ରୂପ

ନିମ୍ନ ବାକ୍ୟଗୁଡ଼ିକୁ ଧ୍ୟାନ ଦେଇ ପଢ଼ :

(କ) ୱହାଁ କିତନେ ଆଦମୀ ହୈଁ ? — ସେଠାରେ କେତେ ଜଣ ପୁରୁଷ ଅଛନ୍ତି ?
(ଖ) ଦୋ ଆଦମିୟୋଁ କୋ ବୁଲାଇଏ — ଦୁଇଜଣଙ୍କୁ ଡାକନ୍ତୁ ।

(କ) ୟେ ମକାନ ମୋହନ କେ ହୈଁ — ଏହି ଘରଗୁଡ଼ିକ ମୋହନଙ୍କର ।
(ଖ) ମକାନୋଁ କେ କମରେ ବଡ଼େ ହୈଁ — ଏହି ଘରଗୁଡ଼ିକର କୋଠରିଗୁଡ଼ିକ ବଡ଼ ବଡ଼ ।

(କ) ୟେ କିତାବେଁ ମେରୀ ହୈଁ — ଏହି ବହିଗୁଡ଼ିକ ମୋର ।
(ଖ) କିତାବୋଁ କା ଦାମ ଅଧିକ ହୈ — ବହିଗୁଡ଼ିକର ମୂଲ୍ୟ ବହୁତ ଅଧିକ ।

(କ) ୟେ ଲିଫାଫେ ମୋଟେ ହୈଁ — ଏହି ଲଫାପାଗୁଡ଼ିକ ମୋଟା ।
(ଖ) ଲିଫାଫୋଁ ମେଁ କ୍ୟା ହୈ ? — ଲଫାପାଗୁଡ଼ିକରେ କ'ଣ ଅଛି ?

- 'କ' ବର୍ଗର ବାକ୍ୟଗୁଡ଼ିକରେ ବହୁବଚନର ମୂଳ/ସରଳ ରୂପ (ବିଭକ୍ତି ଚିହ୍ନ ବିନା) ବ୍ୟବହୃତ ହୋଇଛି । 'ଖ' ବର୍ଗର ବାକ୍ୟଗୁଡ଼ିକ ବହୁବଚନାନ୍ତ ତିର୍ଯ୍ୟକ ରୂପରେ (ବିଭକ୍ତି ଚିହ୍ନ ସହିତ) ବ୍ୟବହୃତ ହୁଏ ।
- ପୁଂଲିଙ୍ଗ କିମ୍ବା ସ୍ତ୍ରୀଲିଙ୍ଗ ବିଶେଷ୍ୟରେ ବିଭକ୍ତି ଯୁକ୍ତ ହେଲେ ବିଶେଷ୍ୟ ସହିତ '**ଓଁ / ୟୋଁ**' ଯୋଡ଼ାଯାଏ ।
- ନିମ୍ନ ସାରଣୀରେ ଏକବଚନାନ୍ତ ଓ ବହୁବଚନାନ୍ତ ବିଶେଷ୍ୟର ଏବଂ ବିଭକ୍ତି-ଯୁକ୍ତ ବା ବିଭକ୍ତି-ରହିତ ବିଶେଷ୍ୟର ଗୁଣ ଦର୍ଶାଯାଇଛି ।

		ଏକବଚନାନ୍ତ		**ବହୁବଚନାନ୍ତ**	
ପ୍ରକାର		**ସରଳ**	**ତିର୍ଯ୍ୟକ**	**ସରଳ**	**ତିର୍ଯ୍ୟକ**
ଆକାରାନ୍ତ ପୁଂଲିଙ୍ଗ ବିଶେଷ୍ୟ	ଲଡ଼କା କମରା	ଲଡ଼କା କମରା	ଲଡ଼କେ କୋ କମରେ କୋ	ଲଡ଼କେ କମରେ	ଲଡ଼କୋଁ କୋ କମରୋଁ କୋ
ଅନ୍ୟ ମାତ୍ରାନ୍ତ ପୁଂଲିଙ୍ଗ ବିଶେଷ୍ୟ	ନୌକର ଆଦମୀ ଡାକୂ	ନୌକର ଆଦମୀ ଡାକୂ	ନୌକର କୋ ଆଦମୀ କୋ ଡାକୂ କୋ	ନୌକର ଆଦମୀ ଡାକୂ	ନୌକରୋଁ କୋ ଆଦମିୟୋଁ କୋ ଡାକୁଓଁ କୋ

ଇ/ଈ କାରାନ୍ତ ସ୍ତ୍ରୀଲିଙ୍ଗ ବିଶେଷ୍ୟ	ରୀତି ଲଡ଼କୀ	ରୀତି ଲଡ଼କୀ	ରୀତି କୋ ଲଡ଼କୀ କୋ	ରୀତିୟାଁ ଲଡ଼କିୟାଁ	ରୀତିୟୋଁ କୋ ଲଡ଼କିୟୋଁ କୋ
ଅନ୍ୟ ମାତ୍ରାନ୍ତ ସ୍ତ୍ରୀଲିଙ୍ଗ ବିଶେଷ୍ୟ	ଚିଡ଼ିୟା ବହନ ମାଲା ବହୂ	ଚିଡ଼ିୟା ବହନ ମାଲା ବହୂ	ଚିଡ଼ିୟା କୋ ବହନ କୋ ମାଲା କୋ ବହୂ କୋ	ଚିଡ଼ିୟାଁ ବହନେଁ ମାଲାଏଁ ବହୁଏଁ	ଚିଡ଼ିୟୋଁ କୋ ବହନୋଁ କୋ ମାଲାଓଁ କୋ ବହୁଓଁ କୋ

ଅନୁଶୀଳନୀ

1. ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦ ସହିତ ବିଭକ୍ତି ଚିହ୍ନ ପ୍ରୟୋଗ କରି ବିଶେଷ୍ୟର ଉପଯୁକ୍ତ ରୂପ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

ୟହାଁ କେଲେ ସସ୍ତେ ହୈଁ । ପଚ୍ଚୀସ ____________ କେ ଦସ ହୈଁ ।   (ପଚିଶ ଟଙ୍କାରେ)
ୟହାଁ କେଲେ ସସ୍ତେ ହୈଁ । ପଚ୍ଚୀସ ରୁପୟେ କେ ଦସ ହୈଁ ।

i) ୟହ ମୋହନ କୀ କିତାବ ହୈ ।
___________ ଅଚ୍ଛୀ କବିତାଏଁ ହୈଁ । (ବହିରେ)

ii) ବାହର ଏକ କମରା ହୈ ।
___________ ଚାର କୁର୍ସିୟାଁ ହୈଁ । (କୋଠରିରେ)

iii) ବାଗ ମେଁ ଆମ କା ପେଡ଼ ହୈ ।
___________ ଏକ ବନ୍ଦର ହୈ । (ଗଛ ଉପରେ)

iv) ମେଜ ପର ଲିଫାଫା ହୈ ।
___________ ତୀସ ରୁପୟେ ହୈଁ । (ଲଫାଫାରେ)

v) ୟେ ସାଡ଼ିୟାଁ ସୁନ୍ଦର ହୈଁ ।
___________ ଦାମ କ୍ୟା ହୈ ? (ଲାଲ ଶାଢ଼ିର)

vi) ସ୍ମିଥ ବାହର ଜା ରହେ ହୈଁ ।
ୱେ ___________ ଜା ରହେ ହୈଁ । (ଘୋଡ଼ାରେ)

2. ପ୍ରତ୍ୟେକ ଧାଡ଼ିରେ ବନ୍ଧନୀ ମଧ୍ୟରେ ଦିଆଯାଇଥିବା ବିଶେଷ୍ୟର ଉପଯୁକ୍ତ ବହୁବଚନ ରୂପ ପ୍ରୟୋଗ କରି ନିମ୍ନ ବାକ୍ୟ ଗୁଡ଼ିକୁ ପୁଣି ଲେଖ ।

ଉଦାହରଣ : **ସିନେମା ହଲ କେ ସାମନେ ଲୋଗୋଁ କୀ ଭୀଡ଼ ହୈ ।   (ଲଡ଼କା)**
ସିନେମା ହଲ କେ ସାମନେ ଲଡ଼କୋଁ କୀ ଭୀଡ଼ ହୈ ।

i) ________________________________(ଲଡ଼କୀ)

ii) ________________________________(ପୁଲିସୱାଲା)

iii) ________________________________(ଆଦମୀ)

iv) ________________________________(ସିନେମା ଦେଖନେ ୱାଲା)

v) ________________________________(ଟିକଟ ଖରୀଦନେ ୱାଲା)

vi) ________________________________(ଆନେୱାଲା ଔର ଜାନେ ୱାଲା)

vii) ________________________________(ଗାଡ଼ୀ)

ଏକକ - III

ଏହି ଏକକରେ ବ୍ୟବହୃତ ସଂରଚନା

କର୍ତ୍ତା + **को**	(ବିଶେଷ୍ୟ / ବିଶେଷଣ) ଇଚ୍ଛାଧୀନ	ବିଶେଷଣ ପୂରକ	କ୍ରିୟା
मुझको ମୁଝକୋ		**बुखार** ବୁଖାର	**है** ହୈ

3.0 ପାଠ

ବାକ୍ୟଗୁଡ଼ିକୁ ଧ୍ୟାନ ଦେଇ ପଢ଼

1. ମୋହନ କୋ ବୁଖାର ହୈ — ମୋହନକୁ ଜ୍ୱର ହୋଇଛି
2. ସୀତା କୋ ଖାଁସୀ ହୈ — ସୀତାର କାଶ ହେଉଛି
3. ରୀତା କୋ ଇସ ବାତ କା ଦୁଖ ହୈ — ରୀତା ଏଥିପାଇଁ ଦୁଃଖିତ
4. ଗରିମା କୋ ଇସ ବାତ କୀ ଖୁଶୀ ହୈ — ଗରିମା ଏଥିପାଇଁ ଖୁସି
5. ମୁଝେ ଗାନେ କା ଶୌକ ହୈ — ମୋତେ ଗୀତ ଗାଇବାକୁ ଭଲ ଲାଗେ
6. ଉନକୋ ଘୂମନେ କୀ ଇଚ୍ଛା ହୈ — ସେମାନଙ୍କର ବୁଲାବୁଲି କରିବାକୁ ଇଚ୍ଛା
7. ଗୋପାଲ କୋ ଆରାମ ହୈ — ଗୋପାଳ ଟିକିଏ ଭଲ ଅଛି

3.1 ଶବ୍ଦାବଳୀ

बुखार (ପୁଂ.)	ବୁଖାର	ଜ୍ୱର
खाँसी (ସ୍ତ୍ରୀ.)	ଖାଁସୀ	କାଶ
दुख (ପୁଂ.)	ଦୁଖ	ଦୁଃଖ
खुशी (ସ୍ତ୍ରୀ.)	ଖୁଶୀ	ଖୁସି
शौक (ପୁଂ.)	ଶୌକ	ସଉକ
इच्छा (ସ୍ତ୍ରୀ.)	ଇଚ୍ଛା	ଇଚ୍ଛା
आराम	ଆରାମ	ଭଲ, ଆରାମ

3.2 ବ୍ୟାକରଣ ଓ ସଂରଚନା

3.2.1 କର୍ତ୍ତା + କୋ (ବାକ୍ୟ ଗଠନ)

"କର୍ତ୍ତା + କୋ" ବାକ୍ୟର ଢାଞ୍ଚା/ବିନ୍ୟାସଟି କର୍ତ୍ତାର ଶାରୀରିକ ଏବଂ ମାନସିକ ଅବସ୍ଥାକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ । ସାଧାରଣତଃ, ଏହି କ୍ଷେତ୍ରରେ କର୍ତ୍ତା ଗୋଟିଏ ସଜୀବ ଏବଂ ଅନୁଭବକ୍ଷମ ପ୍ରାଣୀ ହେଇଥାଏ । ଏହି ପ୍ରକାରର ବାକ୍ୟର କିଛି କ୍ରିୟା-କଳାପ ରହିଥାଏ ଯାହା -

- କର୍ତ୍ତା ମୂଳତଃ ମଣିଷ କିମ୍ବା ଏକ ସଜୀବ ପ୍ରାଣୀ ହେଇଥାଏ ।
- ସର୍ବନାମଗୁଡ଼ିକ ସର୍ବଦା ତିର୍ଯ୍ୟକ ରୂପରେ ବ୍ୟବହୃତ ହୁଏ । ଉଦାହରଣ ସ୍ୱରୂପ :-

मैं + को	→	मुझको	ମୁଝକୋ
हम + को	→	हमको	ହମକୋ
तू + को	→	तुझको / तुझे	ତୁଝେ / ତୁଝକୋ
तुम + को	→	तुमको / तुम्हें	ତୁମକୋ / ତୁମ୍ହେଁ
आप + को	→	आपको	ଆପକୋ
वह + को	→	उसको / उसे	ଉସକୋ / ଉସେ
वे + को	→	उनको / उन्हें	ଉନକୋ / ଉନ୍ହେଁ

3.3 ଅନୁଶୀଳନୀ

1. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଅନୁବାଦ କର :

i) ମୋହନକୁ ଜ୍ୱର ହୋଇଛି ।

ii) ରମଣ ଏଥିପାଇଁ ଦୁଃଖିତ ।

iii) ପ୍ରମିଳା ଏଥିପାଇଁ ଅନୁତାପ କରନ୍ତି ।

iv) ମୁଁ ତୁମ ପାଇଁ ଚିନ୍ତିତ ଥିଲି ।

v) ରମେଶର କିଛି ସମସ୍ୟା ଅଛି ।

2. ତଳେ ଦିଆଯାଇଥିବା ନମୁନା ଦେଖି ପୁରୁଷ ଅନୁସାରେ କ୍ରିୟାର ଅନୁଜ୍ଞାର୍ଥକ ରୂପ ଲେଖ :

ମୂଳ କ୍ରିୟା (ଧାତୁ)	ପରିଚିତ ରୂପ	ଅନୌପଚାରିକ ରୂପ	ଶିଷ୍ଟ ରୂପ
	ତୂ	ତୁମ	ଆପ
ଜା	**ଜା**	**ଜାଓ**	**ଜାଇଏ**
ଆ			
ଖା			
ନାଚ			
କର			
ଲେ			
ପୀ			

3.4 ଆସ ଗଣିବା

31	**इकतीस**	ଇକତୀସ
32	**बत्तीस**	ବତ୍ତୀସ
33	**तैंतीस**	ତୈଁତୀସ
34	**चौंतीस**	ଚୌଁତୀସ
35	**पैंतीस**	ପୈଁତୀସ
36	**छत्तीस**	ଛତ୍ତୀସ
37	**सैंतीस**	ସୈଁତୀସ
38	**अड़तीस**	ଅଡ଼ତୀସ
39	**उनतालीस**	ଉନତାଲୀସ
40	**चालीस**	ଚାଲୀସ

ପୁନରାବୃତ୍ତି

ଏହି ପାଠରେ ତୁମେମାନେ ନିମ୍ନଲିଖିତ ସଂରଚନା ଶିଖିଲ ।

1. କ୍ରିୟାର ଅନୁଜ୍ଞାର୍ଥକ ରୂପ :

ତୂ	→	ଆ ଖା ଯା
ତୁମ	→	ଆଓ ଖାଓ ଜାଓ
ଆପ	→	ଆଇଏ ଖାଇଏ ଜାଇଏ

2. ବହୁବଚନ ବିଶେଷ୍ୟର ତିର୍ଯ୍ୟକ ରୂପ :

ଆଦମୀ	→	ଆଦମିୟୋଁ କୋ	ପୁଂଲିଙ୍ଗ ବହୁବଚନ
ଲଡ଼କେ	→	ଲଡ଼କୋଁ କୋ	
ବେଟିୟାଁ	→	ବେଟିୟୋଁ କୋ	ସ୍ତ୍ରୀଲିଙ୍ଗ ବହୁବଚନ
ମେଜେଁ	→	ମେଜୋଁ କୋ	

3.

କର୍ତ୍ତା + **को** ସଂରଚନା	→	ମୁଝକୋ ବୁଖାର ହୈ । ଉସକୋ ଘୂମନେ କୀ ଇଛା ହୈ ।

ଉଦାହରଣରେ ଦିଆଯାଇଥିବା ରୂପ ଭଳି ନିମ୍ନଲିଖିତ ବିନ୍ୟାସଗୁଡ଼ିକୁ ବିସ୍ତାରିତ କର :

ଉଦାହରଣ : **आ** (ଆସ) **आओ → इधर आओ → तुम इधर आओ → तुम इधर मत आओ**

जा (ଯା) → ....

रख (ରଖ) → ....

बैठ (ବସ) → ....

देख (ଦେଖ) → ....

ପାଠ – 9

ଏକକ - I

ଏହି ଏକକରେ ନିମ୍ନ ବାକ୍ୟ ସଂରଚନା (ବିନ୍ୟାସ) ବିଷୟରେ ଆଲୋଚନା କରାଯାଇଛି ।

ନିତ୍ୟ-ପ୍ରବୃତ୍ତ ବର୍ତ୍ତମାନ କାଳ

କର୍ତ୍ତା	+	ଧାତୁ (ମୂଳ କ୍ରିୟା)	ତା / ତେ / ତୀ	+	ସହାୟକ କ୍ରିୟା
ମୈଁ / ୱେ / ଶୀଲା		ଜା			ହୂଁ /ହୈଁ/ ହୈ

1.0 ପାଠ

एक सुबह
ଏକ ସୁବହ
ଗୋଟିଏ ସକାଳ

माँ रोज़ पाँच बजे उठती हैं। पिताजी भी पाँच बजे उठते हैं और उठकर टहलते हैं। मैं छह बजे उठता हूँ।
ମାଁ ରୋଜ ପାଁଚ ବଜେ ଉଠତୀ ହୈଁ । ପିତାଜୀ ଭୀ ପାଁଚ ବଜେ ଉଠତେ ହୈଁ ଔର ଉଠକର ଟହଲତେ ହୈଁ । ମୈଁ ଛହ ବଜେ ଉଠତା ହୂଁ ।
ମାଆ ସବୁଦିନ ପାଞ୍ଚଟାରେ ଉଠନ୍ତି । ବାପା ମଧ୍ୟ ପାଞ୍ଚଟାରେ ଉଠିସାରି ବୁଲାବୁଲି କରନ୍ତି । ମୁଁ ଛଅଟାରେ ଉଠେ ।

हम आठ बजे नाश्ता करते हैं। पिताजी देर से सोते हैं और जल्दी उठते हैं।
ହମ ଆଠ ବଜେ ନାଶ୍‌ତା କରତେ ହୈଁ । ପିତାଜୀ ଦେର ସେ ସୋତେ ହୈଁ ଔର ଜଲ୍‌ଦୀ ଉଠତେ ହୈଁ ।
ଆମେ ଆଠଟା ବେଳେ ଜଳଖିଆ ଖାଉ । ବାପା ଡେରିରେ ଶୁଅନ୍ତି ଓ ଶୀଘ୍ର ଉଠନ୍ତି ।

सात बजे तक सब उठते हैं। मैं दूध लाता हूँ। दूध लाकर हम चाय पीते हैं।
ସାତ ବଜେ ତକ ସବ ଉଠତେ ହୈଁ । ମୈଁ ଦୂଧ ଲାତା ହୂଁ । ଦୂଧ ଲାକର ହମ ଚାୟ ପୀତେ ହୈଁ ।
ସାତଟା ସୁଦ୍ଧା ଆମେ ସମସ୍ତେ ଉଠି ଯାଉ । ମୁଁ କ୍ଷୀର ଆଣେ । କ୍ଷୀର ଆଣିସାରିବା ପରେ ଆମେ ଚା ପିଉ ।

चाय पीकर मैं अखबार पढ़ता हूँ। अखबार पढ़कर नहाता हूँ।
ଚାୟ ପୀକର ମୈଁ ଅଖବାର ପଢ଼ତା ହୂଁ । ଅଖବାର ପଢ଼କର ନହାତା ହୂଁ ।
ଚା' ପିଇସାରି ମୁଁ ଖବରକାଗଜ ପଢ଼େ । ଖବରକାଗଜ ପଢ଼ିସାରି ମୁଁ ଗାଧୋଇଥାଏ ।

कपड़े पहनकर तैयार होता हूँ और विद्यालय जाता हूँ।
କପଡ଼େ ପହନକର ତୈୟାର ହୋତା ହୂଁ ଔର ବିଦ୍ୟାଲୟ ଜାତା ହୂଁ ।
ମୁଁ ପୋଷାକ ପିନ୍ଧି ପ୍ରସ୍ତୁତ ହୋଇଯାଏ ଓ ବିଦ୍ୟାଳୟକୁ ଯାଏ ।

1.1 ଶବ୍ଦାବଳୀ

माँ	ମାଁ	ମାଆ
रोज़	ରୋଜ	ସବୁଦିନ
उठना	ଉଠନା	ଉଠିବା
उठकर	ଉଠକର	ଉଠି
टहलना	ଟହଲନା	ବୁଲାବୁଲି କରିବା
नाश्ता करना	ନାଶ୍ତା କରନା	ଜଳଖିଆ କରିବା
कितने बजे	କିତନେ ବଜେ	କେତେବେଳେ
सोकर	ସୋକର	ଶୋଇକରି
देर से	ଦେର ସେ	ଡେରିରେ
तक	ତକ	ପର୍ଯ୍ୟନ୍ତ
लाना	ଲାନା	ଆଣିବା
लौटकर	ଲୌଟକର	ଫେରି
पीकर	ପୀକର	ପିଇ
अखबार	ଅଖବାର	ଖବରକାଗଜ
नहाना (ବିଶେଷ୍ୟ)	ନହାନା	ଗାଧୋଇବା
कपड़ा (ପୁଂ.)	କପଡ଼ା	ଲୁଗାପଟା
पहनना	ପହନନା	ପିନ୍ଧିବା
तैयार होना	ତୈୟାର ହୋନା	ପ୍ରସ୍ତୁତ ହେବା

1.2 ବୁଝିବାକୁ ଚେଷ୍ଟା କର

1. ମାଁ କିତନେ ବଜେ ଉଠତୀ ହୈ ?
2. କ୍ୟା ପିତାଜୀ ଜଲ୍‌ଦୀ ଉଠତେ ହୈଁ ?
3. ସବ ଲୋଗ କବ ତକ ଉଠତେ ହୈଁ ?
4. ହମ ନାଶ୍‌ତା କବ କରତେ ହୈଁ ?
5. ଦୂଧ କୌନ ଲାତା ହୈ ?

1.3.1 ବ୍ୟାକରଣ ଓ ସଂରଚନା

- କ୍ରିୟାର ସାଧାରଣ ବର୍ତ୍ତମାନ କାଳ / ନିତ୍ୟ-ପ୍ରବୃତ୍ତ ବର୍ତ୍ତମାନ କାଳ (habitual present tense)ର ରୂପ କାର୍ଯ୍ୟକୁ ଏକ ତଥ୍ୟ ଭାବରେ ଦର୍ଶାଇଥାଏ । ହିନ୍ଦୀରେ ଏହା କ୍ରିୟାର ଧାତୁ ସହିତ "ता / ते / ती" (ତା / ତେ / ତୀ) ଯୋଡ଼ି ଓ ତା ପରେ ସହାୟକ କ୍ରିୟା 'ହୋ' ର ବିଭିନ୍ନ ରୂପ ଯୋଗ କରି ତିଆରି କରାଯାଏ ।
ସହାୟକ କ୍ରିୟାର ବର୍ତ୍ତମାନ କାଳର ରୂପ ନିମ୍ନ ପ୍ରକାରର ହୋଇଥାଏ ।

	ଏକବଚନ	ବହୁବଚନ
ପ୍ରଥମ ପୁରୁଷ	ହୂଁ	ହୈଁ
ଦ୍ୱିତୀୟ ପୁରୁଷ	ହୈ, ହୋ	ହୋ, ହୈଁ
ତୃତୀୟ ପୁରୁଷ	ହୈ	ହୈଁ

ଏହି ବାକ୍ୟଗୁଡ଼ିକର ସଂରଚନାକୁ ଲକ୍ଷ୍ୟ କର ।

ମୈଁ ପଢ଼ତା (ପୁ.) ହୂଁ । ମୁଁ ପଢ଼େ (ପୁଂ.)
ମୈଁ ପଢ଼ତୀ (ସ୍ତ୍ରୀ.) ହୂଁ । ମୁଁ ପଢ଼େ (ସ୍ତ୍ରୀ.)

ତୁମ ପଢ଼ତେ (ପୁଂ.) ହୋ । ତୁମେ ପଢ଼ (ପୁଂ.)
ତୁମ ପଢ଼ତୀ (ସ୍ତ୍ରୀ.) ହୋ । ତୁମେ ପଢ଼ (ସ୍ତ୍ରୀ.)

ୱହ ପଢ଼ତା (ପୁଂ.) ହୈ । ସେ ପଢ଼େ (ପୁଂ.)
ୱହ ପଢ଼ତୀ (ସ୍ତ୍ରୀ.) ହୈ । ସେ ପଢ଼େ (ସ୍ତ୍ରୀ.)

ହମ ପଢ଼ତେ (ପୁ.) ହୈଁ । ଆମେ ପଢ଼ୁ (ପୁଂ.)
ହମ ପଢ଼ତୀ (ସ୍ତ୍ରୀ.) ହୈଁ । ଆମେ ପଢ଼ୁ (ସ୍ତ୍ରୀ.)

ଆପ ପଢ଼ତେ (ପୁଂ.) ହୈଁ । ଆପଣ ପଢ଼ନ୍ତି (ପୁଂ.)
ଆପ ପଢ଼ତୀ (ସ୍ତ୍ରୀ.) ହୈଁ । ଆପଣ ପଢ଼ନ୍ତି (ସ୍ତ୍ରୀ.)

ୱେ ପଢ଼ତେ (ପୁ.) ହୈଁ । ସେମାନେ ପଢ଼ନ୍ତି (ପୁଂ.)
ୱେ ପଢ଼ତୀ (ସ୍ତ୍ରୀ.) ହୈଁ । ସେମାନେ ପଢ଼ନ୍ତି (ସ୍ତ୍ରୀ.)

ମୈଁ ଖାନା ଖାତା (ପୁଂ.) ହୂଁ । ମୁଁ ଖାଦ୍ୟ ଖାଏ (ପୁଂ.)
ମୈଁ ଖାନା ଖାତୀ (ସ୍ତ୍ରୀ.) ହୂଁ । ମୁଁ ଖାଦ୍ୟ ଖାଏ (ସ୍ତ୍ରୀ.)

ତୁମ ମିଠାଈ ଖାତେ (ପୁଂ.) ହୋ । ତୁମେ ମିଠେଇ ଖାଅ (ପୁଂ.)
ତୁମ ମିଠାଈ ଖାତୀ (ସ୍ତ୍ରୀ.) ହୋ । ତୁମେ ମିଠେଇ ଖାଅ (ସ୍ତ୍ରୀ.)

ଏହି ସଂରଚନାରେ ତୁମେ ସାଧାରଣ ବର୍ତ୍ତମାନ କାଳ / ନିତ୍ୟ-ପ୍ରବୃତ୍ତ ବର୍ତ୍ତମାନ କାଳର ରଚନା କରିପାରିବ ।

ଖା +	ତା / ତେ / ତୀ	ଖାତା / ଖାତେ / ଖାତୀ
କର +	ତା / ତେ / ତୀ	କରତା / କରତେ / କରତୀ
ସୋ +	ତା / ତେ / ତୀ	ସୋତା / ସୋତେ / ସୋତୀ
ଉଠ +	ତା / ତେ / ତୀ	ଉଠତା / ଉଠତେ / ଉଠତୀ
ଯା +	ତା / ତେ / ତୀ	ଯାତା / ଯାତେ / ଯାତୀ

1.4 ଅନୁଶୀଳନୀ

1. ନିମ୍ନ ସଂରଚନାର ଅଭ୍ୟାସ କର ।

ମୈଁ ସୁବହ ଫଲ ଖାତା ହୂଁ ।	ତୁମ ସୁବହ କ୍ୟା ଖାତେ ହୋ ?
ମୈଁ ସୁବହ ଅଖବାର ପଢ଼ତା ହୂଁ ।	ତୁମ ସୁବହ କ୍ୟା କରତେ ହୋ ?
ମୋହନ ଶାମ କୋ ଚାୟ ପୀତା ହୈ ।	ମୋହନ ଶାମ କୋ କ୍ୟା କରତା ହୈ ?
ମୋହନ ଶାମ କୋ ଘର ଜାତା ହୈ ।	ମୋହନ ଘର କବ ଜାତା ହୈ ?
ବଚ୍ଚେ ରାତ କୋ ଦସ ବଜେ ସୋତେ ହୈଁ ।	ବଚ୍ଚେ କବ ସୋତେ ହୈଁ ?

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(i) ୱହ କହାଁ ପଢ଼ତା ହୈ ?

(ii) ସୀତା କ୍ୟା ପଢ଼ତୀ ହୈ ?

(iii) ରମେଶ କ୍ୟା ପୀତା ହୈ ?

(iv) ସୀତା କ୍ୟା ଖାତୀ ହୈ ?

(v) ମୋହନ କହାଁ ଜାତା ହୈ ?

ଏକକ - II

ଏହି ଏକକରେ ଯେଉଁ ସଂରଚନାର ବର୍ଣ୍ଣନା କରାଯାଉଛି, ତାହା ହେଲା -

ଧାତୁ + କର (ସଂରଚନା / ଗଠନ)

2.0 ପାଠ

सीता

ସୀତା

ସୀତା

सीता पाँच बजे घर लौटती है। घर लौटकर वह हाथ-मुँह धोती है।
ସୀତା ପାଁଚ ବଜେ ଘର ଲୌଟତୀ ହୈ । ଘର ଲୌଟକର ୱହ ହାଥ-ମୁଁହ ଧୋତୀ ହୈ ।
ସୀତା ପାଞ୍ଚଟା ବେଳେ ଘରକୁ ଫେରେ । ଘରକୁ ଫେରି ସେ ହାତ-ମୁହଁ ଧୁଏ ।

हाथ-मुँह धोकर एक कप चाय पीती है। चाय पीकर कपड़े बदलती है।
ହାଥ-ମୁଁହ ଧୋକର ଏକ କପ ଚାୟ ପୀତୀ ହୈ । ଚାୟ ପୀକର କପଡ଼େ ବଦଲତୀ ହୈ ।
ହାତ-ମୁହଁ ଧୋଇବା ପରେ ସେ ଗୋଟିଏ କପ୍ ଚା' ପିଏ । ଚା' ପିଇସାରି ଲୁଗାପଟା ବଦଳାଏ ।

चाय पीकर एक घंटा आराम करती है।
ଚାୟ ପୀକର ଏକ ଘଣ୍ଟା ଆରାମ କରତୀ ହୈ ।
ଚା' ପିଇସାରି ଘଣ୍ଟାଏ ବିଶ୍ରାମ ନିଏ ।

सात बजे खाना बनाती है। खाना बनाकर सोहन की मदद करती है।
ସାତ ବଜେ ଖାନା ବନାତୀ ହେଁ । ଖାନା ବନାକର ସୋହନ କୀ ମଦଦ କରତୀ ହେଁ ।
ସାତଟା ବେଳେ ଖାଦ୍ୟ ପ୍ରସ୍ତୁତ କରେ । ଖାଦ୍ୟ ପ୍ରସ୍ତୁତ କରିସାରି ସୋହନକୁ ସାହାଯ୍ୟ କରେ ।

फिर सबके साथ खाना खाती है। खाना खाकर दो घंटे पढ़ती है।
ଫିର ସବକେ ସାଥ ଖାନା ଖାତୀ ହେଁ । ଖାନା ଖାକର ଦୋ ଘଣ୍ଟେ ପଢ଼ତୀ ହେଁ ।
ପୂଣି ସମସ୍ତଙ୍କ ସହିତ ଖାଦ୍ୟ ଖାଏ । ଖାଦ୍ୟ ଖାଇସାରି ଦୁଇ ଘଣ୍ଟା ପଢ଼େ ।

किताब पढ़कर वह रेडियो सुनती है। दस बजे सीता सो जाती है।
କିତାବ ପଢ଼କର ୱହ ରେଡ଼ିୟୋ ସୁନତୀ ହେଁ । ଦସ ବଜେ ସୀତା ସୋ ଜାତୀ ହେଁ ।
ବହି ପଢ଼ିସାରି ସେ ରେଡିଓ ଶୁଣେ । ଦଶଟା ବେଳକୁ ସୀତା ଶୋଇଯାଏ ।

2.1 ଶବ୍ଦାବଳୀ

लौटना	ଲୌଟନା	ଫେରିବା
हाथ-मुँह	ହାଥ-ମୁଁହ	ମୁହଁ- ହାତ
धोना	ଧୋନା	ଧୋଇବା
बदलना	ବଦଲନା	ବଦଳାଇବା
आराम करना	ଆରାମ କରନା	ବିଶ୍ରାମ କରିବା
मदद करना	ମଦଦ କରନା	ସାହାଯ୍ୟ କରିବା
फिर	ଫିର	ପୁଣି
सबके साथ	ସବକେ ସାଥ	ସମସ୍ତଙ୍କ ସହିତ
सुनना	ସୁନନା	ଶୁଣିବା
सोना	ସୋନା	ଶୋଇବା

2.2 ବୁଝିବାକୁ ଚେଷ୍ଟା କର ।

1. ସୀତା କବ ଘର ଲୌଟତୀ ହେଁ ?
2. ଘର ଲୌଟକର ସୀତା କ୍ୟା କରତୀ ହେଁ ?
3. ସୀତା ଖାନା କବ ବନାତୀ ହେଁ ?
4. କିତାବ ପଢ଼କର ସୀତା କ୍ୟା କରତୀ ହେଁ ?
5. ସୀତା କିତନେ ବଜେ ସୋ ଜାତୀ ହେଁ ?

2.3 ବ୍ୟାକରଣ ଓ ସଂରଚନା

- ମୂଳ କ୍ରିୟା (ଧାତୁ) ସହିତ 'कर' ଯୋଡ଼ିକରି [ଧାତୁ+କର] ଏହି ସଂରଚନା ଗଠିତ ହୁଏ ଏବଂ ଏହା ଗୋଟିଏ ଶବ୍ଦରେ ଲେଖାଯାଏ । ଯେମିତି - ଉଠକର, ସୋକର, ଲୌଟକର, ପୀକର, ପଢ଼କର ।
- 'ଧାତୁ+କର' ସଂରଚନା ସାଧାରଣତଃ ଅବ୍ୟୟ ଭାବେ ପ୍ରୟୋଗ ହୁଏ । ଏହା କର୍ତ୍ତା କିମ୍ବା କର୍ମର ଲିଙ୍ଗ, ବଚନ ଓ ପୁରୁଷ ଦ୍ୱାରା ପ୍ରଭାବିତ ହୁଏନାହିଁ ।

ଯଥା- ଖାନା ଖାକର ଆଇଏ । — ଖାଦ୍ୟ ଖାଇସାରି ଆସନ୍ତୁ ।
କିତାବ ପଢ଼କର ଜାଓ । — ବହି ପଢ଼ିକରି ଯାଅ ।
ଗାନା ସୁନକର ଲିଖୋ । — ଗୀତ ଶୁଣିକରି ଲେଖ ।

2.4 ଅନୁଶୀଳନୀ

ଦିଆଯାଇଥିବା ସଂରଚନା ଅନୁସାରେ ବାକ୍ୟଗୁଡ଼ିକର ପରିବର୍ତ୍ତନ କର ।

ୱହ ପଢ଼ତା ହୈ, ୱହ ଲିଖତା ହୈ ।	→	ୱହ ପଢ଼କର ଲିଖତା ହୈ
ୱେ ସୁନତେ ହୈଁ, ୱେ ଗାତେ ହୈଁ ।	→	
ତୂ ସୋଚତା ହୈ, ତୂ ବୋଲତା ହୈ ।	→	
ତୁମ ପଢ଼ତୀ ହୋ, ତୁମ ଲିଖତୀ ହୋ ।	→	
ଆପ ଖାତେ ହୈଁ, ଆପ ପୀତେ ହୈଁ ।	→	
ମୈଁ ଖରୀଦତା ହୂଁ, ମୈଁ ବେଚତା ହୂଁ ।	→	
ହମ ଲିଖତେ ହୈଁ, ହମ ପଢ଼ତେ ହୈଁ ।	→	

ଏକକ - III

3.0 ଏହି ଏକକରେ ତୁମେ ଶିଖିବ :

A) ସମୟ ସମ୍ପର୍କରେ ଧାରଣା

क्या बजा है ?	**आठ बजे हैं।**
କ୍ୟା ବଜା ହୈ ?	ଆଠ ବଜେ ହୈଁ ।
କେତେଟା ବାଜିଛି ?	ଆଠଟା ବାଜିଛି ।

B) ସଂଖ୍ୟାର ଭଗ୍ନାଂଶ

पौन / ପୌନ	**पौन किलो** / ପୌନ କିଲୋ	0.75 **किलो**
सवा / ସୱା	**सवा रुपये** / ସୱା ରୁପୟେ	1.25 **रुपये**
डेढ़ / ଡେଢ଼	**डेढ़ किलोग्राम** / ଡେଢ଼ କିଲୋଗ୍ରାମ	1.5 **किलो**
ढाई / ଢାଈ	**ढाई रुपये** / ଢାଈ ରୁପୟେ	2.50 **रुपये**
साढ़े / ସାଢ଼େ	**साढ़े तीन लीटर** / ସାଢ଼େ ତୀନ ଲୀଟର	3.50 **लीटर**

C) ସମୟର ଭଗ୍ନାଂଶ

पौन / पौने एक / ପୌନ / ପୌନେ ଏକ	0:45
पौने दो / ପୌନେ ଦୋ	1:45
सवा / ସୱା	1:15
डेढ़ / ଡେଢ଼	1:30
ढाई / ଢାଇ	2:30
साढ़े तीन / ସାଢ଼େ ତୀନ	3:30

3.1 ବ୍ୟାକରଣ ଓ ସଂରଚନା

ସମୟର ଭଗ୍ନାଂଶ

ଘଣ୍ଟା ପରେ ମିନଟ ଆସିଲେ କୁହାଯାଏ 'ବଜକର' ଓ କିଛି ମିନଟ ବାକି ଥିଲେ 'ବଜନେ ମେଁ' କୁହାଯାଏ । ଯଥା-

ଆଠ ବଜକର ଦସ ମିନଟ 8:10

ଆଠ ବଜନେ ମେଁ ଦସ ମିନଟ 7:50

ଆମେ ଏଭଳି କରିପାରିବା

କ୍ୟା ବଜା ହୈ ? ନୌ ବଜକର ଚାଲୀସ ମିନଟ 9:40

କିତନେ ବଜେ ହୈଁ ? ଦସ ବଜନେ ମେଁ ବୀସ ମିନଟ 9:40

- ସଂଖ୍ୟାର ଭଗ୍ନାଂଶ

सवा (ସୱା) କହିଲେ ଗୋଟିଏ ସଂଖ୍ୟାରେ ଚଉଠା ମିଶିବାକୁ ବୁଝାଯାଏ । ଅର୍ଥାତ୍ ଏକ + ଚଉଠା ।

ସୱା 1:15

ସୱା ଦୋ 2:15

ସୱା ତୀନ 3:15

1 ବ୍ୟତୀତ, 'ସୱା' ଘଣ୍ଟା ସଂଖ୍ୟା ପୂର୍ବରୁ ଆସେ, ଯଥା-

ସୱା ଦସ 10.15 ଚଉଠା ଯାଇ ଦଶ

ସୱା ପାଁଚ 5.15 ଚଉଠା ଯାଇ ପାଞ୍ଚ

साढ़े (ସାଢ଼େ) ଶବ୍ଦ ଦୁଇଟି ଚଉଠା ପାଇଁ ବ୍ୟବହୃତ ହୁଏ । ଅର୍ଥାତ୍, ଗୋଟିଏ ଏକକର ଅଧା । ମନେ ରଖିବାକୁ ହେବ ଯେ ଏକ ଓ ଅଧା ମିଶି **डेढ़** (ଡେଢ଼) ଓ ଦୁଇ ଓ ଅଧା ମିଶି **ढाई** (ଢାଇ) ହେବ ।

ଡେଢ଼ ବଜେ ହୈଁ 1:30 ବାଜିଛି

ଢାଇ ବଜେ ହୈଁ 2:30 ବାଜିଛି

पौना (ପୌନା) - ଗୋଟିଏ ଏକକର ତିନି ଚଉଠକୁ **पौने** (ପୌନେ) କୁହାଯାଏ । କିନ୍ତୁ ଏହା ପରବର୍ତ୍ତୀ ସଂଖ୍ୟା ପୂର୍ବରୁ ଆସେ । ଯଥା-

9:45 = ପୌନେ ଦସ

10:45 = ପୌନେ ଗ୍ୟାରହ

3.2 ସଂଖ୍ୟା ଓ ମାପର ଭଗ୍ନାଂଶ

'ପୌନେ ଏକ' କୁ 'ପୌନ' କୁହାଯାଏ । ସମୟ ଜ୍ଞାପନ କରିବା ସହିତ ଏହା ମାପର ଏକକକୁ ମଧ୍ୟ ଦର୍ଶାଇଥାଏ । ଯଥା-

ପାଓ୍ୱ କିଲୋ	250 ଗ୍ରାମ
ପୌନ କିଲୋ	750 ଗ୍ରାମ
ଆଧା ଲୀଟର	500 ମିଲିଲିଟର
ଚୌଥାଇ ଲୀଟର	250 ମିଲିଲିଟର
ଡେଢ଼ ମୀଟର	1.5 ମିଟର
ପୌନେ ଦୋ ମୀଟର	1.75 ମିଟର
ସାଢ଼େ ପାଁଚ ହଜାର ରୁପୟେ	5500 ଟଙ୍କା

3.3 ଅନୁଶୀଳନୀ

1. **ବଜେ** (ବଜେ) ଶବ୍ଦ ଲଗାଇ ଉଚ୍ଚ ସ୍ୱରରେ ପଢ଼ :

କ୍ୟା ବଜା ହୈ ? **ଏକ ବଜା ହୈ**

ଦୋ ବଜେ ହୈଁ

ତୀନ	....	ସାତ	....
ଚାର	....	ଆଠ	....
ପାଁଚ	....	ନୌ	....
ଛହ	....	ଦସ	....

2. ଶୁନ୍ୟସ୍ଥାନ ପୂରଣ କର

ରମେଶ କବ ଉଠତା ହୈ ?	ରମେଶ ..... ବଜକର ..... ମିନଟ ପର ଉଠତା ହୈ ।	5:50
ତୁମ ଘର କବ ଜାତେ ହୋ ?	ମୈଁ ...... ବଜକର ... ମିନଟ ପର ଜାତା ହୂଁ ।	7:50
ଶୀଲା ସୁବହ କବ ନାଶ୍ତା କରତୀ ହୈ ?	ଶୀଲା ... ବଜନେ ମେଁ .... ମିନଟ ପର ନାଶ୍ତା କରତୀ ହୈ ।	6:50
ବଚ୍ଚେ ସ୍କୂଲ କବ ଜାତେ ହୈଁ ?	ବଚ୍ଚେ ..... ବଜକର ..... ମିନଟ ପର ସ୍କୂଲ ଜାତେ ହୈଁ ।	9:15
ସୁରେଶ ରାତ କୋ କବ ସୋତା ହୈ ?	ସୁରେଶ ରାତ କୋ ..... ବଜକର ..... ମିନଟ ପର ସୋତା ହୈ।	10:30

3. ବର୍ତ୍ତମାନ କେତେଟା ବାଜିଛି ?

1.10

12.15

11.40

11.13

3.25

6.05

8.28

7.30

ଏକକ - IV

ବ୍ୟବହୃତ ସଂରଚନା

କରଣକାରକ -	ବିଶେଷ୍ୟ + **से** (ସେ)	**कलम** + **से** (କଲମରେ)

4.0 ପାଠ

बातचीत

ବାତଚୀତ

କଥାବାର୍ତ୍ତା

महेश **तुम स्कूल कैसे जाते हो, सुरेश** ?
ମହେଶ ତୁମ ସ୍କୁଲ କୈସେ ଜାତେ ହୋ, ସୁରେଶ ?
ମହେଶ ତୁମେ ସ୍କୁଲକୁ କେମିତି ଯାଉଛ, ସୁରେଶ ?

सुरेश **मैं स्कूल साइकिल से जाता हूँ, कभी-कभी बस से जाता हूँ।**
ସୁରେଶ ମୈଁ ସ୍କୁଲ ସାଇକିଲ ସେ ଜାତା ହୁଁ, କଭୀ-କଭୀ ବସ ସେ ଜାତା ହୁଁ ।
ସୁରେଶ ମୁଁ ସାଇକେଲରେ ସ୍କୁଲକୁ ଯାଏ, ବେଳେବେଳେ ବସରେ ଯାଏ ।

महेश **क्या स्कूल बहुत दूर है** ?
କ୍ୟା ସ୍କୁଲ ବହୁତ ଦୂର ହୈ ?
ସ୍କୁଲ କ'ଣ ବହୁତ ଦୁର ?

सुरेश	हाँ, स्कूल बहुत दूर है। साइकिल से जाने में पचास मिनट लगते हैं। बस से बीस मिनट लगते हैं।
ହାଁ, ସ୍କୁଲ ବହୁତ ଦୂର ହୈ । ସାଇକିଲ ସେ ଜାନେ ମେଁ ପଚାସ ମିନଟ ଲଗତେ ହୈଁ । ବସ ସେ ବୀସ ମିନଟ ଲଗତେ ହୈଁ ।
ହଁ, ସ୍କୁଲ ବହୁତ ଦୂର । ସାଇକେଲରେ ଗଲେ ପଚାଶ ମିନଟ ଲାଗେ । ବସରେ ଗଲେ କୋଡ଼ିଏ ମିନଟ ଲାଗେ ।

महेश	तुम स्कूल कब जाते हो ?
ତୁମ ସ୍କୂଲ କବ ଜାତେ ହୋ ?
ତୁମେ କେତେବେଳେ ସ୍କୁଲ ଯାଅ ?

सुरेश	मैं सुबह सात बजकर दस मिनट पर जाता हूँ। आठ बजे स्कूल पहुँचता हूँ।
ମୈଁ ସୁବହ ସାତ ବଜକର ଦସ ମିନଟ ପର ଜାତା ହୂଁ । ଆଠ ବଜେ ସ୍କୂଲ ପହୁଁଚତା ହୂଁ ।
ମୁଁ ସକାଳ ସାତଟା ଦଶ ମିନଟରେ ସ୍କୁଲକୁ ଯାଏ । ଆଠଟାରେ ସ୍କୁଲରେ ପହଞ୍ଚେ ।

सुरेश	दिनेश कहाँ है ?
ଦିନେଶ କହାଁ ହୈ ?
ଦିନେଶ କେଉଁଠି ଅଛି ?

महेश	दिनेश आजकल मुंबई में है। वह मुंबई राजधानी एक्सप्रेस से जाता है।
ଦିନେଶ ଆଜକଲ ମୁମ୍ବଈ ମେଁ ହୈ । ୱହ ମୁମ୍ବଈ ରାଜଧାନୀ ଏକ୍ସପ୍ରେସ ସେ ଜାତା ହୈ ।
ଦିନେଶ ଆଜିକାଲି ମୁମ୍ବଇରେ ରହୁଛି । ସେ ମୁମ୍ବଇ ରାଜଧାନୀ ଏକ୍ସପ୍ରେସରେ ଯାଏ ।

सुरेश	स्कूल में तुम हिंदी किस किताब से पढ़ते हो ?
ସ୍କୂଲ ମେଁ ତୁମ ହିନ୍ଦୀ କିସ କିତାବ ସେ ପଢ଼ତେ ହୋ ?
ତୁମେ ସ୍କୁଲରେ ହିନ୍ଦୀ କେଉଁ ବହିରୁ ପଢୁଛ ?

4.1 ଶବ୍ଦାବଳୀ

साइकिल (ସ୍ତ୍ରୀ.)	ସାଇକିଲ	ସାଇକେଲ
सुबह (ସ୍ତ୍ରୀ.)	ସୁବହ	ସକାଳ
पहुँचना	ପହୁଁଚନା	ପହଁଞ୍ଚିବା
आजकल	ଆଜକଲ	ଆଜିକାଲି
सीखना	ସୀଖନା	ଶିଖିବା
कभी-कभी	କଭୀ-କଭୀ	ବେଳେବେଳେ

4.2 ବ୍ୟାକରଣ ଓ ସଂରଚନା

ବିଭକ୍ତି/ପରସର୍ଗ '**से**' ସାଧନ ଓ କାରଣ ଅର୍ଥରେ ପ୍ରୟୋଗ ହୁଏ ।

ମୈଁ ପେନ୍ସିଲ ସେ ଲିଖତା ହୂଁ ।	ମୁଁ ପେନସିଲରେ ଲେଖେ ।
ସୁଶୀଲ କାର ସେ ଆତା ହୈ ।	ସୁଶୀଳ କାରରେ ଆସେ ।
ତୁମ ସ୍କୂଲ କୈସେ ଜାତେ ହୋ ?	ତୁମେ ସ୍କୁଲକୁ କିପରି ଯାଅ ?
ମୈଁ ମେଟ୍ରୋ ସେ ସ୍କୁଲ ଜାତା ହୂଁ ।	ମୁଁ ମେଟ୍ରୋରେ ସ୍କୁଲକୁ ଯାଏ ।

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।

ତୁମ କିତନେ ବଜେ ସେ କିତନେ ବଜେ ତକ ପଢ଼ତେ ହୋ ?	ତୁମେ କେତେଟାରୁ କେତେ ସମୟ ପର୍ଯ୍ୟନ୍ତ ପଢ଼ ?
ମୈଁ ସୁବହ ସାତ ବଜେ ସେ ଆଠ ବଜେ ତକ ହିନ୍ଦୀ ପଢ଼ତା ହୂଁ ।	ମୁଁ ସକାଳ ସାତଟାରୁ ଆଠଟା ପର୍ଯ୍ୟନ୍ତ ହିନ୍ଦୀ ପଢ଼େ ।
ତୁମ ସୁବହ କ୍ୟା କରତେ ହୋ ?	ତୁମେ ସକାଳେ କ'ଣ କର ?
ମୈଁ ସୁବହ ଆଠ ବଜେ ସେ ନୌ ବଜେ ତକ ଅଖବାର ପଢ଼ତା ହୂଁ ।	ମୁଁ ସକାଳ ଆଠଟାରୁ ନଅଟା ପର୍ଯ୍ୟନ୍ତ ଖବରକାଗଜ ପଢ଼େ ।
ତୁମ ସୁବହ କିତନ ବଜେ ଟହଲତେ ହୋ ?	ତୁମେ ସକାଳେ କେତେବେଳେ ବୁଲାବୁଲି କର ?
ମୈଁ ସୁବହ ଛହ ବଜେ ସେ ସାତ ବଜେ ତକ ଟହଲତା ହୂଁ ।	ମୁଁ ସକାଳ ଛଅଟାରୁ ସାତଟା ପର୍ଯ୍ୟନ୍ତ ବୁଲାବୁଲି କରେ ।

'ସେ' (**से**) .... 'ତକ' (**तक**) ସମୟ ଅଭିବ୍ୟକ୍ତି ସମୟର ସୂଚନା ଦିଏ । ଯଥା-

ମୈଁ ଛହ ବଜେ ସେ ସାତ ବଜେ ତକ ପଢ଼ତା ହୂଁ ।

ମୁଁ ଛଅଟାରୁ ସାତଟା ପର୍ଯ୍ୟନ୍ତ ପଢ଼େ ।

4.3 ଅନୁଶୀଳନୀ

ଉଦାହରଣ ଅନୁସାରେ ଶୂନ୍ୟସ୍ଥାନ ପୂରଣ କର :

ମୈଁ ସୁବହ .... ସେ ଶାମ କୋ .... ତକ କାମ କରତା ହୂଁ ।

ମୈଁ ସୁବହ <u>ଛଅ ବଜେ ସେ</u> ଶାମ କୋ <u>ଆଠ ବଜେ ତକ</u> କାମ କରତା ହୂଁ ।

1. ୱହ ଦୋପହର .... ସେ ରାତ କୋ .... ତକ (ସୋନା) .... ।
2. ତୁମ .... ଜୂନ ସେ .... ଜୁଲାଇ ତକ ଶିମଲା ମେଁ (ରହନା) .... ।
3. ସୀତା ଶାମ .... ସେ .... ତକ (ଟହଲନା) .... ।
4. ରାଜେଶ .... ସେ .... ତକ (ପଢ଼ନା) .... ।

4.4 ଅତିରିକ୍ତ ଶବ୍ଦାବଳୀ

ଆସ ଗଣିବା :

40	चालीस	ଚାଲୀସ
41	इकतालीस	ଇକତାଲୀସ
42	बयालीस	ବୟାଲୀସ
43	तैंतालीस	ତୈଁତାଲୀସ
44	चवालीस	ଚୱାଲୀସ
45	पैंतालीस	ପୈଁତାଲୀସ
46	छियालीस	ଛିୟାଲୀସ
47	सैंतालीस	ସୈଁତାଲୀସ
48	अड़तालीस	ଅଡ଼ତାଲୀସ
49	उनचास	ଉନଚାସ
50	पचास	ପଚାସ

ପୁନରାବୃତ୍ତି

ଏହି ପାଠରେ ଆମେ କ'ଣ ଶିଖିଲେ :

1. **ସାଧାରଣ ବର୍ତ୍ତମାନ କାଳ /** ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ କାଳ (habitual present tense)
   ମୈଁ ଜାତା ହୂଁ ।　　　　ତୁମ ଜାତେ ହୋ ।
   ୱହ ଜାତା ହୈ ।　　　　ହମ / ଆପ / ୱେ ଜାତେ ହୈଁ ।

2. **ମୂଳ କ୍ରିୟା (ଧାତୁ) + कर (କର) ଶବ୍ଦ ଗଠନ**
   ମୈଁ ଖାନା ଖାକର ସୋତା ହୂଁ ।

3. କ୍ୟା ବଜା ହୈ ?　　　　ଦସ ବଜେ ହୈଁ ।
   ଦସ ବଜକର ତୀସ ମିନଟ ହୈ ।　　　　ଢାଇ ବଜେ ହୈଁ ।

4. **କରଣ କାରକ**
   ମୈଁ ପେନ୍ସିଲ ସେ ଲିଖତା ହୂଁ ।　　　　ୱହ ବସ ସେ ସ୍କୁଲ ଜାତା ହୈ ।

ପାଠ – 10

ଏକକ - I

ଦିଆଯାଇଥିବା ସଂରଚନା

ଅସମ୍ପନ୍ନ ବର୍ତ୍ତମାନ କାଳ

କର୍ତ୍ତା		ଧାତୁ	रहा / रही / रहे		ସହାୟକ କ୍ରିୟା हूँ / हो / है / हैं
लड़का ଲଡ଼କା	+	**दौड़** ଦୌଡ଼	**रहा** ରହା	+	**है** ହୈ
ବାଳକ ଦୌଡୁଅଛି ।					

1.0 ପାଠ

सास और बहू की बातचीत

ସାସ ଔର ବହୁ କୀ ବାତଚୀତ

ଶାଶୁ ଓ ବୋହୂଙ୍କ ମଧ୍ୟରେ କଥାବାର୍ତ୍ତା

सास **बहू, माधवी क्या कर रही है ?**
ସାସ ବହୂ, ମାଧବୀ କ୍ୟା କର ରହୀ ହୈ ?
ଶାଶୁ ବୋହୂ, ମାଧବୀ କ'ଣ କରୁଅଛି ?

बहू **वह अभी सो रही है, माँ।**
ବହୂ ୱହ ଅଭୀ ସୋ ରହୀ ହୈ, ମାଁ ।
ବୋହୂ ମାଆ, ସେ ଏବେ ଶୋଇଛି ।

सास **वह तो रोज सुबह छह बजे उठती है।**
ୱହ ତୋ ରୋଜ ସୁବହ ଛହ ବଜେ ଉଠତୀ ହୈ ।
ସେ ତ ପ୍ରତିଦିନ ସକାଳ ଛଅଟାରେ ଉଠେ ।

बहू **जी हाँ, आज रविवार है, इसलिए अभी सो रही है।**
ଜୀ ହାଁ, ଆଜ ରୱିୱାର ହୈ, ଇସଲିଏ ଅଭୀ ସୋ ରହୀ ହୈ ।
ଆଜ୍ଞା ହଁ, ଆଜି ରବିବାର । ତେଣୁ ଏବେବି ସେ ଶୋଇଛି ।

सास **अच्छा, धीरज कहाँ है?**
ଅଚ୍ଛା, ଧୀରଜ କହାଁ ହୈ ?
ଆଚ୍ଛା, ଧୀରଜ କେଉଁଠି ଅଛି ?

बहू　　**वे अभी टहल रहे हैं।**
ୱେ ଅଭୀ ଟହଲ ରହେ ହୈଁ ।
ସେ ବର୍ତ୍ତମାନ ବୁଲାବୁଲି କରୁଛନ୍ତି ।

सास　　**क्या तुम भी टहलती हो ?**
କ୍ୟା ତୁମ ଭୀ ଟହଲତୀ ହୋ ?
ଶାଶୁ　　କ'ଣ ତୁମେ ମଧ୍ୟ ବୁଲାବୁଲି କର ?

बहू　　**नहीं, मैं घर पर ही थोड़ा प्राणायाम और व्यायाम करती हूँ।**
ବହୂ　　ନହୀଁ, ମୈଁ ଘର ପର ହୀ ଥୋଡ଼ା ପ୍ରାଣାୟାମ ଔର ବ୍ୟାୟାମ କରତୀ ହୂଁ ।
ବୋହୂ　　ନାଁ, ମୁଁ ଘରେ ଟିକିଏ ପ୍ରାଣାୟାମ ଓ ବ୍ୟାୟାମ କରେ ।

सास　　**यह ठीक है। अच्छा, क्या बजा है ?**
ୟହ ଠୀକ ହୈ । ଅଚ୍ଛା, କ୍ୟା ବଜା ହୈ ?
ଠିକ୍ ଅଛି । ଆଚ୍ଛା, ଏବେ କେତେଟା ବାଜିଛି ?

बहू　　**सवा सात बज रहे हैं माँ।**
ସୱା ସାତ ବଜ ରହେ ହୈଁ ମାଁ ।
ସାତଟା ପନ୍ଦର ବାଜିଛି, ମାଆ ।

सास　　**ओह! सवा सात बज रहे हैं, मैं चलती हूँ, पूजा करती हूँ।**
ଓହ ! ସୱା ସାତ ବଜ ରହେ ହୈଁ, ମୈଁ ଚଲତୀ ହୂଁ, ପୂଜା କରତୀ ହୂଁ ।
ଓହୋ ! ସାତଟା ପନ୍ଦର! ମୁଁ ଚାଲିଲି । ପୂଜା କରିବି ।

बहू　　**ठीक है। आप चलिए। मैं थोड़ी देर में चाय ला रही हूँ।**
ଠୀକ ହୈ । ଆପ ଚଲିଏ । ମୈଁ ଥୋଡ଼ୀ ଦେର ମେଁ ଚାୟ ଲା ରହୀ ହୂଁ ।
ଠିକ୍ ଅଛି, ଆପଣ ଯାଆନ୍ତୁ । ମୁଁ ଟିକିଏ ଡେରିରେ ଚା' ଆଣୁଛି ।

सास　　**हाँ, चाय ही लाना, नाश्ता नहीं। आज मेरा उपवास है।**
ହାଁ, ଚାୟ ହୀ ଲାନା, ନାଶ୍ତା ନହୀଁ । ଆଜ ମେରା ଉପୱାସ ହୈ ।
ହଁ, ଚା' ଆଣିବ, ଜଳଖିଆ ଆଣିବନି । ଆଜି ମୋର ଉପବାସ ।

बहू　　**ठीक है।**
ଠୀକ ହୈ ।
ଠିକ୍ ଅଛି ।

1.1 ଶବ୍ଦାବଳୀ

सास	ସାସ	ଶାଶୁ
बहू	ବହୂ	ବୋହୂ
बातचीत (स्त्री.)	ବାତଚୀତ	କଥାବାର୍ତ୍ତା
करना	କରନା	କରିବା
क्या कर रही है?	କ୍ୟା କର ରହୀ ହୈ ?	କ'ଣ କରୁଛି ? (ସ୍ତ୍ରୀ.)
सोना	ସୋନା	ଶୋଇବା
माँ	ମାଁ	ମାଆ
लेकिन	ଲେକିନ	କିନ୍ତୁ
आज	ଆଜ	ଆଜି
अभी	ଅଭୀ	ଏବେ
अच्छा	ଅଚ୍ଛା	ଆଚ୍ଛା
धीरज	ଧୀରଜ	ଧୀରଜ (ଜଣକର ନାମ), ଧୈର୍ଯ୍ୟ
टहलना	ଟହଲନା	ବୁଲାବୁଲି କରିବା
घर पर	ଘର ପର	ଘରେ
थोड़ा	ଥୋଡ଼ା	ଟିକିଏ, ଅଳ୍ପ
प्राणायाम	ପ୍ରାଣାୟାମ	ପ୍ରାଣାୟାମ
यह ठीक है	ୟହ ଠୀକ ହୈ	ଏହା ଠିକ୍ ଅଛି
सवा	ସୱା	ଚଉଠା / ଏକ ଚତୁର୍ଥାଂଶ
सवा सात	ସୱା ସାତ	ସାତଟା ପନ୍ଦର
पूजा करना	ପୂଜା କରନା	ପୂଜା କରିବା
थोड़ी देर में	ଥୋଡ଼ୀ ଦେର ମେଁ	ଅଳ୍ପ ବିଳମ୍ବରେ / ଟିକେ ଡେରିରେ
उपवास	ଉପୱାସ	ଉପାସ

1.2 ବୁଝିବାକୁ ଚେଷ୍ଟା କର

1.	माधवी क्या कर रही है?	ମାଧବୀ କ୍ୟା କର ରହୀ ହୈ ?
2.	धीरज क्या कर रहा है?	ଧୀରଜ କ୍ୟା କର ରହା ହୈ ?
3.	क्या बहू भी टहलती है?	କ୍ୟା ବହୂ ଭୀ ଟହଲତୀ ହୈ ?
4.	क्या बजा है?	କ୍ୟା ବଜା ହୈ ?
5.	सास नाश्ता क्यों नहीं कर रही है?	ସାସ ନାଶ୍ତା କ୍ୟୋଁ ନହୀଁ କର ରହୀ ହୈ ?

1.3 ସାଂସ୍କୃତିକ ଟିପ୍ପଣୀ

ପ୍ରାଣାୟାମ	ଏକ ପ୍ରକାର ଯୋଗାଭ୍ୟାସ, ଶ୍ୱାସ-ପ୍ରଶ୍ୱାସର ବ୍ୟାୟାମ
ଉପୱାସ	ଉପାସ, ବିଶେଷତଃ ପୂଜା-ପାର୍ବଣରେ କରାଯାଏ , ଖାଲି ପେଟରେ ରହିବା
ଅଚ୍ଛା	ଏହା ବିଭିନ୍ନ ସନ୍ଦର୍ଭରେ ପ୍ରୟୋଗ ହୁଏ : (i) ବିଶେଷଣ- ଅଚ୍ଛା ଲଡ଼କା (ii) ଗୋଟିଏ ସନ୍ଦର୍ଭ ବଦଳାଇବା ବେଳେ 'ଅଚ୍ଛା' ର ପ୍ରୟୋଗ ହୁଏ- ଅଚ୍ଛା, ଧୀରଜ କ୍ୟା କର ରହା ହୈ? (iii) ଶେଷ କରିବା ବା ଗ୍ରହଣ କରିବା – ଅଚ୍ଛା ମୈଁ କରୂଁଗା – ଆଛା, ମୁଁ କରିବି ।
ପୂଜା	ଠାକୁର ବା ଠାକୁରାଣୀଙ୍କର ପୂଜା

1.4 ବ୍ୟାକରଣ ଓ ସଂରଚନା

ନିମ୍ନ ବାକ୍ୟଗୁଡ଼ିକୁ ପଢ଼ ।

ମୈଁ ଅଖବାର ପଢ଼ ରହା ହୂଁ ।	ମୁଁ ଖବରକାଗଜ ପଢୁଛି ।
ଶୀଲା କପଡ଼େ ଧୋ ରହୀ ହୈ ।	ଶୀଲା ଲୁଗାପଟା ଧୋଉଛି ।
ଲଡ଼କେ ଗେଁଦ ଖେଲ ରହେ ହୈଁ ।	ବାଳକମାନେ ଫୁଟବଲ ଖେଳୁଛନ୍ତି ।
ତୁମ କ୍ୟା କର ରହେ ହୋ ?	ତୁମେ କ'ଣ କରୁଛ ?

- ଉପରୋକ୍ତ ବାକ୍ୟଗୁଡ଼ିକରେ କ୍ରିୟା ସୂଚାଉଥିବା କାର୍ଯ୍ୟକଳାପ ବା ଗତିବିଧି କ୍ରିୟାର ରୂପ (ଧାତୁ + **रहा है**) ଦ୍ୱାରା ନିରୂପିତ ହୋଇଛି ଏବଂ ଏହା ପ୍ରକୃତରେ କହୁଥିବା ସମୟରେ ହିଁ ଘଟୁଛି (ଚାଲୁଛି / ଅଗ୍ରଗତି ହେଉଛି) । ଆମେ ପୂର୍ବ ପାଠରେ ପଢ଼ିଥିବା କ୍ରିୟାର ସାଧାରଣ/ନିତ୍ୟପ୍ରବୃତ୍ତ ରୂପ (ଧାତୁ + ता/ते/ती + ସହାୟକ କ୍ରିୟା) ଠାରୁ ଏହା ଅଲଗା ।
- କ୍ରିୟାର ଅସଂପନ୍ନ ବର୍ତ୍ତମାନ କାଳର ସଂରଚନା (present continuous structure) ଗଠନ ପାଇଁ ଧାତୁ ସହ ଏକବଚନରେ **रहा है / रही है / रहा हूँ / रहे हो** ଏବଂ ବହୁବଚନରେ **रहे हैं / रही हैं** ଯୋଗ ହୁଏ, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

ଏକବଚନ			**ବହୁବଚନ**		
ମୈଁ	+ ରହା / ରହୀ	ହୂଁ	ହମ		
ତୂ	+ ରହା / ରହୀ	ହୈ	ଆପ	ରହେ / ରହୀ	ହୈଁ
ତୁମ	+ ରହେ / ରହୀ	ହୋ	ୱେ		

* ନୋଟ - 'ତୁମ' ବ୍ୟାକରଣରେ ବହୁବଚନରେ ପ୍ରୟୋଗ ହୁଏ ଏବଂ ଏହା ସହିତ '**हो**' ସହାୟକ କ୍ରିୟା ପ୍ରୟୋଗ ହୁଏ ।

ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ଓ କର୍ତ୍ତା ସହିତ କ୍ରିୟା ପଦବନ୍ଧର ଅନ୍ୱୟ ଲକ୍ଷ୍ୟ କର ।

ମୈଁ ମୁମ୍ବଈ ଜା ରହା ହୂଁ ।	(ପୁଂଲିଙ୍ଗ ଏକବଚନ)	ମୁଁ ମୁମ୍ବଇ ଯାଉଛି ।
ମୈଁ ଚେନ୍ନଈ ଜା ରହୀ ହୂଁ ।	(ସ୍ତ୍ରୀଲିଙ୍ଗ ଏକବଚନ)	ମୁଁ ଚେନ୍ନଇ ଯାଉଛି ।
ତୁମ କ୍ୟା ଖା ରହେ ହୋ ?	(ପୁଂଲିଙ୍ଗ ବହୁବଚନ)	ତୁମେ କ'ଣ ଖାଉଛ ?
ତୁମ କୱିତା ଲିଖ ରହୀ ହୋ ।	(ସ୍ତ୍ରୀଲିଙ୍ଗ ବହୁବଚନ)	ତୁମେ କବିତା ଲେଖୁଛ ।
ଆପ କ୍ୟା ଲିଖ ରହେ ହୈଁ ?	(ପୁଂଲିଙ୍ଗ ବହୁବଚନ)	ଆପଣ କ'ଣ ଲେଖୁଛନ୍ତି ?
ଆପ କ୍ୟା ଲିଖ ରହୀ ହୈଁ ।	(ସ୍ତ୍ରୀଲିଙ୍ଗ ବହୁବଚନ)	ଆପଣ କ'ଣ ଲେଖୁଛନ୍ତି ?
ୱହ କ୍ୟା ଖରୀଦ ରହା ହୈ ?	(ପୁଂଲିଙ୍ଗ ଏକବଚନ)	ସେ କ'ଣ କିଣୁଛି ?
ୱହ ଫୂଲ ଦେଖ ରହୀ ହୈ ।	(ସ୍ତ୍ରୀଲିଙ୍ଗ ଏକବଚନ)	ସେ ଫୁଲ ଦେଖୁଛି ।
ଲଡ଼କା ମୈଦାନ ମେଁ ଖେଲ ରହା ହୈ ।	(ପୁଂଲିଙ୍ଗ ଏକବଚନ)	ବାଳକଟି ପଡ଼ିଆରେ ଖେଳୁଛି ।
ତୁମ କ୍ୟା ଖରୀଦ ରହୀ ହୋ ?	(ସ୍ତ୍ରୀଲିଙ୍ଗ ଏକବଚନ)	ତୁମେ କ'ଣ କିଣୁଅଛି ?
ମୈଁ କପଡ଼େ ଖରୀଦ ରହୀ ହୂଁ ।	(ସ୍ତ୍ରୀଲିଙ୍ଗ ଏକବଚନ)	ମୁଁ ଲୁଗାପଟା କିଣୁଛି ।
ହମ ହିନ୍ଦୀ ପଢ଼ ରହେ ହୈଁ ।	(ପୁଂଲିଙ୍ଗ ବହୁବଚନ)	ଆମେ ହିନ୍ଦୀ ପଢୁଛୁ ।
ହମ ହିନ୍ଦୀ ପଢ଼ ରହୀ ହୈଁ ।	(ସ୍ତ୍ରୀଲିଙ୍ଗ ବହୁବଚନ)	ଆମେମାନେ ହିନ୍ଦୀ ପଢୁଅଛୁ ।
ଲଡ଼କିୟାଁ ଗାନା ଗା ରହୀ ହୈଁ ।	(ସ୍ତ୍ରୀଲିଙ୍ଗ ବହୁବଚନ)	ଝିଅମାନେ ଗୀତ ଗାଉଛନ୍ତି ।
ଲଡ଼କେ ଗାନା ଗା ରହେ ହୈଁ ।	(ପୁଂଲିଙ୍ଗ ବହୁବଚନ)	ପୁଅମାନେ ଗୀତ ଗାଉଛନ୍ତି ।

1.5 ଅନୁଶୀଳନୀ

1. ତଳେ ଦିଆଯାଇଥିବା ପ୍ରତ୍ୟେକ ଘର ମଧ୍ୟରୁ ଗୋଟିଏ ଶବ୍ଦ ବ୍ୟବହାର କରି ଦଶଟି ବାକ୍ୟ ଗଠନ କର ।

ମୈଁ	ଆମ	ଖରୀଦ	ରହା	ହୋ
ହମ	ଅମରୂଦ	ବେଚ	ରହୀ	ହୈଁ
ଆପ	କପଡ଼ା	ଦେଖ	ରହେ	ହୈଁ

2. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ତୁମେ ହିନ୍ଦୀରେ କିପରି କହିବ :

ମୁଁ କାର ଚଲାଉଛି **(चलाना)** ।

ସେ ଗୋଟିଏ ପାଠ ଶିଖୁଛି ।

ସେମାନେ ଫୁଟବଲ୍ ଖେଳୁଛନ୍ତି ।

ଗୀତା ଗୋଟିଏ ଗୀତ (**गीत** ପୁଂ.) ଗାଉଛି (**गाना**) ।

ଝିଅପିଲାମାନେ ପଡ଼ିଆରେ (**मैदान** ପୁଂ.) ଖେଳୁଛନ୍ତି ।

ମା' ଭାତ (**चावल** ପୁଂ.) ରାନ୍ଧୁଛନ୍ତି (**पकाना**) ।

ଏକକ - II

ଦିଆଯାଇଥିବା ସଂରଚନା

କର୍ତ୍ତା		କର୍ମ-1		କର୍ମ-2		କ୍ରିୟା		ସହାୟକ କ୍ରିୟା
पिता	+	**पुत्र को**	+	**पत्र**	+	**लिखता**	+	**है**
ପିତା		ପୁତ୍ର କୋ		ପତ୍ର		ଲିଖତା		ହୈ
ବାପା ପୁଅକୁ ଚିଠି ଲେଖନ୍ତି ।								

2.0 ପାଠ

ନିମ୍ନଲିଖିତ ବାକ୍ୟଗୁଡ଼ିକ ପଢ଼ ।

माँ गरीबों को कंबल देती है।	ମାଁ ଗରୀବୋଁ କୋ କମ୍ବଲ ଦେତୀ ହୈ ।	ମାଆ ଗରିବ ଲୋକଙ୍କୁ କମ୍ବଳ ଦିଅନ୍ତି ।
शीला मुझे फल दे रही है।	ଶୀଲା ମୁଝେ ଫଲ ଦେ ରହୀ ହୈ ।	ଶୀଲା ମୋତେ ଫଳ ଦେଉଛି ।
पिताजी हमें पैसे देते हैं।	ପିତାଜୀ ହମେଁ ପୈସେ ଦେତେ ହୈଁ ।	ବାପା ଆମକୁ ଟଙ୍କା ଦିଅନ୍ତି ।
डाकिया तुम्हें पत्र दे रहा है।	ଡାକିୟା ତୁମ୍ହେଁ ପତ୍ର ଦେ ରହା ହୈ ।	ଡାକବାଲା ତୁମକୁ ଚିଠି ଦେଉଛି ।
किसान गायों को घास दे रहा है।	କିସାନ ଗାୟୋଁ କୋ ଘାସ ଦେ ରହା ହୈ ।	କୃଷକ ଗାଈମାନଙ୍କୁ ଘାସ ଦେଉଛି ।

2.1 ଶବ୍ଦାବଳୀ

गरीब (ପୁଂ.)	ଗରୀବ	ଗରିବ
कंबल (ପୁଂ.)	କମ୍ବଲ	କମ୍ବଳ
पैसे (ପୁଂ.)	ପୈସେ	ପଇସା
किसान (ପୁଂ.)	କିସାନ	କୃଷକ
गाय (ସ୍ତ୍ରୀ.)	ଗାୟ	ଗାଈ
घास (ସ୍ତ୍ରୀ.)	ଘାସ	ଘାସ

2.1 ବୁଝିବାକୁ ଚେଷ୍ଟା କର :

1. ମାଁ କମ୍ବଲ କିସେ ଦେତୀ ହୈ ?
2. ଶୀଲା ମୁଝେ କ୍ୟା ଦେ ରହୀ ହୈ ?
3. ପତ୍ର କୌନ ଦେ ରହା ହୈ ?
4. କିସାନ ଘାସ କିସେ ଦେ ରହା ହୈ ?

2.3 ବ୍ୟାକରଣ ଓ ସଂରଚନା

2.3.1 ସଂପ୍ରଦାନ କାରକ

- ତୁମେ ଜାଣିଛ, କ୍ରିୟା ଦୁଇ ପ୍ରକାରର ।
  - i) ସକର୍ମକ କ୍ରିୟା – ଯାହା ସହ କର୍ମ ଆସିଥାଏ ବା କର୍ମର ସଂଭାବନା ଥାଏ, ଏବଂ
  - ii) ଅକର୍ମକ କ୍ରିୟା - ଯାହାର କୌଣସି କର୍ମ ନ ଥାଏ ବା କର୍ମର ଆବଶ୍ୟକ ନ ଥାଏ ।

(ପାଠ ନମ୍ବର 10 ରେ ତୁମେମାନେ ଏହି କ୍ରିୟା ରୂପଗୁଡ଼ିକ ବିଷୟରେ ବହୁତ କିଛି ଜାଣିପାରିବ ।)

ଦେନା, ଭେଜନା, ବୁଲାନା ଆଦି କିଛି ସକର୍ମକ କ୍ରିୟା ପାଇଁ ଦୁଇଟି କର୍ମ ଆବଶ୍ୟକ ହୋଇଥାଏ - (କ) ପ୍ରତ୍ୟକ୍ଷ କର୍ମ (କର୍ମ-1) ଏବଂ (ଖ) ଅପ୍ରତ୍ୟକ୍ଷ କର୍ମ (କର୍ମ-2)। ଉଦାହରଣ ସ୍ୱରୂପ -

ମୈଁ ରୋହିତ କୋ କଲମ ଦେତା ହୂଁ ।
↓ ↓
(କର୍ମ-2) (କର୍ମ-1)
(ମୁଁ ରୋହିତକୁ କଲମ ଦିଏ ।)

ଏହି ବାକ୍ୟଗୁଡ଼ିକର ଗଠନ ନିମ୍ନପ୍ରକାର ହେବ :

କର୍ତ୍ତା	କର୍ମ-II	କର୍ମ-I	କ୍ରିୟା ପଦବନ୍ଧ
କିସାନ	ଗାୟ କୋ	ଘାସ	ଦେତା ହୈ
କୃଷକ ଗାଈକୁ ଘାସ ଦିଏ ।			

ଏପରି ବାକ୍ୟ ଗଠନରେ, କର୍ମ-2 ପାଇଁ ସର୍ବଦା ସଂପ୍ରଦାନ କାରକ ଆବଶ୍ୟକ ହେବ । ଏକ ବିଶେଷ୍ୟର ସଂପ୍ରଦାନ ରୂପ ତିଆରି କରିବା ପାଇଁ ବିଭକ୍ତି **'को'** ବିଶେଷ୍ୟ (ଯାହା କର୍ମ-2) ସହିତ ଯୋଡ଼ାଯାଏ ।

ଉଦାହରଣ ସ୍ୱରୂପ -

ମାଁ ବଚ୍ଚେ କୋ ଖାନା ଦେତୀ ହୈ ।	ମାଆ ପିଲାକୁ ଖାଦ୍ୟ ଦିଏ ।
ରୋହିତ ମୋହିତ କୋ ପତ୍ର ଲିଖତା ହୈ ।	ରୋହିତ ମୋହିତକୁ ଚିଠି ଲେଖେ ।
ସଙ୍ଗୀତା ଶୀଲା କୋ ଗାନା ସୁନା ରହୀ ହୈ ।	ସଙ୍ଗୀତା ଶୀଲାକୁ ଗୀତ ଶୁଣାଉଛି ।
ପିତାଜୀ ଭାଈ କୋ ରୁପଏ ଦେ ରହେ ହୈଁ ।	ବାପା ଭାଇକୁ ଟଙ୍କା ଦେଉଛନ୍ତି ।

- ସର୍ବନାମ + **को** ର ଦୁଇ ଦୁଇଟି ରୂପ ଅଛି ଏବଂ ସେଗୁଡ଼ିକ ମଧ୍ୟରୁ ଯେକୌଣସି ରୂପ ପ୍ରୟୋଗ ହୋଇପାରିବ ।

ପୁରୁଷ		ସର୍ବନାମ		ବିଭକ୍ତି				
I	ଏକବଚନ	**मैं**	ମୈଁ	**को**	କୋ	→	**मुझको/मुझे**	ମୁଝକୋ / ମୁଝେ
	ବହୁବଚନ	**हम**	ହମ	**को**	କୋ	→	**हमको/हमें**	ହମକୋ / ହମେଁ

II	ଏକବଚନ	तू	ତୂ	को	କୋ	→	तुझको/तुझे	ତୁଝକୋ / ତୁଝେ
	ବହୁବଚନ	तुम	ତୁମ	को	କୋ	→	तुमको/तुम्हें	ତୁମକୋ / ତୁମ୍ହେଁ
	ବହୁବଚନ	आप	ଆପ	को	କୋ	→	आपको	ଆପକୋ
III	ଏକବଚନ	यह	ୟହ	को	କୋ	→	इसको/इसे	ଇସକୋ / ଇସେ
	ଏକବଚନ	वह	ୱହ	को	କୋ	→	उसको/उसे	ଉସକୋ / ଉସେ
	ବହୁବଚନ	वे	ୱେ	को	କୋ	→	उनको/उन्हें	ଉନକୋ / ଉନ୍ହେଁ
	ଏକବଚନ	कौन	କୌନ	को	କୋ	→	किसको/किसे	କିସକୋ / କିସେ
	ବହୁବଚନ	कौन	କୌନ	को	କୋ	→	किनको/किन्हें	କିନକୋ / କିନ୍ହେଁ

- ତୁମେ ଧ୍ୟାନ ଦେଇଥିବ ଯେ ଉପରେ **तुझे, मुझे, हमें, तुम्हें, उसे, उन्हें** ମଧ୍ୟରେ '**को**' ଅନ୍ତର୍ନିହିତ ଅଛି ।

ଏବେ ନିମ୍ନଲିଖିତ ବାକ୍ୟଗୁଡ଼ିକ ପଢ଼ ।

କିରାୟେଦାର ମକାନ ମାଲିକ କୋ କିରାୟା ଦେତା ହୈ ।	ଭଡାଟିଆ ଘରମାଲିକଙ୍କୁ ଭଡା ଦିଏ ।
ମାଁ ବେଟେ କୋ ଖାନା ଦେତୀ ହୈ ।	ମାଆ ପୁଅକୁ ଖାଦ୍ୟ ଦିଏ ।
ହମ ସରକାର କୋ ଟୈକ୍ସ ଦେତେ ହୈଁ ।	ଆମେ ସରକାରଙ୍କୁ ଟିକସ ଦେଉ ।
ସରକାର ହମେଁ ବିଜଲୀ ଦେତୀ ହୈ ।	ସରକାର ଆମକୁ ବିଦ୍ୟୁତ୍ ଯୋଗାଇ ଦିଏ ।
ଡାକିୟା ଉସେ ପତ୍ର ଦେ ରହା ହୈ ।	ଡାକବାଲା ତାଙ୍କୁ ଚିଠି ଦେଉଛି ।
ଆପ ହମେଁ କ୍ୟା ଦେ ରହେ ହୈଁ ?	ଆପଣ ଆମକୁ କ'ଣ ଦେଉଛନ୍ତି ?

2.4 ଅନୁଶୀଳନୀ

ନିମ୍ନ ବାକ୍ୟରେ ରେଖାଙ୍କିତ ଶବ୍ଦଗୁଡ଼ିକର ଉତ୍ତର ପାଇବା ପାଇଁ ପ୍ରଶ୍ନ ତିଆରି କର ।

ରୀତା <u>ମୁଝେ</u> ପତ୍ର ଲିଖ ରହୀ ହୈ ।	ରୀତା ମୋତେ ଚିଠି ଲେଖୁଛି ।
ମାଁ <u>ଉସେ</u> ଖାନା ଦେତୀ ହୈ ।	ମାଆ ତାକୁ ଖାଦ୍ୟ ଦିଏ ।
ସୂର୍ୟ <u>ହମେଁ</u> ପ୍ରକାଶ ଦେତା ହୈ ।	ସୂର୍ଯ୍ୟ ଆମକୁ ଆଲୋକ ଦିଏ ।
ପିତାଜୀ <u>ଉନ୍ହେଁ</u> ନିମନ୍ତ୍ରଣ ଦେ ରହେ ହୈଁ ।	ବାପା ସେମାନଙ୍କୁ ନିମନ୍ତ୍ରଣ ଦେଉଛନ୍ତି ।
ଅଧ୍ୟାପକ <u>ହମେଁ</u> ପାଠ ପଢ଼ା ରହେ ହୈଁ ।	ଅଧ୍ୟାପକ ଆମକୁ ପାଠ ପଢ଼ାଉଛନ୍ତି ।

2. ଯଥାସମ୍ଭବ ବାକ୍ୟ ଗଠନ କର ।

ଡାକ୍ଟର ହମ ୱେ ସୂର୍ୟ ତୁମ	ରୋଗୀ ଆପ ଉନ ଗରୀବ ହମ	କୋ	ଦୱା କମ୍ବଲ ଫଲ କପଡ଼େ	ଦେ ବାଁଟ	ରହା ରହୀ ରହେ	ହୈ ହୈଁ ହୋ

ଏକକ - III

ଦିଆଯାଇଥିବା ସଂରଚନା

(1) **ଆସନ୍ନ ଭବିଷ୍ୟତ କାଳ**

କର୍ତ୍ତା	ସମୟ ଅଭିବ୍ୟକ୍ତି	ଧାତୁ	रहा	ସହାୟକ କ୍ରିୟା
मैं	**कल**	**जा**	**रही**	**हूँ**
ମୈଁ	କଲ	ଯା	ରହୀ	ହୂଁ
ମୁଁ ଆସନ୍ତା କାଲି ଯାଉଛି ।				

(2) **କର୍ତ୍ତା + ही**

मैं	**ही**	**फल**	**खाता हूँ**
ମୈଁ	ହୀ	ଫଲ	ଖାତା ହୂଁ
ମୁଁ ହିଁ ଫଳ ଖାଏ ।			

(3) **କର୍ତ୍ତା + କର୍ମ + ही**

मैं	**फल**	**ही**	**खाता हूँ**
ମୈଁ	ଫଲ	ହୀ	ଖାତା ହୂଁ
ମୁଁ ଫଳ ହିଁ ଖାଏ ।			

3.0 ପାଠ

हम ऊटी जा रहे हैं

ହମ ଊଟୀ ଜା ରହେ ହୈଁ

ଆମେ ଉଟି ଯାଉଛୁ

अनिल मैं अध्यापक हूँ। मैं बैंगलुरु में हिंदी पढ़ाता हूँ। कल से स्कूल में छुट्टियाँ हो रही हैं ।
ଅନିଲ ମୈଁ ଅଧ୍ୟାପକ ହୂଁ । ମୈଁ ବେଂଗଲୁରୁ ମେଁ ହିନ୍ଦୀ ପଢ଼ାତା ହୂଁ । କଲ ସେ ସ୍କୂଲ ମେଁ ଛୁଟ୍ଟିୟାଁ ହୋ ରହୀ ହେଁ ।
ଅନିଲ ମୁଁ ଜଣେ ଅଧ୍ୟାପକ । ମୁଁ ବେଙ୍ଗଲୁରୁରେ ହିନ୍ଦୀ ପଢ଼ାଏ । କାଲିଠାରୁ ସ୍କୁଲରେ ଛୁଟି ହେଉଛି ।

अनिल हम कल ऊटी जा रहे हैं। ऊटी बहुत सुंदर स्थान है।
ହମ କଲ ଊଟୀ ଜା ରହେ ହୈଁ । ଊଟୀ ବହୁତ ସୁନ୍ଦର ସ୍ଥାନ ହେ ।
ଆମେ କାଲି ଉଟି ଯାଉଛୁ । ଉଟି ଏକ ସୁନ୍ଦର ସ୍ଥାନ ।

अनिल बैंगलुरु से ऊटी आठ घंटे में पहुँचते हैं।
ବେଂଗଲୁରୁ ସେ ଊଟୀ ଆଠ ଘଣ୍ଟେ ମେଁ ପହୁଁଚତେ ହୈଁ ।
ବେଙ୍ଗଲୁରୁରୁ ଉଟି ପହଞ୍ଚିବାକୁ ଆଠ ଘଣ୍ଟା ସମୟ ଲାଗେ ।

अनिल | राजलक्ष्मी जी, क्या आप हमारे साथ आ रही हैं?
ରାଜଲକ୍ଷ୍ମୀ ଜୀ, କ୍ୟା ଆପ ହମାରେ ସାଥ ଆ ରହୀ ହୈଁ ?
ରାଜଲକ୍ଷ୍ମୀ ଜୀ, ଆପଣ ଆମ ସହିତ ଆସୁଛନ୍ତି କି ?

राजलक्ष्मी | नहीं, सर, मैं नहीं आ रही हूँ। मैं कुर्ग जा रही हूँ।
ରାଜଲକ୍ଷ୍ମୀ | ନହୀଁ, ସର ମୈଁ ନହୀଁ ଆ ରହୀ ହୂଁ । ମୈଁ କୁର୍ଗ ଜା ରହୀ ହୂଁ ।
ରାଜଲକ୍ଷ୍ମୀ | ନା, ମହାଶୟ, ମୁଁ ଆସିବି ନାହିଁ । ମୁଁ କୁର୍ଗ ଯାଉଛି ।

अनिल | ठीक है, कुर्ग भी बहुत सुंदर स्थान है। आप कुर्ग जाइए। कण्णन जी, क्या आप कल आ रहे हैं ?
ଠୀକ ହୈ, କୁର୍ଗ ଭୀ ବହୁତ ସୁନ୍ଦର ସ୍ଥାନ ହୈ । ଆପ କୁର୍ଗ ଜାଇଏ । କଣ୍ଣନ ଜୀ, କ୍ୟା ଆପ କଲ ଆ ରହେ ହୈଁ ?
ଠିକ୍ ଅଛି । କୁର୍ଗ ବି ବହୁତ ସୁନ୍ଦର ସ୍ଥାନ । ତୁମେ କୁର୍ଗ ଯାଅ । କଣ୍ଣନ ଜୀ, ଆପଣ କାଲି ଆସୁଛନ୍ତି କି?

कण्णन | जी हाँ, मैं कल आपके साथ ही ऊटी आ रहा हूँ।
କଣ୍ଣନ | ଜୀ ହାଁ, ମୈଁ କଲ ଆପକେ ସାଥ ହୀ ଊଟୀ ଆ ରହା ହୂଁ ।
କଣ୍ଣନ | ହଁ ମହାଶୟ, ମୁଁ କାଲି ଆପଣଙ୍କ ସହିତ ଉଟି ଆସୁଛି ।

अनिल | तो ठीक है। सुबह जल्दी उठिए। ठीक पाँच बजे चलिएगा।
ତୋ ଠୀକ ହୈ । ସୁବହ ଜଲ୍ଦୀ ଉଠିଏ । ଠୀକ ପାଞ୍ଚ ବଜେ ଚଲିଏଗା ।
ହଉ, ଠିକ୍ ଅଛି । ସକାଳେ ଶୀଘ୍ର ଉଠନ୍ତୁ । ଠିକ ପାଞ୍ଚଟାରେ ବାହାରନ୍ତୁ ।

अनिल | होटल में बता दीजिए कि हम दोपहर साढ़े बारह बजे तक पहुँच रहे हैं ।
ହୋଟଲ ମେଁ ବତା ଦୀଜିଏ କି ହମ ଦୋପହର ସାଢ଼େ ବାରହ ବଜେ ତକ ପହୁଁଚ ରହେ ହୈଁ ।
ହୋଟେଲକୁ ଜଣେଇ ଦିଅନ୍ତୁ ଯେ ଆମେ ଦିନ ସାଢ଼େ ବାର (12.30)ଟା ସୁଦ୍ଧା ପହଞ୍ଚିବୁ ।

कण्णन | ठीक है, सर।
ଠୀକ ହୈ, ସର ।
ଠିକ୍ ଅଛି ସାର୍ ।

राजलक्ष्मी | धन्यवाद सर, नमस्कार।
ଧନ୍ୟବାଦ ସର, ନମସ୍କାର ।
ଧନ୍ୟବାଦ ସାର୍, ନମସ୍କାର ।

अनिल | नमस्कार।
ନମସ୍କାର ।
ବିଦାୟ ।

3.1 ଶବ୍ଦାବଳୀ

कल	କଲ	ଆସନ୍ତା କାଲି / ଗତ କାଲି
छुट्टियाँ	ଛୁଟ୍ଟିୟାଁ	ଅବକାଶ, ଛୁଟି
स्थान (ପୁଂ.)	ସ୍ଥାନ	ସ୍ଥାନ
घंटा (ପୁଂ.)	ଘଣ୍ଟା	ଘଣ୍ଟା
हमारे साथ	ହମାରେ ସାଥ	ଆମ ସହିତ
सवा पाँच	ସୱା ପାଞ୍ଚ	ସାତଟା ପନ୍ଦର
दोपहर	ଦୋପହର	ମଧ୍ୟାହ୍ନ
साढ़े बारह	ସାଢ଼େ ବାରହ	ବାରଟା ତିରିଶ
डेढ़	ଡେଢ଼	ଦେଢ଼ଟା (1.30)
चलना	ଚଲନା	ଚାଲିବା / ଯିବା
पहुँचना	ପହୁଁଚନା	ପହଞ୍ଚିବା

ଧ୍ୟାନ ଦିଅ

- **कल** "କଲ" ଶବ୍ଦଟି ଆଗାମୀ ଦିନ (ଆସନ୍ତାକାଲି) ଏବଂ ପୂର୍ବ ଦିନ (ଗତକାଲି) ଉଭୟ ପାଇଁ ବ୍ୟବହୃତ ହୁଏ । ଏହାର ବ୍ୟବହାର ଦ୍ୱାରା କ'ଣ ବୁଝାଯାଉଛି ତାହା ନିର୍ଣ୍ଣୟ କରାଯିବ । ଉଦାହରଣ ସ୍ୱରୂପ -

ମୈଁ କଲ ଚେନ୍ନଈ ସେ ଆୟା ।	ଗତକାଲି ମୁଁ ଚେନ୍ନାଇରୁ ଆସିଲି ।
ମୈଁ କଲ ମୁମ୍ବଈ ଜା ରହା ହୂଁ ।	ଆସନ୍ତା କାଲି ମୁଁ ମୁମ୍ବାଇ ଯାଉଛି ।

3.2 ବୁଝିବାକୁ ଚେଷ୍ଟା କର :

1. ଅଧ୍ୟାପକ କା ନାମ କ୍ୟା ହୈ ?
2. ୱହ ବେଂଗଲୁରୁ ମେଁ କ୍ୟା କରତା ହୈ ?
3. ଅନିଲ ଛୁଟ୍ଟିୟୋଁ ମେଁ କହାଁ ଜା ରହା ହୈ ?
4. କ୍ୟା ରାଜଲକ୍ଷ୍ମୀ ଊଟୀ ଜା ରହୀ ହୈ ?
5. କୁର୍ଗ କୈସା ସ୍ଥାନ ହୈ ?
6. କଣ୍ଣନ କଲ କହାଁ ଜା ରହା ହୈ ?
7. ବେଂଗଲୁରୁ ସେ ଊଟୀ କିତନୀ ଦେର ମେଁ ପହୁଁଚତେ ହୈଁ ?
8. ୱେ ସୁବହ କିତନେ ବଜେ ଚଲ ରହେ ହୈଁ ?
9. ୱେ ଊଟୀ କବ ପହୁଁଚ ରହେ ହୈଁ ?

3.3 ବ୍ୟାକରଣ ଓ ସଂରଚନା

3.3.1 ଆସନ୍ନ ଭବିଷ୍ୟତ

ନିମ୍ନ ବାକ୍ୟଗୁଡ଼ିକୁ ପଢ଼ ।

ପିତାଜୀ କବ ଆ ରହେ ହେଁ ?	ବାପା କେବେ ଆସୁଛନ୍ତି ?
ଲଡ଼କିୟାଁ ଆଜ ଜା ରହୀ ହେଁ ।	ଆଜି ଝିଅମାନେ ଯାଉଛନ୍ତି ।
ମେଁ ଆଜ ୱହାଁ ପହୁଁଚ ରହା ହୂଁ ।	ମୁଁ ଆଜି ସେଠାରେ ପହଞ୍ଚୁଛି ।
ୱେ ପରସୋଁ ଲଖନଊ ଆ ରହେ ହେଁ ।	ସେମାନେ ପରଦିନ ଲକ୍ଷ୍ନୌ ଆସୁଛନ୍ତି ।
ହମ ଛୁଟ୍ଟିୟୋଁ ମେଁ ନୈନୀତାଲ ଜା ରହେ ହେଁ ।	ଆମେ ଛୁଟିରେ ନୈନିତାଲ ଯାଉଛୁ ।

- ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ପୂର୍ବ ଏକକ ଭଳି ଉପରେ रह (ରହ) + ସହାୟକ କ୍ରିୟାର ଗଠନ ଦ୍ୱାରା ତତ୍କାଳ କାର୍ଯ୍ୟକଳାପ କରାଯାଉଥିବା ସୂଚିତ ହୁଏ ନାହିଁ । ପ୍ରକୃତରେ, ଅସମ୍ପନ୍ନ ବର୍ତ୍ତମାନ କାଳର ଅଲଗା ପ୍ରକାରର ଏକ ବ୍ୟବହାର ଅଛି । ଏହା ଆସନ୍ନ ଭବିଷ୍ୟତ ପାଇଁ ମଧ୍ୟ ବ୍ୟବହୃତ ହୁଏ ।

ଉଦାହରଣ ସ୍ୱରୂପ:

मैं कल दिल्ली जा रहा हूँ।
ମେଁ କଲ ଦିଲ୍ଲୀ ଜା ରହା ହୂଁ ।
ମୁଁ ଆସନ୍ତାକାଲି ଦିଲ୍ଲୀ ଯାଉଛି ।

- ଏଠାରେ, '**जा रहा हूँ**' ର ଅର୍ଥ ଅସମ୍ପନ୍ନ ବର୍ତ୍ତମାନ କାଳ ନୁହେଁ, କାରଣ ଏହି କାର୍ଯ୍ୟଗୁଡ଼ିକ ଏପର୍ଯ୍ୟନ୍ତ ଘଟିନାହିଁ । ଏଭଳି ସଂରଚନାଗୁଡ଼ିକୁ ଏହିପରି ଦେଖାଯାଇପାରେ :

କର୍ତ୍ତା	+	ସମୟ ଜ୍ଞାପନ	+	ଧାତୁ	+	रहा/रही/रहे	ସହାୟକ କ୍ରିୟା (है/हैं/हूँ/हो)
ମାଁ		ଶାମ କୋ		ଆ		ରହୀ	ହେଁ
ମା' ସନ୍ଧ୍ୟାବେଳେ ଆସୁଛନ୍ତି ।							
ଭାଇ		ଅଗଲେ ସପ୍ତାହ		ଆ		ରହା	ହୈ
ଭାଇ ଆସନ୍ତା ସପ୍ତାହରେ ଆସୁଛି ।							

- ତୁମେ ଧ୍ୟାନ ଦେଇଥିବ ଯେ ପୂର୍ବ ଏକକରେ ଅସମ୍ପନ୍ନ ବର୍ତ୍ତମାନ କାଳ ବିଷୟରେ ଯାହା ଶିଖିଛ, ତାହା ଏହି ବାକ୍ୟଗୁଡ଼ିକର ଗଠନ ପ୍ରକ୍ରିୟାଠାରୁ ଅଲଗା ନୁହେଁ । କେବଳ ଏଥିପାଇଁ କ୍ରିୟା ପଦବନ୍ଧ ପୂର୍ବରୁ ଏକ ସମୟସୂଚକ ଶବ୍ଦ ଯୋଡ଼ାଯିବା ଆବଶ୍ୟକ । ଏପରି କିଛି ଶବ୍ଦ ନିମ୍ନଲିଖିତ ସାରଣୀରେ ଦେଖ –

कल	କଲ	ଆସନ୍ତା କାଲି
परसों	ପରସୋଁ	ପଅର ଦିନ
अगले माह	ଅଗଲେ ମାହ	ଆସନ୍ତା ମାସ
अगले सप्ताह	ଅଗଲେ ସପ୍ତାହ	ଆସନ୍ତା ସପ୍ତାହ
शाम को	ଶାମ କୋ	ସନ୍ଧ୍ୟାରେ

3.3.2 ही (ଗୁରୁତ୍ୱ ସୂଚକ ଚିହ୍ନ)

ନିମ୍ନଲିଖିତ ଉଦାହରଣଗୁଡ଼ିକୁ ମନ ଦେଇ ପଢ଼ ଏବଂ ପାର୍ଥକ୍ୟ ଲକ୍ଷ୍ୟ କର ।

କ	ଖ
ଭାରତୀୟ ହୀ ହିନ୍ଦୀ ବୋଲତେ ହୈଁ ।	ଭାରତୀୟ ହିନ୍ଦୀ ହି ବୋଲତେ ହୈଁ ।
ପରିୱାର ମେଁ ମାଁ ହୀ ଚାୱଲ ଖାତୀ ହୈ ।	ପରିୱାର ମେଁ ମାଁ ଚାୱଲ ହୀ ଖାତୀ ହୈ ।

ତୁମେ ଦେଖିଥିବ ଯେ 'କ' ଗ୍ରୁପ୍ ଏବଂ 'ଖ' ଗ୍ରୁପ୍ ର ବାକ୍ୟଗୁଡ଼ିକର ଭିନ୍ନ-ଭିନ୍ନ ଅର୍ଥ ଅଛି। ଉଦାହରଣ ସ୍ୱରୂପ-

ଭାରତୀୟ ହୀ ହିନ୍ଦୀ ବୋଲତେ ହୈଁ ।
ଭାରତୀୟମାନେ (ବିଶେଷ ଭାବରେ ଭାରତୀୟ) ହିନ୍ଦୀ କୁହନ୍ତି (ଅନ୍ୟ କେହି ନୁହଁନ୍ତି)।

ଭାରତୀୟ ହିନ୍ଦୀ ହୀ ବୋଲତେ ହୈଁ ।
ଏଠାରେ ଭାରତୀୟମାନେ କେବଳ ହିନ୍ଦୀ କୁହନ୍ତି (ସେମାନେ ହିନ୍ଦୀ ବ୍ୟତୀତ ଅନ୍ୟ କୌଣସି ଭାଷା କୁହନ୍ତି ନାହିଁ)।

3.4 ଅନୁଶୀଳନୀ

3.4.1 ନିମ୍ନଲିଖିତ ସାରଣୀରୁ 10ଟି ବାକ୍ୟ ଗଠନ କର ।

ହମ		ପୀ	ରହା ହୂଁ
ପକ୍ଷୀ	ଚାୟ		ରହେ ହୋ
ଆପ	ପଟନା	ଉଡ଼	ରହା ହୈ
ତୁମ	ପାନୀ		ରହେ ହୈଁ
ପିତାଜୀ	ସ୍କୂଲ	ଜା	ରହୀ ହୈ
ମୈଁ			
ଜାନକୀ			

3.4.2 ନିମ୍ନ ଉତ୍ତରଗୁଡ଼ିକ ପାଇବା ପାଇଁ ପ୍ରଶ୍ନ ତିଆରି କର ।

1. ମୈଁ କଲ ସୁବହ ପହୁଁଚ ରହା ହୂଁ ।
2. ପିତାଜୀ ଶନିୱାର କୋ ଆ ରହେ ହୈଁ ।
3. ଦୀଦୀ କଲ ନହୀଁ ଆ ରହୀ ହୈଁ ।
4. ଫର୍ମ (फॉर्म) ଅଗଲେ ସପ୍ତାହ ସେ ମିଲ ରହେ ହୈଁ ।
5. ଶାମ କୋ ରୋହିତ ଆ ରହା ହୈ ।

3.4.3 ନିମ୍ନଲିଖିତ ବାକ୍ୟଗୁଡ଼ିକରେ "ही" କୁ ଉପଯୁକ୍ତ ସ୍ଥାନରେ ରଖ ଏବଂ ଏହାର ପାର୍ଥକ୍ୟ ଦର୍ଶାଅ ।

1. ମୈଁ କ୍ରିକେଟ ଖେଲତା ହୂଁ ।
2. ଜଗନ୍ନାଥନ ହିନ୍ଦୀ ପଢ଼ାତେ ହୈଁ ।
3. ରମନ ଇଡଲି ଖାତା ହୈ ।

3.5 ଅତିରିକ୍ତ ଶବ୍ଦାବଳୀ

पत्र (ପୁଂ.)	ପତ୍ର	ଚିଠି
सूर्य (ପୁଂ.)	ସୂର୍ୟ	ସୂର୍ଯ୍ୟ
प्रकाश (ପୁଂ.)	ପ୍ରକାଶ	ଆଲୁଅ
निमंत्रण (ପୁଂ.)	ନିମଂତ୍ରଣ	ନିମନ୍ତ୍ରଣ
पाठ (ପୁଂ.)	ପାଠ	ପାଠ
पढ़ाना (କ୍ରିୟା)	ପଢ଼ାନା	ପଢ଼େଇବା
ढूँढ़ना (କ୍ରିୟା)	ଢୁଁଢ଼ନା	ଖୋଜିବା
बुलाना (କ୍ରିୟା)	ବୁଲାନା	ଡାକିବା
किराएदार (ପୁଂ.)	କିରାଏଦାର	ଭଡ଼ାଟିଆ
मकान मालिक (ପୁଂ.)	ମକାନ ମାଲିକ	ଘର ମାଲିକ
सरकार (ସ୍ତ୍ରୀ.)	ସରକାର	ସରକାର
बिजली (ସ୍ତ୍ରୀ.)	ବିଜଲୀ	ବିଜୁଳି
डाकिया (ପୁଂ.)	ଡାକିୟା	ଡାକବାଲା
रोगी (ପୁଂ.)	ରୋଗୀ	ରୋଗୀ
कपड़ा (ପୁଂ.)	କପଡ଼ା	ଲୁଗାପଟା / କନା
बाँटना	ବାଁଟନା	ବାଣ୍ଟିବା
बोलना (କ୍ରିୟା)	ବୋଲନା	କହିବା
चावल (ପୁଂ.)	ଚାୱଲ	ଚାଉଳ
लोग (ପୁଂ. ବହୁବଚନ)	ଲୋଗ	ଲୋକ
पक्षी (ପୁଂ.)	ପକ୍ଷୀ	ଚଢ଼େଇ
उड़ना (କ୍ରିୟା)	ଉଡ଼ନା	ଉଡ଼ିବା

3.5.1 ଆସ ଗଣତି ଶିଖିବା

51	इक्यावन	ଇକ୍ୟାୱନ
52	बावन	ବାୱନ
53	तिरपन	ତିରପନ
54	चौवन	ଚୌୱନ
55	पचपन	ପଚପନ
56	छप्पन	ଛପ୍ପନ
57	सत्तावन	ସତ୍ତାୱନ
58	अट्ठावन	ଅଟ୍ଠାୱନ
59	उनसठ	ଉନସଠ
60	साठ	ସାଠ

3.6 ପାରିବାରିକ ସମ୍ବନ୍ଧସୂଚକ ଶବ୍ଦ

पति	ପତି	ସ୍ୱାମୀ
पत्नी	ପତ୍ନୀ	ସ୍ତ୍ରୀ
सास	ସାସ	ଶାଶୁ
ससुर	ସସୁର	ଶଶୁର
ननद	ନନଦ	ନଣନ୍ଦ (ସ୍ୱାମୀଙ୍କ ଭଉଣୀ)
भाभी	ଭାଭୀ	ଭାଉଜ (ବଡ଼ ଭାଇଙ୍କ ସ୍ତ୍ରୀ)
देवर	ଦେୱର	ଦିଅର (ସ୍ୱାମୀର ସାନ ଭାଇ)
साला	ସାଲା	ଶଳା (ସ୍ତ୍ରୀର ଭାଇ)

ପୁନରାବୃତ୍ତି

1. ଅସମ୍ପନ୍ନ ବର୍ତ୍ତମାନ କାଳର ବାକ୍ୟ

କର୍ତ୍ତା		ଧାତୁ		रहा / रही / रहे		हूँ / है / हो / हैं
माँ ମାଁ	+	गा ଗା	+	रही ରହୀ	+	है ହୈ

2. ଆସନ୍ନ ଭବିଷ୍ୟତ

କର୍ତ୍ତା		ସମୟ		ଧାତୁ		रहा / रही / रहे		हूँ / है / हो / हैं
सीता ସୀତା	+	कल କଲ	+	आ ଆ	+	रही ରହୀ	+	है ହୈ

3. ଦ୍ୱିକର୍ମକ ବାକ୍ୟ

କର୍ତ୍ତା		କର୍ମ-II		କର୍ମ-I		ଧାତୁ		रहा / रही / रहे		हूँ / है / हो / हैं
पिताजी ପିତାଜୀ	+	हमें ହମେଁ	+	पैसे ପୈସେ	+	दे ଦେ	+	रहे ରହେ	+	हैं ହୈଁ

4. ଗୁରୁତ୍ୱ ସୂଚକ **ही** ର ପ୍ରୟୋଗ

मैं	ही	पढ़ता	हूँ	मैं	पढ़ता	ही	हूँ
ମୈଁ	ହୀ	ପଢ଼ତା	ହୂଁ	ମୈଁ	ପଢ଼ତା	ହୀ	ହୂଁ

ପାଠ -11

ଏକକ - I

ଦିଆଯାଇଥିବା ସଂରଚନା

ସହାୟକ କ୍ରିୟାର ଅତୀତ କାଳ ରୂପ

କର୍ତ୍ତା	**ସହାୟକ କ୍ରିୟା (ଅତୀତ କାଳରେ)**
मैं / तू / वह	**था / थी**
ମୈଁ / ତୂ / ୱହ	ଥା / ଥୀ
हम / तुम / आप / वे	**थे / थीं**
ହମ / ତୁମ / ଆପ / ୱେ	ଥେ / ଥୀଁ

1.0 ପାଠ

ତଳେ ଲେଖାଥିବା ବାକ୍ୟଗୁଡ଼ିକୁ ପଢ଼ ।

दार्जिलिंग

ଦାର୍ଜିଲିଙ୍ଗ

ଦାର୍ଜିଲିଂ

रोहित **राजेश, पिछले सप्ताह तुम कहाँ थे** ?

ରୋହିତ ରାଜେଶ, ପିଛଲେ ସପ୍ତାହ ତୁମ କହାଁ ଥେ ?

ରୋହିତ ରାଜେଶ, ଗତ ସପ୍ତାହରେ ତୁମେ କେଉଁଠି ଥିଲ ?

राजेश **मैं दार्जिलिंग में था।**

ରାଜେଶ ମୈଁ ଦାର୍ଜିଲିଙ୍ଗ ମେଁ ଥା ।

ରାଜେଶ ମୁଁ ଦାର୍ଜିଲିଂରେ ଥିଲି ।

रोहित **अच्छा, क्या-क्या था वहाँ** ?

ଅଚ୍ଛା, କ୍ୟା-କ୍ୟା ଥା ୱହାଁ ?

ରୋହିତ ଆଚ୍ଛା, ସେଠାରେ କ'ଣ କ'ଣ ଥିଲା ?

राजेश **वहाँ बहुत कुछ था। ऊँचे पहाड़ थे। बड़ी नदियाँ थीं। सुंदर झरने थे। नीला आकाश था। हरे-भरे वन थे। रंग-बिरंगी चिड़ियाँ थीं।**

ରାଜେଶ ୱହାଁ ବହୁତ କୁଛ ଥା । ଊଁଚେ ପହାଡ଼ ଥେ । ବଡ଼ୀ ନଦିୟାଁ ଥୀଁ । ସୁନ୍ଦର ଝରନେ ଥେ । ନୀଲା ଆକାଶ ଥା । ହରେ-ଭରେ ୱନ ଥେ । ରଙ୍ଗ-ବିରଙ୍ଗୀ ଚିଡ଼ିୟାଁ ଥୀଁ ।

ରାଜେଶ ସେଠାରେ ବହୁତ କିଛି ଥିଲା । ଉଚ୍ଚ-ଉଚ୍ଚ ପାହାଡ଼ ଥିଲା । ବଡ଼-ବଡ଼ ନଦୀ ଥିଲା । ସୁନ୍ଦର ସୁନ୍ଦର ଝରଣା ଥିଲା। ନୀଳ ଆକାଶ ଥିଲା । ସବୁଜିମା ଭରା ବଣ ଥିଲା । ରଙ୍ଗ-ବେରଙ୍ଗର ଚଢ଼େଇଗୁଡ଼ିଏ ଥିଲେ ।

रोहित		**तुम्हारे साथ कौन-कौन थे ?**
ତୁମ୍ହାରେ ସାଥ କୌନ-କୌନ ଥେ ?
ତୁମ ସହିତ କିଏ-କିଏ ଥିଲେ ?

राजेश		**माँ थीं। पिताजी थे। मेरी मौसी थीं। मामाजी थे। केवल तुम नहीं थे।**
ମାଁ ଥୀଁ । ପିତାଜୀ ଥେ । ମେରୀ ମୌସୀ ଥୀଁ । ମାମାଜୀ ଥେ । କେୱଲ ତୁମ ନହୀଁ ଥେ ।
ମା' ଥିଲା, ବାପା ଥିଲେ, ମୋ ମାଉସୀ ଥିଲେ । ମାମୁଁ ଥିଲେ । କେବଳ ତୁମେ ନଥିଲ ।

रोहित		**अगली बार मैं भी तुम्हारे साथ रहूँगा। पिछले साल भी तो मैं तुम्हारे साथ था।**
ଅଗଲୀ ବାର ମୈଁ ଭୀ ତୁମ୍ହାରେ ସାଥ ରହୂଁଗା । ପିଛଲେ ସାଲ ଭୀ ତୋ ମୈଁ ତୁମ୍ହାରେ ସାଥ ଥା ।
ଆସନ୍ତା ବର୍ଷ (ଆରଥରକୁ) ମୁଁ ବି ତୁମ ସହିତ ରହିବି । ଗତ ବର୍ଷ ବି ମୁଁ ତୁମ ସହିତ ଥିଲି ।

1.1 ଶବ୍ଦାବଳୀ

पिछले सप्ताह	ପିଛଲେ ସପ୍ତାହ	ଗଲା ସପ୍ତାହରେ
बहुत कुछ	ବହୁତ କୁଛ	ବହୁତ କିଛି
ऊँचा	ଊଁଚା	ଉଚ୍ଚ
पहाड़ (ପୁଂ.)	ପହାଡ଼	ପାହାଡ଼
नदी (ସ୍ତ୍ରୀ.)	ନଦୀ	ନଦୀ
झरना (ପୁଂ.)	ଝରନା	ଝରଣା
वन (ପୁଂ.)	ୱନ	ବଣ
नीला	ନୀଲା	ନୀଳ
आकाश (ପୁଂ.)	ଆକାଶ	ଆକାଶ
हरे-भरे	ହରେ-ଭରେ	ସବୁଜିମା ଭରା
रंग-बिरंगी	ରଙ୍ଗ-ବିରଙ୍ଗୀ	ରଙ୍ଗ-ବେରଙ୍ଗର
चिड़िया (ସ୍ତ୍ରୀ.)	ଚିଡ଼ିୟା	ଚଢ଼େଇ
मौसी (ସ୍ତ୍ରୀ.)	ମୌସୀ	ମାଉସୀ
मामा (ପୁଂ.)	ମାମା	ମାମୁଁ
तुम्हारे साथ	ତୁମ୍ହାରେ ସାଥ	ତୁମ ସହିତ, ତୁମ ସହ
कौन-कौन	କୌନ-କୌନ	କିଏ-କିଏ

1.2 ବୁଝିବାକୁ ଚେଷ୍ଟା କର ।

पिछले सप्ताह राजेश कहाँ था ?	ପିଛଲେ ସପ୍ତାହ ରାଜେଶ କହାଁ ଥା ?
दार्जिलिंग में क्या-क्या था ?	ଦାର୍ଜିଲିଙ୍ଗ ମେଁ କ୍ୟା-କ୍ୟା ଥା ?
राजेश के साथ कौन-कौन थे ?	ରାଜେଶ କେ ସାଥ କୌନ-କୌନ ଥେ ?
क्या रोहित राजेश के साथ था ?	କ୍ୟା ରୋହିତ ରାଜେଶ କେ ସାଥ ଥା ?

1.3 ବ୍ୟାକରଣ ଓ ସଂରଚନା

- ଧ୍ୟାନ ଦିଅ ଯେ ସହାୟକ କ୍ରିୟା '**होना**' (ହେବା)ର ଅତୀତ କାଳର ରୂପ ହେଉଛି - '**था**' । ଏହିଟି ମୁଖ୍ୟ କ୍ରିୟା ରୂପେ ମଧ୍ୟ ବ୍ୟବହାର କରାଯାଏ ।

ପୁଂଲିଙ୍ଗ

କର୍ତ୍ତା + କ୍ରିୟା

ଏକବଚନ	**मैं**	**था**	ମେଁ ଥା
	तू	**था**	ତୁ ଥା
	वह	**था**	ୱହ ଥା

ବହୁବଚନ	**हम**	**थे**	ହମ ଥେ
	तुम	**थे**	ତୁମ ଥେ
	आप	**थे**	ଆପ ଥେ
	वे	**थे**	ୱେ ଥେ

ସ୍ତ୍ରୀଲିଙ୍ଗ

କର୍ତ୍ତା + କ୍ରିୟା

मैं	**थी**	ମେଁ ଥୀ
तू	**थी**	ତୁ ଥୀ
वह	**थी**	ୱହ ଥୀ

हम	**थीं**	ହମ ଥୀଁ
तुम	**थीं**	ତୁମ ଥୀଁ
आप	**थीं**	ଆପ ଥୀଁ
वे	**थीं**	ୱେ ଥୀଁ

- ଉପରିଲିଖିତ ଉଦାହରଣଗୁଡ଼ିକରେ ତୁମେ ଦେଖିଥିବ ଯେ '**था**'ର ରୂପ କର୍ତ୍ତାର ବଚନ ଓ ଲିଙ୍ଗ ଅନୁସାରେ ହୋଇଥାଏ । ଯେତେବେଳେ କି **हैं** (ହେଁ) କେବଳ କର୍ତ୍ତାର ପୁରୁଷ ଓ ବଚନ ଅନୁସାରେ ହୁଏ ।

मैं हूँ	ମେଁ ହୂଁ	**मैं था / थी**	ମେଁ ଥା / ଥୀ
तू है	ତୁ ହୈ	**तू था / थी**	ତୁ ଥା / ଥୀ
लड़का है	ଲଡ଼କା ହୈ	**लड़का था**	ଲଡ଼କା ଥା
लड़की है	ଲଡ଼କୀ ହୈ	**लड़की थी**	ଲଡ଼କୀ ଥୀ
हम हैं	ହମ ହେଁ	**हम थे / थीं**	ହମ ଥେ / ଥୀଁ
तुम हो	ତୁମ ହୋ	**तुम थे / थीं**	ତୁମ ଥେ / ଥୀଁ
आप हैं	ଆପ ହେଁ	**आप थे / थीं**	ଆପ ଥେ / ଥୀଁ
लड़के हैं	ଲଡ଼କେ ହେଁ	**लड़के थे**	ଲଡ଼କେ ଥେ
लड़कियाँ हैं	ଲଡ଼କିୟାଁ ହେଁ	**लड़कियाँ थीं**	ଲଡ଼କିୟାଁ ଥୀଁ

1.4 ଅନୁଶୀଳନୀ

ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ '**था**' କ୍ରିୟାର ଉପଯୁକ୍ତ ରୂପ ଲେଖ ।

सुमन, तुम कल कहाँ .... ?

मैं यहीं .... ।

तुम लोग कहाँ ....?

हम सब बाजार में .... ।

दरवाजे पर कौन ....?

ଏକକ - II

ଦିଆଯାଇଥିବା ସଂରଚନା (ବାକ୍ୟ ବିନ୍ୟାସ)

(କ)

କର୍ତ୍ତା + **को**	+ କର୍ମ	+ ଚାହିଏ
राम को	**फल**	**चाहिए**
ରାମ କୋ	ଫଲ	ଚାହିଏ
ରାମର ଫଳ ଦରକାର ।		

(ଖ)

କର୍ତ୍ତା + **को**	+ କର୍ମ	+ କ୍ରିୟାର ମୂଳ ଶବ୍ଦ	+ ଚାହିଏ
शीला को	**गीत**	**गाना**	**चाहिए**
ଶୀଲା + କୋ	ଗୀତ	ଗାନା	ଚାହିଏ
ଶୀଲା ଗୋଟିଏ ଗୀତ ଗାଇବା ଉଚିତ ।			

2.0 ପାଠ

होटल में

ହୋଟଲ ମେଁ

ହୋଟେଲରେ

मैनेजर **नमस्कार, कहिए, मैं आपकी क्या सेवा कर सकता हूँ ?**
ମୈନେଜର ନମସ୍କାର, କହିଏ, ମୈଁ ଆପକୀ କ୍ୟା ସେୱା କର ସକତା ହୂଁ ?
ମ୍ୟାନେଜର ନମସ୍କାର, କୁହନ୍ତୁ, ମୁଁ ଆପଣଙ୍କର କି ସେବା କରିପାରିବି ?

पर्यटक **मुझे एक कमरा चाहिए ।**
ପର୍ୟଟକ ମୁଝେ ଏକ କମରା ଚାହିଏ ।
ପର୍ଯ୍ୟଟକ ମୋର ଗୋଟିଏ କୋଠରି ଦରକାର ।

मैनेजर **ठीक है, कैसा कमरा चाहिए ?**
ଠୀକ ହୈ, କୈସା କମରା ଚାହିଏ ?
ଠିକ୍ ଅଛି, କିଭଳି କୋଠରି ଦରକାର ?

पर्यटक **अच्छा कमरा चाहिए ।**
ଅଚ୍ଛା କମରା ଚାହିଏ ।
ଭଲ କୋଠରିଟିଏ ଦରକାର ।

मैनेजर — **एक बेड का कमरा चाहिए या दो बेड का ?**
ଏକ ବେଡ଼ କା କମରା ଚାହିଏ ୟା ଦୋ ବେଡ଼ କା ?
ଗୋଟିଏ ବେଡ୍ ଥିବା କୋଠରି ଦରକାର କି ଦୁଇଟି ବେଡ୍ ଥିବା କୋଠରି ଦରକାର ?

पर्यटक — **हम दो लोग हैं। डबल बेड का दीजिए।**
ହମ ଦୋ ଲୋଗ ହେଁ । ଡବଲ ବେଡ କା ଦୀଜିଏ ।
ଆମେ ଦୁଇ ଜଣ ଅଛୁ । ଆମକୁ ଡବଲ୍ ବେଡ୍ ବାଲା ଦିଅନ୍ତୁ ।

मैनेजर — **ठीक है।**
ଠୀକ ହୈ ।
ଠିକ୍ ଅଛି ।

पर्यटक — **किराया क्या है ?**
କିରାୟା କ୍ୟା ହୈ ?
ଭଡ଼ା କେତେ ?

मैनेजर — **देखिए, दो तरह के कमरे हैं, एक का किराया एक हजार है और दूसरे का डेढ़ हजार।**
ଦେଖିଏ, ଦୋ ତରହ କେ କମରେ ହେଁ, ଏକ କା କିରାୟା ଏକ ହଜାର ହୈ ଔର ଦୂସରେ କା ଡେଢ଼ ହଜାର ।
ଦେଖନ୍ତୁ, କୋଠରି ଦୁଇ ପ୍ରକାରର ଅଛି । ଗୋଟିକର ଭଡ଼ା ହଜାର ଟଙ୍କା ଓ ଅନ୍ୟଟି ଦେଢ଼ ହଜାର ।

पर्यटक — **ऐसा क्यों ?**
ଐସା କ୍ୟୋଁ ?
ଏମିତି କାହିଁକି ?

मैनेजर — **एक में ए.सी. है, एक में नहीं।**
वे	+	ने	=	उन्होंने
ये	+	ने	=	इन्होंने
कौन (ଏକବଚନ)	+	ने	=	किसने
कौन (ବହୁବଚନ)	+	ने	=	किन्होंने

- ତୁମେ ଜାଣିବା ଉଚିତ ଯେ **लाना** (ଆଣିବା), **बोलना** (କହିବା), **भूलना** (ଭୁଲିବା) ଓ **समझना** (ବୁଝିବା) କ୍ରିୟାଗୁଡ଼ିକ ଉପର ନିୟମରୁ ବ୍ୟତିକ୍ରମ ହୋଇଥାନ୍ତି । ଯଦିଓ ଏଗୁଡ଼ିକ ସକର୍ମକ କ୍ରିୟା, ତଥାପି ଏଗୁଡ଼ିକର ବ୍ୟବହାର ଅକର୍ମକ କ୍ରିୟା ପରି ହୋଇଥାଏ । ଏହି କ୍ରିୟା ଆସିଲେ କର୍ତ୍ତା ସହିତ '**ने**' ଲାଗେ ନାହିଁ । ଯଥା-

विकास किताब लाया। ବିକାଶ ବହି ଆଣିଲା ।

मनोहर कुछ नहीं बोला। ମନୋହର କିଛି କହିଲା ନାହିଁ ।

मैं आपकी बात नहीं भूली। ମୁଁ ଆପଣଙ୍କ କଥା ଭୁଲି ନାହିଁ ।

वह आपकी बात नहीं समझा। ସେ ଆପଣଙ୍କ କଥା ବୁଝି ପାରିଲା ନାହିଁ ।

- କେତେକ ଅକର୍ମକ କ୍ରିୟାକୁ ଧାତୁରେ କିଛି ସ୍ୱର ମାତ୍ରାର ପରିବର୍ତ୍ତନ କରାଯାଇ ସକର୍ମକ କ୍ରିୟାରେ ପରିଣତ କରାଯାଏ ।

ଅକର୍ମକ କ୍ରିୟା	ସକର୍ମକ କ୍ରିୟା
मरना (ମରିବା)	**मारना** (ମାରିବା)
कटना (କଟିବା)	**काटना** (କାଟିବା)
खुलना (ଖୋଲିବା)	**खोलना** (ଖୋଲିବା)
दिखना (ଦେଖାଯିବା)	**देखना** (ଦେଖିବା)

- ସ୍ୱର ମାତ୍ରାର ପରିବର୍ତ୍ତନ ବ୍ୟତୀତ କେତେକ କ୍ଷେତ୍ରରେ ବ୍ୟଞ୍ଜନରେ ପରିବର୍ତ୍ତନ ଘଟି ଅକର୍ମକ କ୍ରିୟା, ସକର୍ମକ କ୍ରିୟାରେ ପରିଣତ ହୁଏ ।

ଅକର୍ମକ କ୍ରିୟା	ସକର୍ମକ କ୍ରିୟା
टूटना	**तोड़ना**
बिकना	**बेचना**
फटना	**फाड़ना**
सोना	**सुलाना**

1.4 ଅନୁଶୀଳନୀ

i) ତଳେ ଦିଆଯାଇଥିବା ଶବ୍ଦାବଳୀ ସାହାଯ୍ୟରେ ତଳ ଅନୁଚ୍ଛେଦକୁ ମାତୃଭାଷାରେ ଅନୁବାଦ କର ।

मोहन सुबह सात बजे उठा। मोहन ने मुँह धोकर और नहाकर नाश्ता किया और आठ बजे स्कूल गया। स्कूल में मोहन ने इतिहास, भूगोल, अंग्रेजी और हिंदी पढ़ी। शाम को चार बजे वह घर लौटा। घर आकर वह फुटबॉल खेलने पार्क में गया। खेलकर वह छह बजे घर आया । उसने आठ बजे खाना खाया। एक घंटे मोहन ने स्कूल का काम किया। नौ बजे वह सोया।

सुबह (ସ୍ତ୍ରୀ.)	ସକାଳ	**भूगोल** (ପୁଂ.)	ଭୂଗୋଳ
उठना	ଉଠିବା	**अंग्रेजी** (ସ୍ତ୍ରୀ.)	ଇଂରାଜୀ
मुँह (ପୁଂ.)	ମୁହଁ	**शाम** (ପୁଂ.)	ସନ୍ଧ୍ୟା
धोना	ଧୋଇବା	**लौटना**	ଫେରିବା
नहाकर	ଗୋଧୋଇ	**फुटबॉल** (ସ୍ତ୍ରୀ.)	ଫୁଟବଲ
नाश्ता (ପୁଂ.)	ଜଳଖିଆ	**पार्क** (ପୁଂ.)	ପାର୍କ
इतिहास (ପୁଂ.)	ଇତିହାସ		

ii) ତଳ ଉଦାହରଣ ଦେଖି ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର ।

ଉଦାହରଣ - 1	**वह शाम चार बजे आता है**	**वह शाम चार बजे आया।**
1.	मैं रोज रात को नहाता हूँ।	आज मैं ....
2.	वह रोज आठ बजे स्कूल जाती है।	आज वह ....
3.	बच्चा रात को आठ बजे सोता है।	आज वह ....
4.	वे चार बजे उठते हैं।	आज वे ....
5.	शीला आठ बजे घर जाती है।	शीला आज ....
ଉଦାହରଣ - 2	**वह सुबह आठ बजे नाश्ता करता है।**	**उसने आज सुबह आठ बजे नाश्ता किया।**
1.	मोहन एक बजे खाता है।	
2.	रमेश पिताजी को चिट्ठी लिखता है।	
3.	मैं सुबह हिंदी का अखबार पढ़ता हूँ।	
4.	बिन्नी सामान खरीदती है।	

iii) ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

1. आज तुम ऑफिस कब गए ?
2. आज आपने क्या खाया?
3. आज तुमने किसे पत्र लिखा ?
4. महेश ने तुम्हें कितने रुपये दिए ?
5. भाई तुम्हारे लिए क्या लाया ?

ଏକକ - II

ଦିଆଯାଇଥିବା ସଂରଚନା

ସମୟସୂଚକ କ୍ରିୟାବିଶେଷଣ (ଅବ୍ୟୟ)

କର୍ତ୍ତା +	ସମୟସୂଚକ କ୍ରିୟାବିଶେଷଣ	କ୍ରିୟା
मैं	शाम को	जाऊँगा
तुम	कल	आना

2.0 ପାଠ

आज सुबह विवेक पाँच बजे उठा। ब्रश करके नहाया। सात बजे तक विवेक तैयार हो गया। साढ़े सात बजे नाश्ता करके घर से निकला। रोज की तरह पैदल चलकर बस स्टॉप पहुँचा। बस स्टॉप पर ज्यादा लोग नहीं थे। थोड़ी देर में बस आई। फिर विवेक बस में चढ़ा। दस बजे बस दफ्तर पहुँची। दोपहर तक विवेक ने दफ्तर में फाइलें निपटाईं। उसके बाद खाना खाया। खाना खाने के बाद विवेक श्री राजन के पास गया। थोड़ी देर उनसे बातें कीं, फिर अपना बचा हुआ काम पूरा किया। शाम को सात बजे विवेक अपने घर पहुँचा।

2.1 ଶବ୍ଦାବଳୀ

निकलना	ବାହାରିବା	दोपहर (ସ୍ତ୍ରୀ.)	ଦିପହର
रोज	ପ୍ରତିଦିନ	थोड़ी देर	ଟିକିଏ ଡେରି
पैदल	ପାଦରେ	बातें करना	କଥାବାର୍ତ୍ତା କରିବା
पहुँचना	ପହଞ୍ଚିବା	पूरा करना	ସମ୍ପୂର୍ଣ୍ଣ କରିବା
निपटाना	ସାରିବା	चढ़ना	ଚଢ଼ିବା

ପାଠ ଆଧାରିତ ପ୍ରଶ୍ନ :

1. **विवेक आज कितने बजे उठा ?**
2. **विवेक घर से कब निकला ?**
3. **दोपहर तक विवेक ने क्या किया ?**
4. **विवेक घर कब पहुँचा ?**
5. **खाना खाने के बाद विवेक किसके पास गया ?**

2.3 ପ୍ରାୟତଃ ସବୁବେଳେ ବ୍ୟବହାର କରାଯାଉଥିବା ସମୟସୂଚକ କ୍ରିୟାବିଶେଷଣର ତାଲିକା ତଳେ ଦିଆଯାଇଛି ।

कल	ଗତକାଲି / ଆସନ୍ତା କାଲି
आजकल	ଆଜିକାଲି
प्रतिदिन	ପ୍ରତିଦିନ
सवेरे	ସକାଳେ
बार-बार	ବାରମ୍ବାର
एकदम / झट / फौरन / तुरंत	ଏକଦମ / ଶୀଘ୍ର / ତୁରନ୍ତ
निरंतर / लगातार	ନିରନ୍ତର
हमेशा / सदा	ସବୁବେଳେ / ସଦା
फिर	ପୁଣି
प्राय: / अक्सर	ପ୍ରାୟ / ବେଳେବେଳେ

2.4 ଅନୁଶୀଳନୀ

ତଳେ ଦିଆଯାଇଥିବା ଉପଯୁକ୍ତ ସମୟସୂଚକ କ୍ରିୟାବିଶେଷଣ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

आज, रोज, आजकल, परसों, कल, बार-बार, हमेशा, कभी-कभी

1. **वह** .... **सुबह आया।**
2. **माँ** .... **खाना बनाती है।**

3. .... **मौसम अच्छा है।**

4. .... **ठंडक थी।**

5. .... **अभ्यास करो।**

6. **वह यहाँ** .... **आता है।**

ଏକକ - III

ଏହି ଏକକରେ ତୁମେମାନେ '**अपना**' (ନିଜବାଚକ) ସର୍ବନାମ ବିଷୟରେ ଜାଣିବ ।

मैं	अपना	काम करता हूँ।
वह	अपनी	कार साफ करता है।
आप	अपने	कपड़े धोते हैं।

3.1 ରେଖାଙ୍କିତ ପଦଗୁଡ଼ିକ ଉପରେ ଧ୍ୟାନ ଦେଇ ତଳ ବାକ୍ୟଗୁଡ଼ିକ ପଢ଼ ।

मैं <u>अपना</u> पाठ याद कर रहा हूँ। (ମୁଁ ମୋ ପାଠ ମନେ ପକାଉଛି ।)
तुम <u>अपना</u> काम करो। (ତୁମେ ତୁମ / ନିଜ କାମ କର ।)
आप <u>अपने</u> पैसे गिनिए। (ଆପଣ ଆପଣଙ୍କର (ନିଜର) ପଇସା ଗଣନ୍ତୁ ।)
उसने <u>अपनी</u> किताब पढ़ी। (ସେ ତା' (ନିଜର) ବହି ପଢ଼ିଲା ।)

- ଉପର ଉଦାହରଣଗୁଡ଼ିକରେ ଆମେ ଦେଖିଲେ ଯେ **मेरा** (ମୋର), **तुम्हारा** (ତୁମର), **आपका** (ଆପଣଙ୍କର) ଓ **उसका** (ତା'ର) ସ୍ଥାନରେ '**अपना**' ବ୍ୟବହୃତ ହୋଇଛି ।

- '**अपना**' (କାହାରି ନିଜର) ଯେ କୌଣସି କର୍ତ୍ତା ପାଇଁ ବ୍ୟବହୃତ ହୋଇଥାଏ । ଏହାକୁ ନିଜବାଚକ ସର୍ବନାମ କୁହାଯାଏ । ହିନ୍ଦୀ ଭାଷାରେ କର୍ତ୍ତା ଓ ଏହାର ସମ୍ବନ୍ଧବାଚକ କାରକ ରୂପ ଏକା ବାକ୍ୟରେ ଆସେ ନାହିଁ । ସମ୍ବନ୍ଧବାଚକ ରୂପ ସ୍ଥାନରେ '**अपना**' ବ୍ୟବହୃତ ହୁଏ।

ଏହି ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର ।

मैं अपना (ନିଜର) **काम करता हूँ ।**
हम अपना (ନିଜର) **काम करते हैं ।**
तुम अपना (ନିଜର) **काम करते हो ।**
आप अपना (ନିଜର) **काम करते हैं ।**
मोहन अपना (ନିଜର) **काम करता है ।**
सीता अपना (ନିଜର) **काम करती है ।**
लड़के अपना (ନିଜର) **काम करते हैं ।**
लड़कियाँ अपना (ନିଜର) **काम करती हैं ।**

- ଏହି ବାକ୍ୟଗୁଡ଼ିକରେ "**अपना**' – ଆ ରେ ଶେଷ ହେଉଥିବା ବିଶେଷଣ ଭଳି କାମ କରେ । ଏହାର ରୂପ ବିଶେଷତା ବତାଉଥିବା ବିଶେଷ୍ୟ ଅନୁସାରେ **आ – ए - ई** ରୂପ ଗ୍ରହଣ କରେ । ଯଥା-

गीता अपना पाठ (ପୁଂ.ଏକବଚନ) **याद कर रही है।**	ଗୀତା ତା'ର ପାଠ ପଢ଼ୁଛି ।
गीता अपने कपड़े (ପୁଂ. ବହୁଚବଚନ) **धो रही है।**	ଗୀତା ତା' ଲୁଗାପଟା ଧୋଉଛି ।
गीता अपनी किताब (ସ୍ତ୍ରୀ.ଏକବଚନ) **पढ़ रही है।**	ଗୀତା ତା' ବହି ପଢୁଛି ।
गीता अपनी चिट्ठियाँ (ସ୍ତ୍ରୀ.ବହୁବଚନ) **लिख रही है।**	ଗୀତା ତା' ଚିଠିଗୁଡ଼ିକ ଲେଖୁଛି ।

ମନେ ରଖ ଯେ '**अपना**' ବାକ୍ୟର କର୍ତ୍ତା ସନ୍ଦର୍ଭ ରେ ବ୍ୟବହୃତ ହୁଏ । ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ତୁଳନା କର ।

मोहन अपने (ନିଜର) **जूते साफ कर रहा है।**	ମୋହନ ନିଜର ଜୋତା ନିଜେ ସଫା କରୁଛି ।
मोहन उसके (ଅନ୍ୟର) **जूते साफ कर रहा है।**	ମୋହନ ତା'ର ଅନ୍ୟର ଜୋତା ସଫା କରୁଛି ।
वे अपना सामान ला रहे हैं।	ସେମାନେ ନିଜ-ନିଜ ଜିନିଷ ଆଣୁଛନ୍ତି ।
वे उनका सामान ला रहे हैं।	ସେମାନେ ସେମାନଙ୍କର (ଅନ୍ୟ କାହାର) ଜିନିଷ ଆଣୁଛନ୍ତି ।

- ଅନୁଜ୍ଞାସୂଚକ ବାକ୍ୟରେ କର୍ତ୍ତା (**तू, तुम, आप**) ନ ଥିଲେ ମଧ୍ୟ '**अपना**' ଶବ୍ଦଟି **तुम्हारा** ଓ **आपका** ସ୍ଥାନରେ ବ୍ୟବହୃତ ହେବ ।

यहाँ अपना नाम लिखिए।	(ଦୟାକରି ଆପଣଙ୍କ ନାମ ଏଠାରେ ଲେଖନ୍ତୁ।)	(କର୍ତ୍ତା - **आप**)
अपना काम खुद करो।	(ନିଜ କାମ ନିଜେ କର ।)	(କର୍ତ୍ତା - **तुम**)

3.2 ଅନୁଶୀଳନୀ

'**अपना**' ର ଉପଯୁକ୍ତ ରୂପ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

1. **सब लोग** .... **घर लौट रहे हैं।**
2. **सुरेश** .... **बहन के साथ घर आया।**
3. **आप** .... **पैंसिल से लिखिए।**
4. **वह** .... **काम कर रहा है।**
5. **तुम** .... **दुकान खोलो।**

3.3 ଅତିରିକ୍ତ ଶବ୍ଦାବଳୀ

ଆସ ଗଣିବା

91	इक्यानबे
92	बानबे
93	तिरानबे
94	चौरानबे
95	पचानवे
96	छियानबे
97	सतानबे
98	अठानबे
99	निन्यानबे
100	सौ

କେତେକ ପ୍ରାଣୀ

ପିମ୍ପୁଡ଼ି	चींटी	ମାଛ	मछली
ପକ୍ଷୀ	चिड़िया	ଛେଳି	बकरी
ବିଲେଇ	बिल्ली	ଘୋଡ଼ା	घोड़ा
କୁକୁଡ଼ା (ଗଞ୍ଜା)	मुर्गा	ସିଂହ	शेर
ଗାଈ	गाय	ପେଚା	उल्लू
କାଉ	कौआ	ମୂଷା	चूहा
କୁକୁର	कुत्ता	ସାପ	साँप
ହାତୀ	हाथी	ବାଘ	बाघ

ପୂନରାବୃତ୍ତି

ଏହି ପାଠରେ ତୁମେମାନେ ଯାହା ଶିଖିଛ -

1. କ୍ରିୟାର ଅତୀତକାଳର ରୂପ ।

କ	କର୍ତ୍ତା	କ୍ରିୟା (ଅକର୍ମକ)
	लड़का	(घर) गया।
	मोहन	(देर से) उठा।

ଖ	କର୍ତ୍ତା	କର୍ମ	କ୍ରିୟା (ସକର୍ମକ)
	लड़के ने	खाना	खाया।
	लड़के ने	रोटी	खाई।
	लड़के ने	केले	खाए।

II. ସମୟସୂଚକ କ୍ରିୟାବିଶେଷଣ (ଅବ୍ୟୟ)

मैं	कल सुबह शाम को	घर	गया।

III. ନିଜବାଚକ ସର୍ବନାମ 'अपना'

मैं अपना काम (ପୁଂ.ଏକବଚନ) करता हूँ।

मैं अपनी घड़ी (ସ୍ତ୍ରୀ.ଏକବଚନ) पहनता हूँ।

मैं अपने कपड़े (ପୁଂ. ବହୁବଚନ) धोता हूँ।

ପାଠ - 15

ଏକକ - I

ଏହି ଏକକରେ ତୁମେମାନେ ତଳେ ଦିଆଯାଇଥିବା ସଂରଚନା ଗୁଡ଼ିକ ଶିଖିବ ।

ଭବିଷ୍ୟତ କାଳ

କର୍ତ୍ତା + ଧାତୁ + (ପୁରୁଷ ସୂଚକ + ଭବିଷ୍ୟତ ସୂଚକ ପ୍ରତ୍ୟୟ) **गा / गे / गी**

ପୁଂଲିଙ୍ଗ ଏକବଚନ	ପୁଂଲିଙ୍ଗ ବହୁବଚନ	ସ୍ତ୍ରୀଲିଙ୍ଗ ଏକବଚନ	ସ୍ତ୍ରୀଲିଙ୍ଗ ବହୁବଚନ
मैं जाऊँगा ।	हम जाएँगे ।	मैं जाऊँगी ।	हम जाएँगी ।
तू देखेगा ।	तुम देखोगे।	तू जाएगी ।	तुम जाओगी ।
वह सुनेगा ।	वे सुनेंगे ।	वह जाएगी ।	वे जाएँगी ।

1.0 ପାଠ

ନିର୍ଦ୍ଦେଶ

1. ତଳେ ଦିଆଯାଇଥିବା ପାଠ ବଡ଼ ପାଟିରେ ପଢ଼ ।
2. ଶବ୍ଦାବଳୀ ସାହାଯ୍ୟରେ ପାଠଟି ବୁଝିବାକୁ ଚେଷ୍ଟା କର ।
3. ବ୍ୟାକରଣ ଏବଂ ସଂରଚନାଗୁଡ଼ିକ ଲକ୍ଷ୍ୟ କର ।
4. ପୁଣି ଥରେ ପାଠଟି ପଢ଼ । ଏଥର ତୁମେ ବୁଝିବାକୁ ସମର୍ଥ ହେବ ।

दूधवाली का सपना

एक गाँव में एक दूधवाली रहती थी। वह गाँव वालों से दूध खरीदकर रोज शहर में बेचती थी। एक दिन वह दूध की मटकी सिर पर रखकर शहर की ओर जा रही थी। रास्ते में वह सोचने लगी, "मैं रोज दूध बेचकर पचास रुपए बचाऊँगी। धीरे-धीरे मेरे पास काफी पैसे होंगे और मैं एक गाय खरीद सकूँगी। फिर बेचने के लिए मेरे पास ज्यादा दूध होगा। मुझे और ज्यादा फायदा होगा।

कुछ दिनों बाद मेरे घर में दूसरी गाय आएगी, फिर तीसरी, फिर चौथी, ऐसे धीरे-धीरे मेरे घर में खूब सारी गाएँ होंगी।" ऐसा सोचते-सोचते दूधवाली का सपना आगे बढ़ने लगा। उसने सोचा कि अगले साल उसका नया घर बनेगा, नौकर-चाकर होंगे। सब काम नौकर-नौकरानियाँ ही करेंगे और वह आराम से रहेगी। उसका पति कुछ काम करने के लिए कहेगा तो वह सिर हिलाकर जवाब देगी, "मैं कोई काम नहीं करूँगी"। ऐसा सोचते ही उसका सिर हिला और दूध की मटकी नीचे गिरी। दूध की मटकी नीचे गिरने के साथ ही अमीर बनने का उसका सपना भी टूट गया।

1.1 ଶବ୍ଦାବଳୀ

गाँव (ପୁଂ.)	ଗାଁ	**फायदा** (ପୁଂ.)	ଲାଭ
दूधवाली (ସ୍ତ୍ରୀ.)	କ୍ଷୀରବାଲୀ, ଗଉଡୁଣୀ	**सपना** (ପୁଂ.)	ସ୍ୱପ୍ନ
शहर (ପୁଂ.)	ସହର	**बढ़ना**	ବଢ଼ିବା
बेचना	ବିକିବା	**नौकर-चाकर** (ପୁଂ. ବହୁ.)	ଚାକର-ବାକର
मटकी (ସ୍ତ୍ରୀ.)	ମାଠିଆ	**आराम** (ପୁଂ.)	ଆରାମ
बचाना	ସଂଚୟ କରିବା	**हिलना**	ହଲିବା
धीरे-धीरे	ଧୀରେ-ଧୀରେ	**अमीर**	ଧନୀ
खरीदने लायक	କିଣିବାକୁ ସମର୍ଥ	**टूटना**	ଭାଙ୍ଗିଯିବା

1.2 ଉପରେ ଦିଆଯାଇଥିବା ଶବ୍ଦାବଳୀ ସାହାଯ୍ୟରେ ପାଠଟିକୁ ବୁଝିବାକୁ ଚେଷ୍ଟା କର ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

1. **दूधवाली कहाँ रहती थी** ?
2. **वह दूध किसमें रखती थी** ?
3. **उसके घर में कितनी गाएँ आएँगी** ?
4. **उसके नए घर में काम कौन करेगा** ?
5. **दूधवाली का सपना कैसे टूटा** ?

1.3 ବ୍ୟାକରଣ ଓ ସଂରଚନା

1.3.1 ଭବିଷ୍ୟତ କାଳ

ଏହି ପାଠରେ ତୁମେ କ୍ରିୟାର ଗୋଟିଏ ନୂଆ ପ୍ରୟୋଗ '**बचाऊँगी**' କୁ ଲକ୍ଷ୍ୟ କରିଥିବ, ଯାହା କ୍ରିୟାର ଭବିଷ୍ୟତ କାଳକୁ ଦର୍ଶାଏ । କ୍ରିୟାର '**ग**' ପ୍ରତ୍ୟୟ-ଯୁକ୍ତ ରୂପ ଭବିଷ୍ୟତ କାଳର ସୂଚକ । ଭବିଷ୍ୟତ କାଳରେ କ୍ରିୟା ସହିତ ଏହାର ସଂଯୋଗ ତଳେ ଦିଆଯାଇଛି ।

<table>
<tr><th></th><th>ଏକବଚନ</th><th>ବହୁବଚନ</th></tr>
<tr><td rowspan="2">ପ୍ରଥମ ପୁରୁଷ</td><td>ଧାତୁ जा + ऊँ + ग + आ / ई</td><td>ଧାତୁ जा + एँ + ग + ए / ई</td></tr>
<tr><td>मैं जाऊँगा / मैं जाऊँगी</td><td>हम जाएँगे / जाएँगी</td></tr>
<tr><td rowspan="4">ଦ୍ୱିତୀୟ ପୁରୁଷ</td><td>ଧାତୁ + ए + ग + आ / ई</td><td></td></tr>
<tr><td rowspan="3">तू जाएगा / गी</td><td>आप जाएँगे / जाएँगी</td></tr>
<tr><td>ଧାତୁ + ओ + ग + ए / ई</td></tr>
<tr><td>तुम जाओगे / जाओगी</td></tr>
<tr><td rowspan="2">ତୃତୀୟ ପୁରୁଷ</td><td>ଧାତୁ + ए + ग + आ / ई</td><td>ଧାତୁ जा + एँ + ग + ए / ई</td></tr>
<tr><td>वह जाएगा / जाएगी</td><td>वे जाएँगे / जाएँगी</td></tr>
</table>

- ଉପରର ସଂଯୋଗ 'ऊँ', 'ए', 'एँ' ଓ 'ओ' ହେଉଛି ପୁରୁଷ ଓ ବଚନ ସୂଚକ ପ୍ରତ୍ୟୟ । 'ग' ଭବିଷ୍ୟତ ସୂଚକ । **आ / ए / ई** ହେଉଛି ଲିଙ୍ଗ ଓ ବଚନ ସୂଚକ ।

ତଳ ବାକ୍ୟଗୁଡ଼ିକରେ କ୍ରିୟାର ଭବିଷ୍ୟତ କାଳ ରୂପକୁ ଲକ୍ଷ୍ୟ କର :

1.	**मैं अगले साल आगरा जाऊँगा।**	ଆସନ୍ତା ବର୍ଷ ମୁଁ ଆଗ୍ରା ଯିବି ।
2.	**बच्चे स्कूल में हिंदी भाषा पढ़ेंगे।**	ପିଲାମାନେ ସ୍କୁଲରେ ହିନ୍ଦୀ ଭାଷା ପଢ଼ିବେ ।
3.	**राधा आज शाम को खाना बनाएगी।**	ଆଜି ସନ୍ଧ୍ୟାରେ ରାଧା ଖାଦ୍ୟ ତିଆରି କରିବ ।
4.	**लड़कियाँ पार्क में घूमेंगी।**	ଝିଅମାନେ ପାର୍କରେ ବୁଲିବେ ।
5.	**क्या तुम रविवार को फिल्म नहीं देखोगे ?**	ତୁମେ କଣ ରବିବାର ଦିନ ଫିଲ୍ମ ଦେଖିବ ନାହିଁ ?
6.	**आप आज रोटी खाएँगे या चावल?**	ଆପଣ ଆଜି ରୁଟି ଖାଇବେ କି ଭାତ ?
7.	**वह स्कूल की क्रिकेट टीम में खेलेगा।**	ସେ ସ୍କୁଲର କ୍ରିକେଟ ଦଳରେ ଖେଳିବ ।
8.	**क्या तू मेरा कहना नहीं मानेगी ?**	ତୁ କ'ଣ ମୋ କଥା ମାନିବୁନି ?
9.	**अगले हफ्ते हम हवाई जहाज में सफर करेंगे।**	ଆସନ୍ତା ସପ୍ତାହରେ ଆମେ ଉଡ଼ାଜାହାଜରେ ଯାତ୍ରା କରିବୁ ।
10.	**आज सबको मिठाई मिलेगी।**	ଆଜି ସମସ୍ତଙ୍କୁ ମିଠେଇ ମିଳିବ ।

- ଭବିଷ୍ୟତ କାଳରେ 'ई' 'ऊ' ରେ ଶେଷ ହେଉଥିବା ଧାତୁ ସହିତ ସଂଯୋଗ ହେଲାବେଳେ ଦୀର୍ଘ ମାତ୍ରା ପରିବର୍ତ୍ତନ ହୋଇ ହ୍ରସ୍ୱ ମାତ୍ରା ହୁଏ । 'ई' ଓ 'ऊ' କ୍ରମଶଃ 'इ' ଓ 'उ' ହୋଇଯାଏ । ଯଥା-

    पीना - पी - पिऊँगा, पिएगा, पिएँगे, पिओगे

    जीना - जी - जिऊँगा, जिएगा, जिएँगे, जिओगे।

    छूना - छू – छुऊँगा, छुएगा, छुएँगे, छुओगे।

ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର:

लड़की दूध पिएगी।	ଝିଅଟି କ୍ଷୀର ପିଇବ ।
आप सब खुशी से जिएँगे।	ଆପଣମାନେ ଖୁସିରେ ବଞ୍ଚିବେ ।
मैं इस पौधे को नहीं छुऊँगा।	ମୁଁ ଏହି ଗଛକୁ ଛୁଇଁବି ନାହିଁ ।

- '**लेना**' ଓ '**देना**' କ୍ରିୟାର ଭବିଷ୍ୟତ କାଳ ରୂପ (ଅନିୟମିତ କ୍ରିୟା) ଟିକିଏ ଅଲଗା ପ୍ରକାରର । ଭବିଷ୍ୟତ କାଳସୂଚକ ପ୍ରତ୍ୟୟ ସଂଯୋଗ ସମୟରେ ଧାତୁର 'ए' ବାଦ ଦିଆଯାଇ ଓ ଭବିଷ୍ୟତ ସୂଚକ ଯୋଡ଼ି ଅନ୍ୟ ରୂପ ହୁଏ:

	ପୁଂଲିଙ୍ଗ	ସ୍ତ୍ରୀଲିଙ୍ଗ
दे	**दूँगा, देगा, देंगे, दोगे**	**दूँगी, देगी, देंगी, दोगी**
ले	**लूँगा, लेगा, लेंगे, लोगे**	**लूँगी, लेगी, लेंगी, लोगी**

କେତେକ ବାକ୍ୟ ପ୍ରତି ଧ୍ୟାନ ଦିଅ :

मैं आज कॉफी नहीं लूँगा।	ମୁଁ ଆଜି କଫି ପିଇବି ନାହିଁ ।
क्या तुम अपनी किताब मुझको दोगी ?	ତୁମେ କଣ ମୋତେ ତୁମ ବହି ଦେବ ?
आज मेरे पिताजी मुझको एक हजार रुपए देंगे।	ଆଜି ମୋ ବାପା ମୋତେ ଏକ ହଜାର ଟଙ୍କା ଦେବେ ।
एयरपोर्ट जाने के लिए क्या लोगे ?	ଏୟାରପୋର୍ଟ ଯିବା ପାଇଁ କେତେ ନେବ ?

- '**होना**' କ୍ରିୟା (ଅନିୟମିତ କ୍ରିୟା) ମଧ୍ୟ ଟିକିଏ ଅଲଗା ପ୍ରକାରର । ଏହାର ସଂଯୁକ୍ତ ରୂପ ତଳେ ଦିଆଯାଇଛି ।

मैं होऊँगा / हूँगा।	हम होंगे।
तू होगा।	तुम होगे।
	आप होंगे।
वह होगा।	वे होंगे।

ଏହି ବାକ୍ୟଗୁଡ଼ିକ ପ୍ରତି ଧ୍ୟାନ ଦିଅ :

आप कल शाम को कहाँ होंगे ?	ଆସନ୍ତାକାଲି ସନ୍ଧ୍ୟାରେ ଆପଣ କେଉଁଠି ଥିବେ ?
वह लड़की यहीं होगी।	ସେ ଝିଅଟି ନିଶ୍ଚିତ ଏଇଠି ଥିବ ।
क्या तुम अगले हफ्ते दिल्ली में होगे ?	ଆସନ୍ତା ସପ୍ତାହରେ ତୁମେ ଦିଲ୍ଲୀରେ ଥିବ କି ?
मैं उस समय घर पर नहीं होऊँगा।	ସେ ସମୟରେ ମୁଁ ଘରେ ନଥିବି ।

1.3 ଅନୁଶୀଳନୀ

(i) ଉଦାହରଣ ଅନୁସାରେ ବାକ୍ୟଗୁଡ଼ିକ ପରିବର୍ତ୍ତନ କର :

ଉଦାହରଣ : **लड़की कल बनारस गई। - लड़की कल बनारस जाएगी।**

1 मेरा छोटा भाई लखनऊ में पढ़ता था।
2 मैं दो प्याले चाय बना रहा हूँ।
3 इस दफ्तर में महिलाएँ दस बजे आती हैं।
4 क्या तुम फुटबॉल खेल रहे थे।
5 आप बाजार जाइए।

(ii) ତଳ ଅନୁଛେଦଟି ଭବିଷ୍ୟତ କାଳରେ ପରିବର୍ତ୍ତନ କର ।

मैं रविवार को सात बजे <u>उठा</u>। नाश्ता करने के बाद आठ बजे मैं पार्क <u>गया</u> और एक घंटा <u>घूमा</u>। लौटकर मैंने <u>नहाया</u> और मैंने स्कूल का काम <u>किया</u>। एक बजे मैंने खाना <u>खाया</u> । फिर अपने भाई के साथ टेलीविजन <u>देखा</u> । चार बजे हम दोनों क्रिकेट खेलने के लिए मैदान <u>गए</u>।

(iii) ଅଭ୍ୟାସ ସାମଗ୍ରୀ

ତଳ ଅନୁଛେଦଟି ଭବିଷ୍ୟତ କାଳରେ ଅଭ୍ୟାସ କରିବା ପାଇଁ ଦିଆଯାଇଛି ।

କ	सुनिए, आगरा के लिए बस कहाँ से मिलेगी?	ଟିକିଏ ଶୁଣନ୍ତୁ, ଆଗ୍ରା ଯିବା ପାଇଁ ବସ କେଉଁଠାରୁ ମିଳିବି?
	आगरा के लिए बस सामने से मिलेगी।	ଆଗ୍ରା ଯିବା ପାଇଁ ବସ୍ ସାମନାରୁ ମିଳିବ ।
	बस कितने बजे चलेगी?	ବସ୍ କେତେବେଳେ ଛାଡ଼ିବ ?
	बस एक घंटे बाद चलेगी।	ବସ ଘଣ୍ଟାକ ପରେ ଯିବ ।
ଖ	आप अगले महीने छुट्टी क्यों ले रहे हैं?	ଆପଣ ଆସନ୍ତା ମାସରେ କାହିଁକି ଛୁଟି ନେଉଛନ୍ତି ?
	मैं बैंगलुरु जाऊँगा। इसलिए छुट्टी ले रहा हूँ।	ମୁଁ ବାଙ୍ଗାଲୋର ଯିବି । ତେଣୁ ଛୁଟି ନେଉଛି ।
	क्या आप अकेले ही जाएँगे?	ଆପଣ କ'ଣ ଏକୁଟିଆ ଯିବେ ?
	जी नहीं, मेरे साथ मेरी पत्नी भी जाएँगी।	ନାହିଁ ଆଜ୍ଞା, ମୋ ସହିତ ମୋ ସ୍ତ୍ରୀ ବି ଯିବେ ।
ଗ	आप दिसंबर की छुट्टी में क्या करेंगी?	ଆପଣ ଡିସେମ୍ବର ଛୁଟିରେ କ'ଣ କରିବେ ?
	मैं शिमला जाऊँगी।	ମୁଁ ସିମଲା ଯିବି ।
	वहाँ तो बहुत ठंड होगी। क्या होटल में ठहरेंगी?	ସେଠାରେ ତ ବହୁତ ଶୀତ ହେବ । କଣ ହୋଟେଲରେ ରହିବେ ?
	जी हाँ, होटल में ही ठहरूँगी। मैं शिमला में स्कीइंग सीखूँगी।	ହଁ ଆଜ୍ଞା, ହୋଟେଲରେ ହିଁ ରହିବି । ମୁଁ ସିମଲାରେ ସ୍କିଇଙ୍ଗ୍ ଶିଖିବି ।

ଏକକ - II

ଦିଆଯାଇଥିବା ସଂରଚନା

କ୍ରିୟାର-ମୂଳ-ରୂପ + **चाहना** କ୍ରିୟା → ଆବଶ୍ୟକତା / ଦରକାର ପାଇଁ

मैं जाना चाहता हूँ ।
मैंने कहानी लिखनी चाही ।
आप कहाँ रहना चाहेंगे ?
वह आपसे कुछ पूछना चाह रही है।

2.0 ପାଠ

पिता और बेटे की बातचीत

रंगन का बेटा श्रीधर ग्यारहवीं कक्षा में पढ़ रहा था। एक दिन उसके पिता ने उससे पूछा, "तुम इंटरमीडिएट के बाद क्या करना चाहते हो?" श्रीधर ने जवाब दिया, "मैं इंजीनियर बनना चाहूँगा"। इस पर रंगन ने कहा- "मैंने भी इंजीनियर बनना चाहा था लेकिन किसी अच्छे कॉलेज में मुझे प्रवेश नहीं मिला। बाद में मैंने भौतिक शास्त्र में एम.एस-सी. किया, पी-एच.डी. की और विश्वविद्यालय में अध्यापक बना। बेटे! इंजीनियर बनने के लिए तुमको बहुत मेहनत करनी होगी। अच्छे वाले कॉलेज में प्रवेश के लिए कम से कम 90 प्रतिशत अंक चाहिए। तुम मामूली इंजीनियरिंग कॉलेज में तो नहीं जाना चाहोगे। इसलिए अभी से तैयारी करनी होगी"। श्रीधर कुछ सोचने लगा, फिर बोला- "मुझको गणित और भौतिक शास्त्र अच्छे लगते हैं, लेकिन रसायन शास्त्र अच्छा नहीं लगता। इंजीनियरिंग परीक्षा में रसायन शास्त्र भी जरूरी है। मैं अगले हफ्ते से उसकी तैयारी करने लगूँगा"। रंगन यह सुनकर बहुत खुश हुए और उन्होंने अपने बेटे को शाबाशी दी।

2.1 ଶବ୍ଦାବଳୀ

कक्षा (ସ୍ତ୍ରୀ.)	ଶ୍ରେଣୀ	तैयारी (ସ୍ତ୍ରୀ.)	ପ୍ରସ୍ତୁତି
मेहनत (ସ୍ତ୍ରୀ.)	ପରିଶ୍ରମ	गणित (ପୁଂ.)	ଗଣିତ
प्रवेश (ପୁଂ.)	ପ୍ରବେଶ	रसायन शास्त्र (ପୁଂ.)	ରସାୟନ ବିଜ୍ଞାନ
भौतिक शास्त्र (ପୁଂ.)	ପଦାର୍ଥ ବିଜ୍ଞାନ	जरूरी	ଜରୁରି / ଆବଶ୍ୟକ
अंक (ପୁଂ.)	ନମ୍ବର	शाबाशी (ସ୍ତ୍ରୀ.)	ସାବାସି
मामूली	ମାମୁଲି / ସାଧାରଣ		

2.2 ପାଠ ଆଧାରରେ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

1) श्रीधर इंटरमीडिएट के बाद क्या बनना चाहता है ?
2) अच्छे कॉलेज में प्रवेश के लिए क्या आवश्यक है ?
3) श्रीधर को कौन से विषय अच्छे लगते हैं ?
4) श्रीधर के पिता इंजीनियर क्यों नहीं बने ?
5) वे विश्वविद्यालय में क्या पढ़ाते थे ?

2.3 ବ୍ୟାକରଣ ଓ ସଂରଚନା

କ୍ରିୟାର-ମୂଳ-ରୂପଗୁଡ଼ିକ 'चाह' ଧାତୁ ସଂଯୋଗରେ ପ୍ରାୟତଃ ବ୍ୟବହାର କରାଯାଏ । ପ୍ରତ୍ୟେକ କାଳରେ '**चाहना**' କ୍ରିୟାକୁ ସଂଯୋଗ କରାଯାଇପାରିବ । ଯଥା-

1.	मैं बाजार जाना चाहता हूँ।	ମୁଁ ବଜାର ଯିବାକୁ ଚାହୁଁଛି ।
2.	वह चाय पीना चाहती है।	ସେ ଚା' ପିଇବାକୁ ଚାହୁଁଛି ।
3.	आप कौन-सा शहर देखना चाहते थे ?	ତୁମେ କେଉଁ ସହର ଦେଖିବାକୁ ଚାହୁଁଥିଲ ?
4.	लड़कियों ने फिल्म देखनी चाही।	ଝିଅମାନେ ଫିଲ୍ମ ଦେଖିବାକୁ ଚାହିଁଲେ ।
5.	तुम किससे मिलना चाह रहे हो ?	ତୁମେ କାହାକୁ ଭେଟିବାକୁ ଚାହୁଁଛ ?
6.	उसने अंग्रेजी सीखनी चाही थी।	ସେ ଇଂରାଜୀ ଶିଖିବାକୁ ଚାହିଁଥିଲେ ।

ତଳ ସଂରଚନାକୁ ଲକ୍ଷ୍ୟ କର –

1.	राजेश क्रिकेट <u>खेलता</u> है ।	राजेश क्रिकेट <u>खेलना चाहता</u> है।
2.	आपके दोस्त <u>कहाँ रहेंगे</u> ?	आपके दोस्त <u>कहाँ रहना चाहेंगे</u> ?
3.	मैं मुंबई में <u>पढ़ता</u> था ।	मैं मुंबई में <u>पढ़ना चाहता</u> था।
4.	तुमने पार्टी में गीत <u>गाया</u> ।	तुमने पार्टी में गीत <u>गाना चाहा</u>।

2.4 ଅନୁଶୀଳନୀ

ଉପରେ ଦିଆଯାଇଥିବା ଉଦାହରଣ ଅନୁସାରେ ତଳ ବାକ୍ୟଗୁଡ଼ିକ ପରିବର୍ତ୍ତନ କର :

1) आप कितना वेतन लेंगे?
2) उसके माता-पिता मास्को में कहाँ रहे?
3) सुरेश मैसूर में कन्नड़ भाषा सीखता था।
4) मैं आज शाम को अपने दोस्त से मिल रहा हूँ।
5) ये लड़कियाँ बैडमिंटन खेलती हैं।
6) विद्यार्थी ने हिंदी कविताएँ पढ़ीं।
7) क्या तुम तब आराम कर रहे थे?

ଏକକ - III

ଦିଆଯାଇଥିବା ସଂରଚନା

1. କାର୍ଯ୍ୟାରମ୍ଭ ସୂଚକ – (ଆରମ୍ଭ କରିବା) **लगना** ସଂରଚନା

ପ୍ରତ୍ୟୟଯୁକ୍ତ କ୍ରିୟାର-ମୂଳ-ରୂପ + **लगना**

वह हिंदी बोलने लगा।
अगले साल तक विद्यार्थी हिंदी लिखने लगेंगे।

2. ଅନୁଭବ / ଭଲ ଲାଗିବା

କର୍ମ... + ବିଶେଷଣ + **लगना**

तुमको क्या अच्छा लगता है?
उसको खाना खराब लगा।

3. + **वाला** (ସୂଚକ ଭାବରେ)

अच्छी वाली किताब।	**अच्छा वाला कमरा।**
नीली वाली कमीज।	**नए वाले पंखे।**

3.0 ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ବଡ଼ ପାଟିରେ ପଢ଼ ଓ ଶବ୍ଦାବଳୀର ସାହାଯ୍ୟ ନେଇ ବାକ୍ୟଗୁଡ଼ିକୁ ବୁଝିବାକୁ ଚେଷ୍ଟା କର ।

1) **मेरे विद्यार्थी अच्छी हिंदी <u>बोलने लगे</u>।**
2) **आपका भाई दस दिन में साइकिल <u>चलाने लगेगा</u>।**
3) **वह काम के समय टेलीफोन <u>करने लगती</u> है।**
4) **अब हम लोग पहाड़ पर <u>चढ़ने लगे</u> हैं।**
5) **उसकी छोटी बच्ची रोज सुबह <u>रोने लगती</u> है।**
6) **वे लोग हमारी बातें <u>समझने लगे</u> थे।**
7) **तेज हवा चलने लगी और पानी बरसने लगा।**

3.1 ଶବ୍ଦାବଳୀ

विद्यार्थी (ପୁଂ.)	ଛାତ୍ର-ଛାତ୍ରୀ	**समझना**	ବୁଝିବା
बोलने लगा	କହିବାକୁ ଲାଗିଲା	**हवा** (ସ୍ତ୍ରୀ.)	ପବନ
पहाड़ (ପୁଂ.)	ପାହାଡ଼	**हवा चलने लगी**	ପବନ ବହିବାକୁ ଲାଗିଲା
चढ़ने लगे हैं	ଚଢ଼ିବାକୁ ଲାଗିଲୁ	**बरसना**	ବର୍ଷିବା / ବର୍ଷା ହେବା
रोना	କାନ୍ଦିବା		

3.2 ବ୍ୟାକରଣ ଓ ସଂରଚନା

3.2.1 '**लगना**' ସଂରଚନାର ବ୍ୟବହାର

- ତୁମେ ଲକ୍ଷ୍ୟ କରିଥିବ ଯେ '**लगना**' କ୍ରିୟା, ଅନ୍ୟ ମୁଖ୍ୟ କ୍ରିୟା ସହିତ ଆସେ । ଏହା କାର୍ଯ୍ୟ ଆରମ୍ଭ ହେବା ଅର୍ଥକୁ ସୂଚାଏ । ଏଭଳି ବାକ୍ୟର ବ୍ୟବହାର ବହୁଳ ଭାବରେ ହୁଏ । ମୁଖ୍ୟ କ୍ରିୟାଟି ପ୍ରତ୍ୟୟଯୁକ୍ତ ମୂଳ-ରୂପରେ ଆସେ । ଆବଶ୍ୟକତା ଅନୁସାର '**लगना**' କ୍ରିୟାର ସଂଯୋଗ (ରୂପ) ବିଭିନ୍ନ କାଳରେ ହୋଇଥାଏ ।

- '**लगना**' ଗୋଟିଏ ଅକର୍ମକ କ୍ରିୟା । ତେଣୁ, ଏହି କ୍ରିୟା ଆସିଲେ କର୍ତ୍ତା ସହିତ '**ने**' ର ସଂଯୋଗ ହୁଏ ନାହିଁ ।

- ‘**लगना**’ ଏହି ଅକର୍ମକ କ୍ରିୟାର ମୂଳ ଅର୍ଥ ହେଉଛି- ‘ଲାଗିବା’ । ଏହା '**अच्छा**', '**खराब**' ଆଦି ବିଶେଷଣ ସହିତ ବ୍ୟବହାର କରାଯିବା ସମୟରେ ବ୍ୟାପକ ଭାବରେ ଏପରି ଭାବ ବ୍ୟକ୍ତ କରେ ଯାହା ଅନୁଭବ ପ୍ରକାଶ କରେ ।

  ଏଭଳି ବାକ୍ୟରେ କର୍ତ୍ତା '**को**' ବିଭକ୍ତି ଯୁକ୍ତ ହୋଇ ତିର୍ଯ୍ୟକ ରୂପରେ ରହେ ।

मुझको दक्षिण भारतीय खाना अच्छा लगता है।
ମୋତେ ଦକ୍ଷିଣ ଭାରତୀୟ ଖାଦ୍ୟ ଭଲ ଲାଗେ ।

राधा को नंगे पैर चलना खराब लगता है।
ରାଧାକୁ ଖାଲି ପାଦରେ ଚାଲିବାକୁ ଖରାପ ଲାଗେ ।

उसको हिंदी भाषा अच्छी लगती है ।
ତାକୁ ହିନ୍ଦୀ ଭାଷା ଭଲ ଲାଗେ ।

क्या आपको यहाँ रहना अच्छा लगेगा ?
ଆପଣଙ୍କୁ ଏଠାରେ ରହିବାକୁ କଣ ଭଲ ଲାଗିବ ?

विदेशी लोगों को भारत सुंदर लगता है।
ବିଦେଶୀ ଲୋକଙ୍କୁ ଭାରତ ସୁନ୍ଦର ଲାଗେ ।

ତଳେ ଦିଆଯାଇଥିବା ପ୍ରୟୋଗରେ କର୍ତ୍ତା ସହିତ '**को**' ଲାଗେ । ଏଭଳି ବାକ୍ୟ କର୍ତ୍ତା ବିନା ମଧ୍ୟ ହୋଇପାରେ ।

सुंदर लगना	ସୁନ୍ଦର ଦେଖାଯିବା/ଲାଗିବା
मुश्किल लगना	କଠିନ ଲାଗିବା
रोचक लगना	ରୁଚିକର ଲାଗିବା
बुरा लगना	ଖରାପ ଲାଗିବା
मीठा लगना	ମିଠା ଲାଗିବା

ଉଦାହରଣ ସ୍ୱରୂପ

संतरे स्वादिष्ट <u>लगते</u> हैं।	କମଳା ମିଠା ଲାଗେ ।
फूल सुंदर <u>लगते</u> हैं।	ଫୁଲ ସୁନ୍ଦର ଲାଗେ ।
पहाड़ों पर हवा ठंडी <u>लगती</u> है।	ପାହାଡ଼ ଉପରେ ପବନ ଥଣ୍ଡା ଲାଗେ ।
शाम को किसान थके <u>लगते</u> हैं।	ସଂଧ୍ୟା ବେଳକୁ କୃଷକ ଥକିଥିବା ଭଳି ଲାଗନ୍ତି ।
गर्मियों में आसमान नीला <u>लगता</u> है।	ଖରା ଦିନେ ଆକାଶ ନୀଳ ଲାଗେ / ଦେଖାଯାଏ ।

3.2.2 **वाला** ସଂରଚନାର ପ୍ରୟୋଗ

ବିଶେଷ୍ୟ ସହିତ '**वाला**'ର ପ୍ରୟୋଗ ବିଷୟରେ ତୁମେ ଆଗରୁ ଜାଣିଛ । ଏହାର ଅର୍ଥ 'ଯିଏ ବିକେ', 'ଯିଏ ବେପାର କରେ', 'ଯେ ସଂପୃକ୍ତ' ଆଦି । ଯଥା- **दूधवाला**, **रिक्शेवाला**, **हिंदीवाला** । '**वाला**' ମଧ୍ୟ ବିଶେଷଣ ସହିତ ବ୍ୟବହୃତ ହୋଇପାରିବ । ବେଳେବେଳେ ଏହା ଅନାବଶ୍ୟକ ଲାଗେ । କିନ୍ତୁ ଏହା 'ଗୋଟିଏ'ର ଅର୍ଥ ବି ଦେଇଥାଏ । ଯଥା-

नीला वाला	ନୀଳଟି/ଟା
अच्छा वाला	ଭଲଟି
यह वाला	ଏଇଟି
पुराना वाला	ପୁରୁଣାଟି
मशहूर वाला	ପ୍ରସିଦ୍ଧଟି
लंबा वाला	ଲମ୍ବାଟି

ଉଦାହରଣ

मुझको महँगी वाली कलम नहीं चाहिए।	ମୁଁ ମହଁଗା କଲମଟି ଚାହୁଁନି ।
छोटे वाले बच्चे आगे बैठेंगे।	ଛୋଟ ପିଲାମାନେ ଆଗରେ ବସିବେ।
आज उसने पुरानी वाली कमीज पहनी है।	ଆଜି ସେ ପୁରୁଣା ସାର୍ଟଟି ପିନ୍ଧିଛି।
तुम लंबे वाले रास्ते से क्यों जा रहे हो?	ତୁମେ ଦୂର ରାସ୍ତାରେ କାହିଁକି ଯାଉଛ ?

3.3 ଅନୁଶୀଳନୀ

i) '**लगना**' କ୍ରିୟା ପ୍ରୟୋଗକରି ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ବଦଳାଅ ।

1. **शाम को पाँच बजे बच्चे क्रिकेट खेलते** (ବର୍ତ୍ତମାନ) **हैं।**
2. **कामाक्षी साइकिल से बाजार** (ଅତୀତ) **गई।**
3. **रेलगाड़ी ठीक आठ बजे चलेगी** (ଭବିଷ୍ୟତ)।
4. **क्या तुम कल से नौकरी पर जाओगे** (ଭବିଷ୍ୟତ)?
5. **सरिता ने तमिल भाषा सीखी** (ଅତୀତ) **थी।**
6. **जनवरी में दिल्ली में बहुत ठंड होती** (ବର୍ତ୍ତମାନ) **है।**

ii) ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ହିନ୍ଦୀରେ ଉତ୍ତର ଦିଅ :

1) ତୁମେ ହିନ୍ଦୀ ଭାଷା ଶିଖିବାକୁ ଚାହୁଁଛ କି ?
2) ସ୍କୁଲରେ କ୍ରିକେଟ ଖେଳିବାକୁ ତୁମକୁ ଭଲ ଲାଗୁଥିଲା କି ?
3) ଉତ୍ତର ଭାରତର ଖରାଦିନ ତୁମକୁ କିପରି ଲାଗେ ?
4) ତୁମେ ହିନ୍ଦୀ ଫିଲ୍ମ ଭଲ ପାଅ କି?
5) ତୁମକୁ ଆନ୍ଧ୍ରର ଖାଦ୍ୟ ରୁଚିକର ଲାଗିଲା କି?

iii) ତଳେ ଦିଆଯାଇଥିବା ଶବ୍ଦଗୁଚ୍ଛରେ '**वाला**' ଯୋଡ଼ି ସେଗୁଡ଼ିକ ବିଭିନ୍ନ ବାକ୍ୟରେ ବ୍ୟବହାର କର ।

तेज घोड़ा   खराब पंखा

सस्ती मिठाई   बढ़िया कमरे   थोड़ी महँगी कमीज

3.4 ଅତିରିକ୍ତ ଶବ୍ଦାବଳୀ

भाषा (ସ୍ତ୍ରୀ.)	ଭାଷା
घूमना	ବୁଲିବା
रोटी (ସ୍ତ୍ରୀ.)	ରୁଟି
चावल (ପୁଂ.)	ଭାତ / ଚାଉଳ
खेलना	ଖେଳିବା
कहना	କହିବା
हवाई जहाज (ପୁଂ.)	ଉଡ଼ାଜାହାଜ
सफर (ପୁଂ.)	ଯାତ୍ରା
मिठाई (ସ୍ତ୍ରୀ.)	ମିଠେଇ
जीना	ଜିଇଁବା
छूना	ଛୁଇଁବା
खुशी (ସ୍ତ୍ରୀ.)	ଖୁସି
पौधा (ପୁଂ.)	ଚାରା, ଗଛ
हजार (ପୁଂ.)	ହଜାର
हफ्ता (ପୁଂ.)	ସପ୍ତାହ
दक्षिण	ଦକ୍ଷିଣ
नंगा	ଲଙ୍ଗଳା
रोचक	ରୋଚକ, ରୁଚିକର
संतरा	କମଳା
स्वादिष्ट	ସ୍ୱାଦିଷ୍ଟ, ସୁଆଦିଆ
किसान	କୃଷକ
थका	ଥକା, ହାଲିଆ
गर्मी	ଗରମ
आसमान	ଆକାଶ

ପୁନରାବୃତ୍ତି

ଏହି ପାଠରେ ଆମେ ତଳେ ଦିଆଯାଇଥିବା ସଂରଚନାଗୁଡ଼ିକ ଶିଖିଲେ ।

1) କ୍ରିୟାର ଭବିଷ୍ୟତ କାଳର ରୂପ :

मैं देखूँगा।	हम देखेंगे।
तू देखेगा।	आप देखेंगे।
वह देखेगा।	वे देखेंगे।
तुम देखोगे।	

2) ଇଚ୍ଛା / ଚାହିଁବାର ଅଭିବ୍ୟକ୍ତି

मैं हिंदी सीखना चाहता हूँ।
वह बहुत भाषाएँ पढ़ना चाहती थी।
क्या, आप भारत आना चाहेंगे।

3) କୌଣସି କାର୍ଯ୍ୟର ଆରମ୍ଭ ସୂଚାଉଥିବା ଆରମ୍ଭସୂଚକ ସଂରଚନା ।

तुम गाड़ी चलाने लगे।
आप रूसी बोलने लगेंगे।

4) ଅନୁଭବ / ଭଲ ଲାଗିବା ଆଦିର ଅଭିବ୍ୟକ୍ତି

मुझको हिंदी अच्छी लगती है।
आपको भारत कैसा लगता है?

5) 'वाला' ବିଶେଷଣ ସହିତ ସଂଯୁକ୍ତ ହୋଇ ସୂଚକ ଭାବେ ବ୍ୟବହାର ।

महँगा वाला कमरा
मोटी वाली किताब

ପାଠ – 16

एकक - 1

ଦିଆଯାଇଥିବା ସଂରଚନା

ସମ୍ପନ୍ନ ବର୍ତ୍ତମାନ କାଳ

ଅକର୍ମକ କ୍ରିୟା	ସକର୍ମକ କ୍ରିୟା
मैं कल दिल्ली पहुँचा हूँ।	**मैंने खाना खाया है।**
ମୁଁ କାଲି ଦିଲ୍ଲୀରେ ପହଞ୍ଚିଛି ।	ମୁଁ ଖାଦ୍ୟ ଖାଇସାରିଛି ।

ପାଠକୁ ଉଚ୍ଚ ସ୍ୱରରେ ପଢ଼ ।

ଶବ୍ଦାବଳୀ ସାହାଯ୍ୟରେ ପାଠଟିକୁ ବୁଝିବାକୁ ଚେଷ୍ଟା କର ।

ବ୍ୟାକରଣ ଓ ସଂରଚନା ଭାଗକୁ ଭଲ ଭାବେ ପଢ଼ ।

ପାଠକୁ ପୁନର୍ବାର ପଢ଼, ତୁମେ ଭଲ ଭାବେ ବୁଝିପାରିବ ।

1.0 ପାଠ

श्रीधर और उसका गाँव

श्रीधर का गाँव दिल्ली के पास है। उसके गाँव का नाम रामनगर है। वह पढ़ा-लिखा है, उसने हिंदी में एम.ए. किया है। उसको अंग्रेज़ी बोलना भी आता है। वह कुछ दिन पहले ही दिल्ली आया है। उसको एक सरकारी दफ़्तर में नौकरी मिली है।

श्रीधर ने दफ़्तर के पास ही एक छोटा-सा घर किराए पर लिया है। उसे साइकिल से दफ़्तर जाना पसंद है। दिल्ली में साइकिल चलाना आसान नहीं है। सड़क पर हमेशा बहुत भीड़ होती है। फिर भी श्रीधर साइकिल से ही जाता है। दिसंबर के महीने में दिल्ली में बहुत ठंड होती है और अकसर कोहरा भी होता है, इसीलिए सर्दियों में सावधानी से वाहन चलाना ज़रूरी है।

श्रीधर हर शनिवार को अपने गाँव जाता है। उसका गाँव बहुत हरा-भरा है। गाँव में श्रीधर के पास एक सुंदर-सा बगीचा है। उसने वहाँ बहुत पेड़-पौधे लगाए हैं। उसके बगीचे में तरह-तरह के फूल होते हैं।

1.1 ଶବ୍ଦାବଳୀ

गाँव (ପୁଂ.)	ଗାଁ	सावधानी (ସ୍ତ୍ରୀ.)	ସାବଧାନତା
पढ़ा-लिखा	ଶିକ୍ଷିତ	वाहन (ପୁଂ.)	ବାହନ
सरकारी	ସରକାରୀ	हरा-भरा	ସବୁଜିମା ଭରା

नौकरी (ସ୍ତ୍ରୀ.)	ଚାକିରି	**बगीचा** (ପୁଂ.)	ବଗିଚା
किराया (ପୁଂ.)	ଭଡ଼ା	**पेड़** (ପୁଂ.)	ଗଛ
भीड़ (ସ୍ତ୍ରୀ.)	ଭିଡ଼	**पौधा** (ପୁଂ.)	ଚାରା
ठंड (ସ୍ତ୍ରୀ.)	ଥଣ୍ଡା	**लगाना**	ଲଗାଇବା
अक्सर	ପ୍ରାୟତଃ	**मशहूर**	ପ୍ରସିଦ୍ଧ
कोहरा (ପୁଂ.)	କୁହୁଡ଼ି	**तरह-तरह का**	ଭିନ୍ନ-ଭିନ୍ନ ପ୍ରକାରର

1.2 ପାଠ ଆଧାରିତ ପ୍ରଶ୍ନ :

1. **श्रीधर के गाँव का नाम क्या है** ?
2. **वह दिल्ली क्यों आया है** ?
3. **दिल्ली में साइकिल चलाना क्यों मुश्किल है** ?
4. **दिल्ली में कब बहुत ठंड होती है** ?
5. **श्रीधर के बगीचे में क्या-क्या होते हैं** ?

1.3 ବ୍ୟାକରଣ ଓ ସଂରଚନା

ପଢ଼ ଓ ବାକ୍ୟ-ଯୁଗ୍ମଗୁଡ଼ିକର ତୁଳନା କର ।

କ)	**मैं आया।**	ମୁଁ ଆସିଲି ।	**हम आए।**	ଆମେ ଆସିଲୁ ।
ଖ)	**मैं आया हूँ।**	ମୁଁ ଆସିଅଛି ।	**हम आए हैं।**	ଆମେ ଆସିଅଛୁ ।
କ)	**तू आया।**	ତୁ ଆସିଲୁ ।	**तुम आए।**	ତୁମେ ଆସିଲ ।
ଖ)	**तू आया है।**	ତୁ ଆସିଅଛୁ ।	**तुम आए हो।**	ତୁମେ ଆସିଛ ।
କ)	**वह आया।**	ସେ ଆସିଲା ।	**वे आए।**	ସେମାନେ ଆସିଲେ ।
ଖ)	**वह आया है।**	ସେ ଆସିଅଛି ।	**वे आए हैं।**	ସେମାନେ ଆସିଛନ୍ତି ।

ଉପରୋକ୍ତ ବାକ୍ୟ-ଯୁଗ୍ମଗୁଡ଼ିକରେ **'କ'** ବିଭାଗର ବାକ୍ୟଗୁଡ଼ିକ ସାଧାରଣ ଅତୀତ କାଳ ଏବଂ **'ଖ'** ବିଭାଗର ବାକ୍ୟଗୁଡ଼ିକ ସମ୍ପନ୍ନ ବର୍ତ୍ତମାନ କାଳ ଅଟେ ।

- ସମ୍ପନ୍ନ ବର୍ତ୍ତମାନ କାଳ ଗୋଟିଏ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟକୁ ଦର୍ଶାଏ । ଏହାର ପ୍ରଭାବ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ପ୍ରକୃତରେ ଏହା ଅତୀତର ଗୋଟିଏ ଘଟଣା । କିମ୍ବା ଏହା ଅତୀତ ଘଟଣାକୁ ବର୍ତ୍ତମାନ ସହିତ ସଂଯୋଗ କରିଥାଏ । ଏହି କ୍ରିୟା ଦ୍ୱାରା ଯେଉଁ ପ୍ରାଣୀ ବା ବସ୍ତୁ ସୂଚିତ ହୁଏ, ସେ ଜୀବନ୍ତ ବା ଏବେ ବି ତାହାର ସ୍ଥିତି ଥିବା କଥା ବୁଝାଇଥାଏ । ତେଣୁ ଏହା ବର୍ତ୍ତମାନ ସହିତ ସମ୍ବନ୍ଧିତ ହୋଇଥାଏ ।

मैं आगरा गया हूँ।	ଏହି ବାକ୍ୟରେ '**आगरा**' ସହର ଏବେ ମଧ୍ୟ ରହିଛି ।
मैंने ताजमहल देखा है।	**ताजमहल** ଏବେ ବି ଅଛି । ତେଣୁ ଏହି ବାକ୍ୟ ସହିତ ଅତୀତର କ୍ରିୟାକୁ ସୂଚାଉ ଅଛି ।

- 'होना' କ୍ରିୟାର ବର୍ତ୍ତମାନ କାଳର ରୂପ ସହିତ କ୍ରିୟାର ଅତୀତ କାଳ ପାଇଁ (ଧାତୁ + 'आ' ପ୍ରତ୍ୟୟ) ଯୋଡ଼ି ସମ୍ପନ୍ନ ବର୍ତମାନ କାଳର କ୍ରିୟା ଗଠନ କରାଯାଇଥାଏ । ସାଧାରଣ ବର୍ତ୍ତମାନ କାଳର ବାକ୍ୟ ଭଳି ସମ୍ପନ୍ନତାସୂଚକ 'आ' ପ୍ରତ୍ୟୟାନ୍ତ କ୍ରିୟା ରୂପ ଲିଙ୍ଗ ବଚନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । 'होना' ର କ୍ରିୟା ରୂପ (है, हैं, हूँ, हो) ପୁରୁଷ ଏବଂ ବଚନ ଦ୍ୱାରା ନିୟନ୍ତ୍ରିତ ହୁଏ ।

- 'होना' କ୍ରିୟାର ସମ୍ପନ୍ନ ବର୍ତ୍ତମାନ କାଳର ରୂପ ନିମ୍ନ ପ୍ରକାରର ହୋଇଥାଏ ।

ପୁଂଲିଙ୍ଗ କର୍ତ୍ତା ସହିତ		ସ୍ତ୍ରୀଲିଙ୍ଗ କର୍ତ୍ତା ସହିତ	
मैं बैठा हूँ।	हम बैठे हैं।	मैं बैठी हूँ।	हम बैठी हैं।
तू बैठा है।	तुम बैठे हो / आप बैठे हैं।	तू बैठी है।	तुम बैठी हो / आप बैठी हैं।
वह बैठा है।	वे बैठे हैं।	वह बैठी है।	वे बैठी हैं।

ଉପରିଲିଖିତ ବାକ୍ୟଗୁଡ଼ିକରେ, 'बैठ' ଅକର୍ମକ କ୍ରିୟା ଅଛି । ତେଣୁ, ଏହି ବାକ୍ୟ କର୍ତ୍ତାର ଲିଙ୍ଗ-ବଚନ ଅନୁସାରେ ପରିବର୍ତ୍ତିତ ହୋଇଛି । କିନ୍ତୁ 'पढ़' ଭଳି ସକର୍ମକ କ୍ରିୟା ଆସୁଥିଲେ କର୍ମର ଲିଙ୍ଗ ବଚନ ଅନୁସାରେ କ୍ରିୟା ପରିବର୍ତ୍ତିତ ହୁଏ । କାରଣ ସାଧାରଣ ଅତୀତ କାଳରେ ସକର୍ମକ କ୍ରିୟା ଥିଲେ କର୍ତ୍ତା ସହିତ 'ने' ପରସର୍ଗ ଲାଗେ । ସାଧାରଣ ଅତୀତ କାଳ ଭଳି ସମ୍ପନ୍ନ ବର୍ତ୍ତମାନ କାଳର କ୍ରିୟା କର୍ମର ଲିଙ୍ଗ-ବଚନ ଅନୁସାରେ ହେବ । କର୍ତ୍ତା 'ने' ସହିତ ସଂଯୁକ୍ତ ହୋଇ ତିର୍ଯ୍ୟକ ରୂପରେ ରହିବ ।

राम ने	किताब (ସ୍ତ୍ରୀ. ଏକବଚନ) पढ़ी है।
सीता ने	किताब (ସ୍ତ୍ରୀ. ଏକବଚନ) पढ़ी है।
राम ने	फल (ପୁଂ. ଏକବଚନ) खाया है।
सीता ने	फल (ପୁଂ. ଏକବଚନ) खाया है।
राम ने	पत्र (ପୁଂ. ବହୁବଚନ) लिखे हैं।
सीता ने	पत्र (ପୁଂ. ବହୁବଚନ) लिखे हैं।
राम ने	पत्तियाँ (ସ୍ତ୍ରୀ. ବହୁବଚନ) तोड़ी हैं।
सीता ने	पत्तियाँ (ସ୍ତ୍ରୀ. ବହୁବଚନ) तोड़ी हैं।

ଉପରୋକ୍ତ ବାକ୍ୟଗୁଡ଼ିକରେ କ୍ରିୟା, କର୍ମ ଦ୍ୱାରା ନିୟନ୍ତ୍ରିତ ହୋଇଛି । କିନ୍ତୁ କର୍ତ୍ତା ଦ୍ୱାରା ହୋଇ ନାହିଁ ।

ଅତିରିକ୍ତ ଅଭ୍ୟାସ ପାଇଁ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ :

i	राधा ने एक लिफ़ाफ़ा खरीदा है।	ରାଧା ଗୋଟିଏ ଲଫାଫା କିଣିଅଛି ।
ii	तुमने कितने तौलिए खरीदे हैं?	ତୁମେ କେତୋଟି ତଉଲିଆ କିଣିଛ ।
iii	मैंने यह गाड़ी एक अध्यापक से खरीदी है।	ମୁଁ ଜଣେ ଅଧ୍ୟାପକଙ୍କଠାରୁ ଏହି ଗାଡ଼ିଟି କିଣିଛି ।
iv	गाँव के लोगों ने ही ये सड़कें बनाई है।	ଗାଁ ଲୋକମାନେ ହିଁ ଏସବୁ ସଡ଼କ ତିଆରି କରିଛନ୍ତି ।
v	मेरे कमरे की खिड़कियाँ किसने खोली हैं?	ମୋ କୋଠରିର ଝରକାଗୁଡ଼ିକ କିଏ ଖୋଲିଛି ?
vi	उन्होंने कल प्लाज़ा सिनेमा में यह फ़िल्म देखी है।	ସେ ପ୍ଲାଜା ସିନେମାରେ ଏଇ ଫିଲ୍ମଟି କାଲି ଦେଖିଛନ୍ତି ।
vii	क्या तुम्हारे विद्यार्थियों ने गाँधीजी की किताबें पढ़ी हैं?	କ'ଣ ତୁମ ଛାତ୍ର-ଛାତ୍ରୀମାନେ ଗାନ୍ଧୀଜୀଙ୍କର ବହି ପଢ଼ିଛନ୍ତି ?
viii	यह लेख मेरी पत्नी ने लिखा है।	ଏହି ପ୍ରବନ୍ଧଟି ମୋ ସ୍ତ୍ରୀ ଲେଖିଛି ।
ix	इस कमरे में एक बच्चा सोया है।	ଏହି କୋଠରିରେ ଗୋଟିଏ ପିଲା ଶୋଇଛି ।
x	डॉक्टर साहब मुंबई गए हैं।	ଡାକ୍ତର ସାହେବ ମୁମ୍ବାଇ ଯାଇଛନ୍ତି ।
xi	मैं इस होटल में कुछ दिन रहा हूँ।	ମୁଁ ଏଇ ହୋଟେଲରେ କିଛି ଦିନ ରହିଛି ।
xii	ये लड़कियाँ अभी आई हैं।	ଏହି ଝିଅମାନେ ଏବେ ଆସିଛନ୍ତି ।

1.4 ଅନୁଶୀଳନୀ

ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦ ସାହାଯ୍ୟରେ କ୍ରିୟାର ଉପଯୁକ୍ତ ରୂପ ଦ୍ଵାରା ଶୂନ୍ୟ ସ୍ଥାନ ପୂରଣ କର :

i) सुनीता पहली बार मुंबई ------------------- (ଯାଇଅଛି)

ii) आपने ये किताबें कहाँ से ------------------- (କିଣିଅଛ)

iii) वे हमारे घर में कई बार ------------------- (ରହି ଅଛନ୍ତି)

iv) मैं यह घड़ी आपके लिए ------------------- (କିଣିଅଛି)

v) क्या गोपाल कोलकाता ------------------- (ଯାଇଅଛି)

ଏକକ - 2

ଦିଆଯାଇଥିବା ସଂରଚନା

'**होना**' କ୍ରିୟାର ସାଧାରଣ ସ୍ଥିତି ଅର୍ଥରେ ପ୍ରୟୋଗ

2.0 ପାଠ

दिल्ली भारत की राजधानी है। यह भारत के उत्तर में स्थित है। दिल्ली की आबादी आजकल लगभग दो करोड़ है। यहाँ हर प्रदेश के लोग रहते हैं। ये लोग अलग-अलग भाषाएँ बोलते हैं। लेकिन सभी लोग हिंदी समझते हैं।

दिल्ली में आमतौर पर तीन मौसम हैं- सर्दी, गर्मी और बरसात। सर्दी का मौसम नवंबर से शुरू होता है, दिसंबर, जनवरी और फरवरी में ज्यादा ठंड होती है। मार्च के महीने से गर्मी का मौसम शुरू होता है और अप्रैल, मई और जून में बहुत गर्मी होती है। जुलाई, अगस्त और सितम्बर बारिश के महीने हैं। इन दिनों दिल्ली में खूब बारिश होती है। अक्टूबर में मौसम सुहाना होता है। गर्मी के मौसम में खरबूज़े, तरबूज़, आम आदि फल होते हैं। सर्दियों में तरह-तरह की सब्ज़ियाँ होती हैं और सेब, अनार, अमरूद और संतरे आदि फल होते हैं। बरसात के मौसम में तेज़ बारिश होने पर सड़कों पर चलना मुश्किल होता है।

2.1 ଶବ୍ଦାବଳୀ

राजधानी (ସ୍ତ୍ରୀ.)	ରାଜଧାନୀ	खरबूज़ा (ସ୍ତ୍ରୀ.)	ଖରବୁଜ
के उत्तर में	ଉତ୍ତର ଦିଗରେ	तरबूज़ (ପୁଂ.)	ତରଭୁଜ
स्थित	ସ୍ଥିତ , ଅବସ୍ଥିତ	आम (ପୁଂ.)	ଆମ୍ବ
आबादी (ସ୍ତ୍ରୀ.)	ଜନସଂଖ୍ୟା	आमतौर पर	ସାଧାରଣ ଭାବରେ
लगभग	ପ୍ରାୟତଃ	सब्जी (ସ୍ତ୍ରୀ.)	ପରିବା
करोड़	କୋଟି	फल (ପୁଂ.)	ଫଳ
मौसम (ସ୍ତ୍ରୀ.)	ପାଗ	सेब (ପୁଂ.)	ସେଓ
सर्दी (ସ୍ତ୍ରୀ.)	ଥଣ୍ଡା / ଶୀତ	अनार (ପୁଂ.)	ଡାଳିମ୍ବ
गर्मी (ସ୍ତ୍ରୀ.)	ଗରମ	अमरूद (ପୁଂ.)	ପିଜୁଳି
बरसात (ସ୍ତ୍ରୀ.)	ବର୍ଷା	बारिश (ସ୍ତ୍ରୀ.)	ବର୍ଷା
ठंड (ସ୍ତ୍ରୀ.)	ଥଣ୍ଡା	सड़क (ସ୍ତ୍ରୀ.)	ରାସ୍ତା
सुहाना	ସୁନ୍ଦର	घास (ସ୍ତ୍ରୀ.)	ଘାସ

2.2 ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

1. **दिल्ली कहाँ स्थित है** ?

2. **दिल्ली में कौन-कौन से मौसम होते हैं** ?

3. **बारिश के महीने कौन से हैं** ?

4. **आम कब होते हैं** ?

5. **दिल्ली में सड़कों पर चलना कब मुश्किल होता है** ?

2.3 ବ୍ୟାକରଣ ଓ ସଂରଚନା

'**होना**' କ୍ରିୟାର ସାଧାରଣ ବର୍ତ୍ତମାନ କାଳ ଏକ ସାଧାରଣ ଉକ୍ତି ପାଇଁ ବ୍ୟବହାର ହୁଏ କିମ୍ବା ଏକ ସାଧାରଣମାନ୍ୟ ସ୍ଥିତି ପାଇଁ ପ୍ରୟୋଗ ହୁଏ । ଯେପରି '**घास हरी होती है**' (ଘାସ ସବୁଜ ହୋଇଥାଏ) । '**होना**'ର ସାଧାରଣ ବର୍ତ୍ତମାନ କାଳ ରୂପ (**है, हैं, हूँ** ଓ **हो**) ଅନ୍ୟ ସମସ୍ତ ସ୍ଥିତି ପାଇଁ ବ୍ୟବହୃତ ହୋଇଥାଏ । ଉଦାହରଣ ସ୍ୱରୂପ-

ये संतरे मीठे हैं।	ଏହି କମଳାଗୁଡ଼ିକ ମିଠା ।
नागपुरी संतरे मीठे होते हैं।	ନାଗପୁରର କମଳା ମିଠା ।

ନିମ୍ନ ବାକ୍ୟ-ଯୁଗ୍ମ ଗୁଡ଼ିକରେ ସୂଚନା ଓ ସାଧାରଣ ସ୍ଥିତି ଅର୍ଥରେ ଥିବା ପାର୍ଥକ୍ୟକୁ ଲକ୍ଷ୍ୟ କର ।

କ	ଖ
ये पहाड़ ऊँचे हैं। ଏହି ପର୍ବତଗୁଡ଼ିକ ଉଚ୍ଚ ଅଟେ ।	**पहाड़ ऊँचे होते हैं।** ପ୍ରାୟତଃ ପାହାଡ଼ ସବୁ ଉଚ୍ଚ ହୋଇଥାଏ ।
ये तितलियाँ सुंदर हैं। ଏହି ପ୍ରଜାପତିଗୁଡ଼ିକ ସୁନ୍ଦର ।	**तितलियाँ सुंदर होती हैं।** ପ୍ରଜାପତିମାନେ ସୁନ୍ଦର ହୋଇଥାନ୍ତି ।
यह शेर ताकतवर है। ଏହି ବାଘଟି ବଳବାନ ।	**शेर ताकतवर होते हैं।** ବାଘମାନେ ପ୍ରାୟତଃ ବଳବାନ ହୋଇଥାନ୍ତି।
साइबेरिया ठंडा है। ସାଇବେରିୟା ଥଣ୍ଡା ସ୍ଥାନ।	**साइबेरिया में ठंड होती है।** ସାଧାରଣତଃ ସାଇବେରିୟାରେ ଥଣ୍ଡା ପଡ଼େ ।
समुद्र का पानी गहरा है। ଏହି ସମୁଦ୍ରର ଜଳ ଗଭୀର ଅଟେ ।	**समुद्र का पानी गहरा होता है।** ସମୁଦ୍ର ଜଳ ପ୍ରାୟତଃ ଗଭୀର ହୋଇଥାଏ ।

2.4 ଅନୁଶୀଳନୀ

1. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

   i) समुद्र का पानी किस रंग का होता है ?

   ii) क्या पहाड़ों पर सर्दी होती है ?

   iii) आपके प्रदेश में चावल कहाँ होता है ?

   iv) आपके शहर / गाँव में कौन-कौन से फल होते हैं ?

   v) क्या आपके यहाँ दिसंबर में ठंड होती है ?

2. ତୁମେ ନିଜ ସହର / ଗ୍ରାମ ବିଷୟରେ ପାଞ୍ଚଟି ବାକ୍ୟ ଲେଖ ।

ଏକକ-3

ଏହି ଏକକରେ, ନିମ୍ନ ସଂରଚନା ବିଷୟରେ କୁହାଯାଇଛି ।

(i)

ବିଶେଷ୍ୟ ରୂପେ ମୂଳ-କ୍ରିୟାର ପ୍ରୟୋଗ
i) जल्दी सोना अच्छा है।
ii) सोने का कमरा

(ii)

କର୍ତ୍ତା + को +	ମୂଳ-କ୍ରିୟା +	आना
मेरे बेटे को	साइकिल चलाना	आता है।

(iii)

ମୂଳ-କ୍ରିୟା (ପ୍ରତ୍ୟୟ ଯୁକ୍ତ) + के लायक	କ୍ରିୟା
यह फिल्म देखने लायक	नहीं है।

3.0 ପାଠ

रामानुजन

मेरा दोस्त रमेश मेरे घर के पास रहता है। उसके परिवार में चार लोग हैं- वह, उसकी पत्नी, उसकी बेटी और उसका बेटा। उसके बेटे का नाम रामानुजन है। उसकी उम्र छह साल है। रमेश अपने बेटे के लिए एक लैपटॉप लाया है। उसको लैपटॉप पर खेलना बहुत पसंद है। उसके पास एक साइकिल भी है। उसको साइकिल चलाना नहीं आता इसलिए वह आजकल साइकिल चलाना सीख रहा है। रामानुजन बस से स्कूल जाता है। उसको अंग्रेजी और हिंदी में पढ़ना-लिखना भी आता है। स्कूल से लौटने के बाद वह एक घंटा टी.वी. देखता है और फिर थोड़ी देर आराम करता है। शाम को अपने दोस्तों के साथ खेलना, स्कूल का काम करना, खाना खाना नौ बजे तक सो जाना उसकी दिनचर्या है।

3.1 ଶବ୍ଦାବଳୀ

उम्र (ସ୍ତ୍ରୀ.)	ବୟସ	**लौटना**	ଫେରିବା
आराम करना	ବିଶ୍ରାମ ନେବା	**दिनचर्या** (ସ୍ତ୍ରୀ.)	ଦୈନନ୍ଦିନ କାର୍ଯ୍ୟ
के बाद	ପରେ	**आजकल**	ଆଜିକାଲି

3.2 ବୁଝିବାକୁ ଚେଷ୍ଟା କର

1. **रमेश के परिवार में कौन-कौन हैं** ?
2. **रामानुजन कितने साल का है** ?
3. **क्या रामानुजन को साइकिल चलाना आता है** ?
4. **रामानुजन को किससे खेलना पसंद है** ?
5. **रामानुजन की दिनचर्या लिखिए।**

3.3 ବ୍ୟାକରଣ ଓ ସଂରଚନା

- ମୂଳ-କ୍ରିୟା (ଭାବାତ୍ମକ କ୍ରିୟା), କ୍ରିୟାର ଗୋଟିଏ ରୂପ । ଏହା କ୍ରିୟାର ଗତିକୁ ସୂଚାଇଥାଏ । ଏହା କୌଣସି କର୍ତ୍ତା ସହିତ ସମ୍ବନ୍ଧିତ ହୋଇ ନଥାଏ ।

- ଯେତେବେଳେ ମୂଳ-କ୍ରିୟା ବିଶେଷ୍ୟ ଭାବରେ ବ୍ୟବହୃତ ହୁଏ, ସେତେବେଳେ ଏହା '**आ**' ରେ ସମାପ୍ତ ହେଉଥିବା ସାଧାରଣ ବିଶେଷ୍ୟ (ପୁଂଲିଙ୍ଗ) ଭଳି ହୋଇଥାଏ । ଅକର୍ମକ ମୂଳ-କ୍ରିୟା ବିଶେଷ୍ୟ ରୂପେ କେବଳ ଏକବଚନରେ ପ୍ରୟୋଗ ହୋଇଥାଏ । ଯଥା-

<u>जल्दी उठना</u> अच्छा है।	ଶୀଘ୍ର ଉଠିବା ଭଲ ।
<u>ठंडे पानी से नहाना</u> स्वास्थ्य के लिए अच्छा होता है।	ସ୍ୱାସ୍ଥ୍ୟ ପାଇଁ ଥଣ୍ଡା ପାଣିରେ ଗାଧୋଇବା ଭଲ ।

- ସକର୍ମକ ମୂଳ-କ୍ରିୟା କର୍ମର ଲିଙ୍ଗ ଓ ବଚନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଯଥା-

मुझको तीन पत्र <u>लिखने</u> हैं।	ମୋର ତିନୋଟି ପତ୍ର ଲେଖିବାର ଅଛି ।
विद्यार्थियों को बहुत सी किताबें <u>पढनी होती</u> हैं।	ଛାତ୍ର-ଛାତ୍ରୀମାନଙ୍କୁ ବହୁତଗୁଡ଼ିଏ ବହି ପଢ଼ିବାକୁ ହୋଇଥାଏ ।

- ମୂଳ-କ୍ରିୟା ଟି ବିଶେଷ୍ୟ ହେବା ସତ୍ତ୍ୱେ କ୍ରିୟାର ଗୁଣ-ଧର୍ମ ବହନ କରେ ଏବଂ ନିଜ ସହିତ କର୍ମ ନେଇ ଥାଏ । ଯଥା-

मैं फल खाना पसंद करता हूँ।	ମୋତେ ଫଳ ଖାଇବାକୁ ଭଲ ଲାଗେ ।
पिता ने उसे सिगरेट पीने पर डाँटा।	ବାପା ତାକୁ ସିଗାରେଟ ପିଇବାରୁ ଗାଳି ଦେଲେ ।

- ମୂଳ-କ୍ରିୟା ପରେ କୌଣସି ସମ୍ବନ୍ଧବାଚକ ବା ଅନ୍ୟ ବିଭକ୍ତି ଆସୁଥିଲେ ମୂଳ-କ୍ରିୟାର ରୂପ ଅନ୍ୟ ପୁଂଲିଙ୍ଗ ବିଶେଷ୍ୟ ପରି ବ୍ୟବହୃତ ହୁଏ ।

पीने का पानी (ପୁଂ.ଏକବଚନ) ପିଇବା ପାଣି

सोने का कमरा (ପୁଂ.ଏକବଚନ) ଶୋଇବା କୋଠରି

हँसने की बात (ସ୍ତ୍ରୀ.ଏକବଚନ) ହସିବା ଭଳି କଥା

- ନିମ୍ନ ବାକ୍ୟଗୁଡ଼ିକରେ ପ୍ରତ୍ୟୟ ମୂଳ-କ୍ରିୟା ସହିତ ଆସିଲେ ହେଉଥିବା ରୂପ ପରିବର୍ତ୍ତନକୁ ଲକ୍ଷ୍ୟ କର :

मेरे <u>जाने के बाद</u> आप क्या करेंगे ?	ମୁଁ ଯିବା ପରେ ଆପଣ କ'ଣ କରିବେ ?
उसके <u>आने से पहले</u> तुम अपना कमरा साफ करो।	ସେ ଆସିବା ପୂର୍ବରୁ ତୁମେ ନିଜ କୋଠରିଟି ସଫା କର ।
घर <u>पहुँचने पर</u> हमें फोन कीजिए।	ଘରେ ପହଞ୍ଚିବା ପରେ ମୋତେ ଫୋନ କର ।

- କୌଣସି ଉଦ୍ଦେଶ୍ୟକୁ ଅଭିବ୍ୟକ୍ତ କଲାବେଳେ ତିର୍ଯ୍ୟକ ମୂଳ-କ୍ରିୟା ସାଧାରଣତଃ ଏକାକୀ ପ୍ରୟୋଗ ହୁଏ । ଏହା **को, के लिए** ସହିତ ମଧ୍ୟ ପ୍ରୟୋଗ ହୋଇପାରେ । ଏହି ବିଭକ୍ତିଗୁଡ଼ିକୁ ବୈକଳ୍ପିକ ଭାବରେ ବାଦ ଦିଆଯାଇପାରେ । ଯଥା-

वह कल फिल्म देखने (के लिए) जाएगी।	ସେ ଆସନ୍ତାକାଲି ଫିଲ୍ମ ଦେଖିବାପାଇଁ ଯିବ ।
मुझे उम्मीद है कि आप हमसे मिलने (के लिए) आएँगे।	ମୋର ଆଶା ଆପଣ ମୋତେ କାଲି ସାକ୍ଷାତ କରିବାପାଇଁ ଆସିବେ ।
किसी को मेरी गाड़ी ठीक करने (के लिए) भेजो।	ମୋ ଗାଡ଼ି ସଜାଡ଼ିବା ପାଇଁ ତୁମେ କାହାରିକୁ ପଠାଅ ।
मैं आपका ही गाना सुनने (को) आऊँगा।	ମୁଁ ଆପଣଙ୍କର ଗୀତ ହିଁ ଶୁଣିବାକୁ ଆସିବି ।

- ମୂଳ-କ୍ରିୟା ସହିତ '**आना**' କ୍ରିୟା ଆସିଲେ ଏହା କ୍ଷମତା କିମ୍ବା କୌଶଳ ପାଇଁ ବ୍ୟବହୃତ ହୁଏ । ଏହି ସଂରଚନା ରେ ତିର୍ଯ୍ୟକ କର୍ତ୍ତା ସହିତ '**को**' ଲାଗେ । '**आना**' କ୍ରିୟା, କର୍ତ୍ତା ଓ କର୍ମର ବଚନ ଓ ଲିଙ୍ଗ ସହିତ ସଂଯୁକ୍ତ ହୁଏ ନାହିଁ । ଯଥା-

मुझको हिंदी बोलना आता है।	ମୋତେ ହିନ୍ଦୀ କହି ଆସେ ।
उसको टेनिस खेलना आता ह।	ତାକୁ ଟେନିସ ଖେଳି ଆସେ ।
लड़के को साइकिल चलाना आता है।	ବାଳକକୁ ସାଇକେଲ ଚଳାଇବା ଆସେ ।

- ବିଶେଷଣ '**योग्य**' ଓ '**लायक**' ଅର୍ଥରେ କେବଳ ତିର୍ଯ୍ୟକ ମୂଳ-କ୍ରିୟାର ପ୍ରୟୋଗ ହୁଏ । ବୈକଳ୍ପିକ ରୂପେ ଏଥିରେ ତିର୍ଯ୍ୟକ ମୂଳ-କ୍ରିୟା ସହିତ '**के**' ମଧ୍ୟ ଆସିପାରେ । ଯଥା-

वह पुस्तक पढ़ने (के) योग्य है।	ସେ ବହିଟି ପଢ଼ିବା ଯୋଗ୍ୟ ଅଟେ ।
यह नई फ़िल्म देखने (के) लायक है।	ଏହି ନୂଆ ସିନେମାଟି ଦେଖିବା ଉପଯୋଗୀ ଅଟେ ।

3.4 ଅନୁଶୀଳନୀ

କ) ବନ୍ଧନୀ ମଧ୍ୟରେ ଥିବା ଶବ୍ଦର ଉପଯୁକ୍ତ ରୂପ ଦ୍ୱାରା ନିମ୍ନ ବାକ୍ୟଗୁଡ଼ିକୁ ପୂରଣ କର :

1. जल्दी .... स्वास्थ्य के लिए अच्छा होता है। (उठना)
2. स्कूल .... के लिए उसको साइकिल की ज़रूरत है। (जाना)
3. मुझको कुछ फल .... हैं। (खाना)
4. यह घर .... लायक नहीं है। (रहना)
5. बच्चे फुटबॉल .... जा रहे हैं। (खेलना)

ଖ) ପ୍ରଦତ୍ତ ନମୁନା ଅନୁସାରେ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର।

ଉଦାହରଣ : **मैं साइकिल चलाना जानता हूँ।** → **मुझको साइकिल चलाना आता है।**

1. सूज़न भारतीय खाना बनाना जानती है।
2. क्या तुम पेंटिंग करना जानते हो ?
3. रिचर्ड हिंदी बोलना जानता है।
4. राजाराम मोटर साइकिल चलाना जानता था।
5. लड़कियाँ मेंहदी लगाना जानती हैं।

3.5 ଅତିରିକ୍ତ ଶବ୍ଦାବଳୀ

पत्तियाँ (ସ୍ତ୍ରୀ.)	ଅନେକ ପତ୍ର	ଫଳ ଓ ପରିବା	
तौलिया (ପୁଂ.)	ତଉଲିଆ	पपीता (ପୁଂ.)	ଅମୃତଭଣ୍ଡା
सड़क (ସ୍ତ୍ରୀ.)	ସଡ଼କ	अंगूर (ପୁଂ.)	ଅଙ୍ଗୁର
लेख (ପୁଂ.)	ପ୍ରବନ୍ଧ	नारियल (ପୁଂ.)	ନଡ଼ିଆ
पहाड़ (ପୁଂ.)	ପାହାଡ଼	आलू (ପୁଂ.)	ଆଳୁ
तितली (ସ୍ତ୍ରୀ.)	ପ୍ରଜାପତି	प्याज (ପୁଂ.)	ପିଆଜ
शेर (ପୁଂ.)	ସିଂହ	टमाटर (ପୁଂ.)	ଟମାଟୋ
ताकतवर	ଶକ୍ତିଶାଳୀ	गोभी (ସ୍ତ୍ରୀ.)	କୋବି
समुद्र (ପୁଂ.)	ସମୁଦ୍ର	लौकी (ସ୍ତ୍ରୀ.) / घिया (ପୁଂ.)	ଲାଉ
गहरा	ଗଭୀର	पालक (ପୁଂ.)	ପାଳଙ୍ଗ
स्वास्थ्य (ପୁଂ.)	ସ୍ୱାସ୍ଥ୍ୟ	मटर (ସ୍ତ୍ରୀ.)	ମଟର
पत्र (ପୁଂ.)	ପତ୍ର	गाजर (ସ୍ତ୍ରୀ.)	ଗାଜର
हँसना	ହସିବା	मूली (ସ୍ତ୍ରୀ.)	ମୂଳା
उम्मीद (ସ୍ତ୍ରୀ.)	ଆଶା	खीरा (ପୁଂ.)	କାକୁଡ଼ି
उपन्यास (ପୁଂ.)	ଉପନ୍ୟାସ	करेला (ପୁଂ.)	କଲରା

3.6 ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ

ବାହୁ	**बाँह** (ସ୍ତ୍ରୀ.)	ମୁଣ୍ଡ	**सिर** (ପୁଂ.)
ଶରୀର	**शरीर** (ପୁଂ.)	ହୃଦୟ	**दिल** (ପୁଂ.)
ମସ୍ତିଷ୍କ	**दिमाग** (ପୁଂ.)	ଗୋଡ	**टाँग** (ସ୍ତ୍ରୀ.) / **पैर** (ପୁଂ.)
କାନ	**कान** (ପୁଂ.)	ଓଠ	**होठ** (ପୁଂ.)
ଆଖି	**आँख** (ସ୍ତ୍ରୀ.)	ମୁହଁ	**मुँह** (ପୁଂ.)
ଚେହେରା	**चेहरा** (ପୁଂ.)	ନାକ	**नाक** (ସ୍ତ୍ରୀ.)
ଆଙ୍ଗୁଠି	**उंगली** (ସ୍ତ୍ରୀ.)	ପେଟ	**पेट** (ପୁଂ.)
ଗୋଡ	**पैर** (ପୁଂ.)	ଦାନ୍ତ	**दाँत** (ପୁଂ.)
ବାଳ	**बाल** (ପୁଂ.)	କାନ୍ଧ	**कंधा** (ପୁଂ.)

ପୁନରାବୃତ୍ତି

ଏହି ପାଠରେ ତୁମେମାନେ ନିମ୍ନଲିଖିତ ସଂରଚନାଗୁଡ଼ିକ ଶିଖିଛ ।

i) **मैं आज सुबह छह बजे उठा हूँ।** ସମ୍ପନ୍ନ ବର୍ତ୍ତମାନ କାଳ
आपने मेरी नई किताब पढ़ी है।

ii) **कश्मीर में सर्दी होती है।** କ୍ରିୟା '**होना**'
समुद्र का पानी नीला होता है।

iii) **मुझे नई भाषा सीखना पसंद है।** ବିଶେଷ୍ୟ ରୂପେ ମୂଳ-କ୍ରିୟାର ବ୍ୟବହାର
लेटकर पढ़ना अच्छा नहीं है।

iv) **राधा को तमिल लिखना आता है।** କର୍ତ୍ତା + ମୂଳ-କ୍ରିୟା + **आना**

v) **कश्मीर की राजधानी श्रीनगर देखने लायक है।** ମୂଳ-କ୍ରିୟା (ତିର୍ଯ୍ୟକ ରୂପ) + **के लायक**
यह उपन्यास पढ़ने लायक है।

ପାଠ – 17

ଏକକ - 1

ଏହି ଏକକରେ ନିମ୍ନଲିଖିତ ସଂରଚନା ପ୍ରଚଳନ କରାଯାଇଛି ।

ସମ୍ପନ୍ନ ଅତୀତ କାଳ

କର୍ତ୍ତା	କ୍ରିୟା	କ୍ରିୟା ପଦବନ୍ଧ
मैं	जाना	जा + आ + था = गया था (ଅକର୍ମକ)
मैंने	खाना	खा + या + था = खाया था (ସକର୍ମକ)

1.0 ପାଠ

विश्व पुस्तक मेला

प्रगति मैदान में पिछले सप्ताह विश्व पुस्तक मेला लगा था। सुशील ने दिनेश से पूछा - "क्या तुम पुस्तक मेला गए थे ?"

दिनेश ने कहा - "मैं पुस्तक मेले में गया था पर बहुत देर से पहुँचा था। आठ बज गए थे इसलिए मेला ठीक से घूम न सका।"

सुशील ने फिर पूछा - "वहाँ तुमने क्या-क्या देखा ? तुम्हें कौन सा मंडप सबसे अच्छा लगा?"

दिनेश बोला - "मेले में सबसे बड़ा मंडप 'नेशनल बुक ट्रस्ट' का था। मेले में कई विदेशी प्रकाशक भी आए थे। जापान और रूस के भी बड़े मंडप थे। सस्ता साहित्य मंडल के मंडप में मैंने कई अच्छी और सस्ती पुस्तकें देखी थीं। मैंने वहाँ से कई पुस्तकें खरीदीं। भारत सरकार के 'प्रकाशन विभाग' और 'साहित्य अकादमी' की भी कई पुस्तकें मुझे अच्छी लगीं। विश्व पुस्तक मेले में कई अच्छे सांस्कृतिक कार्यक्रम भी मैंने देखे। कहीं संगीत का कार्यक्रम था तो कहीं नाटक का मंचन था। लेकिन मेले में भीड़ बहुत थी। वृद्ध, युवक, महिलाएँ और बच्चे सभी पुस्तक मेला देखने आए थे।

दिनेश ने सुशील से पूछा "क्या तुम भी विश्व पुस्तक मेला गए थे?"

सुशील बोला - "मैं जाना चाहता था पर जा न सका। मैं उन दिनों दिल्ली से बाहर था। इसलिए मैं दिल्ली का विश्व पुस्तक मेला देख न सका। अगले साल का पुस्तक मेला देखने जरूर जाऊँगा।"

1.1 ଶବ୍ଦାବଳୀ

अखबार (ପୁଂ.)	ଖବର କାଗଜ	प्रकाशन विभाग	ପ୍ରକାଶନ ବିଭାଗ
प्रगति मैदान (ପୁଂ.)	ଦିଲ୍ଲୀର ଗୋଟିଏ ସ୍ଥାନ	नेशनल बुक ट्रस्ट	ନ୍ୟାସନାଲ ବୁକ ଟ୍ରଷ୍ଟ
विश्व पुस्तक मेला (ପୁଂ.)	ବିଶ୍ୱ ପୁସ୍ତକ ମେଳା	सांस्कृतिक	ସାଂସ୍କୃତିକ
देर	ବିଳମ୍ବ	कार्यक्रम (ପୁଂ.)	କାର୍ଯ୍ୟକ୍ରମ
इसलिए	ଏଥିପାଇଁ	संगीत (ପୁଂ.)	ସଙ୍ଗୀତ
ठीक से	ଭଲରେ	नाटक (ପୁଂ.)	ନାଟକ
घूमना	ବୁଲିବା	मंचन करना	ମଞ୍ଚସ୍ଥ କରିବା
विदेशी	ବିଦେଶୀ	भीड़ (ସ୍ତ୍ରୀ.)	ଭିଡ଼
प्रकाशक (ପୁଂ.)	ପ୍ରକାଶକ	वृद्ध (ପୁଂ.)	ବୃଦ୍ଧ
मंडप (ପୁଂ.)	ମଣ୍ଡପ	युवक (ପୁଂ.)	ଯୁବକ
सस्ता	ଶସ୍ତା	बच्चा (ପୁଂ.)	ପିଲା
खरीदना	କିଣିବା	बाहर	ବାହାର
भारत सरकार	ଭାରତ ସରକାର		

1.2 ବୁଝିବାକୁ ଚେଷ୍ଟା କର

1. पिछले सप्ताह विश्व पुस्तक मेला कहाँ लगा था ?
2. सुशील ने दिनेश से क्या पूछा ?
3. दिनेश ने क्या उत्तर दिया ?
4. दिनेश पुस्तक मेला ठीक से क्यों नहीं घूम सका ?
5. मेले में सबसे बड़ा मंडप किसका था ?
6. विदेशी मंडप किन देशों के थे ?
7. अच्छी और सस्ती पुस्तकें कहाँ थीं ?
8. सुशील विश्व पुस्तक मेला क्यों नहीं जा सका ?

1.3 ବ୍ୟାକରଣ ଓ ସଂରଚନା

ତୁମେମାନେ ପୂର୍ବରୁ ବିଭିନ୍ନ ପ୍ରକାରର ଅତୀତ କାଳର ରୂପ ବିଷୟରେ ପଢ଼ିସାରିଛ । ଯେପରି,

ନିତ୍ୟ ପ୍ରବୃତ୍ତ ଅତୀତ	**मैं पढ़ता था।** ମୁଁ ପଢୁଥିଲି ।
ଅସମ୍ପନ୍ନ ଅତୀତ	**मैं पढ़ रहा था।** ମୁଁ ପଢୁଥିଲି ।
ସାଧାରଣ ଅତୀତ	**मैंने पढ़ा।** ମୁଁ ପଢ଼ିଲି ।
ସମ୍ପନ୍ନ ବର୍ତ୍ତମାନ	**मैंने पढ़ा है।** ମୁଁ ପଢ଼ିଅଛି ।

ଏହି ସଂରଚନାଗୁଡ଼ିକ ବ୍ୟତୀତ ଅତୀତ କାଳର ଆଉ ଗୋଟିଏ ରୂପ ରହିଛି । ଯଥା :

ଅକର୍ମକ କ୍ରିୟା		ସକର୍ମକ କ୍ରିୟା	
मैं गया था।	ମୁଁ ଯାଇଥିଲି ।	**मैंने खाना खाया था।**	ମୁଁ ଖାଦ୍ୟ ଖାଇଥିଲି ।
मैं सोया था।	ମୁଁ ଶୋଇଥିଲି ।	**मैंने किताब पढ़ी थी।**	ମୁଁ ବହି ପଢ଼ିଥିଲି ।
मैं आया था।	ମୁଁ ଆସିଥିଲି ।	**मैंने दूध पिया था।**	ମୁଁ କ୍ଷୀର ପିଇଥିଲି ।

ଏହି ପାଠରେ 'ସମ୍ପନ୍ନ ଅତୀତ କାଳ' **मैंने पढ़ा था** (ମୁଁ ପଢ଼ିଥିଲି)ର ଆଲୋଚନା ହୋଇଛି । ସମ୍ପନ୍ନ ଅତୀତ କାଳ ଗୋଟିଏ ଅତୀତର କାର୍ଯ୍ୟକୁ କିମ୍ବା କିଛି ସମୟ ପୂର୍ବରୁ ଘଟିଥିବା କାର୍ଯ୍ୟକୁ ବୁଝାଇଥାଏ ।

ଏହା, ସାଧାରଣ ଅତୀତ କାଳ ଭଳି ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ବୁଝାଏ । ଏହା ନିଶ୍ଚିତ ଭାବର ଅତୀତରେ ସମ୍ପନ୍ନ ହୋଇଥିବା କାର୍ଯ୍ୟକୁ ସୂଚାଏ । ଏହା କିଛି ସମୟ ପୂର୍ବରୁ କିମ୍ବା ଗୋଟିଏ ଶତାବ୍ଦୀ ପୂର୍ବରୁ ଘଟି ଥାଇପାରେ । ଜଣେ କହିପାରେ **नरेश अभी आया था** (ନରେଶ ଏବେ ଆସିଥିଲା) କିମ୍ବା **अकबर चार सौ साल पहले यहाँ आया था** (ଆକବର ଏଠାକୁ ଚାରି ଶତାବ୍ଦୀ ପୂର୍ବରୁ ଆସିଥିଲେ)।

ସମ୍ପନ୍ନ ଅତୀତ କାଳରେ, କ୍ରିୟାର ରୂପ, କର୍ମର ଲିଙ୍ଗ ଓ ବଚନ ଅନୁସାରେ ହୋଇଥାଏ, ଏବଂ କର୍ତ୍ତା '**ने**' ସହିତ ତିର୍ଯ୍ୟକ ରୂପରେ ଆସିଥାଏ । କିନ୍ତୁ ଅକର୍ମକ କ୍ରିୟା, କର୍ତ୍ତାର ବଚନ ଓ ଲିଙ୍ଗ ଅନୁସାରେ ହୁଏ । ତେଣୁ କର୍ତ୍ତା ସହ '**ने**' ରହେ ନାହିଁ ।

लड़के ने पत्र लिखा था।	ପିଲାଟି ପତ୍ର ଲେଖିଥିଲା ।
लड़के ने चिट्ठी लिखी थी।	ପିଲାଟି ଚିଠି ଲେଖିଥିଲା ।
सुरेश ने आम खाया था।	ସୁରେଶ ଆମ୍ବ ଖାଇଥିଲା ।
शीला ने मिठाई खाई थी।	ଶୀଳା ମିଠେଇ ଖାଇଥିଲା ।

1.4 ଅନୁଶୀଳନୀ

1. ନିମ୍ନ ପାଠକୁ ମନଦେଇ ପଢ଼ ଏବଂ ତଳେ ଦିଆଯାଇଥିବା ଶବ୍ଦାବଳୀ ସାହାଯ୍ୟରେ ଉତ୍ତର ଦିଅ ।

श्रीधर कल सुबह मेरे घर आया था। उसने मुझे हिंदी की एक किताब दी थी। किताब मैंने अलमारी में रखी थी। किताब में मैंने कहीं पढ़ा था कि भगवान बुद्ध सारनाथ गए थे। सारनाथ में उन्होंने धर्म उपदेश दिया था। अनेक लोगों ने उनका उपदेश वहाँ सुना था। लोग उनका उपदेश सुनकर प्रभावित हुए थे। उपदेश में भगवान बुद्ध ने जीवन की नश्वरता का संदेश दिया था। उन्होंने कहा था शरीर नश्वर है। बुद्ध का उपदेश सभी ने बहुत ध्यान से सुना था।

1.5 ଶବ୍ଦାବଳୀ

अलमारी (ସ୍ତ୍ରୀ.)	ଆଲମାରି
भगवान (ପୁଂ.)	ଭଗବାନ, ପ୍ରଭୁ
सारनाथ	ବାରାଣସୀ ନିକଟରେ ଏକ ବୌଦ୍ଧ ପବିତ୍ର ସ୍ଥଳ
धर्म (ପୁଂ.)	ଧର୍ମ
उपदेश (ପୁଂ.)	ଉପଦେଶ
लोग	ଲୋକମାନେ
सुनना	ଶୁଣିବା
प्रभावित होना	ପ୍ରଭାବିତ ହେବା
जीवन (ପୁଂ.)	ଜୀବନ
नश्वरता	ନଶ୍ୱରତା
संदेश (ପୁଂ.)	ସନ୍ଦେଶ, ବାର୍ତ୍ତା
शरीर (ପୁଂ.)	ଶରୀର
नश्वर	ନଶ୍ୱର
ध्यान से	ମନ ଦେଇ

1.6 ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :

1. श्रीधर तुम्हारे घर कब आया था?
2. किताब तुमने कहाँ रखी थी?
3. किताब में तुमने क्या पढ़ा था?
4. भगवान बुद्ध कहाँ गए थे?
5. सारनाथ में उन्होंने क्या किया था?
6. भगवान बुद्ध ने उपदेश में क्या कहा था?

1.7 ତଳେ ଦିଆଯାଇଥିବା ନମୁନା ଅନୁସାରେ ବାକ୍ୟଗୁଡ଼ିକର ପରିବର୍ତ୍ତନ କର ।

ଉଦାହରଣ କ : **मैं आया हूँ। मैं आया था।**

मैं आई हूँ। मैं आई थी।

1. तुम आए हो। ....
2. तुम आई हो। ....
3. वह आया है। ....
4. वे आई हैं। ....
5. वे आए हैं। ....
6. हम आए हैं। ....
7. हम आई हैं। ....
8. आप आए हैं। ....
9. आप आई हैं। ....

ଉଦାହରଣ ଖ: **मैं कल दिल्ली पहुँचा। मैं कल दिल्ली पहुँचा था।**

1. मैं कल भारत आया। ....
2. वह कल लंदन पहुँची। ....
3. वह रात दो बजे सोया। ....
4. बच्चा रात भर रोया। ....
5. मैंने यह काम नहीं किया। ....

ଏକକ - 2

ଦିଆଯାଇଥିବା ସଂରଚନା

ଏହି ପାଠରେ ତୁମେମାନେ ମୁଖ୍ୟ କ୍ରିୟା ସହ ଭାବବ୍ୟକ୍ତ କାରକ ସହାୟକ କ୍ରିୟା (modal auxiliary) सकना (ପାରିବା)ର ପ୍ରୟୋଗ ଶିଖିବ ।

କର୍ତ୍ତା	କର୍ମ	ମୁଖ୍ୟ କ୍ରିୟା (ଧାତୁ)	ସହାୟକ କ୍ରିୟା सकना
मैं	हिंदी	बोल	सकता हूँ।
मैं	खाना	बना	सकती हूँ।

2.0 ପାଠ

इंटरव्यू

शिवम : क्या मैं अंदर आ सकता हूँ?

अध्यक्ष: हाँ, आइए, बैठिए। आपका नाम?

शिवम : मुझे शिवम कहते हैं।

अध्यक्ष: आप कंप्यूटर प्रोग्रामिंग जानते हैं?

शिवम : जी हाँ, मैं जावा प्रोग्रामिंग कर सकता हूँ, पावन प्वाइंट का प्रयोग भी कर सकता हूँ।

सदस्य : आप डी.टी.पी. भी जानते हैं?

शिवम : जी हाँ, पब्लिशर का काम कर सकता हूँ, कई तरह की रिपोर्ट बना सकता हूँ, पुस्तक का संपादन भी कर सकता हूँ।

सदस्य-2: आपको कौन-कौन सी भाषाएँ आती हैं?

शिवम : मैं फ्रेंच अच्छी बोल सकता हूँ, पढ़-लिख लेता हूँ। मुझे थोड़ी स्पैनिश भी आती है, पढ़-लिख और समझ सकता हूँ, लेकिन बोल नहीं सकता।

अधयक्ष: आपको अंग्रेजी नहीं आती? आप अंग्रेजी का उपयोग नहीं कर सकते?

शिवम : जी हाँ, बहुत अच्छी तरह आती है।

अध्यक्ष: आपको लेखा का अनुभव है?

